# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୩/୨୦୨୨ (୧୮ ପୃଷ୍ଠା) Bhubaneswar, Tuesday, September 13/2022 Page 18 ₹ 7.00 ★★★★★★

୪୮ଶ ଭାଗ ୨୮୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 48 ISSUE 289 ମୂଲ୍ୟ ₹୭/-






KP GROUP Quality Since 1965
कमला पसन्द
ସିଲ୍ଭର କୋଟେଡ୍ ଇଲାଇଚି
KAMLA PASAND
Saffron Blended
KP GROUP Quality Since 1965
SILVER COATED ELAICHI
Anokha Swad
THIS CONTAINS SODIUM SACCHARIN (INS 954) or SUCRALOSE (INS 955) and NEOTAME(INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT,
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at: f YouTube

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୩/୨୦୨୨ | Bhubaneswar, Tuesday, September 13/2022 | ପୃଷ୍ଠା-୧


# ଅଗଷ୍ଟରେ ଖୁଚୁରା ମୁଦ୍ରାସ୍ଫୀତି ୭%

## ଦରଦାମ୍ ବୃଦ୍ଧିରେ ଲଗାମ ଲାଗିପାରୁନାହିଁ

■ **କାମ ଦେଉନି ଆର୍‌ବିଆଇ ରେପୋ ରେଟ୍ ବୃଦ୍ଧି ନୀତି, ପୁଣି ବଢ଼ିପାରେ**

■ **ଚିନ୍ତା ବଢ଼ାଉଛି ପ୍ରାକୃତିକ ବିପର୍ଯ୍ୟୟ**

ନୂଆଦିଲ୍ଲୀ,୧୨।୯

ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ଆଧାରିତ ଖୁଚୁରା ମୁଦ୍ରାସ୍ଫୀତି ଅଗଷ୍ଟରେ ବୃଦ୍ଧି ପାଇ ୭%ରେ ପହଞ୍ଚିଛି, ଯାହାକି ଜୁଲାଇରେ ୬.୭୧% ଥିଲା। ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ମନ୍ତ୍ରଣାଳୟ ଦ୍ୱାରା ସୋମବାର ଏହି ତଥ୍ୟ ପ୍ରକାଶ ପାଇଛି। ୨୦୨୧ ଅଗଷ୍ଟରେ ଦେଶରେ ଖୁଚୁରା ମୁଦ୍ରାସ୍ଫୀତି ୫.୩% ଥିଲା। କ୍ରମାଗତ ୮ ମାସ ହେଲା ଖୁଚୁରା ମୁଦ୍ରାସ୍ଫୀତି ଆରବିଆଇର ସର୍ବୋଚ୍ଚ ସହନଶୀଳ ସୀମା ତଥା ୬%ଠାରୁ ଅଧିକ ରହିଆସିଛି। କିଛିଦିନ ପୂର୍ବରୁ ବଜାର ବିଶେଷଜ୍ଞମାନେ ଅଗଷ୍ଟରେ ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧି ପାଇପାରେ ବୋଲି ଯାହା ଅନୁମାନ ଲଗାଇଥିଲେ ତାହା ସତ ହୋଇଛି। ଏଥିରୁ ସ୍ପଷ୍ଟ ହେଉଛି ଯେ, ଦେଶରେ ଦରଦାମ୍ ବୃଦ୍ଧି ଉପରେ ଲଗାମ ଲାଗିପାରୁନାହିଁ। ଖାଦ୍ୟ ସାମଗ୍ରୀ ଏବଂ ଘରୋଇ ଜିନିଷର ଆକାଶଛୁଆଁ ମୂଲ୍ୟ ଯୋଗୁ ଲୋକେ ହନ୍ତସନ୍ତ ହେଉଥିବାବେଳେ ସେମାନଙ୍କୁ ଅତିଶୀଘ୍ର କୌଣସି ଆଶ୍ୱସ୍ତି ମିଳିବା ଆଶା କରାଯାଇପାରୁନାହିଁ।

ସରକାରଙ୍କ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଅଗଷ୍ଟରେ ଖାଦ୍ୟ ମୁଦ୍ରାସ୍ଫୀତି ୭.୬୨%କୁ ବୃଦ୍ଧି ପାଇଛି। ଏହି ହାର ଜୁଲାଇରେ ୬.୬୯%, ଜୁନରେ ୭.୭୫%, ମେ ମାସରେ ୭.୯୭% ଏବଂ ଏପ୍ରିଲରେ ୮.୩୮% ଥିଲା। ୨୦୨୧ ଅଗଷ୍ଟରେ ଖାଦ୍ୟ ମୁଦ୍ରାସ୍ଫୀତି ୩.୧୧% ରହିଥିଲା। ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ବାସ୍କେଟର ପ୍ରାୟ ଅଧା ହେଉଛି ଖାଦ୍ୟ ମୁଦ୍ରାସ୍ଫୀତି। ☞ପୃଷ୍ଠା-୨

# ସର୍ଜରି ପାଇଁ ୩ କି.ମି. ଦୌଡ଼ିଲେ ଡାକ୍ତର

## ଟ୍ରାଫିକ୍‌ରେ ଫସିଲା କାର


ଗୋବିନ୍ଦ ନନ୍ଦକୁମାର

ବେଙ୍ଗାଲୁରୁ,୧୨।୯

ବେଙ୍ଗାଲୁରୁରେ ଅତିଷ୍ଠ ହେଲାଣି ଟ୍ରାଫିକ୍ ବ୍ୟବସ୍ଥା। ସାଧାରଣ ଲୋକେ ଅନେକ ସମୟରେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଟ୍ରାଫିକ୍ ଜାମ୍ ନେଇ ଆଇଟି ସହରରୁ ଏକ ଅଭାବନୀୟ ଘଟଣା ଏବେ ସାମ୍ନାକୁ ଆସିଛି। ବେଙ୍ଗାଲୁରୁର ଜଣେ ଡାକ୍ତର ସଡ଼କରେ ଦୌଡୁଥିବାର ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହେବାରେ ଲାଗିଛି, ଯାହାକୁ ନେଇ ୟୁଜର୍ସଙ୍କ ମଧ୍ୟରେ ଜୋର୍ ଚର୍ଚ୍ଚା ଆରମ୍ଭ ହୋଇଛି। ଜଣେ ରୋଗୀଙ୍କ ଜୀବନ ରକ୍ଷା କରିବା ପାଇଁ ଡାକ୍ତର ଜଣକ ଟ୍ରାଫିକ୍‌ରେ ନିଜ କାର୍ ଛାଡ଼ିଦେଇ ୩ କି.ମି. ଦୌଡ଼ି ଦୌଡ଼ି ଡାକ୍ତରଖାନାରେ ☞ପୃଷ୍ଠା-୨

# କିନ୍ନରଙ୍କ ସହ ସ୍ୱାମୀଙ୍କୁ ବିବାହ କରାଇଲେ ସ୍ତ୍ରୀ

ଭବାନୀପାଟଣା/ନର୍ଲା,୧୨।୯(ସ୍ୱ.ପ୍ର./ଡି.ଏନ୍.ଏ.)

ମନ ସହ ମନର ମିଳନ ହିଁ ପ୍ରକୃତ ପ୍ରେମ। ଯାହାର ଏକ ଉଦାହରଣ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲାର ନର୍ଲା ବ୍ଲକ ଅଧୀନ ଧୁରୁକୁଟି ଗ୍ରାମରେ। ୫ବର୍ଷ ଧରି ବୈବାହିକ ଜୀବନ ବିତାଇଥିବା ଜନୈକ ଯୁବକ ଜଣେ କିନ୍ନରଙ୍କ ହାତ ଧରିଛନ୍ତି। ଆଉ ଏହି ସମ୍ପର୍କକୁ ସାମାଜିକ ସ୍ୱୀକୃତି ଦେବାକୁ ରବିବାର ଧୁରୁକୁଟି ଗ୍ରାମର ଫକୀର ନିହାଲଙ୍କ ସହ ଭବାନୀପାଟଣା ବ୍ଲକ ଦେପୁର ଗ୍ରାମର କିନ୍ନର ସଙ୍ଗୀତାଙ୍କ ବିବାହ ଅନୁଷ୍ଠିତ ହୋଇଛି। ସବୁଠୁ ବଡ଼ କଥା ହେଲା ଏହି ଉତ୍ସବରେ ଫକୀରଙ୍କ ସ୍ତ୍ରୀ ଉପସ୍ଥିତ ରହି ବିବାହକୁ ସଫଳ କରାଇଛନ୍ତି। ସ୍ୱାମୀଙ୍କ ଖୁସିରେ ମୋ ଖୁସି। ତେଣୁ ସବୁବେଳେ ସେ ଖୁସିରେ ରହିବାକୁ ମୁଁ ଚାହୁଁଛି ବୋଲି ଫକୀରଙ୍କ ସ୍ତ୍ରୀ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତ ସାଢ଼େ ୫ବର୍ଷ ତଳେ ଫକୀର ବିବାହ କରିଥିଲେ। ତାଙ୍କର ଏକ ୪ବର୍ଷର ପୁଅ ଅଛି। ସେ ସ୍ତ୍ରୀ, ପିଲା ଏବଂ ପରିବାର ସହ ଏକାଠି ରହୁଛନ୍ତି। ଗତ ବର୍ଷକ ତଳେ ☞ପୃଷ୍ଠା-୨

# ଜ୍ଞାନବାପି ମାମଲା: ହିନ୍ଦୁଙ୍କ ସପକ୍ଷରେ ରାୟ

## ମସ୍‌ଜିଦ କମିଟି ଆବେଦନ ବାରାଣସୀ କୋର୍ଟରେ ଖାରଜ

ବାରାଣସୀ,୧୨।୯

ଜ୍ଞାନବାପି ମସ୍‌ଜିଦ ପରିସରରେ ପୂଜା କରିବା ଅଧିକାର ପାଇଁ ଆବେଦନ କରିଥିବା ୫ ହିନ୍ଦୁ ମହିଳାଙ୍କ ସପକ୍ଷରେ ବାରାଣସୀ ଜିଲା କୋର୍ଟ ରାୟ ଦେଇଛନ୍ତି। ଉକ୍ତ ଆବେଦନକୁ ଚ୍ୟାଲେଞ୍ଜ କରି ଅଞ୍ଜୁମନ ଇଣ୍ଟେଜେମିଆ ମସ୍‌ଜିଦ କମିଟି ପକ୍ଷରୁ ଦାଏର ପିଟିଶନକୁ କୋର୍ଟ ଖାରଜ କରିଦେଇଛନ୍ତି। ମସ୍‌ଜିଦ କମ୍ପ୍ଲେକ୍ସ ବାହାର ପ୍ରାଚୀରରେ ଥିବା ଦେବଦେବୀଙ୍କୁ ପୂଜାର୍ଚ୍ଚନା ଅଧିକାର ଆବେଦନର ଶୁଣାଣି ଜାରି ରହିବ ବୋଲି ଜିଲା ଜଜ୍ ଅଜୟ କ୍ରିଷ୍ଣ ବିଶ୍ୱେଷ କହିଛନ୍ତି। ଅଦାଲତଙ୍କ ଏହି ରାୟ ହିନ୍ଦୁ ପକ୍ଷ ପାଇଁ ଏକ ବିଜୟ ବୋଲି କୁହାଯାଉଛି। ଜ୍ଞାନବାପି ମସ୍‌ଜିଦ ପରିସରରେ ହିନ୍ଦୁ ଦେବଦେବୀଙ୍କ ମୂର୍ତ୍ତି ରହିଥିବାରୁ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ନକଲି ଔଷଧ**













**ଆଜିର ମନ୍ତବ୍ୟ**

“ଗଣତନ୍ତ୍ରରେ କୌଣସି ରାଜନୈତିକ ଦଳର ଅଫିସ୍ ସିଲ୍ କରି ଏହାକୁ କାର୍ଯ୍ୟରୁ ନିବୃତ୍ତ ରଖାଯାଇପାରିବ ନାହିଁ।

–ସୁପ୍ରିମକୋର୍ଟର ଜଷ୍ଟିସ୍ ଡି. ୱାଇ. ଚନ୍ଦ୍ରଚୂଡ଼ ଏବଂ ହିମା କୋହଲିଙ୍କ ଖଣ୍ଡପୀଠ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁଳସୀ ମାଳି
ଭିତରେ ଭିତରେ ସଲାସୁତୁରା
ଉପରେ ଉପରେ କଳି।**

ନିଜ ନିଜ ମଧ୍ୟରେ ବୁଝାମଣା ଏକଦମ ଠିକ୍ ଅଥଚ ଲୋକ ଜାଣିବାକୁ ଦୁହିଁଙ୍କ ମଧ୍ୟରେ ପ୍ରବଳ ଶତ୍ରୁତା। କପଟୀ ବ୍ୟକ୍ତିଙ୍କ ଏପରି ମନ୍ଦ ସ୍ୱଭାବକୁ ବାହାର ଲୋକ ଜାଣି ନ ପାରି ଧୋକା ଖାଇଯାଇଥାନ୍ତି। ଛଳନାପୂର୍ଣ୍ଣ ବ୍ୟକ୍ତିଙ୍କଠାରେ ଏପରି ଲକ୍ଷଣ ଦେଖାଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତପେ ବର
ନ ହେଲେ କୋପେ ବର।**

ଦେବ ଦେବ ମହାଦେବ ତପରେ ସନ୍ତୁଷ୍ଟ ହେଲେ ବର ଦେଇଥାନ୍ତି, କୋପରେ ମଧ୍ୟ ବର ଦେଇଥାନ୍ତି। କୋପ କରି ମହାଦେବଙ୍କଠାରୁ ବର ପାଇବା ଘଟଣା ପୁରାଣ ପୃଷ୍ଠାରୁ ଜଣାଯାଏ। ପରୋକ୍ଷରେ କଷ୍ଟ ସ୍ୱୀକାର କରି ଫଳ ନ ପାଇଲେ ଜୋରଜବରଦସ୍ତି କରି ବା ଡରାଇ ଧମକାଇ ନିଜ ଇପ୍‌ସିତ ମନସ୍କାମନା ହାସଲ କରାଇନେବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲିଃ:

# ଗାଁକୁ ଯାଇ ରାଜସ୍ୱ ମାମଲା ଫଇସଲା କରିବେ ତହସିଲଦାର

- ସେପ୍ଟେମ୍ବର ୧୫ରୁ କ୍ୟାମ୍ପ କୋର୍ଟ ଶୁଣାଣି ଆରମ୍ଭ ହେବ
- ସପ୍ତାହରେ ୨ରୁ ୩ ଦିନ ହେବ କ୍ୟାମ୍ପ କୋର୍ଟ
- ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ନିୟମିତ ସମୀକ୍ଷା
- କ୍ୟାମ୍ପ କୋର୍ଟ ନ ହେଲେ ହେବ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୧୨।୯(ବ୍ୟୁରୋ)

ଆସନ୍ତା ୧୫ ତାରିଖରୁ ତହସିଲଦାରମାନେ କ୍ୟାମ୍ପ କୋର୍ଟ ଶୁଣାଣି ଆରମ୍ଭ କରିବେ। ସେହିପରି ପ୍ରତ୍ୟେକ ମାସରେ ତହସିଲଦାର ଓ ଅତିରିକ୍ତ ତହସିଲଦାର ସେମାନଙ୍କ ଅଧୀନରେ ଥିବା ପ୍ରତ୍ୟେକ ଗାଁକୁ ଯାଇ ବିଭିନ୍ନ ରାଜସ୍ୱ ମାମଲା ଫଇସଲା କରିବେ। ଏଥିପାଇଁ ରାଜସ୍ୱ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ ଜିଲାର ନୋଡାଲ ଅଫିସରମାନେ ତହସିଲ ଅଫିସ କ୍ୟାମ୍ପ କୋର୍ଟ ଉପରେ ସ୍ୱତନ୍ତ୍ର ସମୀକ୍ଷା ବୈଠକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତି ଜିଲାର ରାଜସ୍ୱ ସମୀକ୍ଷା ବୈଠକରେ ଏହି କାର୍ଯ୍ୟସୂଚୀ ଉପରେ ନିୟମିତ ସମୀକ୍ଷା ହେବ। କ୍ୟାମ୍ପ କୋର୍ଟ କରିବାରେ ଅବହେଳା ହେଲେ ରାଜସ୍ୱ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଛନ୍ତି।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମସ୍ତ ସେବା ଅନ୍‌ଲାଇନ ମାଧ୍ୟମରେ ଉପଲବ୍ଧ କରାଯାଇଛି। ରାଜସ୍ୱ ରଥ ମାଧ୍ୟମରେ ଲୋକଙ୍କ ଘରେ ଘରେ ପଟ୍ଟା ଓ ବିଭିନ୍ନ ପ୍ରକାର ସାର୍ଟିଫିକେଟ୍ ବଣ୍ଟାଯାଉଛି। ପ୍ରତ୍ୟେକ ଜିଲାରେ ସମୀକ୍ଷା ବୈଠକ ଯୋଗୁ ରାଜସ୍ୱ ସେବାରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଛି। ସମୀକ୍ଷା ବୈଠକ ପରେ ରାଜସ୍ୱ ରଥ ମାଧ୍ୟମରେ ବିଭାଗ ତରଫରୁ ପ୍ରାୟ ୧ ଲକ୍ଷ ପଟ୍ଟା ବଣ୍ଟନ କରାଯାଇଛି। ଏଣିକି କୌଣସି ବିବିଧ, ଜାତିଗତ ପ୍ରମାଣପତ୍ର ଏବଂ ବିବାଦବିହୀନ ଦାଖଲ ଖାରଜ ମାମଲାରେ ଲୋକଙ୍କୁ ତହସିଲ ଅଫିସ ଯିବାର ଆବଶ୍ୟକତା ପଡ଼ିବ ନାହିଁ। ରାଜସ୍ୱ କୋର୍ଟରେ ଶୁଣାଣି ହେଉଥିବା ବିଭିନ୍ନ ମାମଲାର ଫଇସଲା ପାଇଁ ଲୋକମାନଙ୍କୁ ତହସିଲ ଅଫିସ ଯିବାକୁ ପଡ଼ିଥାଏ। ସେହିସବୁ ରାଜସ୍ୱ ମାମଲାରେ ଲୋକମାନଙ୍କୁ ତହସିଲ ନ ଯିବା ପାଇଁ ତଥା ରାଜସ୍ୱ ସେବାକୁ ଅଧିକ ଲୋକାଭିମୁଖୀ କରିବା ସହ ବିଭାଗକୁ ଅଧିକ କ୍ରିୟାଶୀଳ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ରାଜସ୍ୱ କ୍ଷେତ୍ରାଧିକାରୀ ଯଥା ତହସିଲଦାର ଓ ଅତିରିକ୍ତ ତହସିଲଦାରମାନଙ୍କୁ କ୍ୟାମ୍ପ କୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତହସିଲଦାର ଓ ଅତିରିକ୍ତ ତହସିଲଦାରମାନେ ପ୍ରତି ସପ୍ତାହରେ ୨ରୁ ୩ ଦିନ ସେମାନଙ୍କ ଅଧୀନରେ ଥିବା ରାଜସ୍ୱ ନିରୀକ୍ଷକ(ଆର୍‌ଆଇ)ଙ୍କ ଅଫିସ, ପଞ୍ଚାୟତ ଓ ଗ୍ରାମରେ କ୍ୟାମ୍ପ କୋର୍ଟ କରିବାକୁ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ନିର୍ଦ୍ଦେଶ ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କର୍ମକ୍ଷେତ୍ରରେ ସାହାଯ୍ୟ ଓ ସହଯୋଗ ପାଇ କାମକୁ ତ୍ୱରାନ୍ୱିତ କରିବେ। ଅବହେଳା କାରଣରୁ ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେଇପାରେ। ପ୍ରଶାସନ, ଆଇନ ଅଦାଲତ, ସଭା ସମିତି ଓ ରପ୍ତାନି ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ଉପକୃତ ହେବେ। ଜନକଲ୍ୟାଣ ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣକରି ସାମାଜିକ ସ୍ତରରେ ପ୍ରଶଂସିତ ହେବେ।

**ବୃଷ**
ଆଜିର ବ୍ୟୟବହୁଳ ଜୀବନଯାତ୍ରା ହେତୁ ମାନସିକ ସ୍ଥିତି ଭଲ ରହି ନ ପାରେ। ରୋହିଣୀ ନକ୍ଷତ୍ର ବନ୍ଧୁଙ୍କ ଠାରୁ ସାହାଯ୍ୟର ପ୍ରତିଶ୍ରୁତି ପାଇ ଟେନ୍‌ସନ ଦୂରହେବ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ଓ ଆନନ୍ଦ ମିଳିବ। ସାଧାରଣ କଥାକୁ କେନ୍ଦ୍ରକରି ବାଦବିବାଦ ହେତୁ ପରିବାରରେ ଅଶାନ୍ତି ସୃଷ୍ଟି ହୋଇପାରେ।

**ମିଥୁନ**
ଭୁଲ୍ ବୁଝାମଣା କାରଣରୁ ପରିବାରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି। ଶିକ୍ଷା, ପରୀକ୍ଷା, ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଆଶା ଅନୁଯାୟୀ ଫଳ ପାଇବେ। କର୍ମକ୍ଷେତ୍ରରେ ଉପର ଅଧିକାରୀମାନେ ଆପଣଙ୍କୁ ପ୍ରଶଂସା କରିପାରନ୍ତି। ସାଙ୍ଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**କର୍କଟ**
ଆପଣ ଯେତେ ଭଲ ଚିନ୍ତାକଲେ ମଧ୍ୟ ଅନ୍ୟମାନେ ଆପଣଙ୍କ ମନୋଭାବକୁ ସହଜରେ ବୁଝିପାରିବେ ନାହିଁ। ଅଟକି ରହିଥିବା କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହେବାରେ ସହକର୍ମୀ ସାହାଯ୍ୟ କରିବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ସଫଳତା ହାସଲ କରିବେ। କିନ୍ତୁ ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ସିଂହ**
ଆପଣଙ୍କ ଉନ୍ନତିରେ ପଡ଼ୋଶୀ ଈର୍ଷାପରାୟଣ ହୋଇ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି କରିପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ଊଣା ନ ହେଲେ ମଧ୍ୟ ମାନସିକ ଶାନ୍ତି ବ୍ୟାହତ ହୋଇପାରେ। ଅଫିସରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବା ଆଶା ରହିଛି। ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ପ୍ରତିଯୋଗିତା ଲାଗି ରହିବ।

**କନ୍ୟା**
ଆଜିର କାମ ସାଧନ କରିବାରେ କିଛି ଅସୁବିଧା ହେବ ନାହିଁ। ଆପଣଙ୍କ ମିତ୍ରମାନେ ସୁପରାମର୍ଶ ନ ଦେଇ କିଛି ସମସ୍ୟାମୂଳକ କାମ ପ୍ରତି ପ୍ରଲୋଭିତ କରାଇପାରନ୍ତି। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟ ଲାଭକରି ଖୁସି ହେବେ। ପାରିବାରିକ ସ୍ତରରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣକରି ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

**ତୁଳା**
ସ୍ୱାସ୍ଥ୍ୟରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଦେଇପାରେ। ଆଜି ପ୍ରିୟ ବନ୍ଧୁମାନଙ୍କ ସହ ବିଭିନ୍ନ ସ୍ଥାନ ପରିଦର୍ଶନର ମଉକା ଜୁଟିବ। ସ୍ୱାସ୍ଥ୍ୟ, ପରିବାର, କର୍ମକ୍ଷେତ୍ର, ଅର୍ଥ ସମ୍ପର୍କିତ କଥା ଆଲୋଚନା ପାଇଁ ସମୟ ପ୍ରାୟତଃ ଅନୁକୂଳ ରହିବ।

**ବିଛା**
ଅଟକି ରହିଥିବା କାମଟି ଉପରିସ୍ଥଙ୍କ ସୌଜନ୍ୟରୁ ହୋଇଯିବ। ଦୃଢ଼ ପଦକ୍ଷେପ ନେଇ ବକେୟା ଅର୍ଥ ହାସଲ କରିବାରେ ବନ୍ଧୁ ସାହାଯ୍ୟ କରିବେ। ବ୍ୟବସାୟୀଙ୍କ ଆର୍ଥିକ ସ୍ଥିତିରେ ଅବନତି ଆସିପାରେ। କିଣାବିକାରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ବିବ୍ରତ ହୋଇପାରନ୍ତି।

**ଧନୁ**
ସକାଳୁ ସକାଳୁ ଜଣେ ବନ୍ଧୁ ଆସି କୌଣସି ଗୁରୁତ୍ୱପୂର୍ଣ୍ଣ କଥା କହିପାରନ୍ତି। କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବାକୁ ବାଧ୍ୟ ହେବେ। ବିଳାସ ଉପକରଣ କ୍ରୟକରିବା ସକାଶେ ଘରୁ ବରାଦ ପାଇପାରନ୍ତି। ପରୋକ୍ଷ ଶତ୍ରୁତା ଯୋଗୁ କର୍ମକ୍ଷେତ୍ର ବିବାଦୀୟ ହୋଇ ଉଠିବା ଆଶଙ୍କା ରହିଛି।

**ମକର**
ଆଜି ଯାହା କିଛି କରିବେ ସେଥିରେ ସାମାନ୍ୟ ବ୍ୟତିକ୍ରମ ଦେଖା ଦେଇପାରେ। ପୂର୍ବ ଶତ୍ରୁତା ପ୍ରତି ସତର୍କ ରହି କାମ କରିବା ଭଲ ହେବ। ମୁହଁ ଖୋଲିଲେ ପାଖ ପଡ଼ୋଶୀଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ସାଧାରଣ ଘଟଣାରେ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ।

**କୁମ୍ଭ**
ମନୋବଳ ବୃଦ୍ଧି ପାଇବା କାରଣରୁ କର୍ମକ୍ଷେତ୍ରରେ ଅଗ୍ରଗାମୀ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, କଚେରି ମାମଲାରେ ଉନ୍ନତି ହେବ। ପରିବାର ଭିତରେ ବସନ ଭୂଷଣ ପ୍ରଭୃତି କ୍ରୟ କରିବା ନେଇ ସମସ୍ୟା ଦେଖାଦେଇପାରେ। ବନ୍ଧୁଙ୍କ ସହ ପାରସ୍ପରିକ ଅସହଯୋଗ କେତେକ ସାଧାରଣ ସମସ୍ୟା ସୃଷ୍ଟି କରିବ।

**ମୀନ**
ସାମାନ୍ୟ ବିଳମ୍ବ ହେଲେ ମଧ୍ୟ ହାତକୁ ନେଇଥିବା କାମ ଅଟକି ରହିବ ନାହିଁ। କର୍ମକ୍ଷେତ୍ରର କେତେକ ଫାଇଲ୍ କାମ ସକାଶେ ଅସୁବିଧାରେ ପଡ଼ି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଆନୁଷ୍ଠାନିକ କିମ୍ବା ସାମାଜିକ କାମରେ ଖଟଣି ବଢ଼ିଯିବ। ବ୍ୟବସାୟ, ପରିବହନ ଓ ଯାତ୍ରାରେ ସୁଫଳ ପାଇବା ଆଶା ରହିଛି।



ବିବାହ ବନ୍ଧନରେ କିନ୍ନର ସଙ୍ଗୀତା ଓ ଫକୀର।

## କିନ୍ନରଙ୍କ ସହ...

ଫକୀରଙ୍କ ସହ କିନ୍ନର ସଙ୍ଗୀତାଙ୍କ ଭେଟ ହୋଇଥିଲା। ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏହାପରେ ସେମାନେ ପରସ୍ପରକୁ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ଏନେଇ ଫକୀର ନିଜ ସ୍ତ୍ରୀ ଓ ପରିବାର ଲୋକଙ୍କୁ ଜଣାଇଥିଲେ। ସେପଟେ ସଙ୍ଗୀତା ମଧ୍ୟ କିନ୍ନର ସଂଘକୁ ନିଜ ପ୍ରେମ ସମ୍ପର୍କରେ ଜଣାଇଥିଲେ। ଶେଷରେ ଉଭୟ ପକ୍ଷର ସହମତିରେ ଫକୀର ଓ ସଙ୍ଗୀତା ନର୍ଲାଠାରେ ଥିବା ବହୁଚୋରି ମାତାଙ୍କ ମନ୍ଦିରରେ ବିବାହ କରିଛନ୍ତି। ଏଥିରେ କିନ୍ନର ସଂଘ ସଭାପତି କାମିନୀ କିନ୍ନର ସହଯୋଗ କରିଥିଲେ। ଏହି ନିଆରା ବିବାହ ଉତ୍ସବରେ ଜିଲାର ଅନେକ କିନ୍ନର ସାମିଲ ହେବା ସହ ସ୍ଥାନୀୟ ଲୋକେ ମଧ୍ୟ ଭିଡ଼ ଜମାଇଥିଲେ। ବିବାହକୁ ଫକୀରଙ୍କ ପରିବାର ଲୋକେ ସ୍ୱୀକୃତି ଦେଇଥିବାରୁ ସଙ୍ଗୀତା ଖୁସି ବ୍ୟକ୍ତ କରିବା ସହ ପରିବାରରେ ଏକାଠି ହୋଇ ରହିବୁ ବୋଲି କହିଛନ୍ତି। କଳାହାଣ୍ଡି ଜିଲାର ଜଣେ କିନ୍ନରଙ୍କୁ ଜଣେ ବିବାହିତ ଯୁବକ ବିବାହ କରିବା ପ୍ରଥମ ଘଟଣା ବୋଲି ଜଣାପଡ଼ିଛି।

ପ୍ରଥମ ପୃଷ୍ଠାରୁ...

## ଅଗଷ୍ଟରେ ଖୁଚୁରା...

ରେକର୍ଡ ହିଟ୍‌ୱେଭ୍ ଯୋଗୁ ଗହମ, ଚାଉଳ ଏବଂ ଡାଲି ଭଳି ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ମୂଲ୍ୟ ବୃଦ୍ଧି ପାଇଛି, ଯାହାକି ଘରୋଇ ବଜେଟକୁ ବ୍ୟାପକ ପ୍ରଭାବିତ କରୁଛି। ସ୍ଥିତିରେ ସୁଧାର ଆଣି ଖୁଚୁରା ମୁଦ୍ରାସ୍ଫୀତିକୁ ୨%ରୁ ୬% ସୀମା ମଧ୍ୟରେ ରଖିବା ପାଇଁ ଆର୍‌ବିଆଇ ଯେଉଁ ଉଦ୍ୟମ କରିଛି, ସେଥିରୁ କୌଣସି ସୁଫଳ ମିଳିପାରିନାହିଁ। ବିଶେଷକରି ରେପୋ ରେଟ୍ ବୃଦ୍ଧି କରିବା ଭଳି ଆର୍‌ବିଆଇର ଯୋଜନାବଦ୍ଧ ନୀତି ମଧ୍ୟ କାମ ଦେଉନାହିଁ। ବରଂ ଋଣଗ୍ରହୀତାଙ୍କ ଉପରେ ଅତ୍ୟଧିକ ଚାପ ସୃଷ୍ଟି ହୋଇ ସେମାନଙ୍କ ପରିବାରରେ ଆର୍ଥିକ ଦୁଃସ୍ଥିତି ସୃଷ୍ଟି ହୋଇଛି।

ଅନ୍ୟପକ୍ଷରେ ଦେଶର ବିଭିନ୍ନ ଅଞ୍ଚଳରେ ଅତ୍ୟଧିକ ବର୍ଷା ଏବଂ ବନ୍ୟା ଯୋଗୁ ଚାଷକାର୍ଯ୍ୟ ବାଧାପ୍ରାପ୍ତ ସହ ବ୍ୟାପକ ଫସଲ ଉଜୁଡ଼ିଛି। ସେହିପରି ଅନେକ ରାଜ୍ୟରେ କମ୍ ବୃଷ୍ଟିପାତ ହେବା କାରଣରୁ ଚଳିତ ଖରିଫ ଋତୁରେ ୩୮ ଲକ୍ଷ ହେକ୍ଟର ଜମିରେ ଧାନ ବୁଣାଯାଇ ନାହିଁ। ଭାରତର ମୋଟ ଚାଉଳ ଉତ୍ପାଦନର ୮୦ ପ୍ରତିଶତ ଖରିଫ ଋତୁରୁ ମିଳିଥାଏ। ଧାନ ବୁଣା କମିଥିବାରୁ ଚଳିତ ବର୍ଷ ଚାଉଳ ଉତ୍ପାଦନ ୧୦ରୁ ୧୨ ନିୟୁତ ଟନ୍ କମିବା ଅନୁମାନ କରାଯାଉଥିବା କେନ୍ଦ୍ର ଖାଦ୍ୟ ସଚିବ ସୁଧାଂଶୁ ପାଣ୍ଡେ କହିଛନ୍ତି। ତେଣୁ ଘରୋଇ ଯୋଗାଣ ବଢ଼ାଇବା ଏବଂ ଦରବୃଦ୍ଧି ରୋକିବା ଲାଗି ଭଙ୍ଗା ଚାଉଳ ରପ୍ତାନି ଉପରେ କେନ୍ଦ୍ର ସରକାର ଗତ ଶୁକ୍ରବାର ନିଷେଧାଦେଶ ଲଗାଇଛନ୍ତି। ସେହିପରି ଉଷୁନା ଚାଉଳ ବ୍ୟତୀତ ଅଣବାସ୍‌ମତି ଚାଉଳ ଉପରେ ୨୦ ପ୍ରତିଶତ ରପ୍ତାନି ଶୁଳ୍କ ଲଗାଯାଇଛି। କେବଳ ଚାଉଳ ନୁହେଁ, ଇତିମଧ୍ୟରେ ସରକାର ଗହମ ଏବଂ ଚିନି ରପ୍ତାନି ଉପରେ ମଧ୍ୟ ପ୍ରତିବନ୍ଧକ ଲଗାଇଛନ୍ତି। ଅସ୍ୱାଭାବିକ ମୌସୁମୀ ଯୋଗୁ ସାରା ଦେଶରେ ଫସଲ କ୍ଷତି ହେଉଥିବାରୁ ସେପ୍ଟେମ୍ବରରୁ ନଭେମ୍ବର ମଧ୍ୟରେ ତାହାର ନକାରାତ୍ମକ ପ୍ରଭାବ ଦେଖିବାକୁ ମିଳିବ ଏବଂ ଖାଦ୍ୟ ସାମଗ୍ରୀ ମୂଲ୍ୟ ଆହୁରି ବୃଦ୍ଧି ପାଇବ ବୋଲି ବଜାର ବିଶେଷଜ୍ଞମାନେ ଚିନ୍ତାପ୍ରକଟ କରିଛନ୍ତି।

ଭୁବନେଶ୍ୱର ବାସିନ୍ଦା ପୁଷ୍ପାଞ୍ଜଳି ସାହୁ ରଏଟର୍ସକୁ କହିଛନ୍ତି ଯେ, ସେ ତାଙ୍କ ପରିବାରର ପନିପରିବା ଖର୍ଚ୍ଚ ହ୍ରାସ କରିଦେଇଛନ୍ତି। ଏପରିକି ବାହାରେ ଖାଇବା ଏବଂ ସିନେମା ହଲ୍‌ରେ ଚଳଚ୍ଚିତ୍ର ଦେଖିବା ମଧ୍ୟ ବନ୍ଦ କରିଦେଇଥିବା କହିଛନ୍ତି।

ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ଚଳିତ ମାସ ଆରମ୍ଭରେ କହିଥିଲେ ଯେ, ମୁଦ୍ରାସ୍ଫୀତି ସର୍ବୋଚ୍ଚ ସ୍ତରରେ ପହଞ୍ଚିପାରେ ଏବଂ ଆସନ୍ତା ବର୍ଷ ଏପ୍ରିଲ-ଜୁନ ତ୍ରୈମାସିକରେ ତାହା ପ୍ରାୟ ୫% ହୋଇପାରେ। ହେଲେ ଅଗଷ୍ଟରେ ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧି ପାଇବା ଆର୍‌ବିଆଇର ବ୍ୟାପକ ଆଶାକୁ ଧୂଳିସାତ୍ କରିଦେଇଛି, ଯାହା ଦେଶ ପାଇଁ ମଧ୍ୟ ଖୁସି ଖବର ନୁହେଁ।

ସୂଚନାଥାଉ କି, ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ ପାଇଁ ମେ ମାସରୁ ଅଗଷ୍ଟ ମଧ୍ୟରେ ୩ ପର୍ଯ୍ୟାୟରେ ଆର୍‌ବିଆଇ ରେପୋ ରେଟ୍ ୧୪୦ ବେସିସ୍ ପଏଣ୍ଟ (ବିପିଏସ୍) ବୃଦ୍ଧି ଘଟାଇଛି। ଆସନ୍ତା ୩୦ ତାରିଖରେ ହେବାକୁ ଥିବା ଆର୍‌ବିଆଇର ମୁଦ୍ରା ନୀତି କମିଟି ବୈଠକରେ ରେପୋ ରେଟ୍ ଆଉ ୫୦ କିମ୍ବା ୬୦ ବିପିଏସ୍ ବୃଦ୍ଧି ଘଟାଯାଇପାରେ ବୋଲି ଅର୍ଥନୀତିଜ୍ଞ ଅଦିତି ନାୟାର ଏବଂ କୁନାଲ କୁଣ୍ଡୁ ପ୍ରମୁଖ କହିଛନ୍ତି।

## ଜ୍ଞାନବାପି ମାମଲା...

ସେଠାରେ ପୂଜାର୍ଚ୍ଚନା ପାଇଁ ଅନୁମତି ଦେବା ନିମନ୍ତେ ଦୀର୍ଘବର୍ଷ ହେଲା ଦାବି ହୋଇଆସୁଛି। ହିନ୍ଦୁ ମହିଳାମାନଙ୍କ ପିଟିଶନକୁ ଶୁଣାଣି ପାଇଁ ଗ୍ରହଣ କରାଯାଉ, ଏହା ମୁସଲମାନ ଆବେଦନକାରୀ ବିଶେଷ କରି ମସ୍‌ଜିଦ ପ୍ରଶାସକମାନେ ଚାହୁଁ ନ ଥିଲେ। ଏଥିପାଇଁ ସେମାନେ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଲଢ଼ିବାକୁ ପ୍ରସ୍ତୁତ ବୋଲି କହିଥିଲେ। ସେମାନଙ୍କ ପକ୍ଷରୁ ଯେଉଁ ତିନୋଟି ଆଇନର ଉଦାହରଣ ଦିଆଯାଇଥିଲା (ପୂଜାର୍ଚ୍ଚନା ସ୍ଥଳ ଆଇନ, ୧୯୯୧, ୱାକଫ୍ ଆଇନ, ୧୯୯୫ ଏବଂ ଉତ୍ତରପ୍ରଦେଶ ଶ୍ରୀ କାଶୀ ବିଶ୍ୱନାଥ ମନ୍ଦିର ଆଇନ, ୧୯୮୩), ତାହା ଜ୍ଞାନବାପି ପରିସରରେ ହିନ୍ଦୁ ମହିଳା ପୂଜାର୍ଚ୍ଚନା କରିବାରେ ବାସ୍ତବରେ ଆଇନଗତ ପ୍ରତିବନ୍ଧକ ନୁହେଁ ବୋଲି ଜିଲା କୋର୍ଟ ସ୍ପଷ୍ଟ କରିଦେଇଛନ୍ତି। ଅନ୍ୟପକ୍ଷରେ ମୁସଲମାନ ପକ୍ଷ ବାରାଣସୀ କୋର୍ଟଙ୍କ ରାୟକୁ ଆଲ୍ଲାହାବାଦ ହାଇକୋର୍ଟରେ ଚ୍ୟାଲେଞ୍ଜ କରିବେ ବୋଲି ସେମାନଙ୍କ ଓକିଲ ମେରାଜୁଦ୍ଦିନ ସିଦ୍ଦିକି କହିଛନ୍ତି।

ମହିଳାମାନଙ୍କ ପିଟିଶନ ଆଧାରରେ ଶହ ଶହ ବର୍ଷ ପୁରୁଣା ମସ୍‌ଜିଦ ଭିଡିଓଭୂମିର ଭିଡ଼ିଓଗ୍ରାଫି ଲାଗି ତଳକୋର୍ଟ ଚଳିତ ବର୍ଷ ଆରମ୍ଭରେ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଭିଡିଓ ସହ ରିପୋର୍ଟ ବାରାଣସୀ ଅଦାଲତରେ ଦାଖଲ କରାଯାଇଥିଲେ ମଧ୍ୟ ହିନ୍ଦୁ ଆବେଦନକାରୀ ବିବାଦୀୟ ଭାବେ ଏହାକୁ ପ୍ରଘଟ କରିଦେଇଥିଲେ। ମସ୍‌ଜିଦ ପରିସରରେ ଥିବା ଏକ ପୁଷ୍କରିଣୀ ମଧ୍ୟରେ ଶିବଲିଙ୍ଗ ଥିବା ଉକ୍ତ ରିପୋର୍ଟରେ ଦର୍ଶାଯାଇଥିଲା। ପୁଷ୍କରିଣୀଟି ମୁସଲମାନ ଭକ୍ତମାନଙ୍କ ୱାଜୁ ବା ପବିତ୍ରକରଣ ପାଇଁ ବ୍ୟବହୃତ ହେଉଥିଲା। ପରେ କୋର୍ଟ ଉକ୍ତ ପୁଷ୍କରିଣୀକୁ ସିଲ୍ କରିଦେବା ସହ ମସ୍‌ଜିଦ ପରିସରରେ ନମାଜ ପାଇଁ ବଡ଼ ଧରଣର ସମାବେଶ ଉପରେ ରୋକ ଲଗାଇଥିଲେ। ସର୍ବାଧିକ ୨୦ ଜଣ ନମାଜ ପାଠ ପାଇଁ ଏକତ୍ର ହୋଇପାରିବେ ବୋଲି ଅଦାଲତ କହିଥିଲେ। ଜ୍ଞାନବାପି ମସ୍‌ଜିଦ କମିଟି ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ତଳକୋର୍ଟଙ୍କ ଏଭଳି ନିର୍ଦ୍ଦେଶ ଦ୍ୱାରା ୧୯୯୧ର ଉପାସନା ସ୍ଥଳ ଆଇନର ଉଲ୍ଲଂଘନ ହେଉଥିବା ମସ୍‌ଜିଦ କମିଟି ଦର୍ଶାଇଥିଲା। ଗତ ମେ’ରେ ସର୍ବୋଚ୍ଚ ଅଦାଲତ ଉକ୍ତ ମାମଲାର ଶୁଣାଣି ଦାୟିତ୍ୱ ବାରାଣସୀର ସର୍ବବରିଷ୍ଠ ବିଚାରପତିଙ୍କୁ ପ୍ରଦାନ କରିଥିଲେ।

## ସର୍ଜରି ପାଇଁ ୩ କି.ମି....

ପହଞ୍ଚିଛନ୍ତି। ଆଇଟି ସହର ବେଙ୍ଗାଲୁରୁର ସରଜାପୁରରେ ଥିବା ମଣିପାଲ୍ ଡାକ୍ତରଖାନାର ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ସର୍ଜନ୍ ଗୋବିନ୍ଦ ନନ୍ଦକୁମାରଙ୍କ ଏହି ଭିଡିଓ ଦେଖି ଲୋକେ ତାଙ୍କୁ ପ୍ରଶଂସା କରିବା ଆରମ୍ଭ କରିଦେଇଛନ୍ତି। ଗଲ୍‌ବ୍ଲାଡର (ପିତ୍ତକୋଷ) ଜନିତ ରୋଗରେ ଆକ୍ରାନ୍ତ ଥିବା ଜଣେ ମହିଳାଙ୍କ ଅସ୍ତ୍ରୋପଚାର ପାଇଁ ଡାକ୍ତର ଅଗଷ୍ଟ ୩୦ ତାରିଖ ଧାର୍ଯ୍ୟ କରିଥିଲେ। ଏ ନେଇ ସେଣ୍ଟ୍ରାଲ ବେଙ୍ଗାଲୁରୁରେ ରହୁଥିବା ଡାକ୍ତର ଗୋବିନ୍ଦ ତାଙ୍କ ଘରୁ ସମୟ ପୂର୍ବରୁ ଡାକ୍ତରଖାନା ଅଭିମୁଖେ ବାହାରିଥିଲେ। ଅପରେଶନ୍ ପାଇଁ ଟିମ୍ ପ୍ରସ୍ତୁତ ହୋଇ ହସ୍ପିଟାଲରେ ଅପେକ୍ଷା କରିଥିବାବେଳେ ଡାକ୍ତର ଟ୍ରାଫିକ୍‌ରେ ଫସିଯାଇଥିଲେ। ଠିକ୍ ସମୟରେ ଅସ୍ତ୍ରୋପଚାର ନ ହେଲେ ମହିଳାଙ୍କ ଜୀବନ ପ୍ରତି ବିପଦ ଆଶଙ୍କା କରି ଡାକ୍ତର ଡ୍ରାଇଭର୍ ଓ କାର୍‌କୁ ଟ୍ରାଫିକ୍‌ରେ ଛାଡ଼ି ଦୌଡ଼ି ଦୌଡ଼ି ଡାକ୍ତରଖାନାରେ ପହଞ୍ଚିଥିଲେ। ୩ କି.ମି. ବାଟ ଅତିକ୍ରମ କରିବା ପାଇଁ ତାଙ୍କୁ ପାଖାପାଖି ୪୫ ମିନିଟ୍ ସମୟ ଲାଗିଥିଲା। ସଫଳତା ପୂର୍ବକ ମହିଳାଙ୍କ ଅପରେଶନ୍ ହେବା ସହ ରୋଗୀ ଜଣକ ଏବେ ସୁସ୍ଥ ହୋଇ ଘରକୁ ଚାଲିଯାଇଥିବା ଡାକ୍ତର ଗୋବିନ୍ଦ କହିଛନ୍ତି। ଏହା ଗୋବିନ୍ଦଙ୍କ ପାଇଁ ପ୍ରଥମ ଘଟଣା ନୁହେଁ। ପୂର୍ବରୁ ସେ ବେଙ୍ଗାଲୁରୁରେ ଏଭଳି ଟ୍ରାଫିକ୍ ଜାମ୍‌ରେ ଅନେକ ଥର ଫସିଥିବା କହିଛନ୍ତି। ଏକଦା ଟ୍ରାଫିକ୍ ଜାମ୍ ପାଇଁ ଗୋବିନ୍ଦଙ୍କୁ ରେଳ ଲାଇନ୍ କ୍ରସ୍ କରି ଡାକ୍ତରଖାନା ଯିବାକୁ ପଡ଼ିଥିଲା।


# classifieds

**Everyday**
0674-2580101, 2549302

real estate

## SALE

**Bhubaneswar Sum Hospital 6K.M. ଦୂରରେ କଣ୍ଟାବାଡ଼ଠାରେ NH-16A ରୋଡ୍‌ରୁ ୧୦୦ଫୁଟ ଛାଡ଼ି 30’ ROAD, ଘରବାରି, ବାଉଣ୍ଡରୀ, ଇଲେକ୍ଟ୍ରି ସହ ପ୍ଲଟ୍ ମିଳୁଛି। 9090963952.** D-74101

ଭୁବନେଶ୍ୱର GITA/ Gandhi College/ Cultural University ପାଖରେ 30’ road ଥାଇ sqft. 650/- plot କିଣନ୍ତୁ। 9348767829. D-74117

**Layout approval (30’road) ସହିତ Bank Finance ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି (100% clean) plot @9,00,000/-ରେ କିଣନ୍ତୁ। OD GROUP. 9437033320.** D-74112

C.V. Raman NH 316 ପାଖରେ 47000sqft. plot ବିକ୍ରିହେବ। Contact: 9778928492. D-70290

**Two individual plot sales from direct owner at NH-5 Goharia Chhak, Gita Engg. College, BBSR. (Only 500mtrs Distance from NH-5) Contact- 9938867397.** D-1485

**ଭୁବନେଶ୍ୱର ଗଙ୍ଗପଡ଼ା NH-5 ରୁ 500 mtr ଦୂରରେ BDA yellowzone ଘରବାରି boundary plot ମିଳୁଛି। 7978676652, 7848882166.** D-74111

BDA yellow plot 30 ଫୁଟ୍ ରାସ୍ତାକୁ ଲାଗି ନାଇଜର ବର୍ଗଫୁଟ୍ ୩୦୦-୫୦୦ ଜାଗା ବିକ୍ରିହେବ। 9556840491. D-73641

**ଭୁବନେଶ୍ୱର ଗଙ୍ଗପଡ଼ା NH5ରୁ ଅଳ୍ପ ଦୂରତାରେ Sqft. 840/-, 725/-, ଗୁଡ଼ିଆପୋଖରୀ ଛକରୁ ଅଳ୍ପ ଦୂରତାରେ 8,70,000/-ରେ ପ୍ଲଟ୍ କିଣି ତୁରନ୍ତ ଗୃହନିର୍ମାଣ କରନ୍ତୁ। 9178762589.** D-74113

Bhubaneswar Infosys-2 ପାଖରେ 2000sqft. plot sale 17,00,000/- (65 plot available). 9938016295. D-74116

**Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272.** D-73296

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-74109

**Residential gharabari plot with boundary wall inside 7 Family Complex, Safety, Secured, Brahmin Culture Family Stayed, 6 K.M. from Nakhara, Cuttack. 7809525452.** D-73967

**Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ। 7008297827, 9692999455.** D-74105

construction

**Construct your home @850/-, 1340/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469.** D-73297

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1420

healthcare

Ashirvaad Saloon and SPA getgood massage for your health tha best therapy. 7077181074. D-73969

Newly massage at your doorstep by male massage therapist for ladies and gents. contact 6372096831. D-1471

Full body massage in homely atmoshpere. All therapy. Mob.- 8114881641. D-73413

Newly open Spa positively health benefit with expert. Contact: 7749976301. D-73870

Newly opened full body massage center by expert therapist. 7381172169. D-73643

Newly open Spa offer @799/-, positively health benefits, Kalpana- 7846814019. D-73642

**Relax, Refresh your body, Mind at Saikrupa SPA with best therapies. 8984068077.** D-1387

Newly open full body massage ladies and gents. 8327740003, 8093860513. D-73968

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73966

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୧,୩୯,୮୨,୦୮୧ | ୬୫,୧୭,୦୫୧ | ୫୯,୨୮,୦୮,୬୯୦ |
| ଭାରତ | ୪,୪୫,୦୦,୫୮୦ | ୫,୨୮,୧୬୫ | ୪,୩୯,୨୫,୨୩୯ |
| ଓଡ଼ିଶା | ୧୩,୩୦,୪୩୪ | ୯୧୮୫(+୫୩) | ୧୩,୧୯,୩୭୯ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କଲେ ଜେଇଇ ଆଡ୍‌ଭାନ୍ସ ଓଡ଼ିଶା ଟପ୍ପର

ଭୁବନେଶ୍ୱର,୧୨।୯(ବ୍ୟୁରୋ): ଯୁଗ୍ମ ପ୍ରବେଶିକା ପରୀକ୍ଷା(ଜେଇଇ)ଆଡ୍‌ଭାନ୍ସରେ କୃତିତ୍ୱ ଅର୍ଜନ କରିଥିବା ଦୁଇଭାଇ ଦିବ୍ୟାଂଶୁ ଓ ଦୀପ୍ତ୍ୟାଂଶୁ ମାଲୁଙ୍କୁ ସୋମବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରିଛନ୍ତି। ଦିବ୍ୟାଂଶୁ ଜେଇଇ ଆଡ୍‌ଭାନ୍ସରେ ସର୍ବଭାରତୀୟ ର୍‍ୟାଙ୍କ୍ ୧୧ ଏବଂ ଓଡ଼ିଶା ର୍‍ୟାଙ୍କ୍ ୧ ଏବଂ ଦୀପ୍ତ୍ୟାଂଶୁ ୨୨୮ ର୍‍ୟାଙ୍କରେ ରହିଛନ୍ତି। ଦିବ୍ୟାଂଶୁ ମଧ୍ୟ ଇଣ୍ଟରନ୍ୟାଶନାଲ ଫିଜିକ୍ସ ଅଲିମ୍ପିଆଡ ସ୍ୱର୍ଣ୍ଣପଦକ ବିଜେତା। ଉଭୟ ଭୁବନେଶ୍ୱର କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ର। ମୁଖ୍ୟମନ୍ତ୍ରୀ ସେମାନଙ୍କୁ ସ୍ୱାଗତ କରିବା ସହ ଏହି ବଡ଼ ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଏହି ସାକ୍ଷାତ୍ ସମୟରେ ସେମାନଙ୍କ ପିତା ଚନ୍ଦନ ମାଲୁ ଏବଂ ମାତା ଶ୍ୱାତୀ ମାଲୁ ଓ ସ୍କୁଲ୍‌ର ଅଧ୍ୟକ୍ଷ ସଞ୍ଜୟ ସୁଆର ଉପସ୍ଥିତ ଥିଲେ।

### ଆଜିଠୁ ଯୁକ୍ତ ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା

ଭୁବନେଶ୍ୱର, ୧୨।୯(ବ୍ୟୁରୋ): ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ଇନ୍‌ଷ୍ଟାଣ୍ଟ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହେବ। ଚଳିତବର୍ଷ ଯେଉଁ ଛାତ୍ରୀଛାତ୍ର ଏସବୁ ପରୀକ୍ଷାରେ ପାସ୍ ମାର୍କ ରଖିଥିଲେ ମଧ୍ୟ କେବଳ ଗୋଟିଏ ବିଷୟରେ ଫେଲ ହୋଇଥିଲେ, ସେମାନେ ହିଁ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେଇପାରିବେ। ପ୍ରଥମ ଦିନ ଅର୍ଥାତ୍ ୧୩ ତାରିଖରେ ସମସ୍ତ ଥିଓରି ବିଷୟର ପରୀକ୍ଷା ହେବ ଓ ୧୪ରେ କେବଳ ପ୍ରାକ୍ଟିକାଲ କରାଯିବ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ପରୀକ୍ଷା ଚାଲିବ। କେବଳ ବାୟୋଲୋଜି ପାଇଁ ଅତିରିକ୍ତ ୨୦ ମିନିଟ୍ ଦିଆଯିବ। ଏହି ପରୀକ୍ଷା ପାଇଁ ଗତ ଅଗଷ୍ଟ ୨୨ ରୁ ୨୪ ପର୍ଯ୍ୟନ୍ତ ଆବେଦନ ପ୍ରକ୍ରିୟା ହୋଇଥିଲା। ଚଳିତବର୍ଷ ଏହି ପରୀକ୍ଷା ପାଇଁ ରେଗୁଲାର ଏବଂ ଏକ୍ସରେଗୁଲାର ପରୀକ୍ଷାର୍ଥୀଙ୍କ ସଂଖ୍ୟା ପ୍ରାୟ ୧,୬୦୦ ମଧ୍ୟରେ ରହିଛି। ସେପ୍ଟେମ୍ବର ୨୫ ମଧ୍ୟରେ ରେଜଲ୍ଟ ପ୍ରକାଶ ପାଇବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

# କୋହିନୁର ପାଇଁ ରାଷ୍ଟ୍ରପତିଙ୍କ ଦ୍ୱାରସ୍ଥ



### ସ୍ମାରକପତ୍ର ଦେଲା ଶ୍ରୀଜଗନ୍ନାଥ ସେନା

- କୂଟନୈତିକ ସ୍ତରରେ ପ୍ରୟାସ ହେଉ
- ସର୍ବଦଳୀୟ ବୈଠକ ଡକାଯାଉ

ପୁରୀ ଅଫିସ,୧୨।୯

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୋହିନୁର ହୀରାକୁ ସ୍ୱଦେଶ ଫେରାଇ ଆଣିବା ପାଇଁ ଦାବି ଜୋର ଧରିଛି। ଏହିକ୍ରମରେ ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ସୋମବାର ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ପହଞ୍ଚି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଦେଇଛନ୍ତି। ପଞ୍ଜାବର ତତ୍କାଳୀନ ରାଜା ରଣଜିତ୍ ସିଂ ତାଙ୍କ ଇଚ୍ଛାପତ୍ରରେ କୋହିନୁରକୁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିବା କଥା ଉଲ୍ଲେଖ କରିଥିଲେ। ତେବେ ପରବର୍ତ୍ତୀ ସମୟରେ ତାହା ବ୍ରିଟିଶ ଶାସକଙ୍କ ହାତକୁ ଚାଲିଯାଇଥିଲା। କୋହିନୁରକୁ ଫେରାଇ ଆଣିବାକୁ ଉଭୟ ରାଜନୈତିକ ଓ କୂଟନୈତିକ ସ୍ତରରେ ଉଦ୍ୟମ କରାଯିବା ସହ ରାଷ୍ଟ୍ରପତି ପଦକ୍ଷେପ ନେବାକୁ ସ୍ମାରକପତ୍ରରେ ନିବେଦନ କରାଯାଇଛି।

ଶ୍ରୀଜଗନ୍ନାଥ ସେନାର ଆବାହକ ପଟ୍ଟନାୟକ କହିଛନ୍ତି, ତତ୍କାଳୀନ ବ୍ରିଟେନ୍‌ର ମହାରାଣୀ ଏଲିଜାବେଥ୍‌ଙ୍କ ପତ୍ର ସମ୍ପର୍କରେ ରାଷ୍ଟ୍ରପତିଙ୍କୁ ଅବଗତ କରାଇଛୁ। ବ୍ରିଟେନ୍ ସରକାର ଚାହିଁଲେ ଦୁର୍ଲଭ କୋହିନୁର ହୀରା ଫେରିପାରିବ ବୋଲି ରାଣୀ ସେତେବେଳେ ପତ୍ର ଯୋଗେ କହିଥିଲେ। ରାଷ୍ଟ୍ରପତି ଏନେଇ ପଦକ୍ଷେପ ନିଅନ୍ତୁ ଓ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ନ୍ତୁ। ପ୍ରଧାନମନ୍ତ୍ରୀ ଚାହିଁଲେ କୋହିନୁର ହୀରା ସ୍ୱଦେଶ ଫେରିବା ଆଶା ଉଜ୍ଜୀବିତ ହେବ। ବ୍ରିଟେନ୍ ସରକାରଙ୍କୁ କୂଟନୈତିକ ସ୍ତରରେ ଭାରତ ଏନେଇ ପ୍ରଶ୍ନ କରୁ। ବ୍ରିଟେନ୍ କୋହିନୁର ଦେବାକୁ ରାଜି ନ ହେଲେ ଭାରତ ସରକାର ଏହି ମାମଲାକୁ ଅନ୍ତର୍ଜାତୀୟ ଅଦାଲତ ପର୍ଯ୍ୟନ୍ତ ନିଅନ୍ତୁ ବୋଲି ପଟ୍ଟନାୟକ ପ୍ରକାଶ କରିଛନ୍ତି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି ଯେ, ପଞ୍ଜାବର ରାଜା ରଣଜିତ ସିଂ ଆଫଗାନିସ୍ଥାନର ରାଜା ନାଜିର ଶାହାଙ୍କୁ ହରାଇ କୋହିନୁର ହୀରାକୁ ଆଣିଥିଲେ। ଏହାପରେ ସେ ଏକ ଇଚ୍ଛାପତ୍ର ମାଧ୍ୟମରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ତାହାକୁ ଅର୍ପଣ କରିବା ପାଇଁ ଲେଖିଥିବା ତାଙ୍କ କୌଳିକ ପଣ୍ଡା କଳିଯୁଗ ପ୍ରତିହାରୀଙ୍କଠାରୁ ସୂଚନା ମିଳିଛି। ରାଜ୍ୟ ଗ୍ରନ୍ଥାଗାରରେ ମଧ୍ୟ ଏହି ଉଇଲ ସଂରକ୍ଷିତ ଅଛି। ବ୍ରିଟିଶ ସରକାରଙ୍କ ସମୟରେ ଲର୍ଡ ଡେଲ୍ ହାଉସ୍ ଛଳନା କରି ଏହାକୁ ଲୁଟି ନେଇଥିଲେ। ଏଣୁ ଭାରତ ସରକାର ଏହି ପ୍ରସଙ୍ଗକୁ ଗୁରୁତ୍ୱର ସହ ନେଇ କୋହିନୁରକୁ ଫେରାଇ ଆଣିବାକୁ ପ୍ରୟାସ କରନ୍ତୁ। ଚତୁର୍ଦ୍ଦଶ ଶତାବ୍ଦୀରେ ଗୋଲକୋଣ୍ଡା ଖଣିରୁ କୋହିନୁର ହୀରା ମିଳିବା ପରେ ଏହା ଅନେକ ବିଦେଶୀ ଶାସକଙ୍କ ହାତରେ ଲାଗିଛି। ୧୯୪୭ ମସିହା ପରଠୁ ୫ରୁ ୬ଥର ଭାରତ ପକ୍ଷରୁ ବ୍ରିଟିଶ ସରକାରଙ୍କୁ କୋହିନୁର ହୀରା ଫେରାଇ ଦେବା ପାଇଁ ଦାବି କରାଯାଇଛି। ହେଲେ ତାହା ସ୍ୱଦେଶ ଫେରିପାରିନାହିଁ। ତେବେ ପୁଣି ଏହି ଦାବିକୁ ବ୍ୟବସ୍ଥିତ ଭାବେ ଉପଯୁକ୍ତ ଫୋରମ୍‌ରେ ଉପସ୍ଥାପନ କରିବାର ଆବଶ୍ୟକତା ରହିଛି ବୋଲି କୂଟନୀତିଜ୍ଞ ଓ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକମାନେ ମତ ପୋଷଣ କରିଛନ୍ତି। ବ୍ରିଟେନ୍‌ର ନୂଆ ରାଜା ଚାର୍ଲସ -୩ଙ୍କର ନିମାପଡ଼ାର ହରିପୁର ସହିତ ସାଂସ୍କୃତିକ ସମ୍ପର୍କ ରହିଛି। ତେଣୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ଏ ନେଇ ଉଦ୍ୟମ କଲେ କୋହିନୁର ସ୍ୱଦେଶ ଫେରିପାରନ୍ତା ବୋଲି ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି। ବ୍ରିଟେନ୍‌କୁ ଠିକ ଭାବେ ବୁଝାଇ ପାରିଲେ କୋହିନୁର ଫେରିବା ନେଇ ବାଟ ଫିଟନ୍ତା ଏବଂ ଏ ନେଇ ଭାରତ ସରକାରଙ୍କ ପକ୍ଷରୁ କୂଟନୈତିକ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି ପୂର୍ବତନ ରାଷ୍ଟ୍ରଦୂତ ଅବସର ବେଉରିଆ ମତ ଦେଇଛନ୍ତି। ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଛନ୍ତି, ସେ ଏହି ପ୍ରସଙ୍ଗକୁ ଆଗାମୀ ବିଧାନସଭା ଅଧିବେଶନରେ ଉପସ୍ଥାପନ କରିବେ। ରାଜ୍ୟ ସରକାରଙ୍କ ଆନ୍ତରିକତା ଥିଲେ, ସର୍ବଦଳୀୟ ବୈଠକ ଡାକି ଆଲୋଚନା କରିବା ସହ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ରଖନ୍ତୁ। ତାହାହେଲେ କେନ୍ଦ୍ର ସରକାର କୂଟନୈତିକ ଆଲୋଚନା ପାଇଁ ପଦକ୍ଷେପ ନେଇପାରିବେ।

# ଆଜିଠୁ ମୁଖ୍ୟମନ୍ତ୍ରୀଙ୍କ ୩ ଦିନିଆ ମୁମ୍ବାଇ ଗସ୍ତ

ଭୁବନେଶ୍ୱର,୧୨।୯(ବ୍ୟୁରୋ)



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ୩ ଦିନିଆ ମୁମ୍ବାଇ ଗସ୍ତରେ ଯାଉଛନ୍ତି। ଆସନ୍ତା ୧୪ରେ ମୁମ୍ବାଇର ଏକ ଘରୋଇ ହୋଟେଲ୍‌ରେ ଆୟୋଜନ ହେବାକୁ ଥିବା 'ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍'ରେ ମୁଖ୍ୟମନ୍ତ୍ରୀ ଯୋଗଦେବେ। ଏଥିରେ ଦେଶର ବିଶିଷ୍ଟ ଉଦ୍ୟୋଗପତିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶାରେ ପୁଞ୍ଜିନିବେଶ କରିବା ପାଇଁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅନୁରୋଧ କରିବେ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ନଭେମ୍ବର ୩୦ରୁ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ହେବାକୁ ଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ଦେଶର ବଡ଼ ବଡ଼ ଉଦ୍ୟୋଗୀଙ୍କ ସମେତ ବହୁ ନାମୀଦାମୀ ସଂସ୍ଥା ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ବିଭିନ୍ନ ସଂସ୍ଥା ରାଜ୍ୟ ସରକାରଙ୍କ ସହିତ ଚୁକ୍ତିପତ୍ର ସ୍ୱାକ୍ଷରିତ କରିବେ। ଓଡ଼ିଶାରେ ଅଧିକରୁ ଅଧିକ ପୁଞ୍ଜିନିବେଶ କରାଇବା ଲାଗି ମୁଖ୍ୟମନ୍ତ୍ରୀ ପୁଞ୍ଜିପତିଙ୍କୁ ଡାକି ଏହି କନ୍‌କ୍ଲେଭ୍‌ରେ ଆଲୋଚନା କରୁଛନ୍ତି। ନବୀନ ଆସନ୍ତା ୧୫ରେ ଓଡ଼ିଶା ଫେରିବେ। ଏଥିରେ ଓଡ଼ିଶାର ବହୁ ସଚିବ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ୧୫ ଦିନ ସମୟ ନେଲେ ସରକାର

### ପୂଜା ପୂର୍ବରୁ ଚୁକ୍ତିଭିତ୍ତିକଙ୍କ ଦାବି ନେଇ ହେଲା ଆଲୋଚନା

ଭୁବନେଶ୍ୱର,୧୨।୯(ବ୍ୟୁରୋ)

ବର୍ଷାରେ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ଗର୍ଜନ ପରେ ରାଜ୍ୟ ସରକାରଙ୍କ ଉପରେ ଏକ ପ୍ରକାର ଚାପ ପଡ଼ିଥିବା ଆଲୋଚନା ଜୋର୍ ଧରିଛି। ସେମାନଙ୍କ ଦାବି ପୂରଣ କରିବା ଦିଗରେ ଏବେ ଚିନ୍ତା କରିବା ଆରମ୍ଭ କରିଦେଇଛନ୍ତି। ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ଦଶହରା ପୂର୍ବରୁ ଖୁସି ଖବର ମିଳିପାରେ ବୋଲି କୁହାଯାଉଛି। ରବିବାର ଲୋୟର ପିଏମ୍‌ଜିରେ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ଗର୍ଜନ ପରେ ସୋମବାର ରାଜ୍ୟ ସରକାରଙ୍କ ସହ ମହାସଂଘର ଆଲୋଚନା ସଫଳ ହୋଇଥିବା ଜଣାପଡ଼ିଛି। ସରକାର ଏଥିପାଇଁ ୧୫ ଦିନ ସମୟ ନେଇଛନ୍ତି। ୧୫ ଦିନ ପରେ ପୂଜା ପଡୁଥିବାରୁ ଏହା ପୂର୍ବରୁ କର୍ମଚାରୀଙ୍କ ଦାବି ପୂରଣ ନେଇ ସରକାର ନୀତିଗତ ନିଷ୍ପତ୍ତି ନେଇପାରନ୍ତି ବୋଲି ମହାସଂଘ ଆଶା ରଖିଛି।

ସୂଚନା ଅନୁଯାୟୀ, ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ଦାବିରେ କର୍ମଚାରୀମାନେ ଅଗଷ୍ଟ ୧୬ରୁ କଳାବ୍ୟାଜ୍ ପରିଧାନ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଚୁକ୍ତିଭିତ୍ତିକ/ପ୍ରାରମ୍ଭିକ ନିଯୁକ୍ତି ଉଚ୍ଛେଦ ସହିତ ୬ ବର୍ଷ ଚୁକ୍ତିଭିତ୍ତିକ ନିଯୁକ୍ତି ସମୟକୁ ନିୟମିତ ଚାକିରି କ୍ଷେତ୍ରରେ ଗଣନା କରିବା ଦାବିରେ ରବିବାର ଲୋୟର ପିଏମଜିରେ ହଜାର ହଜାର କର୍ମଚାରୀ ପ୍ରବଳ ବର୍ଷାରେ ଭିଜି ଦୃଢ଼ ପ୍ରତିବାଦ ଜଣାଇଥିଲେ। ଏହାପରେ ମହାସଂଘର ୫୦ ଜଣିଆ ପ୍ରତିନିଧି ଦଳ ସହ ରାଜ୍ୟ ସରକାରଙ୍କ ଆଲୋଚନା ହୋଇଛି। ସମାଧାନ ପାଇଁ ୧୫ ଦିନ ସମୟ ସରକାର ମାଗିଛନ୍ତି। ଯଦି ଏହି ସମୟସୀମା ମଧ୍ୟରେ ସରକାର ତାଙ୍କ ପ୍ରତିଶ୍ରୁତି ପୂରଣ ନ କରନ୍ତି, ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ମହାସଂଘ ରାଜ୍ୟ ସଭାପତି ବିଜୟ ମଲ୍ଲ ସୂଚନା ଦେଇଛନ୍ତି।

# ବିଶାଖାପାଟଣା-କିରାଣ୍ଡୁଲ ପାସେଞ୍ଜର ଟ୍ରେନ୍ ଲାଇନଚ୍ୟୁତ

### କାର୍ଯ୍ୟରେ ଅବହେଳା ପାଇଁ ଗ୍ୟାଙ୍ଗ୍‌ମ୍ୟାନ୍, ଇଞ୍ଜିନିୟର ନିଲମ୍ବିତ

କୋରାପୁଟ/ଜୟପୁର, ୧୨।୯ (ସ୍ୱ.ପ୍ର./ନି.ପ୍ର.)

ବିଶାଖାପାଟଣା-କିରାଣ୍ଡୁଲ ଯାତ୍ରୀବାହୀ ପାସେଞ୍ଜର ଟ୍ରେନ ସୋମବାର ଅପରାହ୍ନ ୩ଟା୫ରେ ଜୟପୁର ଉମୁରି ବ୍ରିଜ୍‌ର ଛତ୍ରୀପୁଟ ଷ୍ଟେଶନଠାରେ ଲାଇନଚ୍ୟୁତ ହୋଇଯାଇଛି। ବିଶାଖାପାଟଣାରୁ ଛତିଶଗଡ଼ର କିରାଣ୍ଡୁଲ ଯାଉଥିବା ଏହି ଟ୍ରେନ୍‌ର ୪ଟି ବଗି ଲାଇନଚ୍ୟୁତ ହୋଇଥିବା ଜଣାପଡିଛି। ତେବେ ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା କୋରାପୁଟ ଷ୍ଟେଶନ ମ୍ୟାନେଜର ନନ୍ଦକିଶୋର ଭିତିରିଆ କହିଛନ୍ତି।

ଖବରରୁ ଜଣାପଡିଛି, ଏହି ଟ୍ରେନ କୌଣସି କାରଣ ଯୋଗୁ ଛତ୍ରୀପୁଟ ଷ୍ଟେଶନଠାରେ ଲାଇନଚ୍ୟୁତ ହୋଇପଡି ଏକ ବଡ ଦୁର୍ଘଟଣାରୁ ବର୍ତ୍ତିଯାଇଛି। ଲାଇନଚ୍ୟୁତ ହୋଇଥିବା ୪ଟି ବଗି ମଧ୍ୟରୁ ଗୋଟିଏ ସ୍ଲିପର କୋଚ ଓ ଅନ୍ୟ ୩ଟି ସାଧାରଣ କୋଚ ରହିଛି। ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାରକରି ରେଳ ଷ୍ଟେଶନକୁ ପଠାଯାଇଛି। ଘଟଣାସ୍ଥଳରେ ତୁରନ୍ତ ମେଡିକାଲ ଟିମ୍ ଓ ଉଦ୍ଧାରକାରୀ ଦଳ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ବିଶାଖାପାଟଣା ଡିଭିଜନ ଡିଆର୍‌ଏମ୍ ଅନୁପ ଶତପଥୀ, ସୁଧୀର ଗୁପ୍ତା, ମନୋଜ ସାହୁ ପହଞ୍ଚି ତଦନ୍ତ କରୁଛନ୍ତି। ଗ୍ୟାଙ୍ଗମ୍ୟାନ୍ ଓ ଇଞ୍ଜିନିୟରଙ୍କୁ କାର୍ଯ୍ୟରେ ଅବହେଳା ପାଇଁ ନିଲମ୍ବନ କରାଯାଇଛି। ଅନ୍ୟ ଏକ ଟ୍ରେନ ବ୍ୟବସ୍ଥା କରି ଯାତ୍ରୀଙ୍କୁ ସେମାନଙ୍କ ଗନ୍ତବ୍ୟ ସ୍ଥଳକୁ ପଠାଯାଇଥିବା ଡିଆର୍‌ଏମ୍ ଶତପଥୀ ସୂଚନା ଦେଇଛନ୍ତି।



ଲାଇନଚ୍ୟୁତ ହୋଇପଡିଥିବା ଟ୍ରେନ।

# ଦୁଇ ଅଭିଯୁକ୍ତ ଷ୍ଟକିଷ୍ଟଙ୍କ ଆତ୍ମସମର୍ପଣ

### ନକଲି ମେଡିସିନ କାରବାର ମାମଲା

- ମେଡିସିନ ଗୋଦାମରେ ଚଢ଼ାଉ
- ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ

କଟକ ଅଫିସ,୧୨।୯

କଟକରେ ନକଲି ଔଷଧ କାରବାର ମାମଲାରେ କମିଶନରେଟ ପୋଲିସର ତନାଘନା ଆରମ୍ଭ ହୋଇଛି। ଫେରାର ଥିବା ୪ ଅଭିଯୁକ୍ତଙ୍କ ମଧ୍ୟରୁ ମୁଖ୍ୟ ଦୁଇ ଅଭିଯୁକ୍ତ ଷ୍ଟକିଷ୍ଟ ସୋମବାର ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ଯାଉଁଳିଆପଟି ପୂଜା ଏଣ୍ଟରପ୍ରାଇଜ୍‌ର ମାଲିକ ସଞ୍ଜୟ ଜଲାନ ଏବଂ ମାଣିକଘୋଷ ବଜାରସ୍ଥିତ ଭି. ଆର୍. ଡ୍ରଗ ଏଜେନ୍ସିର ରାହୁଲ କ୍ୟାଲ। ପୋଲିସ ସେମାନଙ୍କୁ ଧରି ମେଡିସିନ ଗୋଦାମରେ ଚଢ଼ାଉ କରି ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି।

ଡିସିପି ପିନାକ ମିଶ୍ରଙ୍କ ସୂଚନା ଅନୁସାରେ, ନକଲି ମେଡିସିନ କାରବାର ନେଇ ଡ୍ରଗ ଇନ୍ସପେକ୍ଟରଙ୍କ ପକ୍ଷରୁ ପୁରୀଘାଟ ଥାନାରେ ଏତଲା ଦିଆଯିବା ପରେ ଦୁଇଟି ମାମଲା ରୁଜୁ କରାଯାଇଥିଲା। ଯାଉଁଳିଆପଟିସ୍ଥିତ ପୂଜା ଏଣ୍ଟରପ୍ରାଇଜର୍ସର ମାଲିକ ସଞ୍ଜୟ ଜଲାନ, ତାଙ୍କ ସ୍ତ୍ରୀ ଚଞ୍ଚଳ ଜଲାନ ଓ ମାଣିକଘୋଷ ବଜାରର ଭି. ଆର. ଡ୍ରଗ ଏଜେନ୍ସିର ମାଲିକ ବର୍ଷାରାଣୀ କ୍ୟାଲ, ତାଙ୍କ ସ୍ୱାମୀ ରାହୁଲ କ୍ୟାଲଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିବା ବେଳେ ସେମାନେ ଫେରାର ଥିଲେ। ପୋଲିସ ସେମାନଙ୍କୁ ଖୋଜୁଥିବାବେଳେ ସୋମବାର ଉଭୟେ ଆତ୍ମସମର୍ପଣ କରିଛନ୍ତି। ମଙ୍ଗଳବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯିବ। ଦୁଇ ମେଡିସିନ ଗୋଦାମର ମାଲିକାନା ଅନ୍ୟ ଅଭିଯୁକ୍ତ ଦ୍ୱୟଙ୍କ ନାମରେ ଥିବାବେଳେ ଆତ୍ମସମର୍ପଣ କରିଥିବା ଅଭିଯୁକ୍ତଦ୍ୱୟ ମଧ୍ୟ ସିଧାସଳଖ ମେଡିସିନ କାରବାରରେ ସମ୍ପୃକ୍ତ। ପୋଲିସ କମିଶନରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜଣେ ବରିଷ୍ଠ ଅଧିକାରୀ ମାମଲାର ତଦନ୍ତ କରୁଛନ୍ତି। ମେଡିସିନ ଗୋଦାମରେ ଚଢ଼ାଉ ପରେ ଜବତ ହୋଇଥିବା କାଗଜପତ୍ରକୁ ଯାଞ୍ଚ କରାଯିବ। ଏହି କାରବାର ସହ ଆଉ କେଉଁମାନେ ସମ୍ପୃକ୍ତ, ନକଲି ମେଡିସିନ କେଉଁଠୁ ଆସୁଥିଲା, ଅନ୍ୟ ଏଜେନ୍ସି ନକଲି ମେଡିସିନ କିଣିଛନ୍ତି କି ଏବଂ କେଉଁମାନେ ବିଜ୍‌ନେସ ପାର୍ଟନର ଭାବେ ରହିଛନ୍ତି ଆଦି ଅନେକ ଦିଗକୁ ପୋଲିସ ତଦନ୍ତ ପରିସରଭୁକ୍ତ କରିଛି। ସାଧାରଣ ଲୋକଙ୍କ ଜୀବନ ସହ ଏହି ମାମଲା ଜଡ଼ିତ ଥିବାରୁ ଏହାର ପ୍ରତିଟି ଦିଗକୁ ପୋଲିସ ଗୁରୁତର ସହ ବିଚାର କରୁଛି। ଦୁଇ ଅଭିଯୁକ୍ତଙ୍କୁ ପୋଲିସ ପଚରାଉଚୁରା କରୁଛି ବୋଲି ଡିସିପି କହିଛନ୍ତି।

ସୂଚନାଯୋଗ୍ୟ, ଉଚ୍ଚ ରକ୍ତଚାପ ଓ ହୃଦ୍‌ରୋଗର ଚିକିତ୍ସା ପାଇଁ ବ୍ୟବହୃତ ହେଉଥିବା ଟେଲ୍‌ମା-୪୦ ଏବଂ ଟେଲ୍‌ମା- ଏଏମ୍ ଟାବ୍‌ଲେଟକୁ ନକଲି କରି ବିକ୍ରି ନେଇ ଅଭିଯୋଗ ହୋଇଛି। ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ ପକ୍ଷରୁ ଡ୍ରଗ୍ସ ଆଣ୍ଡ କସ୍‌ମେଟିକ୍ସ ଆକ୍ଟରେ କଟକ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ୨ ଷ୍ଟକିଷ୍ଟଙ୍କ ନାମରେ ୨ଟି ମାମଲା ଓ ପୁରୀଘାଟ ଥାନାରେ ୨ଟି ମାମଲା ରୁଜୁ କରାଯାଇଛି।

# କଳାପଟା ନାହିଁ, ଆଲମିରାରେ ଲେଖୁଛନ୍ତି ଶିକ୍ଷୟିତ୍ରୀ

- ଜୁନ୍ ୧ରେ ଉଦ୍‌ଘାଟିତ ହୋଇଥିଲା ୫-ଟି ବିଦ୍ୟାଳୟ

ସୋନପୁର/ବିନିକା,୧୨।୯(ନି.ପ୍ର./ଡି.ଏନ୍.ଏ.)

ଗୁଣାତ୍ମକ ଶିକ୍ଷାଦାନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନର ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ରୂପାନ୍ତରଣ ବା ୫-ଟି ବିଦ୍ୟାଳୟ ଯୋଜନାକୁ ସୁବର୍ଣ୍ଣପୁର ଜିଲାରେ ବିଶେଷ ସଫଳତା ମିଳିପାରି ନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଦ୍ୱିତୀୟ ପର୍ଯ୍ୟାୟରେ ଉଦ୍‌ଘାଟିତ ହୋଇଥିବା ଅଧିକାଂଶ ରୂପାନ୍ତରଣ ହାଇସ୍କୁଲରେ ଏପର୍ଯ୍ୟନ୍ତ କାମ ହୋଇ ପାରନାହିଁ। ବିନିକା ୫-ଟି ହାଇସ୍କୁଲ ଏହାର ନିଛକ ଚିତ୍ର ସାମ୍ନାକୁ ଆଣିଛି। ଜୁନ୍ ୧ ତାରିଖରେ ଏହି ରୂପାନ୍ତରିତ ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍ସ ଯୋଗେ ଲୋକାର୍ପଣ କରିଥିଲେ। ତେବେ ଏହି ହାଇସ୍କୁଲର ନବମ ଶ୍ରେଣୀର ଛାତ୍ରଙ୍କୁ ଆଲମିରାରେ ସାହିତ୍ୟ ପଢ଼ାଯାଉଥିବା ଭଳି ଦୃଶ୍ୟ ସୋମବାର ଦେଖିବାକୁ ମିଳିଛି। ସ୍ମାର୍ଟ କ୍ଲାସରୁମ୍‌ରେ ସାମାନ୍ୟ କଳାପଟାଟିଏ ନାହିଁ। ଶିକ୍ଷୟିତ୍ରୀ ସ୍ମିତାରାଣୀ ଭୁଏ ଆଲମିରାରେ ପାଠ ଲେଖି ଛାତ୍ରଙ୍କୁ ବୁଝାଉଥିବା ଭିଡିଓ ଭାଇରାଲ ହୋଇଛି। ଘଟଣାକୁ ନେଇ ଛାତ୍ର ଓ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

୧୯୫୯ରେ ସ୍ଥାପିତ ବିନିକା ହାଇସ୍କୁଲରେ ବର୍ତ୍ତମାନ ୧୧୧ଜଣ ଛାତ୍ର ପାଠ ପଢୁଛନ୍ତି। ହାଇସ୍କୁଲ ରୂପାନ୍ତରଣ ପରେ ଶିକ୍ଷାକ୍ଷେତ୍ରରେ ପରିବର୍ତ୍ତନ ଆସିବ ବୋଲି ଛାତ୍ର ଓ ଅଭିଭାବକ ଆଶା ରଖିଥିଲେ। ତେବେ ବାହାରକୁ ଚକାଚକ୍ ଦେଖାଯାଉଥିବା ଏହି ୫-ଟି ବିଦ୍ୟାଳୟଗୁଡିକର ଶିକ୍ଷା ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ ହୋଇନାହିଁ। ୨୫ବର୍ଷର ପୁରୁଣା କୋଠାକୁ ରଙ୍ଗ ମାରି ଚକାଚକ୍ କରାଯାଇଛି। ଛାତରୁ ପାଣି ଗଳୁଥିବା କୋଠାରେ ସ୍ମାର୍ଟ କ୍ଲାସରୁମ୍ କରାଯାଇଛି। ଗତ ବର୍ଷାରେ ଏହି ସ୍ମାର୍ଟ କ୍ଲାସରୁମ୍‌ର ସିଲିଂ ଓଦା ହୋଇ ତଳେ ଖସି ପଡିଥିଲା। ତାର ମରାମତି ସରିନି। ଇ-ଲାଇବ୍ରେରି ଓ ବିଜ୍ଞାନାଗାରର ଲାଭ ଛାତ୍ରଙ୍କୁ ମିଳୁନି। ସେହିପରି ୩ଟି ରୁମ୍‌ର ପ୍ଲେଟିଂ କାମ ଏ ପର୍ଯ୍ୟନ୍ତ ସରିନି। ପାଇଖାନାରେ ଟାଇଲ ବିଛାଯାଇନି କି ଫ୍ୟାନ ବସିନି। ଠିକାଦାର ସ୍କୁଲର ବେଞ୍ଚ ଡେସ୍କକୁ ବାହାରେ ପକାଇ ରଖିଛନ୍ତି। ତାହା ବାହାରେ ପଡି ରହି ବର୍ଷାରେ ଭିଜୁଛି। ଛାତ୍ରମାନେ ତଳେ ବସି ପାଠ ପଢୁଛନ୍ତି। ଶ୍ରେଣୀ ଗୃହ ଅଭାବରୁ ପାଠ ପଢା ଠିକ୍‌ଭାବେ ହୋଇପାରୁନି। ଅନ୍ୟପକ୍ଷେ ହାଇସ୍କୁଲରେ ସଂସ୍କୃତ ଶିକ୍ଷକ, କମ୍ପ୍ୟୁଟର ଶିକ୍ଷକ, ଜଣେ ପିଅନ ଓ ରାତ୍ରି ଜଗୁଆଳି ପଦବୀ ଖାଲି ପଡିଛି। ଏଭଳି ସ୍ଥିତିରେ ଛାତ୍ରମାନେ କିଭଳି ସ୍ମାର୍ଟ ହେବେ ସେ ନେଇ ଶିକ୍ଷାବିତ୍‌ମାନେ ପ୍ରଶ୍ନ କରିଛନ୍ତି।

ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ କୁହନ୍ତି, ପୁରୁଣା ଘରେ ସ୍ମାର୍ଟ କ୍ଲାସରୁମ୍ କରାଯାଇଛି। ଛାତରୁ ପାଣି ଗଳିବାରୁ ସିଲିଂ ଖସିଯାଇଛି। ଶ୍ରେଣୀ ଗୃହ ଅଭାବରୁ ଷ୍ଟୋରରୁମରେ ନବମ ଶ୍ରେଣୀ ଛାତ୍ରଙ୍କୁ ପାଠ ପଢାଯାଉଥିଲା। ବ୍ଲକ ପକ୍ଷରୁ ନିଯୁକ୍ତ ଠିକାଦାର କାମ ସାରୁ ନାହାନ୍ତି। ହାଇସ୍କୁଲର ପ୍ରଧାନଶିକ୍ଷକ ନୀଳାଚଳ ମେହେରଙ୍କୁ ପଚାରିବାରୁ ବିଦ୍ୟାଳୟ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଓ ଉନ୍ନୟନମୂଳକ କାର୍ଯ୍ୟ ଅଧାରେ ଅଟକି ରହିଛି। ଉଦ୍‌ଘାଟନ ସତ୍ତ୍ୱେ କାମ ସମ୍ପୂର୍ଣ୍ଣ ହୋଇ ନଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା କହିଛନ୍ତି।



ବିନିକା ୫-ଟି ହାଇସ୍କୁଲରେ ଶିକ୍ଷୟିତ୍ରୀ ଆଲମିରାରେ ପାଠ ପଢାଉଛନ୍ତି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୩ ସେପ୍ଟେମ୍ବର, ୨୦୨୨

"ଅନ୍ତରାତ୍ମାରେ ଯଦି ବିକୃତି ଥାଏ– ତେବେ ଶରୀରରେ ନିଶ୍ଚୟ ବ୍ୟାଧି ଦେଖାଯିବ। କାରଣ– ମନର ପାପ ହେଲା ଦୈହିକ ପାପର ପ୍ରଚ୍ଛନ୍ନ କାରଣ। ସେହିପରି–ମଣିଷର ସାମାଜିକ ଜୀବନରେ ଦାରିଦ୍ର୍ୟ ଓ ଦୁର୍ଭୋଗ ବାରମ୍ବାର ଫେରି ଆସୁଥିବ –ଯେତେଦିନ ପର୍ଯ୍ୟନ୍ତ ଗୋଟାଏ ଜାତିର ମନ ଅହଂକାରର ଅଧୀନସ୍ଥ ହୋଇ ରହିଥିବ। **–ଶ୍ରୀଅରବିନ୍ଦ**



# ନକଲି ଔଷଧ

ଓଡ଼ିଶାରେ ନକଲି ଔଷଧ କାରବାର ଜନସାଧାରଣଙ୍କୁ ଚିନ୍ତାରେ ପକାଇଛି। ଏପର୍ଯ୍ୟନ୍ତ ଚିନ୍ତା କରାଯାଉଥିଲା ଯେ ଚିନି, ଲୁଣ, ଖାଇବା ତେଲ, ଚାଉଳ, ଡାଲି, ସସ୍ ଆଦି ଖାଦ୍ୟପଦାର୍ଥ ଓଡ଼ିଶାରେ ନକଲି ଭାବେ ପ୍ରସ୍ତୁତ କରାଯାଉଛି। ରାଜ୍ୟର ଉତ୍ପାଦନ ଶକ୍ତି ବୃଦ୍ଧି ପାଉଛି ବୋଲି ଭାବି ଏହି ବେଆଇନ କାର୍ଯ୍ୟରୁ ଲାଭବାନ୍ ହେଉଥିବା ଚୋର ଗୋଷ୍ଠୀ ନିଶ୍ଚିତ ଭାବେ ଖୁସି ହେଉଥିବେ। ଏହି ଭେଜାଲ ସାମଗ୍ରୀ ପ୍ରସ୍ତୁତକାରୀ ଉଦ୍ୟୋଗରେ ଅନେକ ନିଯୁକ୍ତିର ସୁଯୋଗ ମଧ୍ୟ ସୃଷ୍ଟି ହୋଇଥିବ। କୌତୂହଳର ବିଷୟ ହେଉଛି ଯେ, ଏଭଳି କାର୍ଯ୍ୟ କେବେ ହେଲେ ସମ୍ପୃକ୍ତ ସରକାରୀ ଅଧିକାରୀ ଏବଂ ବ୍ୟବସାୟୀଙ୍କ ଅଜାଣତରେ ହୋଇପାରିବ ନାହିଁ। ସରକାରୀ ଅଧିକାରୀ ଆଖି ବୁଜିଦେଲେ କୌଣସି କୁକର୍ମ ଘଟି ନାହିଁ ବୋଲି ଚିନ୍ତା କରାଯାଏ। କିନ୍ତୁ ତାହାଠାରୁ କାହିଁ ଅଧିକ ଅପରାଧୀ ହେଲେ ସେହି ବ୍ୟବସାୟୀ ଗୋଷ୍ଠୀ, ଯେଉଁମାନେ ଏହିସବୁ ସାମଗ୍ରୀକୁ ବଜାରରେ ପହଞ୍ଚାଇ ଖୁଚୁରା ଦୋକାନୀ ମାଧ୍ୟମରେ ବିକ୍ରି କରାଇବାର ସୁବିଧା ସୁଯୋଗ ସୃଷ୍ଟି କରାଉଛନ୍ତି। ନକଲି ସାମଗ୍ରୀ ବିକ୍ରିରେ ଖୁଚୁରା ଦୋକାନୀର ସମ୍ପୃକ୍ତି ନିଶ୍ଚିତ ଭାବେ ରହିଥାଏ। ସେଥିପାଇଁ ଦୋକାନୀ ଏହି ସବୁଥିରେ ଅଧିକ ଲାଭ ପାଇଥାଏ। ଅର୍ଥାତ୍ ଉପରୁ ତଳ ପର୍ଯ୍ୟନ୍ତ ସମସ୍ତେ ନକଲି ସାମଗ୍ରୀର ଯୋଗାଣ ଶୃଙ୍ଖଳର ସକ୍ରିୟ ଭାଗୀଦାର ଏବଂ ସମସ୍ତେ ଏଥିରେ ନୀରବତା ରକ୍ଷାକରି ବିପୁଳ ଲାଭ ଉଠାଇଥାଆନ୍ତି।

ଏବେ କଟକରୁ ସବୁକିଛି ବେଆଇନ କାର୍ଯ୍ୟ ଚାଲିଥିବା ଜଣାପଡ଼ିବା ପରେ ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ସ୍ଥାନୀୟ ଦୁଇ ଔଷଧ ମହଜୁଦକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଥିବା କୁହାଯାଉଛି। ଅବଶ୍ୟ କେଉଁ ପ୍ରକାରର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହା ଜାଣିବା ପାଇଁ ସାଧାରଣ ଲୋକଙ୍କ ପାଖରେ କୌଣସି ସାଧନ ନାହିଁ। ମିଳିଥିବା ସୂଚନା ଅନୁଯାୟୀ, ଉଚ୍ଚ ରକ୍ତଚାପ ଓ ହୃଦ୍‌ରୋଗ ପାଇଁ ବ୍ୟବହୃତ ହେଉଥିବା ଟେଲ୍‌ମା–୪୦ ଓ ଟେଲ୍‌ମା–ଏଏମ୍ ଟାବ୍‌ଲେଟ୍‌କୁ ନକଲି କରି ବିକ୍ରି କରାଯାଉଥିଲା। ଏହା ଜଣାଶୁଣା ଯେ, ଉଚ୍ଚ ରକ୍ତଚାପ ଲକ୍ଷଣ ବହୁ ଲୋକଙ୍କଠାରେ ଦେଖାଯାଇଥାଏ। ଏଥିସହିତ ଅତ୍ୟାଧୁନିକ ଜୀବନଶୈଳୀ ହୃଦ୍‌ରୋଗକୁ ବହୁ ମାତ୍ରାରେ ନିମନ୍ତ୍ରଣ କରିଚାଲିଛି। ତେଣୁ ଏହି ଦୁଇ ରୋଗ ପାଇଁ ନକଲି ଔଷଧ ବ୍ୟବହାର କରି ଅଭିଯୁକ୍ତମାନେ ପର୍ଯ୍ୟାପ୍ତ ଅର୍ଥ ଗୋଟାଇ ନେଇଥିବା ଆଲୋଚନା ହେଉଛି।

> **ଅଧିକାଂଶ ଭାରତୀୟ ଜାଣନ୍ତି ଯେ, ଏଠାରେ ସରକାରୀ ଅଧିକାରୀଙ୍କ ମଧ୍ୟରୁ ଅନେକେ ଘରୋଇ କମ୍ପାନୀଙ୍କୁ ଅନୁଚିତ ଅନୁଗ୍ରହ ପ୍ରଦର୍ଶନ କରି ବ୍ୟକ୍ତିଗତ ଫାଇଦା ଉଠାଇଥାଆନ୍ତି। ସେଥିରେ ଲୋକେ ମରିଗଲେ ବା ଭାସିଗଲେ ସେମାନଙ୍କର କିଛି ଯାଏ ଆସେ ନାହିଁ।**

କୋଭିଡ୍–୧୯ ସମୟରେ ଡୋଲୋ–୬୫୦ ଟାବ୍‌ଲେଟ୍‌ର ବହୁଳ ବ୍ୟବହାର କରାଯାଇଥିବା ବିଷୟରେ ନିକଟରେ ରିପୋର୍ଟ ପ୍ରକାଶ ପାଇଥିଲା। ଡାକ୍ତରଙ୍କ ଦ୍ୱାରା ବାରମ୍ବାର ଏହି ଔଷଧ ଲେଖାଯିବାରୁ ଲୋକେ ବଜାରରୁ ତାହାକୁ କିଣି ମୁଢ଼ିଚୁଡ଼ା ଭଳି ଚୋବାଇ ଚାଲିଥିଲେ। ଏହାର ବହୁଳ ବିକ୍ରି ପାଇଁ ଡୋଲୋ ନିର୍ମାଣକାରୀ ସଂସ୍ଥା ଡାକ୍ତରଙ୍କୁ ୧ ହଜାର କୋଟି ଟଙ୍କାର ଉପହାର ଦେଇଥିବା ବିଷୟ ଦେଶବ୍ୟାପୀ ଚାଞ୍ଚଲ୍ୟ ଖେଳାଇସାରିଛି। କୌତୂହଳରେ କୁହାଯାଉଛି, ଭାରତରେ ଯେତେ ପରିମାଣରେ ଡୋଲୋ ବ୍ୟବହାର କରାଯାଇଛି ତାହାକୁ ଗୋଟିଏ ଉପରେ ଗୋଟିଏ ଥୋଇଥୋଇ ଚାଲିଲେ ପୃଥିବୀରୁ ଚନ୍ଦ୍ରପୃଷ୍ଠକୁ ଲାଗିଯିବ। ଏବେ ଲାନ୍‌ସେଟ୍ ରିଜିଓନାଲ ହେଲ୍‌ଥ ସାଉଥ୍‌ଇଷ୍ଟ ଏସିଆ ପତ୍ରିକା ପକ୍ଷରୁ ପ୍ରକାଶ ପାଇଥିବା ତଥ୍ୟରେ ଏହାଠାରୁ ଆହୁରି ଗମ୍ଭୀର ବିଷୟ ଉଲ୍ଲେଖ କରାଯାଇଛି। କିଛି ବର୍ଷ ମଧ୍ୟରେ ଭାରତୀୟଙ୍କ ଆଣ୍ଟିବାୟୋଟିକ୍ ଔଷଧ ସେବନ ବହୁଳ ମାତ୍ରାରେ ବଢ଼ିଯାଇଛି। ଉଲ୍ଲେଖଯୋଗ୍ୟ ଯେ, ସାଧାରଣତଃ ଶରୀରରେ ଜୀବାଣୁ ବା ବୀଜାଣୁଜନିତ ସଂକ୍ରମଣ ରୋକିବା ପାଇଁ ଆଣ୍ଟିବାୟୋଟିକ୍ ବ୍ୟବହାର କରାଯାଏ। ୨୦୧୯ରେ ଭାରତରେ ବ୍ୟବହୃତ ହୋଇଥିବା ଟାବ୍‌ଲେଟ ମଧ୍ୟରୁ ସର୍ବାଧିକ ରହିଛି ଆଜିଥ୍ରୋମାଇସିନ୍। ଏଥିସହିତ ଘରୋଇ କ୍ଷେତ୍ରରେ ବ୍ୟବହୃତ ହେଉଥିବା ଆଣ୍ଟିବାୟୋଟିକ୍ ମଧ୍ୟରୁ ୪୭ ପ୍ରତିଶତ ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ)ଙ୍କ ମଞ୍ଜୁରୀ ମିଳିନାହିଁ। ଆଣ୍ଟିବାୟୋଟିକ୍ ବିକ୍ରି ଓ ବ୍ୟବହାର ଉପରେ ନିୟନ୍ତ୍ରଣ ରଖାଯିବା ପାଇଁ ଗାଇଡ୍‌ଲାଇନ୍ ଅଣାଯିବା ଉଦ୍ଦେଶ୍ୟରେ ଏହି ଅଧ୍ୟୟନ କରାଯିବା ବେଳେ ଉପରଲିଖିତ ଅସଙ୍ଗତି ପଦାକୁ ଆସିଥିଲା। ଏକ ଆକଳନରୁ ଜଣାପଡ଼ିଛି ଯେ, ସମୁଦାୟ ସେବନ କରାଯାଉଥିବା ଆଣ୍ଟିବାୟୋଟିକ୍ ମଧ୍ୟରୁ ୮୫ ପ୍ରତିଶତ ଘରୋଇ କମ୍ପାନୀ ଦ୍ୱାରା ପ୍ରସ୍ତୁତ କରାଯାଉଛି। ଅଧିକାଂଶ ଭାରତୀୟ ଜାଣନ୍ତି ଯେ, ଏଠାରେ ସରକାରୀ ଅଧିକାରୀଙ୍କ ମଧ୍ୟରୁ ଅନେକେ ଘରୋଇ କମ୍ପାନୀଙ୍କୁ ଅନୁଚିତ ଅନୁଗ୍ରହ ପ୍ରଦର୍ଶନ କରି ବ୍ୟକ୍ତିଗତ ଫାଇଦା ଉଠାଇଥାଆନ୍ତି। ସେଥିରେ ଲୋକେ ମରିଗଲେ ବା ଭାସିଗଲେ ସେମାନଙ୍କର କିଛି ଯାଏ ଆସେ ନାହିଁ। ଭାରତରେ ସରକାରୀ ଅଧିକାରୀଙ୍କ ଲୋଭ ସମ୍ପର୍କରେ ସମସ୍ତେ ଜାଣନ୍ତି। ସେମାନଙ୍କ ବିଷୟରେ ଯେତେ କୁହାଗଲେ ମଧ୍ୟ ଯଥେଷ୍ଟ ହେବ ନାହିଁ। କିନ୍ତୁ ଆମ ସମସ୍ତଙ୍କୁ ମନେରଖିବାକୁ ହେବ ଯେ, ବେଆଇନ ବା ନକଲି କାର୍ଯ୍ୟ କରିବା ସକାଶେ ସେହି ମାନସିକତା ପୋଷଣ କରୁଥିବା ନାଗରିକ ଆବଶ୍ୟକ। ସେହି ନାଗରିକ ହେଲେ ବ୍ୟବସାୟୀ, ଯେଉଁମାନେ ହଠାତ୍ ଧନୀ ହେବା ପାଇଁ ମଣିଷ ମାରିବାକୁ ପ୍ରସ୍ତୁତ। ଏଥିପାଇଁ ଡ୍ରଗ୍ ଇନ୍ସପେକ୍ଟରଠାରୁ ଆରମ୍ଭ କରି ପୋଲିସ ଏବଂ ନ୍ୟାୟାଳୟକୁ ଦୋଷ ଦେବା ନିଶ୍ଚିତ ଭାବେ ଯଥାର୍ଥ। ତେବେ ତାହାଠାରୁ ବେଶି ବଡ଼ ଅପରାଧୀ ହେଉଛନ୍ତି ବ୍ୟବସାୟୀ ଗୋଷ୍ଠୀ, ଯେଉଁମାନେ ବଟିକା ପ୍ରସ୍ତୁତ କରି ତାହାକୁ ଅସଲିର ଅବିକଳ ପ୍ୟାକିଂ କରି ସନ୍ଦେହ କରୁ ନ ଥିବା ରୋଗୀ ପାଖରେ ନେଇ ବିକ୍ରି କରୁଛନ୍ତି। ଏଭଳି ଲୋକ ଧରାପଡ଼ିଲେ ମଧ୍ୟ ତାଙ୍କ ବିରୋଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର କେହି ଶୁଣି ନ ଥିବେ। ଏପରି ନାଗରିକଙ୍କୁ ନେଇ କୌଣସି ଦେଶ ବୃହତ୍ ଅର୍ଥନୈତିକ ଶକ୍ତି କେବେହେଲେ ପାଲଟି ପାରିବ ନାହିଁ।

# ଖାଲି ପ୍ରଚାର



ଡ. ସନ୍ତୋଷ କୁମାର ମହାପାତ୍ର

ବର୍ତ୍ତମାନ ଦେଶ ଏପରି ପରିସ୍ଥିତି ଦେଇ ଗତି କରୁଛି ଯେ, ବହୁ କ୍ଷମତାଶାଳୀ ରାଜନୈତିକ ନେତା ବିଭିନ୍ନ ଉପାୟରେ ପ୍ରଚାରରେ ଲିପ୍ତ ରହୁଛନ୍ତି। ସେମାନେ ବିଭିନ୍ନ ମନ୍ତବ୍ୟ ଦେଉଛନ୍ତି ଯାହା ସମୀଚୀନ ନୁହେଁ। ଅବହେଳିତ ଓ ଗରିବଙ୍କ କଥା କେବଳ ଭାଷଣରେ ରହିଯାଉଛି। ନିକଟରେ କେତୋଟି ପ୍ରସଙ୍ଗ ଆମକୁ ବ୍ୟଥିତ କରିଛି। ପ୍ରଥମଟି ହେଉଛି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଜଣାଶୁଣା ଖବରଦାତା ଅଜୟ ସିଂଙ୍କ ନରେନ୍ଦ୍ର ମୋଦିଙ୍କ ସମ୍ପର୍କିତ ପୁସ୍ତକ ' ଦି ଆର୍କିଟେକ୍ ଅଫ୍ ବି ନିଉ ବିଜେପି' ରିଲିଜ ଅବସରରେ କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ପରେ ନରେନ୍ଦ୍ର ମୋଦି ହେଉଛନ୍ତି ଏକମାତ୍ର ନେତା ଯିଏ ଲୋକଙ୍କ ଭାବନାକୁ ଜାଣିଛନ୍ତି। ସେ ଆହୁରି କହିଛନ୍ତି, ସାଙ୍ଗଠନିକ ଦକ୍ଷତା ଓ ଜନସାଧାରଣଙ୍କ ଅସୁବିଧା ବିଷୟରେ ବୁଝିବା ମୋଦିଙ୍କୁ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚାଇଛି। ଲୋକଙ୍କ ସହ ଜଡ଼ିତ ରହିଲେ ସଫଳତା ପାଦସ୍ପର୍ଶ କରିବ– ଏହା ହେଉଛି ମୋଦିଙ୍କ ପ୍ରକୃତ ଉଦ୍ଦେଶ୍ୟ। ନରେନ୍ଦ୍ର ମୋଦି ଲୋକମାନଙ୍କୁ ଜାଣିଛନ୍ତି, ଦେଶକୁ ବୁଝିଛନ୍ତି, ସାଧାରଣ ଲୋକଙ୍କ ସମସ୍ୟା ବିଷୟରେ ଅବଗତ ଅଛନ୍ତି ବୋଲି ରାଜନାଥ କହିଛନ୍ତି। 'ସବ୍‌କା ସାଥ୍–ସବ୍‌କା ବିକାଶ, ସବ୍‌କା ବିଶ୍ୱାସ–ସବ୍‌କା ପ୍ରୟାସ' ମନ୍ତ୍ର ସହିତ ମୋଦି ଆଗକୁ ବଢ଼ୁଛନ୍ତି।

ଅତ୍ୟନ୍ତ ଦୁଃଖର ବିଷୟ ହେଉଛି ମହାତ୍ମା ଗାନ୍ଧୀ ଖାଲି ଜାତୀୟ ପିତା ନୁହନ୍ତି,ସେ ମଧ୍ୟ ବିଶ୍ୱର ପିତା। କାରଣ ମହାତ୍ମା ଗାନ୍ଧୀଙ୍କ ମୂର୍ତ୍ତି ସାରା ବିଶ୍ୱରେ ଦେଖିବାକୁ ମିଳେ। ତାଙ୍କ ଚିନ୍ତାଧାରାକୁ ନେଇ ଆଜି ସାରା ବିଶ୍ୱ ଏକ ପରିବାର ହୋଇ ଚଳୁଛି। ତାଙ୍କ ସହିତ କେହି ତୁଳନୀୟ ନୁହନ୍ତି। ତାଙ୍କ ସହିତ ନରେନ୍ଦ୍ର ମୋଦିଙ୍କୁ ଯୋଡ଼ିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସତରେ କ'ଣ ନରେନ୍ଦ୍ର ମୋଦି ଲୋକଙ୍କ ସହ ଜଡ଼ିତ ରହିଛନ୍ତି ? ଯଦି ଏହା ଠିକ୍, ତେବେ ସେ କେବେ ଲୋକଙ୍କ ସମସ୍ୟା କଥା ନ କହି କାହିଁକି ସର୍ବଦା ସ୍ଲୋଗାନ ଦେଉଛନ୍ତି ? କାହିଁକି ଅଣ ଭାଜପା ଶାସିତ ରାଜ୍ୟ ସରକାରକୁ ପ୍ରଧାନମନ୍ତ୍ରୀ ଭାବେ ଉତ୍ସାହିତ କରିବା ପରିବର୍ତ୍ତେ ସେହି ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରୁଛନ୍ତି ? ବର୍ତ୍ତମାନ ପରି ଆଗରୁ ଦାରିଦ୍ର୍ୟ, କ୍ଷୁଧା , ବେକାରି ଓ ବୈଷମ୍ୟ ଆଦି ସମସ୍ୟା ଥିଲା। କିନ୍ତୁ ସରକାର ଏହି ସମସ୍ୟାକୁ ଆଖି ବୁଜିଦେଉ ନ ଥିଲେ। ଖାଲି ସ୍ଲୋଗାନ ଦେଉ ନ ଥିଲେ କି ଉଗ୍ର ପ୍ରଚାରରେ ଲିପ୍ତ ରହୁ ନ ଥିଲେ।

ଦ୍ୱିତୀୟ ଘଟଣାଟି ହେଲା ନିକଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଦଳୀୟ କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ତେଲଙ୍ଗାନା ଗସ୍ତକରି, କାମାରେଡି ଜିଲା ପରିଦର୍ଶନ କରି ବିରକୁର ଗାଁର ଏକ ରାଶନ ଦୋକାନରେ ଅଟକି ରହି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାର ହିତାଧିକାରୀଙ୍କ ସହ କଥାବାର୍ତ୍ତା କରିଥିଲେ, ଯାହା ଅଧୀନରେ ପ୍ରତ୍ୟେକ ପରିବାର ୫ କିଲୋଗ୍ରାମ ଚାଉଳ ମାଗଣାରେ ପାଇବେ। ଯାଞ୍ଚ ସମୟରେ ଦୋକାନରେ ପ୍ରଧାନମନ୍ତ୍ରୀଙ୍କ ଫଟୋ କିମ୍ବା ଫ୍ଲେକ୍ସ ବୋର୍ଡ ନ ଥିବାରୁ କାମାରେଡି ଜିଲାପାଳ ଜିତେଶ ପଟେଲଙ୍କ ଉପରେ କ୍ରୋଧିତ ହୋଇଥିଲେ ଏବଂ କେନ୍ଦ୍ରୀୟ ଯୋଜନା ଅଧୀନରେ ଚାଉଳ ଯୋଗାଇ ଦିଆଯାଉଥିବା ପ୍ରତ୍ୟେକ ରାଶନ ଦୋକାନରେ ପ୍ରଧାନମନ୍ତ୍ରୀଙ୍କ ଫଟୋ କିମ୍ବା ଫ୍ଲେକ୍ସ ବୋର୍ଡ ଲଗାଇବା ବାଧ୍ୟତାମୂଳକ ବୋଲି କହିଥିଲେ। ଏହାଠାରୁ ଦୁଃଖର ବିଷୟ କ'ଣ ହୋଇପାରେ ? ଅନେକ ସମୟରେ ମୋଦି ପଇସା ବା କେନ୍ଦ୍ର ଦେଉଛି ବୋଲି ଭାଜପା ନେତୃତ୍ୱ କହିଥାନ୍ତି। ବାସ୍ତବରେ କେନ୍ଦ୍ର ହେଉ ବା ରାଜ୍ୟ ସେମାନେ ଯେଉଁ ବ୍ୟୟ କରୁଛନ୍ତି କିମ୍ବା ଯୋଜନା କରୁଛନ୍ତି ତାହା ଆମ ପରି ଟିକସଦାତାଙ୍କ ଅର୍ଥରେ କରାଯାଉଛି। ଏଣୁ କେନ୍ଦ୍ର ବା ରାଜ୍ୟ ସରକାର ଶ୍ରେୟ ନେବା ପାଇଁ ଚେଷ୍ଟା କରିବା ଠିକ୍ ନୁହେଁ। ସଫଳତା ସହିତ କୌଣସି ପୁରସ୍କାରକୁ ଯୋଡ଼ିବା ମଧ୍ୟ ଠିକ୍ ନୁହେଁ।



ଅନେକ ସମୟରେ କେନ୍ଦ୍ରର ଶାସକ ଶ୍ରେଣୀ କହିଥାନ୍ତି, କେନ୍ଦ୍ର ଏତେ ରାଜ୍ୟକୁ ଦେଉଛି। କିନ୍ତୁ ସେମାନେକହନ୍ତିନାହିଁଯେ,କେନ୍ଦ୍ରରାଜ୍ୟବାସୀଙ୍କଠାରୁ ଯେଉଁ ଟିକସ ଆଦାୟ କରୁଛି , ସେଥିରୁ ହିଁ ଦେଉଛି। ବାସ୍ତବରେ କେନ୍ଦ୍ର ଦୟାକରି ଦେଇ ନ ଥାଏ , ବରଂ ଏହା ରାଜ୍ୟଗୁଡ଼ିକର ଅଧିକାର। କାରଣ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ରାଜ୍ୟ ସରକାର କରିଥାନ୍ତି। କିନ୍ତୁ ଟିକସ ଆଦାୟ କରିବାର ଉତ୍ସ ରାଜ୍ୟ ସରକାରଙ୍କ ନିକଟରେ ସୀମିତ। ପଞ୍ଚଦଶ ଅର୍ଥ ଆୟୋଗ ଅନୁଯାୟୀ, ରାଜ୍ୟଗୁଡ଼ିକ ୬୨% ରୁ ଅଧିକ ଖର୍ଚ୍ଚ ଦାୟିତ୍ୱ ବହନ କଲାବେଳେ ରାଜସ୍ୱ ଆଦାୟ କରିବାର କ୍ଷମତା ମାତ୍ର ୩୭%। ଅପରପକ୍ଷରେ କେନ୍ଦ୍ର ସରକାରଙ୍କ ହାତରେ ରାଜସ୍ୱ ସଂଗ୍ରହ କ୍ଷମତାର ୬୩% ଥିଲାବେଳେ ମାତ୍ର ୩୮% ଖର୍ଚ୍ଚ ବହନ କରିଥାନ୍ତି। ଏଣୁ ସଂଘୀୟ ବ୍ୟବସ୍ଥା ଅନୁସାରେ କେନ୍ଦ୍ର ରାଜ୍ୟଗୁଡ଼ିକୁ ପାଣ୍ଠି ହସ୍ତାନ୍ତର କରିଥାଏ। କୌଣସି ଦୟା ଦେଖାଇ ଦେଇ ନ ଥାଏ।

ତୃତୀୟ ଘଟଣାଟି ହେଲା ଓଡ଼ିଶାର ୬ ଜଣ କେନ୍ଦ୍ରରେ ବିଶିଷ୍ଟ ପଦପଦବୀରେ ଥିବାରୁ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରାଯାଉଛି ଏବଂ ଓଡ଼ିଶାରେ ଅଚ୍ଛେଦିନ୍ ବା ଭଲ ଦିନ ଆସିଲା ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି। ଏହା ଭଲ କଥା। ଜଣେ ଉଚ୍ଚ ପଦବୀରେ ଅଧିଷ୍ଠିତ ହେବା ବ୍ୟକ୍ତିଗତ ସଫଳତା, କିନ୍ତୁ ଦେଶ ବା ରାଜ୍ୟ ଅବା ଗରିବଙ୍କ ପାଇଁ କାର୍ଯ୍ୟ କରିବା ଗୁରୁତ୍ୱପୂର୍ଣ୍ଣ। ଜଣେ ଉଚ୍ଚ ପଦବୀରେ ଅଧିଷ୍ଠିତ ହେଲା ବେଳକୁ ଯେଉଁ ପ୍ରକ୍ରିୟା ଦେଇ ଯାଇଥାଏ, ଯେଉଁ ରାଜନୈତିକ ଦଳ ବା ଲୋକମାନଙ୍କ ଦ୍ୱାରା ଉପକୃତ ହୋଇଥାଏ , କ୍ଷମତା ବା ପଦବୀରେ ଅଧିଷ୍ଠିତ ହେଲେ ସେମାନଙ୍କ ସ୍ୱାର୍ଥକୁ ପ୍ରାଧାନ୍ୟ ଦେବାକୁ ବାଧ୍ୟ। ଏହା ସତ୍ତ୍ୱେ ତାଙ୍କ ଦ୍ୱାରା ଓଡ଼ିଶା ଏବଂ ଓଡ଼ିଶାବାସୀ ଯଦି ଉପକୃତ ହେବେ, ଓଡ଼ିଶାର ବିକାଶରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ, ତେବେ ଓଡ଼ିଶାବାସୀ ଗର୍ବ କରିବେ। ପୁନଶ୍ଚ ସେମାନେ ଗରିବ ସପକ୍ଷବାଦୀ ନୀତି ସପକ୍ଷରେ କାର୍ଯ୍ୟ କରୁଛନ୍ତି ବା ପରାମର୍ଶ ଦେଉଛନ୍ତି ନା କେନ୍ଦ୍ରର ଧନୀ, ଶିଳ୍ପପତି ସପକ୍ଷବାଦୀ ନୀତିରେ ହଁ ମାରୁଛନ୍ତି ତାହା ଗୁରୁତ୍ୱପୂର୍ଣ୍ଣ ।

କିପରି ଜଣେ ନିଜର ଦାୟିତ୍ୱ ସମ୍ପନ୍ନ କରିବ, ସେ ସମ୍ପର୍କରେ ଗାନ୍ଧିଜୀଙ୍କ ଟାଲିସମ୍ୟାନ କଥା ପ୍ରଣିଧାନଯୋଗ୍ୟ। ଗାନ୍ଧିଜୀ କହିଥିଲେ–''ମୁଁ ଆପଣଙ୍କୁ ଏକ ଟାଲିସମ୍ୟାନ /ମନ୍ତ୍ର / ମୁଦି ଦେବି। ଯେତେବେଳେ ଆପଣ ସନ୍ଦେହରେ ପଡ଼ିଛନ୍ତି ବା ନିଜ ସମସ୍ୟା ଆପଣଙ୍କୁ ବେଶି ଘାରୁଛି, ସେତେବେଳେ ନିମ୍ନଲିଖିତ କଥା ପ୍ରୟୋଗ କରନ୍ତୁ।'' ଆପଣ ଦେଖିଥିବା ସବୁଠାରୁ ଗରିବ ଏବଂ ଦୁର୍ବଳ ପୁରୁଷ [ସ୍ତ୍ରୀ]ଙ୍କ ଚେହେରାକୁ ମନେପକାନ୍ତୁ ଏବଂ ନିଜକୁ ପଚାରନ୍ତୁ । ଆପଣ ଯେଉଁ ପଦକ୍ଷେପ ନେବାକୁ ଚିନ୍ତା କରୁଛନ୍ତି ତାହା ସେହି ଲୋକ ପାଇଁ ଉପଯୋଗୀ ହେବ କି ଏବଂ ସେ କିଛି ଲାଭବାନ୍ ହେବ କି? ଏହା ତାଙ୍କୁ ନିଜ ଜୀବନ ଏବଂ ଭାଗ୍ୟ ଉପରେ ନିୟନ୍ତ୍ରଣକୁ ଫେରାଇ ଆଣିବ କି? ଏଣୁ ଗାନ୍ଧିଜୀଙ୍କ ଉକ୍ତ କଥା ଯିଏ ପାଳନ କରିବ ସେ କେବେ ପ୍ରଚାର ଓ ସ୍ଲୋଗାନକୁ ପ୍ରାଧାନ୍ୟ ଦେବେ ନାହିଁ। ଏପରି ନୀତି ପ୍ରଣୟନ କରିବେ ନାହିଁ ଯେଉଁଥିରେ ଆଦାନୀ, ଅମ୍ବାନୀଙ୍କ ଭଳି କିଛି ନିର୍ଦ୍ଦିଷ୍ଟ ଶିଳ୍ପପତିଙ୍କ ସମ୍ପଦ ହୁ ହୁ ହୋଇ ବଢ଼ିବ ଓ ଗରିବଙ୍କ ସ୍ୱର କ୍ଷୀଣ ହେବ।

ମୋ: ୯୪୩୭୨୦୮୭୬୨

# ବିକାଶର ବିକଳ ଚିତ୍ର



ସୁପ୍ରଭା ବେହେରା

ଆମେ ସମସ୍ତେ ବିଦ୍ୟାଳୟ ସ୍ତରରେ ଗଣିତ ସମାଧାନ କଲାବେଳେ 'କାର୍ଯ୍ୟ ଓ ସମୟ' ଗଣିତ ସମାଧାନ କରିଛନ୍ତି। 'କ' ଓ 'ଖ' ମିଶି ଗୋଟିଏ କାର୍ଯ୍ୟକୁ ୧୦ଦିନରେ କରନ୍ତି, କାମ ଆରମ୍ଭ କରିବାର ୨ ଦିନ ପରେ ତାଙ୍କ ସହ 'ଗ' ଯୋଗ ଦେଲା। 'ଗ' କାମଟିକୁ ଏକା ୨୦ ଦିନରେ କରେ। ୩ ଜଣ ମିଶି କାର୍ଯ୍ୟଟିକୁ ପୂର୍ବ ନିର୍ଦ୍ଧାରିତ ଦିନଠାରୁ କେତେଦିନ ଆଗରୁ ଶେଷ କରିବେ। ଅଥବା 'କ, ଖ, ଗ ' ଗୋଟିଏ କାମ ମିଶି ୧୦ ଦିନରେ ଶେଷ କରନ୍ତି। ଖ ଏକା ସେହି କାମକୁ ୧୫ ଦିନରେ ଶେଷକରେ। କାର୍ଯ୍ୟ ଆରମ୍ଭ ହେବାର ୩ ଦିନ ପରେ 'ଖ' ଅସୁସ୍ଥତା ପାଇଁ କାମ ଛାଡ଼ି ଚାଲିଗଲା। କ ଓ ଗ ୨ଜଣ ମିଶି ସେହି କାମକୁ କେତେଦିନରେ ଶେଷ କରିବେ। ପ୍ରତ୍ୟେକ କ୍ଷେତ୍ରରେ ଆମେ ଦେଖନ୍ତି ଲୋକ ସଂଖ୍ୟା ବଢ଼ିଲେ କାର୍ଯ୍ୟଟି ଶୀଘ୍ର ଶେଷ ହୁଏ। ଲୋକ ସଂଖ୍ୟା କମିଲେ କାର୍ଯ୍ୟଟି ଅଧିକ ସମୟ ନେଇଥାଏ। ଏବେ ଏହି ଗଣିତକୁ ନେଇ ଆମର ପ୍ରତ୍ୟେକ ବିଭାଗକୁ ଥରେ ପରଖି ଦେଖିବା। ସବୁ ବିଭାଗରେ ଏବେ କର୍ମଚାରୀଙ୍କର ଘୋର ଅଭାବ, ଯାହାର ବିକଳ ଚିତ୍ରକୁ ଗଣମାଧ୍ୟମରେ ଆମେମାନେ ନିତି ଭେଟୁଛନ୍ତି। କେଉଁଠି ୮ ଶ୍ରେଣୀକୁ ୨ ଶିକ୍ଷକ, କେଉଁଠି ୨ ବିଭାଗର ଦପ୍ତରକୁ ଜଣେ ଅଧିକାରୀ। କେଉଁଠି କାର୍ଯ୍ୟାଳୟର କାମ କରିବାକୁ ଜଣେ ମଧ୍ୟ କିରାଣି ନାହାନ୍ତି, କେଉଁଠି ପିଅନ ନାହିଁ। ଏମିତି କି ସ୍ୱାସ୍ଥ୍ୟ ଭଳି ସମ୍ବେଦନଶୀଳ କାର୍ଯ୍ୟରେ ମଧ୍ୟ ୨ ଡାକ୍ତରଖାନାକୁ ଜଣେ ଡାକ୍ତର ବୁଲାଇବା ର ଚିତ୍ର ଦେଖିବାକୁ ମିଳିଛି। ଏମିତି ଅନେକ ବିଭାଗର କର୍ମଚାରୀ ଅସ୍ଥାୟୀ ଭାବେ ସ୍ଥାନାନ୍ତରିତ ହୋଇ ଏ ଘର ମାଉସୀ, ସେ ଘର ପିଉସୀ ଭଳି ସପ୍ତାହର ୭ଦିନକୁ ପାଳି କରି କାର୍ଯ୍ୟ କରିବାକୁ ପଡୁଛି।

ଆମେ ଯଦି ଗୋଟିଏ ସ୍ୱପ୍ନର ଘର ଆମର ଇପ୍ସିତ ଜାଗାରେ ତିଆରିବାକୁ ଚାହୁଁଛନ୍ତି ତା'ହେଲେ ଘରଟି ଆମେ ଏକା ତିଆରି କରିପାରିବା ନାହିଁ। ଏଥିପାଇଁ ସବୁ କ୍ଷେତ୍ରର ପାରଙ୍ଗମ ବ୍ୟକ୍ତିଙ୍କର ସାହାଯ୍ୟ ଆମେମାନେ ନେଇଥାନ୍ତି। ଯେମିତି କି ଘରର ନକ୍ସା ପାଇଁ ଯନ୍ତ୍ରୀ , କାଷ୍ଠ, ବିଦ୍ୟୁତ୍, ପାଣି ପାଇଁ ଅଲଗା ଅଲଗା ମିସ୍ତ୍ରି, ଭିତରର ସୌନ୍ଦର୍ଯ୍ୟକରଣ ପାଇଁ ସ୍ଥାପତ୍ୟକାର ଇତ୍ୟାଦିଙ୍କ ସାହାଯ୍ୟ ନେଇଥାନ୍ତି। କାମଟିକୁ ଆମେ ବିଭିନ୍ନ ବିଭାଗରେ ବାଣ୍ଟିବା ଦ୍ୱାରା କାମ ସହଜ ହୋଇଥାଏ ଓ ଯେଉଁ କାମରେ ଯିଏ ପାରଙ୍ଗମ ସେ କାର୍ଯ୍ୟଟି ସମ୍ପୂର୍ଣ୍ଣ କରିବା ଦ୍ୱାରା ଉତ୍କୃଷ୍ଟ ହୋଇଥାଏ। ଏହା ଯେ କେବଳ ନିର୍ମାଣ କାର୍ଯ୍ୟ ପାଇଁ ପ୍ରଯୁଜ୍ୟ, ତା'ନୁହଁ ବରଂ ପ୍ରତ୍ୟେକ ସଂଗଠନ ଓ କାର୍ଯ୍ୟାଳୟର ପ୍ରଶାସନ ପାଇଁ ପ୍ରଯୁଜ୍ୟ। ଏହି ତତ୍ତ୍ୱ ଉପରେ ପର୍ଯ୍ୟବସିତ ହେନେରୀ ଫାୟୋଲଙ୍କର ପ୍ରସିଦ୍ଧ 'ଶ୍ରମ ବିଭାଜନର' ନିୟମ। ଏହି ନିୟମ କହେ ପ୍ରତ୍ୟେକ କାର୍ଯ୍ୟ କୁ ଛୋଟ ଛୋଟ ଅଂଶରେ ବାଣ୍ଟିବା ଓ ଉପଯୁକ୍ତ ଲୋକକୁ ସେହି କାର୍ଯ୍ୟ ନ୍ୟସ୍ତ କରିବା। ୧୭୭୪ ରେ ଆଡାମ ସ୍ମିଥ୍‌ଙ୍କ ଲିଖିତ 'ଏ ୱେଲ୍‌ଥ ଅଫ୍ ନେସନ'ରେ ମଧ୍ୟ ଶ୍ରମ ବିଭାଜନ ବିଷୟରେ ବିସ୍ତୃତ ବର୍ଣ୍ଣନା ରହିଛି। ଏହାଦ୍ୱାରା କାର୍ଯ୍ୟଟି ସୁରୁଖୁରୁରେ ଉତ୍କୃଷ୍ଟତା ସହ ହୋଇଥାଏ। ଉତ୍ପାଦନରେ ବୃଦ୍ଧି ଘଟିଥାଏ। ଶ୍ରମ ବିଭାଜନ କିପରି



ଉତ୍ପାଦନରେ ବୃଦ୍ଧି ଘଟାଇଥାଏ ତାହା ଦର୍ଶାଇବାକୁ ଯାଇ ଆଡାମ ସ୍ମିଥ୍ ଏକ ସେଫ୍ଟିପିନ କାରଖାନାର ଉଦାହରଣ ଦେଇଛନ୍ତି। ଯଦି ଜଣେ ଲୋକ ଗୋଟିଏ ଦିନରେ ୧ ସେଫ୍ଟିପିନ ଉତ୍ପାଦନ କରୁଥାଏ, କାର୍ଯ୍ୟ କ୍ଷେତ୍ରରେ ଶ୍ରମ ବିଭାଜନ ଆପଣାଇବା ଦ୍ୱାରା ଜଣେ ଲୋକ ଗୋଟିଏ ଦିନରେ ୪୮୦୦ ସେଫ୍ଟିପିନ ଉତ୍ପାଦନ କରିପାରିବ (ଯଦି ସମ୍ପୂର୍ଣ୍ଣ ଉତ୍ପାଦନକୁ ସମ୍ପୃକ୍ତ ଶ୍ରମିକରେ ହରିବା)। ଉତ୍ପାଦନରେ ବୃଦ୍ଧି ଘଟିଲେ କର୍ମଚାରୀଙ୍କ ପାରିଶ୍ରମିକରେ ମଧ୍ୟ ବୃଦ୍ଧି ଘଟିଥାଏ। ମୁଣ୍ଡ ପିଛା ଆୟ ବୃଦ୍ଧି ଘଟିଲେ ଦେଶର ଅର୍ଥନୈତିକ ମେରୁଦଣ୍ଡ ଶକ୍ତ ହୋଇଥାଏ। ଉତ୍ପାଦନରେ ବୃଦ୍ଧି ଘଟିଲେ ଉତ୍ପାଦିତ ପଦାର୍ଥକୁ ଉପଭୋକ୍ତା ସୁବିଧା ମୂଲ୍ୟରେ ପାଇପାରେ। ଜିନିଷର ଚାହିଦା ବଢ଼ିଲେ ସମ୍ପୃକ୍ତ ସଂସ୍ଥା ଲାଭବାନ୍ ହୋଇଥାଏ। ସମୟ ସବୁଠାରୁ ବଡ଼ ପୁଞ୍ଜି। କମ୍ ସମୟରେ ଅଧିକ ଉତ୍ପାଦନ ପାଇଁ ଶ୍ରମ ବିଭାଜନର ନିୟମ ଚାବିକାଠିଟି ଖୁବ୍ ଉପାଦେୟ । ହେନେରୀ ଫୋର୍ଡ, ତାଙ୍କର 'ଟି ମଡେଲ 'ପ୍ରସ୍ତୁତି ସମୟରେ ଏହି କାମକୁ ୮୪ଟି ବିଭିନ୍ନ ବିଭାଗରେ ବାଣ୍ଟିଦେଲେ। ଯେଉଁ ମଡେଲଟି ୧୨ ଘଣ୍ଟା ସମୟ ନେଉଥିଲା, ତାହା ୯୦ ମିନିଟ୍‌ରେ ହୋଇଗଲା। ଗୋଟିଏ ନିର୍ଦ୍ଦିଷ୍ଟ କାମକୁ ଜଣେ ଲୋକ କରିବା ଦ୍ୱାରା ସେ ସେହି କାର୍ଯ୍ୟରେ ସିଦ୍ଧହସ୍ତ ହୋଇଥାଏ। ଏହାଦ୍ୱାରା ସେ ସେହି କାର୍ଯ୍ୟକୁ ନେଇ କିଛି ଅଭିନବ ପନ୍ଥା ମଧ୍ୟ ବାହାର କରିପାରେ ; ଯାହାକି କାର୍ଯ୍ୟ କ୍ଷେତ୍ରରେ ନୂତନ ଚିନ୍ତାଧାରା ସହ ବୈପ୍ଳବିକ ପରିବର୍ତ୍ତନ ମଧ୍ୟ ଆଣିଥାଏ।

ଏବର ପରିସ୍ଥିତିରେ ଶ୍ରମ ବିଭାଜନ ନୁହେଁ ବରଂ ଶ୍ରମ ଏକତ୍ରୀକରଣ ହେଉଛି। କର୍ମଚାରୀ ଅଭାବ ହେତୁ ଦୁଇ ତିନୋଟି ବିଭାଗର କାମକୁ ଏକତ୍ର କରି ଦିଆଯାଉଛି। ନିଜ ବିଭାଗର କାମ ସହ ଅତିରିକ୍ତ କାର୍ଯ୍ୟ ଯୋଡ଼ି ଦିଆଯାଉଛି, ଯେମିତି କି ଆଧାର ସଂଶୋଧନ, ଗଙ୍ଗାଜଳ ବିକ୍ରି, ଜନଗଣନା ଇତ୍ୟାଦି। ଅତ୍ୟଧିକ କାମ ଯୋଗୁ କର୍ମକ୍ଷେତ୍ରରେ ମାନସିକ ଚାପ ବଢୁଛି। କାର୍ଯ୍ୟଶୈଳୀରେ ଦକ୍ଷତା ବୃଦ୍ଧି କିମ୍ବା କିଛି ନୂତନ ଚିନ୍ତାଧାରା ତ ଦୂରର କଥା ବରଂ ଅତିଷ୍ଠ କର୍ମଚାରୀଟି ଭାବୁଛି ଯେନତେନ ପ୍ରକାରେଣ କାମଟି ହୋଇଯାଉ। ଭଲ ଭେଲ ଦେଖିବାକୁ ସମୟ ନାହିଁ। କେବେ କେବେ କାମ ବାକି ରହୁଛି। କର୍ମଚାରୀର ପିଠିରେ ହର୍କୁଲେସ୍ ପୃଥିବୀ ବୋହିବା ଭଳି ବାକି କାମ ସବୁ ପାହାଡ଼ ଭଳି ଛିଡ଼ା ହେଉଛି। କାମ ଶୀଘ୍ର କରାଇବାକୁ କେବେ କେହି ଟେବୁଲ ତଳେ ହାତଗୁଞ୍ଜା ଦେବାକୁ ବାଧ ହେଉଛି ; ଯାହାକି ସ୍ୱଚ୍ଛତାକୁ ବାହୁସ୍ଫୋଟ ମାରୁଛି। ଅନେକ ବିଭାଗର ଏକତ୍ରୀକରଣ ହେବା ଦ୍ୱାରା ପଦୋନ୍ନତି ସଂଖ୍ୟା କମୁଛି। ପଦୋନ୍ନତି ବାଧାପ୍ରାପ୍ତ ହେଲେ କର୍ମଚାରୀର କାର୍ଯ୍ୟମନସ୍କତାରେ ଚ୍ୟୁତି ଘଟିଥାଏ। ସମସ୍ତ ଦପ୍ତରରେ ଆଜିକାଲି ପ୍ରତିଦିନ ଗୁଡ଼ାଏ ତଥ୍ୟ ଦେବାକୁ ହେଉଛି। କର୍ମଚାରୀ ଅଭାବ ଓ କାର୍ଯ୍ୟାଧିକ ଚାପ ଯୋଗୁ ଅନେକ ସମୟରେ ଭୁଲ୍ ତଥ୍ୟ ପ୍ରଦାନ କରାଯାଉଛି। ଯେଉଁଥିରେ ବିକାଶର ଚିତ୍ର ଅସ୍ପଷ୍ଟ ରହୁଛି। ବିଧାନସଭାରେ ଉପସ୍ଥାପିତ ତଥ୍ୟ ଅନୁସାରେ କେବଳ ଓଡ଼ିଶାରେ ୨.୨୬ ଲକ୍ଷ ପଦବୀ ଖାଲି ପଡ଼ିଛି। ଆମ ଦେଶରେ ଅନ୍ୟୂନ ୬୦ ଲକ୍ଷ ପଦବୀ ଖାଲି ପଡ଼ିଛି। ପ୍ରଶ୍ନ ଉଠୁଛି, ଗୋଟିଏ ପାଖରେ ବେକାରି ସମସ୍ୟା ଅନ୍ୟପକ୍ଷରେ କାର୍ଯ୍ୟ କ୍ଷେତ୍ରରେ ମାନବ ସମ୍ବଳର ସୀମିତ ବିନିଯୋଗ ଓ ତଜ୍ଜନିତ ଚାପକୁ ନେଇ ବିକାଶର ଚିତ୍ର ବିକଳ ଚିତ୍ର ହେବ ନାହିଁ ତ ?

ଭୁବନେଶ୍ୱର
ମୋ– ୯୦୪୦୩୬୦୨୫୯

## ଏଇ ଭାରତରେ

କ୍ଷତିକାରକ ପ୍ଲାଷ୍ଟିକ୍ ପ୍ୟାକେଜିଂ ଦ୍ରବ୍ୟର ବ୍ୟବହାର ରୋକିବା ପାଇଁ ମୁମ୍ବାଇର ନେହା ଜୈନ ଏକ ଅଭିନବ ଉପାୟ ଆପଣାଇଛନ୍ତି। ସେ ଗୁଗଲରୁ ଚାକିରି ଛାଡ଼ି ସାମୁଦ୍ରିକ ଶୈବାଳରୁ ପ୍ୟାକେଜିଂ ପାଇଁ ବିଘଟନ ଓ ଦ୍ରବଣୀୟ ଯୋଗ୍ୟ ଦ୍ରବ୍ୟ ଉତ୍ପାଦନ କରୁଛନ୍ତି। ଏହାକୁ ପ୍ଲାଷ୍ଟିକ୍‌ର ବିକଳ୍ପ ଭାବେ ବ୍ୟବହାର କରାଯାଉଛି। ଏହା ଶସ୍ତା ହେଉଛି। ଏଥିରୁ ମଧ୍ୟ ହ୍ୟାଣ୍ଡ୍‌ବ୍ୟାଗ୍, ବ୍ୟାଗ୍ ପ୍ରସ୍ତୁତ କରାଯାଉଛି। ଏହା ବ୍ୟତୀତ ଖାଦ୍ୟ ପ୍ୟାକ୍ କରିବା ଲାଗି ଫିଲ୍ମ ବା ସୂକ୍ଷ୍ମ ଆବରଣ ତିଆରି କରାଯାଉଛି ଓ ଦିନକୁ ୧ଟନ୍ ଫିଲ୍ମ ଉତ୍ପାଦନ କରିବାକୁ ନେହା ଯୋଜନା କରିଛନ୍ତି । ଏହିସବୁ ଦ୍ରବ୍ୟ ମାଟିରେ ସହଜରେ ବିଘଟନ ହୋଇ ଖତ ପାଲଟିଯାଉଛି। ସେ 'ଜିରୋସର୍କଲ' ଷ୍ଟାର୍ଟଅପ୍ ମାଧ୍ୟମରେ ଉକ୍ତ କାର୍ଯ୍ୟ କରୁଛନ୍ତି। ବେଙ୍ଗାଲୁରୁର କ୍ରାଏଷ୍ଟ କଲେଜରୁ ସାମ୍ବାଦିକତାରେ ଡିଗ୍ରୀ ହାସଲ କରି ଗୁଗଲରେ ନେହା ୫ ବର୍ଷ କାର୍ଯ୍ୟ କରିବା ପରେ ୨୦୧୮ରେ ଚାକିରି ଛାଡ଼ି ଉକ୍ତ ପରିବେଶ ସହନୀୟ କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇଛନ୍ତି। ଦ୍ରବ୍ୟ ଉତ୍ପାଦନ ଲାଗି ଗୁଜରାଟ ଏବଂ ତାମିଲନାଡୁର ୨ଟି ଫାର୍ମ ସାହାଯ୍ୟରେ ୧୨,୦୦୦ ପ୍ରଜାତିର ସାମୁଦ୍ରିକ ଶୈବାଳ ଚାଷ କରାଯାଉଛି। ପରିବେଶ ଉପଯୋଗୀ ଦ୍ରବ୍ୟ ତିଆରି କରି ଆଗାମୀ ୩ ବର୍ଷ ମଧ୍ୟରେ ୨୫୦୦ରୁ ୩୦୦୦ ଟନ୍ ପ୍ଲାଷ୍ଟିକ ବ୍ୟବହାର କମ୍ କରିବାକୁ ନେହା ଲକ୍ଷ୍ୟ ରଖିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୩ ସେପ୍ଟେମ୍ବର ୧୯୯୭

- ଶ୍ରୀଲଙ୍କା ସାମରିକ ବାହିନୀର ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଥିବା ୩୦ ଜଣ ସୈନ୍ୟଙ୍କ ପ୍ରାଣହାନି।
- ଜେଏମ୍‌ଏମ୍‌ଏମ୍‌ପିଙ୍କ ଉତ୍କୋଚ ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓଙ୍କ ସମେତ ୧୮ ଅଭିଯୁକ୍ତଙ୍କ ରିଭିଜନ ପିଟିଶନ ଦିଲ୍ଲୀ ହାଇକୋର୍ଟରେ ଖାରଜ।
- ଶ୍ରେଷ୍ଠ ଅଭିନେତ୍ରୀ, ଚଳଚ୍ଚିତ୍ର ନିର୍ଦ୍ଦେଶିକା ଏବଂ ପ୍ରଯୋଜିକା ଭାବେ ନିଜର କୃତିତ୍ୱ ପାଇଁ ଜୁଡି ଫୋଷ୍ଟରଙ୍କୁ ଡଗଲାସ୍ ପୁରସ୍କାର ପ୍ରଦାନ।

## ସୁ–ଡୋ–କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | 9 | | 5 | | | | 4 |
| | 6 | | 7 | | | | 3 | 1 |
| | | | | | | 8 | | |
| | | 6 | | | 9 | | | |
| | 8 | | | 6 | | 5 | | |
| | 1 | | | | 8 | | | 2 |
| | | | | | 1 | | | 8 |
| | | | | | | | | 9 |
| 1 | 5 | 3 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 5 | 3 | 9 | 7 | 6 | 4 | 2 |
| 9 | 4 | 6 | 1 | 2 | 8 | 5 | 3 | 7 |
| 7 | 2 | 3 | 4 | 6 | 5 | 8 | 1 | 9 |
| 3 | 9 | 2 | 6 | 8 | 4 | 1 | 7 | 5 |
| 6 | 1 | 7 | 5 | 3 | 9 | 4 | 2 | 8 |
| 4 | 5 | 8 | 2 | 7 | 1 | 9 | 6 | 3 |
| 2 | 7 | 1 | 8 | 5 | 6 | 3 | 9 | 4 |
| 8 | 3 | 4 | 9 | 1 | 2 | 7 | 5 | 6 |
| 5 | 6 | 9 | 7 | 4 | 3 | 2 | 8 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବ୍ଲାକ୍‌ମେଲିଂ

ମହାଶୟ,

ଅନେକ ବିଜ୍ଞାପନରୁ ଦେଖାଯାଏ, ବ୍ୟବସାୟୀମାନେ ବିଭିନ୍ନ ସ୍ଥାନରେ ହୋର୍ଡିଂ ଲଗାଇଥାନ୍ତି କିମ୍ବା ଲିଫ୍‌ଲେଟ୍ ବାଣ୍ଟିଥାନ୍ତି କିମ୍ବା ଖବରକାଗଜରେ ବିଜ୍ଞାପନ ପ୍ରକାଶ କରିଥାନ୍ତି 'ଅପ୍ ଟୁ' ୨୦% କିମ୍ବା ୩୦% କିମ୍ବା ୪୦% କିମ୍ବା ୫୦%। ତାହାକୁ ଦେଖି ଲୋକେ ଆକର୍ଷିତ ହୋଇ ଦୋକାନରେ ଜିନିଷ କିଣିବାକୁ ପହଞ୍ଚିଥାନ୍ତି। ଜିନିଷ କିଣି ବିଲ୍ ଆଣିଲାବେଳକୁ ଦୋକାନୀ ଯେତିକି ପ୍ରତିଶତ ଛାଡ଼ିବା କଥା ଲେଖିଥାନ୍ତି, ସେତିକି ଛାଡ଼ି ନ ଥାନ୍ତି। ତାଙ୍କୁ ପଚାରିଲେ ସେ ଲିଫ୍‌ଲେଟ୍ କାଢ଼ି ଦେଖେଇ ଦିଅନ୍ତି, ଯେଉଁଥିରେ କି ବିଜ୍ଞାପନ ମଝିରେ ଅତି ଛୋଟ ଛୋଟ ଅକ୍ଷରରେ ଅପଟୁ (ପର୍ଯ୍ୟନ୍ତ) ୨୦% ବା ୩୦% ବା ୪୦% ବା ୫୦% ଲେଖା ହୋଇଥାଏ, ଯାହାକୁ କି ଗ୍ରାହକ ଭଲଭାବରେ ଦେଖି ନ ଥାନ୍ତି। ବେଳେବେଳେ ଅପ୍ ଟୁ କଥାକୁ ଗ୍ରାହକ ବୁଝିପାରି ନ ଥାଏ କିମ୍ବା ଦେଖିପାରି ନ ଥାଏ। ସବୁ ବଡ଼ ଅକ୍ଷରରେ ଲେଖି ଅପ୍ ଟୁକୁ ବ୍ୟବସାୟୀମାନେ କୁନି କୁନି ଅକ୍ଷରରେ କାହିଁକି ଲେଖିଥାନ୍ତି ? ସେଥିପାଇଁ ଗ୍ରାହକ ଏବଂ ବ୍ୟବସାୟୀ ମଧ୍ୟରେ ପାଟିତୁଣ୍ଡ ହୋଇଥାଏ। ସରକାର ଏହି ଅପ ଟୁ ଉପରେ ରୋକ୍ ଲଗାଇଲେ କିମ୍ବା ବଡ଼ବଡ଼ ଅକ୍ଷରରେ ତାହାକୁ ଲେଖିବା ପାଇଁ ବ୍ୟବସାୟୀମାନଙ୍କ ଉପରେ ଚାପ ପକାଇଲେ ଲୋକେ ଉପକୃତ ହୁଅନ୍ତେ। ଦୋକାନରୁ ବାହାରି ଆସି ଲୋକେ କହିଥାନ୍ତି ଏହା ବ୍ଲାକମେଲିଂ ଛଡ଼ା ଆଉ କିଛି ନୁହେଁ।

**–ଅକ୍ଷୟ ମହାନ୍ତି, ନିର୍ମାଲ୍ୟ ଏନ୍‌କ୍ଲେଭ, ମହୁରା, ଖୋର୍ଦ୍ଧା**

## ଚିରନ୍ତନୀ

ଭରି ସେହି ନୀରବତା
ଧାନକ୍ଷେତ କହେ କଥା
ରଞ୍ଜିତ ନଭୋପଥେ ବିଲୋକେ
ନୀଳ ଢେଉ ଖେଳେ ସୁନା ଆଲୋକେ !
–(ଶରତ–ସନ୍ଧ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜୁଆର ମାଡ଼ରେ ଭ୍ୟୁ ଟାୱାର ମୂଳଦୁଆ ଭୁଶୁଡ଼ିଲା

## କୂଳ ଲଂଘିଲା ସମୁଦ୍ର

ଏରସମା, ୧୨।୯(ସ୍ୱ.ପ୍ର.)

ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଥିବା ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତସ୍ଥିତ ଶିଆଳି ସମୁଦ୍ର ବେଳାଭୂମି ଏବେ ବିପଦସଙ୍କୁଳ ହୋଇପଡ଼ିଛି। ପଶ୍ଚିମ କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତରପଶ୍ଚିମ ବଙ୍ଗୋପସାଗର ଉପରେ ସଂଗଠିତ ଲଘୁଚାପ କ୍ଷେତ୍ର ଅବପାତରେ ପରିଣତ ହୋଇଛି। ଏହାର ପ୍ରଭାବରେ ସମୁଦ୍ର ଜଳପତ୍ତନ ଆଶାତୀତ ବୃଦ୍ଧିପାଇ କୂଳ ଲଂଘିଛି। ଫଳରେ ସମୁଦ୍ର ଜୁଆର ପର୍ଯ୍ୟଟକଙ୍କ ପାଇଁ ନିର୍ମାଣ କରାଯାଇଥିବା ଭ୍ୟୁ ଟାୱାରରେ ମାଡ ହୋଇଛି। ଏଥିଯୋଗୁ ଟାୱାରର ମୂଳଦୁଆ ଭୁଶୁଡି ପଡ଼ିଛି। ଏହାର କଂକ୍ରିଟ ତଳେଇ ତଳୁ ମାଟି ଧସିଯାଇଛି। ଟାୱାରର ସୁରକ୍ଷା ପାଇଁ ଲଗାଯାଇଥିବା ଝାଉଁ ବହ୍ଲା ପୋତି ହୋଇଯାଇଛି। ଜୁଆର ଅଟକାଇବା ପାଇଁ ପକାଯାଇଥିବା ବାଲିବସ୍ତା ଲୁଣା ଜୁଆର ମାଡ଼ରେ ଭାସିଯାଇଛି। କୌଣସି ମୁହୂର୍ତ୍ତରେ ଏହି ଟାୱାର ସମୁଦ୍ର ଗର୍ଭରେ ଲୀନ ହୋଇଯିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏହି ଟାୱାର ସଂଲଗ୍ନ ଜଙ୍ଗଲରୁ ଝାଉଁ ଗଛ ସବୁ ଉପୁଡିଗଲାଣି। ପ୍ରତିବର୍ଷ ବର୍ଷା ଋତୁରେ ଲୁଣା ଜୁଆର ମାଡ଼ ହୋଇ ବେଳାଭୂମି ଓ ଭ୍ୟୁ ଟାୱାର ନିକଟରୁ ମୃତ୍ତିକା କ୍ଷୟ ହୋଇ ଚାଲିଛି। ମାତ୍ର ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଏନେଇ ସମୁଦ୍ର ବେଳାଭୂମି ସଂଲଗ୍ନ ପଦ୍ମପୁର ପଞ୍ଚାୟତସ୍ଥିତ ଶିଆଳି, ରାମତରା, ଶଂଖା, କଳାବେଦୀ, ନେଳିଆସାହି ଆଦି ଗ୍ରାମର ଗ୍ରାମବାସୀ ଆତଙ୍କିତ ହୋଇଯାଇଛନ୍ତି। ଏହା ପୂର୍ବରୁ ମଧ୍ୟ ଗତ ଜୁଲାଇରେ ସମୁଦ୍ର କୂଳ ଲଂଘି ଥିଲା। ସେତେବେଳେ ପ୍ରାୟ ୧୦୦ ମିଟର ଘାଇ ସୃଷ୍ଟି ହେବା ସହ ଲୁଣା ଜୁଆର ଓଟିଡିସି ସଭାଗୃହ ପ୍ରାଚୀରରେ ମାଡ଼ ହୋଇଥିଲା। ଏଥିସହ ସମୁଦ୍ରକୂଳ ନିକଟବର୍ତ୍ତୀ ରାମତରା ଓ କଳାବେଦୀ ଗ୍ରାମରେ ମଧ୍ୟ ଜୁଆର ମାଡ଼ ହୋଇଥିଲା।

ଏ ସମ୍ପର୍କରେ ପରିବେଶବିତ୍ ପୀତାମ୍ବର ତରାଇ କୁହନ୍ତି, ସାମୁଦ୍ରିକ ଦିଗ ପରିବର୍ତ୍ତନ ଯୋଗୁ ଜଳପତ୍ତନ ବୃଦ୍ଧି ପାଉଛି। ଏହାକୁ କେବଳ ବାଲିବସ୍ତା ଦ୍ୱାରା ଅଟକା ଯାଇପାରିବ ନାହିଁ। ଏହା କେବଳ ସାମୟିକ ସାନ୍ତ୍ୱନା ଦେଇପାରେ, କିନ୍ତୁ ଚିରସ୍ଥାୟୀ ନୁହେଁ। ଏନେଇ ସ୍ଥାୟୀ ପ୍ରତିକାର କରା ନଗଲେ ଏରସମାର ଅର୍ଦ୍ଧାଧିକ ପଞ୍ଚାୟତ ଆଗାମୀ ୩୦ ବର୍ଷ ମଧ୍ୟରେ ସମୁଦ୍ର ଗର୍ଭରେ ଲୀନ ହୋଇଯିବାର ଆଶଙ୍କା ରହିଛି। ମୁମ୍ବାଇ, ପଣ୍ଡିଚେରି ଓ ପାରାଦୀପର ନେହରୁବଙ୍ଗଳାସ୍ଥିତ ସମୁଦ୍ର ଉପକୂଳ ପରି ଏଠାରେ ପଥର ପ୍ୟାକିଂ ବ୍ୟବସ୍ଥା କରିବା ପାଇଁ ସରକାର ଧ୍ୟାନ ଦେବା ଆବଶ୍ୟକ। ଏ ସମ୍ପର୍କରେ ବିଡିଓ କୈଳାସ ଚନ୍ଦ୍ର ବେହେରା କହିଛନ୍ତି, ସମୁଦ୍ର ବେଳାଭୂମିର ଜଳପତ୍ତନ ବୃଦ୍ଧି ଜନିତ ସମସ୍ୟା ସମ୍ପର୍କରେ ଲୁଣା ଓ ତଟବନ୍ଧ ବିଭାଗର କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। କେନ୍ଦ୍ର ସରକାରଙ୍କ ସାଗରମାଳା ପ୍ରକଳ୍ପ ଯୋଜନାରେ ଏଠାରେ ପଥରବନ୍ଧ ନିର୍ମାଣ କରିବା ପାଇଁ ବ୍ୟବସ୍ଥା କରାଯାଉଛି।



ଭ୍ୟୁ ଟାୱାର କୂଳରେ ସମୁଦ୍ର ଜୁଆର ମାଡ଼ ହେଉଛି।

## ମୁଖ୍ୟମନ୍ତ୍ରୀଙ୍କୁ ମିଶନ ଶକ୍ତି ସଦସ୍ୟାଙ୍କ କୃତଜ୍ଞତା

ଭୁବନେଶ୍ୱର, ୧୨।୯(ବ୍ୟୁରୋ)



### ଜାତୀୟ ପତାକା ପ୍ରସ୍ତୁତି ଦାୟିତ୍ୱ

### 'ମିଶନ ଶକ୍ତି ଆମ ଜୀବନରେ ବହୁତ ବଡ଼ ପରିବର୍ତ୍ତନ ଆଣିଛି'

ଢେଙ୍କାନାଳ, ମୟୂରଭଞ୍ଜ, ଭଦ୍ରକ ଓ ବାଲେଶ୍ୱର ଜିଲାର ମିଶନ ଶକ୍ତି ସଦସ୍ୟାମାନେ ସୋମବାର ସନ୍ଧ୍ୟାରେ ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ୍ କରିଛନ୍ତି। ଏହି ଅବସରରେ ଅଗଷ୍ଟ ୧୫ ତଥା ୭୫ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ମା'ମାନେ ୩୦ ଲକ୍ଷ ଜାତୀୟ ପତାକା ତିଆରି ଭଳି ଏକ ଗୁରୁଦାୟିତ୍ୱକୁ ସୁନ୍ଦର ଭାବରେ ନିର୍ବାହ କରିଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ମଧ୍ୟ ମିଶନ ଶକ୍ତି ମା'ମାନଙ୍କ କାର୍ଯ୍ୟର ଉଚ୍ଚପ୍ରଶଂସା କରିବା ସହ ଭଲକାମ ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଉତ୍ସାହିତ କରିବା ସହ ସେମାନଙ୍କ ଜୀବନରେ ମିଶନ ଶକ୍ତି ବହୁତ ବଡ଼ ପରିବର୍ତ୍ତନ ଆଣିଛି ବୋଲି ମା'ମାନେ କହିଛନ୍ତି। ମିଶନ ଶକ୍ତି କାର୍ଯ୍ୟକ୍ରମ ଜରିଆରେ ସେମାନେ କିପରି ସଫଳ ହୋଇପାରିଛନ୍ତି ତାହା ବର୍ଣ୍ଣନା କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

**OFFICE OF THE SUPERINTENDENT**
**Block Pragramme Management Unit (NHM)**
**Charmal CHC, Block-Rairakhol,Sambalpur**
**CHC CHARMAL, SAMBALPUR**

**QUOTATION CALL NOTICE FOR HIRING OF VEHICLES**

Sealed quotations are invited from Travel Agencies/ Transporters/Tour Operator/Individuals/Private Organisation /NGOs situated within Sambalpur District for supply of vehicle on monthly hiring basis to be used one for BPMU under CHC, Charmal. Details are available in BPMU, Charmal. Dist-Web- www.sambalpur.nic.in.

**Sd./- Superintendent CHC, Charmal, Sambalpur**

## ସୂର୍ଯ୍ୟକିରଣ ଶୋ' ପାଇଁ ସ୍ଥିତି ପରଖିଲେ କମିଶନର, ଡିସିପି

### ୧୬ରେ କୁଆଖାଇ ନଦୀପଠାରେ ହେବ ପ୍ରଦର୍ଶନ

ଭୁବନେଶ୍ୱର, ୧୨।୯(ବ୍ୟୁରୋ)

ଆସନ୍ତା ୧୬ ତାରିଖରେ କୁଆଖାଇ ନଦୀକୂଳ ଜଗିପୋଟଣା ନିକଟସ୍ଥ ବାଲିଯାତ୍ରା ପଡ଼ିଆରେ ହେବାକୁ ଥିବା ସୂର୍ଯ୍ୟକିରଣ ଶୋ' ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିପାଇଁ ସୋମବାର ଗ୍ରାଉଣ୍ଡରେ ପୋଲିସ କମିଶନର ଏବଂ ଡିସିପି ସ୍ଥିତି ପରଖିଛନ୍ତି। ପ୍ରଦର୍ଶନୀ ସମୟରେ ସୁରକ୍ଷା ଏବଂ ଟ୍ରାଫିକ୍ ବ୍ୟବସ୍ଥା କିପରି ହେବ ସେନେଇ ପ୍ରସ୍ତୁତି ମଧ୍ୟ ଚାଲିଛି।

ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ଆୟୋଜିତ ହେବାକୁ ଥିବା ବାୟୁସେନାର ସୂର୍ଯ୍ୟକିରଣ ଏୟାର ଶୋ' ପାଇଁ ଏନ୍-୩୨ ବିମାନରେ ଇଣ୍ଡକ୍ସନ ଟିମ୍ ଭୁବନେଶ୍ୱର ଆସିଥିବାବେଳେ ୧୩ ତାରିଖରେ ୧୧ଟି ହକ୍ ବିମାନ ଆସିବ। ଏଥିରେ ୯ଟି ହକ୍ ବିମାନ ଅଂଶଗ୍ରହଣ କରିବ ଓ ୨ଟି ଷ୍ଟାଣ୍ଡବାଇ ରହିବ।

ଦର୍ଶକ ୪୫ ମିନିଟ୍‌ର ଏହି ଚିତ୍ତାକର୍ଷକ ଶୋ' ଦେଖିବେ। ପାଣିପାଗକୁ ଦୃଷ୍ଟିରେ ରଖି ଯେକୌଣସି ଗୋଟିଏ ସମୟରେ ଏହି ଶୋ' କରାଯିବ। ୪୫ ମିନିଟ୍‌ର ଏହି ଶୋ' ପାଇଁ ପୂର୍ବାହ୍ନ ୧୦ରୁ ୧୧ଟା ଏବଂ ଅପରାହ୍ନ ୪ଟା ୧୫ରୁ ୫ଟା ୧୫ ସମୟ ଧାର୍ଯ୍ୟ କରାଯାଇଛି। ଏୟାର ଶୋ'ରେ ୮୦ରୁ ୯୦ ଜଣ ସଦସ୍ୟ ସାମିଲ ହେବେ। ଏଥିପାଇଁ ଏୟାର ଟ୍ରାଫିକ୍ କଣ୍ଟ୍ରୋଲର ଅନୁମତି ଦେବ। ଏହି ଶୋ' ଦେଖିବା ପାଇଁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଯିବାର କାର୍ଯ୍ୟକ୍ରମ ରହିଛି।

ହାଇଟେକ୍ ଛକରୁ ଜଗିପୋଟଣା ରାସ୍ତାରେ କିଭଳି ଜାମ୍ ନ ହେବ ସେନେଇ ଟ୍ରାଫିକ୍ ପୋଲିସ ନଜର ରଖିବ। କୁଆଖାଇ ନଦୀପଠା ଓ ଅପର ପଟ ସୁରକ୍ଷା ଲାଗି ପୋଲିସ କର୍ମଚାରୀ ମୁତୟନ ହେବେ। ସେହିଭଳି ପୂର୍ତ୍ତ ବିଭାଗ ମାଟି ପକାଇ ସମତୁଲ କରିବା ସହ ପ୍ରସ୍ତୁତି ଜାରି ରଖିଛି। ଏୟାର ଶୋ' ପାଇଁ ୧୫ ତାରିଖରେ ହେବ ଅଭ୍ୟାସ। ଭୁବନେଶ୍ୱରରେ ଏପରି ଶୋ' ହେଉଥିବାରୁ ଜଗିପୋଟଣା ଅଞ୍ଚଳ ଲୋକଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଛି। ଅନ୍ୟପକ୍ଷେ ଆସନ୍ତା ୧୮ ତାରିଖରେ ପୁରୀ ବେଳାଭୂମିରେ ଏହି ଶୋ' ହେବ। ଭୁବନେଶ୍ୱର, ପୁରୀ ପରେ ଆସାମର ଗୁଆହାଟୀରେ ମଧ୍ୟ ଏହି ଶୋ' ଆୟୋଜନ କରାଯିବ।

## ଇଗ୍ନୁ ନାମଲେଖା ଅବଧି ୨୨କୁ ବୃଦ୍ଧି

ଭୁବନେଶ୍ୱର, ୧୨।୯(ବ୍ୟୁରୋ)

ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୁ)ରେ ବିଭିନ୍ନ ପାଠ୍ୟକ୍ରମରେ ନାମଲେଖା ଅବଧି ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏ ସଂକ୍ରାନ୍ତ ସମସ୍ତ ତଥ୍ୟ ଇଗ୍ନୁର ୱେବ୍‌ସାଇଟ୍ www.ignou.ac.inରେ ଉପଲବ୍ଧ ରହିଛି। ଏଥିସହ ନାମଲେଖା ପାଇଁ https://ignouadmission.samarth.edu.inରେ ଆବେଦନ କରିବାକୁ ଇଗ୍ନୁ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଚଳିତ ବର୍ଷ ପ୍ରଥମଥର ୩୭ଟି ନୂତନ ପାଠ୍ୟକ୍ରମ ଆରମ୍ଭ କରାଯାଇଛି। ଏଥିମଧ୍ୟରେ ଏଆଇସିଟିଇ ସ୍ୱୀକୃତିପ୍ରାପ୍ତ ଏମ୍‌ବିଏ ଓ ଏମ୍‌ସିଏ ଅନ୍ୟତମ। ନୂତନ ଶିକ୍ଷାନୀତି ଅନୁସାରେ ଜଣେ ଚାହିଁଲେ ଦୁଇଟି ବିଷୟରେ ଡିଗ୍ରୀ କରିପାରିବେ। ଅଧିକ ସୂଚନା ପାଇଁ ଇଗ୍ନୁର ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରକୁ ଫୋନ୍ କିମ୍ବା ଇମେଲ୍ ମାଧ୍ୟମରେ ଯୋଗାଯୋଗ କରିବା ପାଇଁ ଆଞ୍ଚଳିକ କେନ୍ଦ୍ରର ବରିଷ୍ଠ ନିର୍ଦ୍ଦେଶକ ଡ. ସୁରେଶ କୁମାର ତ୍ରିପାଠୀ କହିଛନ୍ତି।

**P.G. DEPARTMENT OF PHYSICS**
**BERHAMPUR UNIVERSITY**
**BERHAMPUR-7, ODISHA**
**Tender No. OURIIP (21SF/PH/67) /OSHEC/PHY/BU/2022/01 Date:12.09.2022**

1. Sealed quotations are invited from qualfied & registered suppliers for supply of equipment for OURIIP Project, Govt. of Odisha. The tender details are available at PI, OURIIP Project, P.G.Dept. of Physics, Berhampur University. The last date of receiving tender/ quotation is 20.09.2022 by 2.30 P.M. The details are available at www.buodisha.edu.in.

**Sd./- P.I. OURIIP Project**

**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ ର ନଂ. ୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ **ଦଖଲକୁ** ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି କାରବାର ପାଇଁ **ୟୁକୋ ବ୍ୟାଙ୍କ** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ ।

| ସନ୍ତୋଷପୁର ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
| --- | --- | --- | --- |
| **ଋଣଗ୍ରହୀତା: ମେସର୍ସ ଜଗନ୍ନାଥ ଟ୍ରେଡର୍ସ, ସ୍ୱତ୍ୱାଧିକାରୀ: ପି ସୁଜାତା ରାଓ,** ସା: ସନ୍ତୋଷପୁର, ରମ୍ଭା, ଗଞ୍ଜାମ - ୭୬୧୦୨୭/ **ଗ୍ୟାରେଣ୍ଟିଦାତା: ଶ୍ରୀ ପି ବିଶ୍ୱନାଥ ରାଓ,** ପିତା: ପି ରାମଚନ୍ଦ୍ର ରାଓ, ସା: ସନ୍ତୋଷପୁର, ରମ୍ଭା, ଗଞ୍ଜାମ - ୭୬୧୦୨୭ | ୦୪.୦୨.୨୦୨୦ ସୁଦ୍ଧା ଟ.୯,୩୭,୯୭୭.୦୬ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୪.୦୨.୨୦୨୦ / ୦୮.୦୯.୨୦୨୨ | କ୍ଷେତ୍ର: ୧ ଏକର ୪୭ ସେଣ୍ଟସରେ ଥିବା ଅନେକ ପ୍ଲଟ୍ ମଧ୍ୟରୁ **ଶ୍ରୀମତୀ ପି ସୁଜାତା ରାଓ,** ସ୍ୱାମୀ: ଶ୍ରୀ ପି ବିଶ୍ୱନାଥ ରାଓଙ୍କ ନାମରେ ଥିବା ପ୍ଲଟ୍ ନଂ.: ୧୧୧୩ ର ପୂର୍ବ ଆଡ଼କୁ ଥିବା ଜମି ଯାହାର ଏ.ପି.ଏସ୍. ନଂ.: ୩୦୭, ପଟ୍ଟା ନଂ.: ୪୮୦, ପୂର୍ବ - ପଶ୍ଚିମ: ୧୫.୫୦ ଫୁଟ ଏବଂ ଉତ୍ତର - ଦକ୍ଷିଣ: ୪୨.୫୦ ଫୁଟ, ମୋଟ : ୬୧.୩ ବର୍ଗମିଟର ଯାହାକି ୬୫୮.୭୫ ବର୍ଗଫୁଟ ସହିତ ସମାନ, ଗ୍ରାମ: ସନ୍ତୋଷପୁର, ତହସିଲ: ଗଞ୍ଜାମ, ଏସ୍‌ଆରଓ: ଗଞ୍ଜାମ, ଜିଲ୍ଲା: ଗଞ୍ଜାମ, **ମୋଟ କ୍ଷେତ୍ର: ଏକର୦.୦୩୦ ଡିସିମିଲି,** ୬୧.୩ ବର୍ଗମିଟର = ୧.୪୭ ସେଣ୍ଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଆସ୍କା ରୋଡ଼, ପୂର୍ବ: ନିବେଦିତା ପ୍ରଧାନଙ୍କ ଜମି, ଦକ୍ଷିଣ: ଡି. ହରି ରେଡ୍ଡୀଙ୍କ ପଦର, ପଶ୍ଚିମ: ଡି. ହରି ରେଡ୍ଡୀଙ୍କ ଜମି |
| **ଋଣଗ୍ରହୀତା: ମେସର୍ସ ଅବନ୍ତିକା ମେଡ଼ିକାଲ ଷ୍ଟୋର, ସ୍ୱତ୍ୱାଧିକାରୀ:** ବିକ୍ରମାଦିତ୍ୟ ବେହେରା, ସା: ଖଣ୍ଡଦେଉଳି, ଗଞ୍ଜାମ - ୭୬୧୦୨୮/ **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଅରକ୍ଷିତ ବେହେରା,** ପିତା: ୰ ଜୁତି ବେହେରା, **୨) ଶ୍ରୀମତୀ ଚାରୁସ୍ମିତା ବେହେରା,** ସ୍ୱାମୀ: ବିକ୍ରମାଦିତ୍ୟ ବେହେରା, ଉଭୟଙ୍କ ଠିକଣା ସା: ଖଣ୍ଡଦେଉଳି, ଗଞ୍ଜାମ - ୭୬୧୦୨୮ | ୧୬.୧୨.୨୦୨୧ ସୁଦ୍ଧା ଟ.୨,୧୮,୯୫୦.୫୦ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୬.୧୨.୨୦୨୧ / ୦୮.୦୯.୨୦୨୨ | କ୍ଷେତ୍ର: ୧ ଏକର ୪୭ ସେଣ୍ଟସରେ ଥିବା ଅନେକ ପ୍ଲଟ୍ ମଧ୍ୟରୁ **ଶ୍ରୀମତୀ ଚାରୁସ୍ମିତା ବେହେରା,** ସ୍ୱାମୀ: ବିକ୍ରମାଦିତ୍ୟ ବେହେରାଙ୍କ ନାମରେ ଥିବା ପ୍ଲଟ୍ ନଂ.: ୧୧୧୩ ର ପୂର୍ବ ଆଡ଼କୁ ଥିବା ଜମି ଯାହାର ଏ.ପି.ଏସ୍. ନଂ.: ୩୦୭, ପଟ୍ଟା ନଂ.: ୪୮୦, ପୂର୍ବ - ପଶ୍ଚିମ: ୧୫.୫୦ ଫୁଟ ଏବଂ ଉତ୍ତର - ଦକ୍ଷିଣ: ୪୨.୫୦ ଫୁଟ, ମୋଟ : ୬୧.୩ ବର୍ଗମିଟର ଯାହାକି ୬୫୮.୭୫ ବର୍ଗଫୁଟ ସହିତ ସମାନ, ଗ୍ରାମ: ଖଣ୍ଡଦେଉଳି, ତହସିଲ: ଗଞ୍ଜାମ, ଏସ୍‌ଆରଓ: ଗଞ୍ଜାମ, ଜିଲ୍ଲା: ଗଞ୍ଜାମ, **ମୋଟ କ୍ଷେତ୍ର: ଏକର୦.୬୦ ଡିସିମିଲି,** ୬୧.୩ ବର୍ଗମିଟର = ୧.୪୭ ସେଣ୍ଟ |

ସ୍ଥାନ: ଭୁବନେଶ୍ୱର, ତାରିଖ : ୧୨.୦୯.୨୦୨୨

କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ
ଫୋନ୍: ୦୬୭୧-୨୩୪୪୩୦୮/୨୩୪୪୩୦୨, ଇ-ମେଲ: sbi.10027@sbi.co.in

**ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସ୍‌ନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସ୍‌ମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଦର୍ଶିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨ ଅନ୍ତର୍ଗତ) ନିମ୍ନଦର୍ଶିତ ସମ୍ପତ୍ତିକୁ **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ** ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

**ସମ୍ପତ୍ତିଗୁଡିକର ତନଖି କରିବାର ତାରିଖ ଓ ସମୟ: ୨୬.୦୯.୨୦୨୨ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ**

**ଇ-ନିଲାମ ତାରିଖ ଏବଂ ସମୟ: ତା ୨୮.୦୯.୨୦୨୨ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ**

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ | ସମ୍ପତ୍ତିଗୁଡ଼ିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା/ ବିଡ୍ ବୃଦ୍ଧି ପରିମାଣ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ/ ଡିମାଣ୍ଡ ନୋଟିସ୍ ତାରିଖ |
| --- | --- | --- | --- | --- |
| ୧. | **ଋଣଗ୍ରହୀତା: ମେସର୍ସ ଜେ.ବି. ଅଟୋମୋବାଇଲ୍ସ,** ସା/ପୋ.: ଭୂତମୁଣ୍ଡାଇ, ଜିଲ୍ଲା: ଜଗତସିଂହପୁର / **ପରିଚାଳନା ଅଂଶୀଦାର: ଶ୍ରୀ ପ୍ରଶାନ୍ତ କୁମାର ସାମନ୍ତରାୟ, ଅଂଶୀଦାର: ଶ୍ରୀ ନୀହାର ରଞ୍ଜନ ବଳିଆରସିଂ,** ଉଭୟଙ୍କ ଠିକଣା, ସା/ପୋ.: ଭୂତମୁଣ୍ଡାଇ, ଜିଲ୍ଲା: ଜଗତସିଂହପୁର **/ଗ୍ୟାରେଣ୍ଟି ଦାତା: ଶ୍ରୀ ପବିତ୍ର ସାମନ୍ତରାୟ,** ସା/ପୋ.: ଭୂତମୁଣ୍ଡାଇ, ଜିଲ୍ଲା: ଜଗତସିଂହପୁର / **ଆକାଉଣ୍ଟ ନଂ: ୬୨୨୧୪୦୪୨୬୧୮ (ସିସି)** | **ଶ୍ରୀ ପବିତ୍ର ସାମନ୍ତରାୟଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ଭୂତମୁଣ୍ଡାଇ, ତହସିଲ: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର, ଖାତା ନଂ.: ୬୧୪/୧୧୮, ପ୍ଲଟ୍ ନଂ.: ୪୩୩/୧୫୨୭, ପ୍ଲଟ୍ ନଂ.: ୪୩୪/୧୫୨୮, **ସମୁଦାୟ କ୍ଷେତ୍ର: ଏକର ୦.୧୬ ଡିସିମିଲି,** କିସମ: ଘରବାରୀ | ଟ.୪୫,୬୩,୦୦୦/- / ଟ.୪,୫୬,୩୦୦/- / ଟ. ୫୦,୦୦୦/- | ୩୧.୦୧.୨୦୧୪ ସୁଦ୍ଧା ଟ.୩୧,୦୭,୫୧୧/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଦେୟ, ଖର୍ଚ୍ଚ ଇତ୍ୟାଦି / ୦୭.୦୨.୨୦୧୪ |
| ୨. | **ଋଣଗ୍ରହୀତା: ମେସର୍ସ ବାବୁ କନ୍‌ଷ୍ଟ୍ରକ୍ସନ୍, ସ୍ୱତ୍ୱାଧିକାରୀ: ଶ୍ରୀ ମନୋଜ କୁମାର ସାହୁ,** ସା: ଫ୍ଲାଟ୍ ନଂ.: ୩୦୪, ବସେରା ହାର୍ମୋନୀ, ଡମଣା ସ୍କୋୟାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା - ୭୫୧୦୧୬/ **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଅନୁରାଧା ସାହୁ,** ସା: ଫ୍ଲାଟ୍ ନଂ.: ୩୦୪, ବସେରା ହାର୍ମୋନୀ, ଡମଣା ସ୍କୋୟାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା - ୭୫୧୦୧୬/ **ଆକାଉଣ୍ଟ ନଂ: ୧୦୬୫୭୯୯୨୮୧୧** | **ଅନୁରାଧା ସାହୁଙ୍କ** ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅଶନ ବଣି, ତହସିଲ: ଓଡ଼ାପଡ଼ା, ପୋ./ଥାନା: ମୋଟଙ୍ଗା, ଜିଲ୍ଲା: ଢେଙ୍କାନାଳ, ଖାତା ନଂ.: ୬୫/୨୪, ପ୍ଲଟ୍ ନଂ.: ୧/୩୧୩, ୨/୩୧୪, ୩/୩୧୫, କ୍ଷେତ୍ର: ଏକର୦.୯୪୦ ଡିସିମିଲି, କିସମ: ଘରବାରୀ | ଟ.୫୨,୭୦,୦୦୦/- / ଟ.୫,୨୭,୦୦୦/- / ଟ.୫୦,୦୦୦/- | ୧୦.୦୬.୨୦୨୧ ସୁଦ୍ଧା ଟ.୯୫,୦୯,୨୭୬/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଦେୟ, ଖର୍ଚ୍ଚ ଇତ୍ୟାଦି / ୧୧.୦୬.୨୦୨୧ |

ଇଚ୍ଛୁକ ବିଡରମାନେ ଇ-ନିଲାମ ଶେଷ ହେବା ପୂର୍ବରୁ MSTC ରେ ପ୍ରାକ୍ ବିଡ୍ ଅମାନତ ରାଶି ଜମା କରିପାରିବେ । ପ୍ରାକ୍ ବିଡ୍ ଅମାନତ ରାଶିର କ୍ରେଡିଟ୍ ବିଡ଼ରଙ୍କୁ କେବଳ MSTC ର ବ୍ୟାଙ୍କ ଆକାଉଣ୍ଟରେ ଦେୟ ରସିଦ୍ ଏବଂ ଇ-ନିଲାମ ୱେବସାଇଟ୍‌ରେ ସୂଚନା ଅପଡେଟ୍ କରିବା ପରେ ପ୍ରଦାନ କରାଯିବ । ବ୍ୟାଙ୍କିଙ୍ଗ୍ ପ୍ରକିୟା ଅନୁଯାୟୀ ଏହା କିଛି ସମୟ ନେଇପାରେ, ତେଣୁ ବିଡ଼ରମାନେ ଶେଷ ମୁହୂର୍ତ୍ତରେ ହେବାକୁ ଥିବା ଅସୁବିଧାକୁ ଏଡାଇବା ପାଇଁ ନିଜ ଇଚ୍ଛା ଅନୁସାରେ ପ୍ରାକ ବିଡ୍ ଅମାନତ ରାଶି ଯଥେଷ୍ଟ ପୂର୍ବରୁ ଦାଖଲ କରିବାକୁ ଅନୁରୋଧ କରାଯାଉଛି ।

**ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଅନୁସାରେ ରୁଲ ୮(୬) ଏବଂ ୯(୧)ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତାମାନଙ୍କ ନିମନ୍ତେ ଏହା ଏକ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।**

**ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ: www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://ibapi.in**

**ପରବର୍ତ୍ତୀ ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: କ୍ର. ନଂ. ୧ ଏବଂ ୨ ନିମନ୍ତେ ଶ୍ରୀ ପ୍ରଦୀପ ରଞ୍ଜନ ମହାପାତ୍ର (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୯୪୩୯୨୦୩୫୬୧, ଶେଖ୍ ମାସିଉଲ୍ଲା (ସିଟି କେସ୍ ଅଫିସର), ମୋ.: ୯୯୩୮୭୬୮୯୪୯**

ସମସ୍ତ ସମ୍ପତ୍ତି ବ୍ୟାଙ୍କର ସାଙ୍କେତିକ ଦଖଲରେ ଅଛି ।

ତାରିଖ : ୧୨.୦୯.୨୦୨୨, ସ୍ଥାନ : କଟକ

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ
**ODISHA STATE OPEN UNIVERSITY**
ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ଥାପିତ ✵ ୟୁ.ଜି.ସି ଦ୍ୱାରା ମାନ୍ୟତା ପ୍ରାପ୍ତ

**PROGRAMMES ON OFFER**

| | | |
| --- | --- | --- |
| **MASTER DEGREE PROGRAMMES** *Eligibility: +3 Pass* *Duration: 2 Years* | MA in Economics | MAEC |
| | MA in English | MAEG |
| | MA in Hindi | MAHD |
| | MA in History | MAHI |
| | MA in Odia | MAOD |
| | MA in Political Science | MAPS |
| | MA in Rural Development | MARD |
| | MA in Sanskrit | MASK |
| | MA in Sociology | MASO |
| | Master of Commerce | MCOM |
| | MA in Journalism | MJMC |
| | MSc. in Cyber Security | MSCS |
| | MA in Public Administration | MAPA |
| **BACHELOR DEGREE PROGRAMMES** *Eligibility: +2 Pass* *Duration: 3 Years* | BA (Honours) in Economics | BAEC |
| | BA (Honours) in English | BAEG |
| | BA (Honours) in Hindi | BAHD |
| | BA (Honours) in History | BAHI |
| | BA (Honours) in Odia | BAOD |
| | BA (Honours) in Political Science | BAPS |
| | BA (Honours) in Sanskrit | BASK |
| | BA (Honours) in Sociology | BASO |
| | Bachelor of Business Administration | BBA |
| | Bachelor of Commerce (Honours) | BCOM |
| | BA (Honours) Journalism | BJMC |
| **DIPLOMA PROGRAMMES** *Eligibility: +2 Pass* *Duration: 1 Year* | Computer Applications | DCA |
| | Cyber Security | DCS |
| | Journalism and Mass Comm. | DJMC |
| | Tourism Studies | DTS |
| **CERTIFICATE PROGRAMME** *Eligibility: +2 Pass* *Duration: 6 Months* | Tourism Management | CTM |

GET IT ON Google Play
DOWNLOAD 'OSOU' MOBILE APP

*"Even the greatest were beginners. Don't be afraid to take that first step."*

**2022-23 ADMISSION OPEN**
ONLINE ADMISSION EXTENDED UPTO 12th OCTOBER 2022

VISIT OUR WEBSITE **www.osou.ac.in**

**REGISTER NOW**

Admission Prospectus can be downloaded from website.

Admission form is to be submitted through the online portal of Odisha State Open University, Sambalpur

**WHO CAN JOIN:**

*Those who have already completed or are pursuing any U.G. and P.G. programme from a recognised Institute /University who would like to pursue a Dual Degree or acquire additional degree, diploma or certificate to enhance their skill and employability.*

*Those who have completed 10 + 2 or equivalent can also join the U.G., diploma and certificate programmes.*

All programmes are recognised by UGC & are same in status with Degrees offered by the Regular Universities.

[ Age: No Bar ]

**Contact Address:**
Odisha State Open University, Sambalpur
Phone: 0663-2521600
0663-2521700
0663-2522700
Whatsapp: 8895903525
TOLL FREE No: 1800 34567 58
Email: admission@osou.ac.in

**Regional Centres**
Jeypore (06854-230213)
Balasore (06782-263871)
Berhampur (0680-2222169)
Bhubaneswar (0674-2970779)

## ସଂକ୍ଷେପରେ

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ, ସ୍ୱାମୀ ଗିରଫ

ଫୁଲନଖରା,୧୨।୯(ଡି.ଏନ୍.ଏ)- କଟକ ସଦର ଥାନା ଅନ୍ତର୍ଗତ ଗୋପାଳପୁର ଗ୍ରାମର ଏକ ଘରୁ ଜଣେ ମହିଳା ଝୁଲନ୍ତା ଅବସ୍ଥାରେ ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ଉକ୍ତ ଗ୍ରାମର ଜାନକୀ ଭଟ୍ଟାଚାର୍ଯ୍ୟ। ହେଲେ ମୃତାଙ୍କ ବାପଘର ପକ୍ଷରୁ ଯୌତୁକ ପାଇଁ ଝିଅକୁ ହତ୍ୟା କରାଯାଇଥିବା ସୋମବାର ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଅନୁଯାୟୀ, ପୋଲିସ ଏକ ମାମଲା (ନଂ.୩୯୯/୨୨) ରୁଜୁ କରି ମୃତାଙ୍କ ସ୍ୱାମୀ ଆଶିଷ ଭଟ୍ଟାଚାର୍ଯ୍ୟଙ୍କୁ ସୋମବାର ଗିରଫ କରିଛି। ସୂଚନା ଅନୁଯାୟୀ, ଭଦ୍ରକର ଦହି ସିଂ ଅଞ୍ଚଳର ଜାନକୀ ୭ବର୍ଷତଳେ ଆଶିଷଙ୍କୁ ବିବାହ କରିଥିଲେ। ବିବାହର କିଛି ବର୍ଷ ପରେ ଜାନକୀଙ୍କୁ ଅଧିକ ଯୌତୁକ ଆଣିବା ପାଇଁ କହି ଆଶିଷ ବାରମ୍ବାର ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଏ ନେଇ ଜାନକୀ ବାପଘରକୁ ଜଣାଇଥିବା ତାଙ୍କ ବାପା କହିଥିଲେ। ତେବେ ରବିବାର ହଠାତ୍ ଜାନକୀ ଆତ୍ମହତ୍ୟା କରିଥିବା ନେଇ ଆଶିଷ ଜାନକୀଙ୍କ ବାପାଙ୍କୁ ଜଣାଇଥିଲେ। ଖବରପାଇ ପୋଲିସ ଓ ବାପଘର ଲୋକ ଘଟଣାସ୍ଥଳରେ ପହଞ୍ଚିବା ବେଳେ ଜାନକୀ ବେକରେ ଏକ ରଶି ଲଗାଇ ଝୁଲୁଥିବା ଦେଖିଥିଲେ। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଅନ୍ୟପଟେ ଝିଅକୁ ହତ୍ୟା କରି ଆତ୍ମହତ୍ୟା କରାଯାଇଥିବା ନେଇ ଥାନାର ଦ୍ୱାରସ୍ଥ ହୋଇଥିଲେ।

### ଗଣେଶ ଭସାଣିବେଳେ ଆକ୍ରମଣ, ଜଣେ ଗିରଫ

ଫୁଲନଖରା,୧୨।୯(ଡି.ଏନ୍.ଏ)- କଟକ ସଦର ଥାନା ଅନ୍ତର୍ଗତ ଉରାଳି ବଡବାଲି ସାହିରେ ଗଣେଶ ପୂଜା ଭସାଣି ବେଳେ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଗ୍ରାମର ଦେବେନ୍ଦ୍ର ଚୌଧୁରୀ। ଏ ନେଇ ପୋଲିସ ଏକ ମାମଲା(ନଂ.୪୦୧/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ ଉରାଳି ବଡ଼ବାଲି ସାହିରେ ରବିବାର ରାତିରେ ଗଣେଶ ପୂଜା ଭସାଣି ଚାଲିଥିଲା। ଭସାଣିରେ ଗ୍ରାମର ସମସ୍ତେ ଯୋଗଦେଇଥିବା ବେଳେ ଗ୍ରାମର ଦେବେନ୍ଦ୍ରଙ୍କ ପରିବାର ଓ ଗଣେଶ ପ୍ରଧାନଙ୍କ ପରିବାର ମଧ୍ୟରେ କୌଣସି କାରଣକୁ ନେଇ ଯୁକ୍ତିତର୍କ ହୋଇଥିଲା। ପରେ ତାହା ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଏଥିରେ ଦେବେନ୍ଦ୍ର ହଠାତ୍ ଉତ୍କ୍ଷିପ୍ତ ହୋଇ ଏକ ମାରଣାସ୍ତ୍ରରେ ଗଣେଶଙ୍କୁ ଛାତିକୁ ଆକ୍ରମଣ କରିଥିଲେ। ଫଳରେ ଗଣେଶ ଆହତ ହୋଇ ମେଡ଼ିକାଲରେ ଚିକିତ୍ସିତ ହୋଇଥିଲେ। ଏ ନେଇ ଗଣେଶଙ୍କ ପରିବାର ଲୋକ ସୋମବାର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ।

### କାରଖାନାରୁ ଚୋରି କରି ଜଣେ ଗିରଫ

ଚୌଦ୍ୱାର,୧୨।୯(ଡି.ଏନ୍.ଏ): ଚୌଦ୍ୱାର ଥାନା ଅନ୍ତର୍ଗତ ଶଙ୍କରପୁର ଗ୍ରାମସ୍ଥିତ ଏକ ଇଟା ତିଆରି କାରଖାନାରୁ ଯନ୍ତ୍ରାଂଶ ଚୋରି ଅଭିଯୋଗରେ ଚୌଦ୍ୱାର ପୋଲିସ୍ ଜଣକୁ ଗିରଫ କରିଛି। ସେ ହେଲେ ଆଗ୍ରାହାଟ ଗ୍ରାମର ସେକ୍ ଗଫର(୪୩)। ପୋଲିସ ସୂଚନା ଅନୁଯାୟୀ, କାରଖାନାର ମାଲିକ ଜଗଜ୍ଜୀବନ ମହାନ୍ତି କାରଖାନା ବନ୍ଦ କରି କିଛିଦିନ ପାଇଁ ଦିଲ୍ଲୀ ଯାଇଥିଲେ। କାରଖାନାରେ କେହି ନଥିବାର ସୁଯୋଗ ନେଇ ଅଭିଯୁକ୍ତ ଗଫର ଭିତରେ ପଶି ଛାଞ୍ଚ, ଲୁହା ପ୍ଲେଟ ସହିତ ଅନ୍ୟାନ୍ୟ ଯନ୍ତ୍ରାଂଶ ଚୋରେଇ ନେଇଥିଲେ। ପରେ ମାଲିକ ଆସି ଚୋରି ହୋଇଥିବା ଜାଣି ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ.୪୨୯/୨୨) ରୁଜୁ କରି ତଦନ୍ତ କରି କବାଡ଼ି କାରବାର କରୁଥିବା ଗଫରଙ୍କୁ ଗିରଫ କରିବା ସହିତ ତା' ଗୋଦାମରୁ ଚୋରି ସାମଗ୍ରୀ ଜବତ କରିଛନ୍ତି।

### ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ଖୁଣ୍ଟୁଣୀ,୧୨।୯(ଡି.ଏନ୍.ଏ.)- ୫୫ ନମ୍ବର ଜାତୀୟ ରାଜପଥର ଖୁଣ୍ଟୁଣୀ ଥାନା ନିକଟ ରାଧାକିଶୋରପୁର ଓଭରବ୍ରିଜ୍ ପାଖରେ ସୋମବାର ଏକ ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀ ଯୁବକ ଗୁରୁତର ଆହତ ହୋଇ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେ ହେଲେ ଢେଙ୍କାନାଳ ଜିଲା ଗୋବିନ୍ଦପୁର ଗ୍ରାମର ଶ୍ୟାମସୁନ୍ଦର ରାଉତ (୪୨)। ଖବରପାଇ ଖୁଣ୍ଟୁଣୀ ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ସୂଚନାଯୋଗ୍ୟ, ଶ୍ୟାମସୁନ୍ଦର ଦୀର୍ଘ ବର୍ଷ ଧରି ପାରାଦୀପରେ ରହି ବ୍ୟବସାୟ କରୁଥିଲେ। ସେ ସୋମବାର ମଧ୍ୟାହ୍ନରେ ଗୋବିନ୍ଦପୁରରୁ ପାରାଦୀପ ଯାଉଥିବା ବେଳେ ରାଧାକିଶୋରପୁର ଓଭରବ୍ରିଜ୍ ନିକଟରେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସେଠାରେ ଥିବା ଖୁଣ୍ଟୁଣୀ ଟ୍ରକ ମାଲିକ ସଂଘ ପକ୍ଷରୁ ଆମ୍ବୁଲାନ୍ସ ଡକାଇ ଶ୍ୟାମସୁନ୍ଦରଙ୍କୁ ପ୍ରଥମେ କଟକ ବଡଡାକ୍ତରଖାନାକୁ ପଠାଇ ଦେଇଥିଲେ। ପରେ ତାଙ୍କ ପରିବାର ଲୋକ ଆସି ସେଠାରୁ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲ ନେଇ ଯାଇଥିଲେ। ଦୁର୍ଘଟଣାରେ ଶ୍ୟାମସୁନ୍ଦରଙ୍କର ଡାହାଣ ହାତଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ପରିବାର ଲୋକ କହିଛନ୍ତି।

# ଖତ ଖାଉଛି ୫୦ ସରକାରୀ ବସ୍

କଟକ ଅଫିସ, ୧୨।୯



## ୭ ରୁଟ୍‌ରେ ଚଳାଚଳ ବନ୍ଦ

- ଆବଶ୍ୟକ ସଂଖ୍ୟକ କର୍ମଚାରୀ ନାହାନ୍ତି
- ଓଏସ୍‌ଆର୍‌ଟିସି ଦେବାଳିଆ ଘୋଷଣା ଆଶଙ୍କା

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସି) ଦିନକୁ ଦିନ କ୍ଷତିରେ ଚାଲିଥିବା ବେଳେ କର୍ମଚାରୀ ଅଭାବରୁ କେତେକ ରୁଟରେ ସରକାରୀ ବସ୍‌ସେବା ବନ୍ଦ ହୋଇଯାଇଛି। ଏପରିକି ପରିଚାଳନାଗତ ତ୍ରୁଟି ଯୋଗୁ କେବଳ କଟକ ବାଦାମବାଡ଼ି ଶାଖାରେ ୫୦ରୁ ଊର୍ଦ୍ଧ୍ୱ ବସ୍ ରୁଟ୍‌ରେ ଚଳାଚଳ କରି ନ ପାରି ଖତ ହେବାକୁ ବସିଛି।

ଅନୁସନ୍ଧାନରୁ ଜଣାଯାଇଛି ଯେ, କଟକ ବାଦାମବାଡ଼ି ଶାଖାର ଜିଲା ଟ୍ରାନ୍ସପୋର୍ଟ ମ୍ୟାନେଜର (ଡିଟିଏମ୍) ସୁକାନ୍ତ ସେଠୀ ୨୦୨୦ ମସିହାରୁ ଅବସର ନେବା ପରଠାରୁ ଏହି ପଦବୀ ଖାଲି ପଡିଛି। ଫଳରେ କେତେବେଳେ ଫୋରମ୍ୟାନ ତ ଆଉ କେବେ ଷ୍ଟେଶନ ଅଫିସର ଶାଖା ପରିଚାଳକ ଦାୟିତ୍ୱ ତୁଲାଉଛନ୍ତି। ସେହିପରି ଏବେ ୩୪ଟି ବସ୍ ସମ୍ପୂର୍ଣ୍ଣ ଫିଟ୍‌ନେସ ଥିଲେ ହେଁ କଣ୍ଡକ୍ଟର, ଡ୍ରାଇଭର ଓ ହେଲପରଙ୍କ ଅଭାବରୁ ୧୮ଟି ବସ ରୁଟରେ ଚଳାଚଳ କରୁଛି। ବଳକା ବସ୍ ସବୁ ବାଦାମବାଡ଼ିସ୍ଥିତ ଗ୍ୟାରେଜରେ ଖତ ଖାଉଛି। ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଓଏସ୍‌ଆର୍‌ଟିସିରେ କର୍ମଚାରୀ ଅଭାବ ଯୋଗୁ ୨୦୨୦ ଜାନୁୟାରୀରୁ ୭ଟି ରୁଟ୍‌ରେ ବସ୍ ସେବା ବନ୍ଦ ରହିଛି। ଏଥିମଧ୍ୟରେ କଟକରୁ ଭୁବନେଶ୍ୱର ଦେଇ ଦଦରାଘାଟି, କଟକରୁ ଦେହୁରୀ ଆନନ୍ଦପୁର, କଟକରୁ ଅନୁଗୋଳ ଜିଲାର ପାଲଲହଡ଼ା, କଟକରୁ ଯାଜପୁର ଜିଲାର କେନ୍ଦୁଆପାଳ, କଟକରୁ ସିଙ୍ଗିପୁର ଓ କଟକରୁ ବଲାଙ୍ଗିର ପ୍ରମୁଖ ରୁଟ୍ ଅନ୍ତର୍ଭୁକ୍ତ। ଏସବୁ ରୁଟ୍ ସରକାରୀ ବସ୍ ସେବା ବନ୍ଦ ଯୋଗୁ ଯାତାୟତ ଲାଗି ସମ୍ପୃକ୍ତ ଅଞ୍ଚଳର ଯାତ୍ରୀ ହଇରାଣ ହେଉଛନ୍ତି। ଏହାସତ୍ତ୍ୱେ ୨୦୨୧ରେ ସରକାରଙ୍କ ପକ୍ଷରୁ ଆଉ ୨୭ଟି ନୂଆ ବସ୍ କିଣାଯାଇ ଯୋଗାଇ ଦିଆଯାଇଛି। ଲୋକଙ୍କ ସେବାରେ ଲାଗିବା ପୂର୍ବରୁ ଉକ୍ତ ବସ୍‌ଗୁଡ଼ିକ ମଧ୍ୟ ଗ୍ୟାରେଜରେ ପଡ଼ିରହିଛି। ଅନ୍ୟପକ୍ଷରେ ଓଏସ୍‌ଆର୍‌ଟିସିର ନିଜସ୍ୱ ଗ୍ୟାରେଜ ରହିଥିଲେ ହେଁ ମେକାନିକ ଅଭାବରୁ ବାହାର ଗ୍ୟାରେଜ୍‌ରେ ବସ୍ ମରାମତି କରାଯାଉଛି। ଏଥିଯୋଗୁ ସରକାର କ୍ଷତି ସହୁଥିବାରୁ ଏହି ବିଭାଗ ଏକପ୍ରକାର ଦେବାଳିଆ ଅବସ୍ଥାକୁ ଚାଲିଗଲାଣି। ଏ ନେଇ ଓଏସ୍‌ଆର୍‌ଟିସିର ଅତିରିକ୍ତ ସଚିବ ବିଶିକେଶନ ଦେହୁରୀଙ୍କୁ ପଚରାଯିବାରେ ସେ କର୍ମଚାରୀ ଅଭାବକୁ ସ୍ୱୀକାର କରିଛନ୍ତି। ୫୦ରୁ ଊର୍ଦ୍ଧ୍ୱ ବସ୍ ପଡ଼ିରହିଥିବା ଓ ୭ଟି ରୁଟ୍‌ରେ ବସ୍ ଚଳାଚଳ ବନ୍ଦ ଥିବା ସମ୍ପର୍କରେ ତଦନ୍ତ କରି ପଦକ୍ଷେପ ନେବେ ବୋଲି କହିଛନ୍ତି।



# ସାଇକେଲରେ କେଦାରନାଥ ଯାତ୍ରା

କଟକ ଅଫିସ,୧୨।୯

ସାଇକେଲରେ ଉତ୍ତରାଖଣ୍ଡର ପ୍ରସିଦ୍ଧ କେଦାରନାଥ ଯାତ୍ରା ଆରମ୍ଭ କରିଛନ୍ତି କଟକର ଜଣେ ଯୁବକ। ସୋମାବର ଖାନନଗର ଅଞ୍ଚଳର ଦୀପକ ପ୍ରଧାନ ବାଲିଯାତ୍ରା ପଡ଼ିଆରୁ ସାଇକେଲ ଧରି କେଦାରନାଥ ଯାତ୍ରା ଆରମ୍ଭ କରିଛନ୍ତି। ଏକ ମାସ ମଧ୍ୟରେ ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବେ ବୋଲି ଦୀପକ କହିଛନ୍ତି।

# ଅଧାପନ୍ତରିଆ ଭିଟିମୁଣ୍ଡା ମୁଖ୍ୟରାସ୍ତା



ଭିଟିମୁଣ୍ଡା ରାସ୍ତାର ସାରଙ୍ଗଠାରେ ସିପିଆଇ କର୍ମୀ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ରାସ୍ତାରୋକୋ।

ମଙ୍ଗୁଳି,୧୨।୯(ଡି.ଏନ୍.ଏ.)

## ରାସ୍ତା ସମ୍ପୂର୍ଣ୍ଣ, ଭାରିଯାନ ଯାତାୟାତ ବନ୍ଦ ପାଇଁ ଧାରଣା

ଟାଙ୍ଗୀରୁ ସାଲେପୁର ଯିବା ରାସ୍ତାରେ ବାଟରେ ପଡୁଥିବା ଭିଟିମୁଣ୍ଡା ମୁଖ୍ୟ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଦୀର୍ଘ ୩ବର୍ଷ ହେବ ଉକ୍ତ ରାସ୍ତାଟି ଅଧାପନ୍ତରିଆ ହୋଇ ପଡ଼ିରହିଛି। ଫଳରେ ଲୋକେ ଯାତାୟାତ ଠିକ୍ ଭାବେ କରିପାରୁ ନାହାନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳବାସୀ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ପ୍ରଶାସନର ଏଭଳି ମନମୁଖି କାର୍ଯ୍ୟକୁ ବିରୋଧ କରି ସିପିଆଇ ନେତା ଉମ୍ବରୁଧର ସାହୁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଓ ସ୍ଥାନୀୟ ଅଞ୍ଚଳବାସୀ ଉକ୍ତ ରାସ୍ତାର ସରଙ୍ଗଠାରେ ଧାରଣାରେ ବସିଥିଲେ। ଖବରପାଇ ଅତିରିକ୍ତ ତହସିଲଦାର ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୁ ହଟିଥିଲେ। ଭିଟିମୁଣ୍ଡା ମୁଖ୍ୟ ରାସ୍ତାର କାମ ୨୦୧୯ ମସିହାରେ ଆରମ୍ଭ କରାଯାଇଥିଲା। ହେଲେ ଆଜକୁ ୩ବର୍ଷ ବିତିଯାଇଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ ରାସ୍ତା କାମ ଶେଷ ହୋଇପାରିଲା ନାହିଁ। ଠିକାଦାରଙ୍କ ମନମୁଖି କାର୍ଯ୍ୟ ଓ ଯନ୍ତ୍ରୀମାନଙ୍କ ତଦାରଖ କରାଯାଉ ନ ଥିବାରୁ ରାସ୍ତା କାର୍ଯ୍ୟ ବିଳମ୍ବ ହେଉଛି। ଅନ୍ୟପଟେ ଏହି ରାସ୍ତା ଦେଇ ଅଧିକ ଭାରିଯାନ ଯାତାୟାତ କରୁଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଫଳରେ ରାସ୍ତାରେ ବଡ଼ ବଡ଼ ଗାତ ହୋଇଯାଇଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି। ହେଲେ ଏଥିପ୍ରତି ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ କର୍ଣ୍ଣପାତ କରୁନାହାନ୍ତି। ତେଣୁ ଏହାର ପ୍ରତିବାଦରେ ଅଞ୍ଚଳବାସୀ ଓ ସିପିଆଇ ପକ୍ଷରୁ ରାସ୍ତା ଅବରୋଧ କରାଯାଇଥିଲା। ଏଥିଯୋଗୁ ଉକ୍ତ ରାସ୍ତାରେ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଅତିରିକ୍ତ ତହସିଲଦାର ଲିପ୍ସା ରାଏ, ଆର୍‌ଏନ୍‌ଡି ଆସିଷ୍ଟାଣ୍ଟ ଇଂ. ପ୍ରଫୁଲ୍ଲ କୁମାର ବେହେରା ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ତେବେ ବର୍ଷା ଦିନ ପରେ ରାସ୍ତା କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏପରିକି ଉକ୍ତ ରାସ୍ତାରେ ଆଉ ଭାରିଯାନ ଚଳପ୍ରଚଳ ନ କରିବା ପାଇଁ ଏକ ସାଇନବୋର୍ଡ ତୁରନ୍ତ ଲଗାଯିବ ବୋଲି ଅଧିକାରୀ କହିଥିଲେ।

# ଗୋଡ଼ିପାଟଣା ଗଣେଶ ମେଳଣରେ ଜମୁଛି ଭିଡ଼

ଚୌଦ୍ୱାର,୧୨।୯(ଡି.ଏନ୍.ଏ)

ଚୌଦ୍ୱାରରେ ପ୍ରସିଦ୍ଧ ଗୋଡ଼ିପାଟଣା ଇନ୍ଦୁପୂର୍ଣ୍ଣିମା ମହୋତ୍ସବ ତଥା ଗଣେଶ ମେଳଣ ରବିବାର ସନ୍ଧ୍ୟାରେ ଆରମ୍ଭ ହୋଇଛି। ବିଭିନ୍ନ ବଜାର ଓ ଛକଗୁଡ଼ିକରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଯାଇଛି। ବିଗତ ୨ବର୍ଷ ଧରି କରୋନା ଯୋଗୁ ସମସ୍ତ ପୂଜାପାର୍ବଣ ଉପରେ କଟକଣା ଲାଗିରହିଥିଲା ହେଲେ ଚଳିତବର୍ଷ ମେଳଣକୁ ଲୋକେ ଖୁବ୍ ଉତ୍ସାହର ସହ ଆରମ୍ଭ କରିଛନ୍ତି। ବିଭିନ୍ନ ପୂଜା କମିଟି ପକ୍ଷରୁ ସୁଦୃଶ୍ୟ ତୋରଣ ସାଙ୍ଗକୁ ରଙ୍ଗିନ ଆଲୋକ ମାଳାରେ ଝଲସି ଉଠୁଛି ଅଞ୍ଚଳ। ମେଳଣ ପଡିଆରେ ବିଭିନ୍ନ ଖେଳ ସହ ଖାଦ୍ୟ ପସରା ଏବଂ ଘରକରଣା ସାମଗ୍ରୀ ପଡ଼ିଥିବାରୁ ଲୋକଙ୍କ ଭିଡ଼ ଜମିବାରେ ଲାଗିଛି। ଆଖପାଖ ଅଞ୍ଚଳର ଲୋକେ ମେଳଣ ଦେଖିବାକୁ ଆସିବା ସହ ଯାତ୍ରା ବୁଲି ଆନନ୍ଦରେ ଫେରୁଛନ୍ତି। ବିଭିନ୍ନ ସାହିରେ ହୋଇଥିବା ମେଢଗୁଡିକ ସାହି ପରିକ୍ରମା କରି ରାତି ୧୦ଟା ସୁଦ୍ଧା ମେଳଣ ପଡିଆରେ ପହଞ୍ଚିବେ। ମଙ୍ଗଳବାର ମଧ୍ୟାହ୍ନ ୧୨ଟାରୁ ମେଢଗୁଡିକ କ୍ରମାନ୍ୱୟରେ ମେଳଣ ପଡିଆରୁ ବାହାରି ଚଷାପଡା ନିକଟସ୍ଥ ମହାନଦୀ କୂଳରେ କରାଯାଇଥିବା ଅସ୍ଥାୟୀ ପୋଖରୀରେ ରାତି ୧୦ଟା ସୁଦ୍ଧା ବିସର୍ଜିତ କରିବେ।

# ୱାର୍ଡ ଉନ୍ନୟନ କାର୍ଯ୍ୟ ପାଇଁ ଅର୍ଥ ମିଳିବା ଆଶଙ୍କା

କଟକ ଅଫିସ,୧୨।୯

## ରାସ୍ତା ଖରାପ ନେଇ ଚିନ୍ତାରେ ପୂଜା କମିଟି

କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ଚଳିତବର୍ଷ ପ୍ରତି ୱାର୍ଡକୁ ଉନ୍ନୟନମୂଳକ କାର୍ଯ୍ୟ କରିବା ପାଇଁ ଅର୍ଥ ମିଳିବା ନେଇ ଆଶଙ୍କା ଦେଖାଯାଇଛି। ପ୍ରତିବର୍ଷ ଭଳି ସିଏମ୍‌ସି ପକ୍ଷରୁ ଚଳିତବର୍ଷ ମଧ୍ୟ ପୂଜା ପାଇଁ ପୂର୍ବପ୍ରସ୍ତୁତି କରାଯାଉଛି। ହେଲେ ଏଥର ଆବଶ୍ୟକତା ଅନୁଯାୟୀ କେବଳ ରାସ୍ତା ମରାମତି କରାଯିବ ବୋଲି ସିଏମ୍‌ସି ପକ୍ଷରୁ ସୂଚନା ମିଳିଛି। ଦଶହରାକୁ ଆଉ ମାତ୍ର ୧୮ଦିନ ରହିଛି। ହେଲେ ଏବେ ସୁଦ୍ଧା ସହରର ଅଧିକାଂଶ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଲଗାଣ ବର୍ଷା ସାଙ୍ଗକୁ ଜାଇକା କାର୍ଯ୍ୟ ସରି ନ ଥିବାରୁ ଗଳିକନ୍ଦିଠାରୁ ଆରମ୍ଭକରି ମୁଖ୍ୟରାସ୍ତାର ଅବସ୍ଥା ଖରାପ ହୋଇଯାଇଛି। ଦୀର୍ଘବର୍ଷ ଧରି ଜାଇକା କାର୍ଯ୍ୟ ଚାଲୁଥିଲେ ମଧ୍ୟ କାମ କେବେ ସରିବ ଆକଳନ କରାଯାଇପାରୁ ନାହିଁ। ପାର୍ବଣ ପୂର୍ବରୁ ସିଏମ୍‌ସି କର୍ତ୍ତୃପକ୍ଷ ପୂଜା କମିଟିଙ୍କ ସହିତ ଆଲୋଚନା କରି ରାସ୍ତାଘାଟ, ଆଲୋକ, ନାଳ ସଫେଇ ପ୍ରଭୃତି କାମଗୁଡ଼ିକୁ ତୁରନ୍ତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଉଛି। ହେଲେ ବହୁ ୱାର୍ଡରେ ରାସ୍ତା ସମସ୍ୟା ଗୁରୁତର ହୋଇଛି। ଫଳରେ ଭସାଣିରେ ମେଢ଼ କିଭଳି ଯିବ ସେନେଇ ପୂଜା କମିଟିଙ୍କ ଚିନ୍ତାର କାରଣ ପାଲଟିଛି। ବିଶେଷକରି ବେଲ୍‌ଭ୍ୟୁ ଛକ, ମେରିଆ ବଜାର, ଗୋପାଳପୁର, ପିଠାପୁର, ନୂଆପଡ଼ା, ସାର୍ଥୋଳ, ଗଙ୍ଗା ମନ୍ଦିର, ଚାନ୍ଦିନୀଚୌକ, ଶଙ୍କରପୁର, ବଣିଆ ସାହିଠାରୁ ଆରମ୍ଭ କରି ବହୁ ଗଳିକନ୍ଦି ରାସ୍ତା ଦୟନୀୟ ହୋଇଛି। ଅନେକ ସ୍ଥାନରେ ରାସ୍ତା ଦବିଯାଇ ଗର୍ତ୍ତ ହେଉଥିବାରୁ ଦୁର୍ଘଟଣାର ଆଶଙ୍କାକୁ ଦ୍ୱିଗୁଣିତ କରିଛି।

ସୂଚନାଥାଉ କି, ପ୍ରତେକ ବର୍ଷ ସିଏମସି ପକ୍ଷରୁ ପୂଜା ପୂର୍ବରୁ ପ୍ରତି ୱାର୍ଡରେ ଉନ୍ନତିମୂଳକ କାର୍ଯ୍ୟ ନିମନ୍ତେ ଅର୍ଥ ବ୍ୟବସ୍ଥା କରାଯାଉଥିଲା। ସିଏମ୍‌ସି ପକ୍ଷରୁ ୫୯ଟି ୱାର୍ଡକୁ ସମାନ ଅର୍ଥ ବ୍ୟୟ କରାଯାଇ ରାସ୍ତା ଓ ଡ୍ରେନ ମରାମତି, ଆଲୋକିକରଣ ପ୍ରଭୃତି କରାଯାଉଥିଲା। ହେଲେ ଚଳିତବର୍ଷ ସିଏମସି ପକ୍ଷରୁ ୱାର୍ଡକୁ ଉନ୍ନୟନମୂଳକ କାର୍ଯ୍ୟ ସ୍ୱରୂପ ଅର୍ଥ ନ ଦିଆଯାଇ ଆବଶ୍ୟକ ଭିତ୍ତିରେ ରାସ୍ତା ମରାମତି କରାଯିବ। ଏ ନେଇ କର୍ପୋରେଟରମାନେ ଆସନ୍ତା କାଉନସିଲ ବୈଠକରେ କର୍ତ୍ତୃପକ୍ଷଙ୍କୁ ଘେରିବେ। ଏ ସମ୍ପର୍କରେ ମେୟର ସୁବାସ ସିଂ କହିଛନ୍ତି, ସହରର ଉନ୍ନତିକରଣ ପାଇଁ ଯେଉଁ ସାଢେ ୩ କୋଟି ଟଙ୍କା ରହିଛି ସେଥିମଧ୍ୟରେ ଏହି ସବୁ କାର୍ଯ୍ୟ ହେବ।



କଟକ ବେଲଭ୍ୟୁ ଛକ ରାସ୍ତାରେ ହୋଇଥିବା ଗର୍ତ୍ତ।

# ବେଆଇନ ବରିଷ୍ଠ ନାଗରିକଙ୍କ କ୍ଲବ ଘରକୁ ଭାଙ୍ଗିଲା ପ୍ରଶାସନ

ଚୌଦ୍ୱାର,୧୨।୯(ଡି.ଏନ୍.ଏ)

ଆଗ୍ରାହାଟ ପଞ୍ଚାୟତ ଅନ୍ତର୍ଗତ ଯାଜଭୈରବ ବୈଷ୍ଣବ ବିହାରରେ ସରକାରୀ ଜମି ଉପରେ ହୋଇଥିବା ବରିଷ୍ଠ ନାଗରିକ ଅବସର ବିନୋଦନ କେନ୍ଦ୍ରକୁ ପ୍ରଶାସନ ତରଫରୁ ସୋମବାର ଭାଙ୍ଗି ଦିଆଯାଇଛି। ସରକାରୀ ଜମି ଉପରେ ବେଆଇନ ଭାବେ ବରିଷ୍ଠ ନାଗରିକ କ୍ଲବ ନାମରେ ପକ୍କାଘର ନିର୍ମାଣ କରାଯାଉଥିଲା। ଏ ନେଇ ପ୍ରଶାସନ ନିକଟରେ ଅଭିଯୋଗ ହେବା ପରେ ଏହି ବେଆଇନ ନିର୍ମାଣକୁ ଭାଙ୍ଗି ଦେବା ପାଇଁ ଟାଙ୍ଗୀ-ଚୌଦ୍ୱାର ତହସିଲଦାରଙ୍କ ତରଫରୁ ଚିଠି ନଂ.୫୭୯୩ ତା ୩୦.୮.୨୨ରେ ନୋଟିସ୍ ଜାରି କରାଯାଇଥିଲା। ନୋଟିସ୍ ଅନୁଯାୟୀ ତହସିଲ ଅଫିସ୍ କର୍ମକର୍ତ୍ତାମାନେ ପୋଲିସ୍ ସହିତ ଘଟଣାସ୍ଥଳରେ ପହଞ୍ଚି ଯାଜଭୈରବ ଗ୍ରାମ ୨୯୬ ନମ୍ବର ଖାତାର ୧୫୫୧ ନମ୍ବର ପ୍ଲଟ ଉପରେ ନିର୍ମାଣାଧୀନ ଘରକୁ ଭାଙ୍ଗି ଦେଇଥିଲେ। ଏହି ଅଞ୍ଚଳରେ ଥିବା ସରକାରୀ ଜମି ଉପରେ ଗଢ଼ି ଉଠିଥିବା ବେଆଇନ ଘରଗୁଡ଼ିକୁ ତହସିଲ ତରଫରୁ ଉଚ୍ଛେଦ କରାଯିବ ବୋଲି ଉପସ୍ଥିତ ତହସିଲ କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି।

# 'ଆଠଗଡ଼ ମାଟିରେ ଜନବିରୋଧୀ ନୀତିକୁ ପ୍ରଶ୍ରୟ ଦିଆଯିବନି'

ଖୁଣ୍ଟୁଣୀ,୧୨।୯(ଡି.ଏନ୍.ଏ)

## ଆଠଗଡ଼ ପ୍ରଜାମଣ୍ଡଳ ଆନ୍ଦୋଳନର ୮୪ତମ ପୂର୍ତ୍ତି ସମାରୋହ

ଆଠଗଡ଼ର ବୀର ମାଟିର ସନ୍ତାନମାନେ ଅତିତରେ ଆଠଗଡ଼ର ଶେଷ ରାଜା ମହାପ୍ରତାପୀ ରାଧାନାଥ ବେବର୍ତ୍ତା ପଟ୍ଟନାୟକଙ୍କ ଅତ୍ୟାଚାର ସହ୍ୟ କରି ନ ପାରି ଖୁଣ୍ଟୁଣୀରେ ରାଜମେଳି କରି ସଫଳ ହୋଇଥିଲେ। ସେଦିନର ସେହି ବୀର ସଂଗ୍ରାମୀମାନଙ୍କ ସ୍ମୃତିଚରଣ ନିମନ୍ତେ ୧୯୩୮ ମସିହା ସେପ୍ଟେମ୍ବର ୧୧ ଦିନକୁ ସ୍ମରଣ କରିବାକୁ ରବିବାର ରାଧାଦାମୋଦରପୁରସ୍ଥିତ ମହାଦେବଙ୍କ ପ୍ରାଙ୍ଗଣରେ ୮୪ତମ ପ୍ରଜାମଣ୍ଡଳ ଆନ୍ଦୋଳନ ପୂର୍ତ୍ତି ସମାରୋହ ଆୟୋଜନ ହୋଇଥିଲା। ଆଠଗଡ଼ ସ୍ୱାଧୀନତା ସଂଗ୍ରାମୀ ଦାୟାଦ ସଂଘ ଓ ଜମେଶ୍ୱର ମିଶ୍ର ସ୍ମୃତି କମିଟିର ମିଳିତ ଆୟୋଜନରେ ଅନୁଷ୍ଠିତ ଏହି ସମାରୋହରେ ସଦସ୍ୟ ଭାଗୀରଥି କର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଆଇନଜୀବୀ ଫଣୀଭୂଷଣ ରଥ, ବିଶିଷ୍ଟ ଅତିଥି ଭାବେ ସାମାଜିକ କର୍ମୀ ପ୍ରତାପରୁଦ୍ର ବେଉରା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଡିଏଫ୍‌ଓ ଅଜୟ ଜେନା, ମୁଖ୍ୟବକ୍ତା ଅବସରପ୍ରାପ୍ତ ମହା ପ୍ରବନ୍ଧକ କବି ହିମାଂଶୁ ପରିଡା, ସାମ୍ବାଦିକ ସୁରେନ୍ଦ୍ର ପାତ୍ର, ବସନ୍ତ କୁମାର ସାହାଣୀ ପ୍ରମୁଖ ଯୋଗଦେଇ ପ୍ରଜାମଣ୍ଡଳ ଆନ୍ଦୋଳନର ଅବତାରଣା କରିଥିଲେ। ଏଣିକି ଆଠଗଡ଼ ମାଟିରେ କୌଣସି ଜନବିରୋଧୀ ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ ଅତିଥିମାନେ ମତବ୍ୟକ୍ତି କରିଥିଲେ। ବିବରଣୀ ପାଠ କରିଥିଲେ ସାହିତ୍ୟିକ ସୁରେଶ ପ୍ରଧାନ। ଏହି ଅବସରରେ ଆଠଗଡ଼ ଅଞ୍ଚଳର ୩୦ଜଣ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଘ ସଦସ୍ୟ ରଶ୍ମିରଞ୍ଜନ ସାହାଣୀ, ଇଂ ଆଶୁତୋଷ କର ଓ ପ୍ରଣବ ମହାପାତ୍ର ପରିଚାଳନା କରିଥିଲେ ।

# ୩୮୦ କୋଟି ବ୍ୟୟରେ ସୁଦୃଢ଼ ହେବ ସହର ଭିତ୍ତିଭୂମି



କଟକ ଶହୀଦ ଭବନରେ ଦୁର୍ଗାପୂଜା ପାଇଁ ହୋଇଥିବା ପ୍ରସ୍ତୁତି ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଉଦ୍‌ବୋଧନ ଦେଉଛନ୍ତି।

କଟକ ଅଫିସ,୧୨।୯

## ଜିଲା ପ୍ରଶାସନ ପକ୍ଷରୁ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଶହୀଦ ଭବନରେ ଦୁର୍ଗାପୂଜା ପାଇଁ ବିଭିନ୍ନ ଦୁର୍ଗାପୂଜା କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। କଟକ ମହାନଗର ପୂଜା କମିଟିର ସାଧାରଣ ସମ୍ପାଦକ ପ୍ରଭାତ କୁମାର ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସିଏମ୍‌ସି ମେୟର ସୁବାସ ସିଂ ଯୋଗଦେଇ ସହରର ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ୩୮୦କୋଟି ଟଙ୍କା ବ୍ୟୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଛି ବୋଲି କହିଥିଲେ।

କଟକ ସହରାଞ୍ଚଳରେ ଦୁର୍ଗାପୂଜା ପାଇଁ ଆବଶ୍ୟକ ସମସ୍ତ ଭିତ୍ତିଭୂମିର ସମୀକ୍ଷା କରାଯାଇ ସମୟ ଉପଯୋଗୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବୈଠକରେ ଯୋଗଦେଇ କଟକ ଜିଲାପାଳ ତଥା କଟକ ମହାନଗର ପୂଜା କମିଟି ସଭାପତି ଡ.ଭବାନୀ ଶଙ୍କର ଚୟନୀ ମତବ୍ୟକ୍ତ କରିଛନ୍ତି। ରାସ୍ତାଘାଟର ମରାମତି, ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ, ପାନୀୟଜଳ ଓ ରାସ୍ତାକୁ ଅବରୋଧ ମୁକ୍ତ କରିବା, ଜଳନିଷ୍କାସନ ଏବଂ ଭସାଣି ସମୟରେ ମେଢଗୁଡିକ ସୁନିୟନ୍ତ୍ରିତ ଭାବେ ଯାତାୟାତ କରିବା ଦିଗରେ ଗୁରୁତ୍ୱାରୋପ କରାଯିବ। ଉପଯୁକ୍ତ ସମନ୍ୱୟ ରକ୍ଷା ପାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି ବୋଲି ଜିଲାପାଳ କହିଥିଲେ। ବୈଠକରେ ବିଧାୟକ ସୌଭିକ ବିଶ୍ୱାଳ ଯୋଗଦେଇ ଦୁର୍ଗାପୂଜାକୁ ସୁନ୍ଦର ଭାବେ ପାଳନ କରିବା ସହ କଟକର ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ସମସ୍ତ ଉଦ୍ୟମ କରିବେ ବୋଲି ସେ କହିଥିଲେ। ସେହିପରି ସିଏମ୍‌ସି କମିଶନର ନିଖିଲ ପଓନ କଲ୍ୟାଣ କହିଥିଲେ, କଟକ ଅଞ୍ଚଳର ରାସ୍ତାକୁ ସ୍ଥାୟୀ ଭାବେ ମରାମତି କାର୍ଯ୍ୟ ହାତକୁ ନିଆଯିବ। ଅନ୍ୟପଟେ ଡିସିପି ପିନାକ ମିଶ୍ର କହିଥିଲେ, ଭସାଣିରେ ସାମିଲ ହେଉଥିବା ଗାଡିଗୁଡ଼ିକର ସଂଖ୍ୟାକୁ ହ୍ରାସ କରାଯିବା ସହ ବିଭିନ୍ନ ସାଂସ୍କୃତିକ ଦଳର ସଂଖ୍ୟାକୁ ନିୟନ୍ତ୍ରିତ କଲେ ଶୃଙ୍ଖଳିତ ଭାବେ ପ୍ରତ୍ୟେକ ମେଢ ଗନ୍ତବ୍ୟ ସ୍ଥଳକୁ ସୁରୁଖୁରୁରେ ଯାଇପାରିବେ। ବୈଠକରେ କଟକ ମହାନଗର ଶାନ୍ତି କମିଟିର ସଭାପତି ଦେବେନ୍ଦ୍ରନାଥ ସାହୁ, ସାଧାରଣ ସମ୍ପାଦକ ଭିକାରି ଚରଣ ଦାସ, କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ ସାହୁ ଓ ସମ୍ପାଦକ ପ୍ରଫୁଲ୍ଲ ସାହୁ ପ୍ରମୁଖ ମଞ୍ଚାସୀନ ରହି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିବା ସହ ପ୍ରଶାସନର ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ବିଜୟ ଖଣ୍ଡାୟତରାୟ, ଉପଜିଲାପାଳ କଟକ ସଦର ପ୍ରତାପ ଚନ୍ଦ୍ର ବେଉରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ସିଏମସି ଉପ-ଆୟୁକ୍ତ ଅଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବିଶ୍ୱ ଭ୍ରାତୃତ୍ୱ ଦିବସ



ବାଣପୁର,୧୨।୯(ଡି.ଏନ୍.ଏ.): ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ବାଣପୁର ବାଲୁଗାଁ ଶାଖା ଦ୍ୱାରା ବିଶ୍ୱ ଭ୍ରାତୃତ୍ୱ ଦିବସ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପାଳିତ ହୋଇଯାଇଛି। ଶିକ୍ଷାବତ୍ ବୈରାଗୀ ଚରଣ ବଳଙ୍କ ତତ୍ତ୍ୱାବଧାନରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ପ୍ରାନ୍ତ ସଙ୍ଗଠକ ରବି ଭାଇ ଯୋଗଦେଇ ଏହି ଦିବସର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥିଭାବେ ନଗର ସଂଞ୍ଚାଳକ ସତ୍ୟ ନାରାୟଣ ଷଡଙ୍ଗୀ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ନଗର ପ୍ରମୁଖ ଅଜୟ କୁମାର ଦାସ, ସମ୍ପର୍କ ପ୍ରମୁଖ ଓ ବ୍ୟବସ୍ଥା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୩୬୦ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ



ଟାଙ୍ଗୀ(ଖୋର୍ଦ୍ଧା),୧୨।୯(ଡି.ଏନ୍.ଏ.): ଟାଙ୍ଗୀ ବ୍ଲକ ଅଧୀନ କୁହୁଡି କ୍ଷେତ୍ରବାସୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ବିଜୟ କୁମାର ଜେନା, ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ପ୍ରିୟମ୍ବଦା ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲିପିନା ଶ୍ରୀଚନ୍ଦନ, ସିଆରସିସି ଲଳିତ ନାରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ୩୬୦ଜଣ ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣ କରିଥିଲେ। ଶିକ୍ଷୟିତ୍ରୀ ସତ୍ୟଭାମା ବେହେରା, ସସ୍ମିତା ଦଳବେହେରା, ଶୈଳବାଳା ମହାରଣା, ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁ, ସମରେଶୁ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀ ସରସ୍ୱତୀ ବେହେରା ଧନ୍ୟବାଦ ଦେଇଥିଲେ।

### ଗାଡ଼ି ଧକ୍କାରେ ୬ ଗୋରୁ ମୃତ

**ଖୋର୍ଦ୍ଧା ଅଫିସ,୧୨।୯:** ଖୋର୍ଦ୍ଧା-ନୟାଗଡ଼ ୫୭ନମ୍ବର ଜାତୀୟ ରାଜପଥରେ ରବିବାର ରାତିରେ ଏକ ଗାଡି ଧକ୍କାରେ ୬ ଗୋରୁଗାଈଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଗୁରୁତର ଆହତ ହୋଇଛନ୍ତି। ସୋମବାର ସକାଳେ ଏହି ଘଟଣା ଜଣାପଡ଼ିବା ପରେ ସ୍ଥାନୀୟଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆହତଙ୍କୁ ଉଦ୍ଧାର କରିବା ସହ ମୃତ ଗୋରୁଗାଈଙ୍କୁ ରାସ୍ତାରୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଲୋକେ ଗୋରୁଗାଈଙ୍କୁ ରାତିରେ ଛାଡି ଦେଉଥିବାରୁ ଏଭଳି ଦୁର୍ଘଟଣା ଘଟୁଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ପରିତ୍ୟକ୍ତ ଅବସ୍ଥାରେ ସୁଲଭ ଶୌଚାଳୟ

ଖୋର୍ଦ୍ଧା ଅଫିସ,୧୨।୯

■ ଝୁଲୁଛି ତାଲା, ଯାତ୍ରୀ ହନ୍ତସନ୍ତ
■ ପୌର ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ଖୋର୍ଦ୍ଧା ସହରର ବିକାଶ ଓ ସୌନ୍ଦର୍ଯ୍ୟକରଣକୁ ପ୍ରାଥମିକତା ଦିଆଯାଉଛି ବୋଲି ପୌର ପରିଷଦ ପକ୍ଷରୁ କୁହାଯାଉଛି। ହେଲେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଅଲଗା। ସହରର ପୁରୁଣା ବସ୍‌ଷ୍ଟାଣ୍ଡ ପେଟ୍ରୋଲ ପମ୍ପ ନିକଟ ଏବଂ ନୂଆ ବସଷ୍ଟାଣ୍ଡଠାରେ ପୌର ପରିଷଦ ପକ୍ଷରୁ ଦୁଇଟି ସୁଲଭ ଶୌଚାଳୟ କରାଯାଇଥିଲା। ଗତ ଦୁଇ ବର୍ଷ ହେବ ଉକ୍ତ ଶୌଚାଳୟରେ ତାଲା ଝୁଲୁଛି। ଫଳରେ ସର୍ବସାଧାରଣ ସ୍ଥାନରେ ଶୌଚାଳୟ ନ ଥିବାରୁ ଗନ୍ତବ୍ୟ ସ୍ଥଳକୁ ଯିବା ପାଇଁ ଏହି ଦୁଇ ସ୍ଥାନରେ ବସ୍‌କୁ ଅପେକ୍ଷା କରି ରହୁଥିବା ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୂଆ ବସଷ୍ଟାଣ୍ଡରେ ରହିଥିବା ଶୌଚାଳୟ ଚାରିପଟେ ଅନାବନା ଗଛଲତା ଉଠି ଲୁଚିଗଲାଣି। ସେହିଭଳି ପୁରୁଣା ବସଷ୍ଟାଣ୍ଡ ପେଟ୍ରୋଲ ପମ୍ପ ନିକଟରେ ଥିବା ଶୌଚାଳୟଟି ମଧ୍ୟ ଅଚଳ ହୋଇପଡ଼ିଛି। ଫଳରେ ଉକ୍ତ ଜାଗା ଲୋକଙ୍କ ପାଇଁ ମୁକ୍ତ ପରିସ୍ରାଗାର ପାଲଟିଛି।

ସୂଚନାଥାଉ କି, ଗତବର୍ଷ ସହରର ପୁରୁଣା ବସଷ୍ଟାଣ୍ଡ, ନୂଆ ବସଷ୍ଟାଣ୍ଡ ମାର୍କେଟ କମ୍ପ୍ଲେକ୍ସ ଆଦି ସ୍ଥାନରେ



ପରିତ୍ୟକ୍ତ ଅବସ୍ଥାରେ ଥିବା ସୁଲଭ ଶୌଚାଳୟ।

ପରିସ୍ରାଗାର ଉଦ୍‌ଘାଟନ ହୋଇଥିଲା। ତେବେ ଉଦ୍‌ଘାଟନର କିଛିମାସ ପରେ ଲୋକଙ୍କ କାମରେ ଆସିବା ବଦଳରେ ଶୌଚାଳୟରେ ତାଲା ଝୁଲି ରହିଥିଲା। ଏପରିକି ଅସମାଜିକ ଯୁବକ ସେଠାରେ ଥିବା ପାଣି ଟ୍ୟାପ, ହାତଧୁଆ ବେସିନ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ସ୍ଥାନୀୟ ବ୍ୟବସାୟୀ ନିଜ ବ୍ୟବହାର ଲାଗି ମଧ୍ୟ ତାଲା ପକାଇ ରଖୁଥିବା କେତେଜଣ ଯାତ୍ରୀ ଗଣମାଧ୍ୟମ ଆଗରେ କହିଛନ୍ତି। ଚଳିତବର୍ଷ ସହରର ଆଉ ୩ଟି ସ୍ଥାନରେ ପରିସ୍ରାଗାର ଉଦ୍‌ଘାଟନ କରାଯାଇଛି। ସେଠାରେ ମଧ୍ୟ କେଉଁଠି ଖୋଲାଯାଇ ନ ଥିବାବେଳେ ଆଉ କେଉଁଠି ଅଚଳ ହୋଇପଡ଼ିଛି। ଏନେଇ ପ୍ରଦେଶ କଂଗ୍ରେସ ସଭ୍ୟ ଶିଶିର ପରିଡା କୁହନ୍ତି, ଖୋର୍ଦ୍ଧାରେ ଶୌଚାଳୟ ହୋଇଥିଲେ ମଧ୍ୟ ଦୀର୍ଘଦିନ ହେବ ଅଚଳ ହୋଇପଡ଼ିଛି। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ସାମାଜିକ କର୍ମୀ ଶୋଭନ ଘୋଷ କୁହନ୍ତି, ସହରରେ କେଉଁଠି ମଧ୍ୟ ଠିକ୍ ଶୌଚାଳୟଟିଏ ନାହିଁ। ଦୁଇଟି ଶୌଚାଳୟ ବନ୍ଦ ପଡିଛି। ଏହାର ପୁନରୁଦ୍ଧାର ଲାଗି କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ସାମାଜିକ କର୍ମୀ ଆଦିତ୍ୟ ମହାରଣା କୁହନ୍ତି, ୩ବର୍ଷ ବ୍ୟବଧାନ ପରେ ପୌର ନିର୍ବାଚନ ହେଲା। ପ୍ରଶାସନ ହାତରୁ ପୌର ଶାସନ ନିର୍ବାଚିତ ପ୍ରତିନିଧିଙ୍କ ହାତକୁ ଆସିଲା। ୨୨ ୱାର୍ଡ ମେମ୍ବର ସହ ପୌରାଧକ୍ଷା ସିଧାସଳଖ ନିର୍ବାଚିତ ହେଲେ। ଆଶା ଥିଲା ସହରର ବିକାଶରେ ଏମାନେ ଭାଗିଦାରୀ ରହିବ। ନିକଟରେ ସ୍ୱାୟତ୍ତ ଶାସନ ଦିବସ ଗଲା। ତେବେ ସହରର କୌଣସି ବିକାଶମୂଳକ ଯୋଜନା କାର୍ଯ୍ୟକାରୀ କରାଯାଉନାହିଁ। ଶୌଚାଳୟ ନ ଥିବାରୁ ବାହାରୁ ଆସୁଥିବା ଲୋକେ ସାମନ୍ତରାପୁର, ଗୁରୁଜଙ୍ଗ, ମୁକୁନ୍ଦପ୍ରସାଦ ଆଦି ସ୍ଥାନରେ ରହିଥିବା ପୋଖରୀ ହୁଡା ନିକଟରେ ଖୋଲାରେ ମଳତ୍ୟାଗ କରିବାକୁ ବାଧ ହେଉଛନ୍ତି। ଛାତ୍ରନେତା ଜୟନ୍ତ ମହାନ୍ତି କୁହନ୍ତି, ପୌର ପ୍ରଶାସନ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇବା ପାରୁନି। ଖୋର୍ଦ୍ଧାର କୌଣସି ସରକାରୀ କାର୍ଯ୍ୟାଳୟରେ ଲୋକଙ୍କ ପାଇଁ ଶୌଚାଳୟ ବ୍ୟବସ୍ଥା ନାହିଁ। ଏଥିପ୍ରତି ଜିଲା ପ୍ରଶାସନ ଗୁରୁତ୍ୱ ଦେବା ଜରୁରୀ ହୋଇପଡ଼ିଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି କହିଛନ୍ତି, ଶୌଚାଳୟ ନିର୍ମାଣ ପ୍ରକ୍ରିୟା ଜାରି ରହିଛି। ନୂଆବସଷ୍ଟାଣ୍ଡ ଏବଂ ପୁରୁଣା ବସଷ୍ଟାଣ୍ଡର ଶୌଚାଳୟ ପୁନରୁଦ୍ଧାର ପାଇଁ ଖୁବ୍‌ଶୀଘ୍ର ଟେଣ୍ଡର କରାଯିବ।

## ରେଳ ଧାରଣାରୁ ଅଗ୍ନିଶମ କର୍ମଚାରୀଙ୍କ ମୃତଦେହ ଜବତ

ନିରାକାରପୁର,୧୨।୯(ଡି.ଏନ୍.ଏ.)

ଖୋର୍ଦ୍ଧାରୋଡ୍ ରେଳ ଡିଭିଜନ ଅଧୀନ ଗୋଲବାଇ ଷ୍ଟେଶନ ନିକଟ ରେଳଧାରଣାରୁ ସୋମବାର ନିରାକାରପୁର ରେଲୱେ ଫାଣ୍ଡି ପୋଲିସ ଜଣେ ଅଗ୍ନିଶମ କର୍ମଚାରୀଙ୍କ ମୃତଦେହ ଜବତ କରିଛି। ସେ ହେଲେ ଜଙ୍କିଆ ଥାନା ଅନ୍ତର୍ଗତ ଗୋଲବାଇ ଗାଦିସାହିର ଦିବାକର ସାମଲ(୫୨)। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା (ନଂ.୪୨/୨୨)ରୁଜୁକରି ତଦନ୍ତ ଚଳାଇଛି। ଖଲିକୋଟରେ ଦିବାକର ଚାକିରି କରିଥିବା ବେଳେ ଖୋର୍ଦ୍ଧା ଦମକଳ କଲୋନୀରେ ସ୍ତ୍ରୀ ଓ ପିଲାମାନଙ୍କ ସହ ରହୁଥିଲେ। ସେ ଏଠାକୁ କିପରି ଆସିଲେ ଓ ତାଙ୍କର ମୃତ୍ୟୁ କିପରି ଘଟିଲା ତଦନ୍ତ ପରେ ଜଣାପଡ଼ିବ ବୋଲି ପୋଲିସ କହିଛି।

## ଯୁବକଙ୍କ ମୃତଦେହ ଜବତ

ଜଟଣୀ,୧୨।୯(ଡି.ଏନ୍.ଏ.)

ଜଟଣୀ ଥାନା ଅଧୀନ ଗୋପବନ୍ଧୁ ନଗର ଅଞ୍ଚଳରୁ ସୋମବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ସନ୍ତୋଷ ପାତ୍ର (୨୨)। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲାରୁଜୁକରି ତଦନ୍ତ ଚଳାଇଛି।

# ୩୨,୫୦୦ ଟଙ୍କାରେ ନିଲାମ ହେଲା ଗଜାନନଙ୍କ ଲଡୁ



ଗଣେଶଙ୍କ ନିକଟରେ ପୂଜା ହୋଇଥିବା ଲଡୁ ନିଲାମ କରାଯାଉଛି।

ଜଟଣୀ,୧୨।୯(ଡି.ଏନ୍.ଏ.)

ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜାର ଭସାଣି ଉତ୍ସବ ଗତ ୧୦ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ତେବେ ସୋମବାର ପୋଷ୍ଟ ଅଫିସ ଛକ ବ୍ୟବସାୟ ସଂଘ ପକ୍ଷରୁ ମୋ' ଜଟଣୀ ପାର୍କ ନିକଟରେ ଗଜାନନଙ୍କ ୩୧ କେଜିର ଲଡୁ ନିଲାମ କରାଯାଇଥିଲା। ଗଣେଶ ପୂଜା ଦିନ ଠାରୁ ଏହି ଲଡୁ ଗଣେଶଙ୍କ ନିକଟରେ ପୂଜା କରାଯାଇ ରଖାଯାଇଥିଲା। ଭସାଣି ଉତ୍ସବର ଦୁଇ ଦିନ ପରେ ଉକ୍ତ ଲଡୁକୁ ନିଲାମ କରାଯାଇଛି। ପ୍ରଥମେ କମିଟି ପକ୍ଷରୁ ଏହି ଲଡୁର ଦାମ୍ ୧୦ ହଜାର ଟଙ୍କା ଡକାଯାଇଥିଲା। ଏହା ପରେ ଉପସ୍ଥିତ ଶ୍ରଦ୍ଧାଳୁ ଏହାର ମୂଲ୍ୟ ବଢ଼ାଇ ଡାକିଥିଲେ। ଶେଷରେ ଜଟଣୀ ରାମଚନ୍ଦ୍ରପୁର ବଜାରର ସୁଜିତ କୁମାର ସାହୁ ୩୨ ହଜାର ୫୦୦ ଟଙ୍କାରେ ନେଇଥିଲେ। ବ୍ୟବସାୟୀ ସଙ୍ଘ ସଭାପତି ହେମନ୍ତ କୁମାର ସୁନ୍ଦରାୟ କହିଛନ୍ତି, ଏହି ନିଲାମ ଟଙ୍କା ସାମାଜିକ କାର୍ଯ୍ୟରେ ଖର୍ଚ୍ଚ ହେବ। ନିଲାମ କାର୍ଯ୍ୟକ୍ରମ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା। ଏହି ନିଲାମ ଅବସରରେ ସଫେଇ କର୍ମଚାରୀ କେଦାର ନାୟକ ଓ ବିଜୟ ନାୟକ, ସ୍ୱେଚ୍ଛାସେବୀ ବିଜୟ କୁମାର ସାହୁ, ଜୁଲଫିକର ଅଲ୍ଲୀଙ୍କୁ ସମ୍ମାନିତ କରାଯାଇଥିଲା। ସଂଘର ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରୀଲିଙ୍ଗରାଜଙ୍କ ରାଜସ୍ୱ ଆଦାୟ ଅଧିକାର ଫେରାଇ ଅଣାଯାଉ

ପୁରୁଣା ଭୁବନେଶ୍ୱର, ୧୨।୯ (ଡି.ଏନ୍.ଏ.)

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ବାରମାସରେ ତେର ପର୍ବ। ଏଥିପାଇଁ ଛତିଶା ନିଯୋଗଙ୍କ ଖଞ୍ଜାପଡ଼ା ରହିଛି। ଏହାସତ୍ତ୍ୱେ ଠାକୁରଙ୍କ ଭୂସମ୍ପତିରୁ ପ୍ରାପ୍ୟ ଅର୍ଥ ନ ଦିଆଯାଇ ବହୁ ମୂଲ୍ୟବାନ ଭୂସମ୍ପତିରେ ରାସ୍ତା, ମାର୍କେଟ କମ୍ପ୍ଲେକ୍ସ, ବସ୍‌ଷ୍ଟାଣ୍ଡ ଆଦି ନିର୍ମାଣ ହୋଇଛି। ସେହଭଳି ଏକର ଏକର ଜମି ଉପରେ ସରକାରଙ୍କ ପକ୍ଷରୁ ଜମି ଅଧିଗ୍ରହଣ କରାଯିବା ପରେ ମଧ୍ୟ ଲିଙ୍ଗରାଜଙ୍କ ତହବିଲକୁ ଆଖିଦୃଶିଆ ପ୍ରାପ୍ୟ କିମ୍ବା ରାଜସ୍ୱ ଦିଆଯାଇନାହିଁ। ଦାଣ୍ଡ ମହାସୁଲ, ପାର୍କିଂରୁ ମଧ୍ୟ ଶ୍ରୀଜୀଉଙ୍କ ରାଜସ୍ୱ ଆସିବା କିଛିଦିନ ହେବ ବନ୍ଦ ରହିଛି। ଲିଙ୍ଗରାଜଙ୍କ ରାଜସ୍ୱ ହାନୀକୁ ରୋକିବା ପାଇଁ ମନ୍ଦିର ପ୍ରଶାସନ ପଦକ୍ଷେପ ନେବା ଆବଶ୍ୟକ। ଏନେଇ ସୋମବାର ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଏକ ଦାବିପତ୍ର ମନ୍ଦିର ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ତଥା ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ଦେବବ୍ରତ ସାହୁଙ୍କୁ ପ୍ରଦାନ କରାଯାଇଛି। ତୁରନ୍ତ ଏଥିପ୍ରତି ମନ୍ଦିର ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମଞ୍ଚ ପକ୍ଷରୁ ଦାବି ହୋଇଛି। ଦାବିପତ୍ର ପ୍ରଦାନ ବେଳେ ମଞ୍ଚ ଅଧ୍ୟକ୍ଷ ଭୀଷ୍ମନାରାୟଣ ନାୟକ, ସରୋଜ ମିଶ୍ର, ରାଜେଶ ମିଶ୍ର, ବିଜୟ ଭଟ୍ଟାଚାର୍ଯ୍ୟ, ସୌମ୍ୟରଞ୍ଜନ ପଣ୍ଡା, ନିରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ବଣମଲ୍ଲୀ ସାହିତ୍ୟ ସଂସଦର ସମ୍ବର୍ଦ୍ଧନା ଉତ୍ସବ



ବୋଲଗଡ଼,୧୨।୯(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ଆରିକମା ଗ୍ରାମ ଡାଳଖାଇ ଠାକୁରାଣୀ ପୀଠ କଲ୍ୟାଣ ମଣ୍ଡପରେ ବଣମଲ୍ଲୀ ସାହିତ୍ୟ ସଂସଦର ୧୩ ତମ କବିତା ପାଠ ଓ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ମା' ଦୁର୍ଗାଙ୍କ ଆଗମନ ନେଇ ଶତାଧିକ କବୟିତ୍ରୀ, କବି ସାହିତ୍ୟିକ ଓ ଲେଖକମାନେ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଏନେଇ ଆୟୋଜିତ ସଭାରେ ପୂର୍ବତନ ପ୍ରଧାନଶିକ୍ଷକ ଯୋଗେଶ ଚନ୍ଦ୍ର ସାମନ୍ତସିଂହାରଙ୍କ ସଭାପତିତ୍ୱରେ ପୂର୍ବତନ ପ୍ରଧାନ ଶିକ୍ଷକ କୁଳମଣି ହୋତା, ପ୍ରଧାପକ ଡ.ଶଶିଭୂଷଣ ମହାପାତ୍ର, ସାହିତ୍ୟିକ ନୀଳାଦ୍ରି ମୋହନ ଜଗଦ୍ଦେବ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମାଧବଚନ୍ଦ୍ର ପଣ୍ଡା, ନଳିନୀକାନ୍ତ ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କବି, ଲେଖକ ଓ ଚିତ୍ରଶିଳ୍ପୀଙ୍କୁ ବଣମଲ୍ଲୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବୋଲଗଡ଼ ବ୍ଲକରେ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ତିନିଜଣ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଅତିଥିଙ୍କ ଦ୍ୱାରା ଲେଖକ ବୈଜୟନ୍ତୀ ସାହୁଙ୍କ ପୁସ୍ତକ 'ନିର୍ଜନବାଣ', ଡ. ଶଶିଭୂଷଣ ମହାପାତ୍ରଙ୍କ 'ଆସ ଇଶ୍ୱରୀ', କବି ବିଜୁ ହୋତାଙ୍କ 'ନଈ ପିନ୍ଧେ ନୀଳଶାଢ଼ି' କବିତା ପୁସ୍ତକ ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ସଭାପତି ବଂଶୀଧର ପଣ୍ଡା ବିବରଣୀ ପାଠ, ସମ୍ପାଦକ ବିଜୁ ହୋତା ଅତିଥିଙ୍କ ପରିଚୟ ଏବଂ ଅଖିଳେଶ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସାମାଜିକ କର୍ମୀ ଭାଗୀରଥି ଦାଶ ଧନ୍ୟବାଦ ଦେଇଥିଲେ।

# ଜବରଦଖଲ ହଟିଲା, ଜଳ ନିଷ୍କାସନ ସ୍ୱାଭାବିକ

ବୋଲଗଡ଼,୧୨।୯(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକର ବାଙ୍କୋଇ-ସାଗରଗୁଆ ପୂର୍ତ୍ତ ରାସ୍ତା ମଝିରେ ଥିବା ଏକ ପୋଲ ନିକଟରେ ଜଣେ ବ୍ୟକ୍ତି ଜବରଦଖଲ କରି ଘର ନିର୍ମାଣ କରିବାରୁ ଜମିର ଜଳ ନିଷ୍କାସନ ହୋଇପାରୁ ନ ଥିଲା। ଫଳରେ ଚାଷୀଙ୍କ ଏକର ଏକର ଧାନ ଫସଲ ନଷ୍ଟ ହେଉଥିଲା। ଏନେଇ ଶତାଧିକ ଚାଷୀ ରବିବାର ରାସ୍ତାରୋକୋ କରିଥିଲେ। ବୋଲଗଡ ତହସିଲଦାର ସନ୍ତୋଷିନୀ ଦାସ ଏହି ସମସ୍ୟାର ସମାଧାନ ତୁରନ୍ତ କରାଯିବ ବୋଲି ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସୋମବାର ତହସିଲଦାର ଦାସ କେତେଜଣ କର୍ମଚାରୀଙ୍କ ସହ ଅବରୋଧ ସ୍ଥଳରେ ପହଞ୍ଚି ଚାଷୀଙ୍କ ଠାରୁ ଘଟଣା ସମ୍ପର୍କରେ ବୁଝିବା ପରେ ଘର ନିର୍ମାଣ କରୁଥିବା ବ୍ୟକ୍ତିଙ୍କୁ ଡକାଇ ଆଲୋଚନା କରିଥିଲେ। ପରେ ଏହି ନିର୍ମାଣ ପାଇଁ ଅନୁମତି ନ ଥିବା କହିବା ସହ ଏହାକୁ ଭାଙ୍ଗିବା ପାଇଁ ତହସିଲଦାର ନର୍ଦ୍ଦେଶ ଦେଇଥିଲେ। ଜେସିବି ମାଧ୍ୟମରେ ନିଷ୍କାସନ ଅବରୋଧ କରୁଥିବା ନିର୍ମାଣକୁ ଭଙ୍ଗାଯାଇଥିଲା। ଏନେଇ ଚାଷୀମାନେ ଖୁସି ବ୍ୟକ୍ତ କରିବା ସହ ତହସିଲଦାରଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ସେମିଫାଇନାଲରେ ବଜରଙ୍ଗବାଲି

ଯାଁଳା,୧୨।୯(ଡି.ଏନ୍.ଏ.)

ମଦନପୁର ଫୁଟବଲ୍ ଲିଗ୍ ଟୁର୍ନାମେଣ୍ଟ

ମଦନପୁର ନବଜ୍ୟୋତି କ୍ଲବ ପକ୍ଷରୁ ଆୟୋଜିତ ଫୁଟ୍‌ବଲ ଲିଗ୍ ଟୁର୍ନାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଫ୍ରେଣ୍ଡସ ପାରାଡାଇଜ ଜୁନିୟର ଏବଂ ବଜରଙ୍ଗବାଲି ଘାଟିକିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚର ୩୪ ମିନିଟରେ ବଜରଙ୍ଗବାଲି ଟିମର ବିକାଶ କୁମାର ଗୋଟିଏ ଗୋଲ ଦେଇଥିଲେ। ଖେଳ ଶେଷ ପର୍ଯ୍ୟନ୍ତ ଫ୍ରେଣ୍ଡସ ପାରାଡାଇଜ ଟିମ୍ କୌଣସି ଗୋଲ ଦେଇ ନ ପାରିବାରୁ ୧-୦ ଗୋଲରେ ପରାଜିତ ହୋଇଥିଲା। ବଜରଙ୍ଗବାଲି ଟିମ୍ ବିଜୟୀ ହେବା ସହିତ ସେମିଫାଇନାଲକୁ ପ୍ରବେଶ କରିଛି। ମନୋରଞ୍ଜନ ଖୁଣ୍ଟିଆ, ନଜିବୁର ରେହେମାନ ଓ ଲଳିତ ବଳିୟାରସିଂ ମ୍ୟାଚ ପରିଚାଳନା କରିଥିଲେ।

# ଜନଶୁଣାଣିରେ ୧୫୭୫ ଅଭିଯୋଗ ପଞ୍ଜୀକରଣ

ବାଲୁଗାଁ,୧୨।୯(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଚିଲିକା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ସୋମବାର ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଚିଲିକା ବ୍ଲକ ଅଧୀନ ୧୭ ପଞ୍ଚାୟତ ଓ ବାଲୁଗାଁ ଏନ୍‌ଏସି ମଧ୍ୟରୁ ମୋଟ ୧୫୭୫ ଅଭିଯୋଗ ବିଚାର ପାଇଁ ପଞ୍ଜୀକରଣ ହୋଇଥିଲା। ୧୫୬୪ ବ୍ୟକ୍ତିଗତ ଅଭିଯୋଗ ଥିବା ବେଳେ ୧୧ଟି ବିଭିନ୍ନ ଗ୍ରାମର ସାମୁହିକ ସମସ୍ୟା ଅଭିଯୋଗ ରହିଥିଲା। ତେବେ ତନ୍ମଧ୍ୟରୁ ୨ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇ ୨ଜଣ ହିତାଧିକାରୀଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ୮ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏଥିସହ ଦୁଇଜଣ ଦିବ୍ୟାଙ୍ଗଙ୍କୁ ତିନିଚକିଆ ସାଇକେଲ ପ୍ରଦାନ କରାଯାଇଛି। ବିଭିନ୍ନ ଅଭିଯୋଗ ମଧ୍ୟରେ ଆବାସ ଯୋଜନା, ଆଧାରକାର୍ଡ, ଖାଉଟିକାର୍ଡ ଓ ଭତ୍ତା ସମ୍ପର୍କିତ ବହୁ ଅଭିଯୋଗ ଆସିଥିବା ଜଣାପଡ଼ିଛି । ଏହି ଶୁଣାଣି ଶିବିରରେ ହଜାର ହଜାର ସଂଖ୍ୟକ ଅଭିଯୋଗକାରୀ ପୂର୍ବାହ୍ନରୁ କାର୍ଯ୍ୟାଳୟ ସମ୍ମୁଖରେ ଭିଡ଼ ଜମାଇଥିବା ଦେଖିବାକୁ ମିଳିଥିଲା। ଶିବିରରେ ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢ଼ୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଓମ୍ ପ୍ରକାଶ ପାତ୍ର, ଚିଲିକା ତହସିଲଦାର ସୁରେଶ ଚନ୍ଦ୍ର ପଣ୍ଡା, ବିଡିଓ ଜଗଦୀଶ ଷଡ଼ଙ୍ଗୀ, ଚିଲିକା ବ୍ଲକ ଅଧ୍ୟକ୍ଷା ଜୋସ୍ନା ବେହେରା, ସାଧାରଣ ଅଭିଯୋଗ ଡେପୁଟି କଲେକ୍ଟର ସୁଚେତା ମହାପାତ୍ର, ସବିଏମ୍‌ଓ ଡ. ଆର୍ତ୍ତବନ୍ଧୁ ନାୟକଙ୍କ ସମେତ ଜନ ପ୍ରତିନିଧି ଓ ବିଭିନ୍ନ ବିଭାଗୀୟ ସରକାରୀ ଅଧିକାରୀ ଯୋଗଦେଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକଙ୍କ ତତ୍ତ୍ୱାବଧାନରେ ବାଲୁଗାଁ, ବାଣପୁର ଓ ଟାଙ୍ଗୀ ପୋଲିସ ମୁତୟନ ହୋଇଥିଲେ।



ଜନଶୁଣାଣି ଶିବିରରେ ଅଭିଯୋଗ କରିବାକୁ ଆସିଥିବା ମହିଳା ଓ ପୁରୁଷ।

# ମନ୍ତ୍ରୀଙ୍କ ବାସଭବନ ଆଗରେ ଅଭିଭାବକ ମହାସଂଘର ଅନଶନ

ଭୁବନେଶ୍ୱର, ୧୨।୯(ବ୍ୟୁରୋ)

■ ପ୍ରତିଶ୍ରୁତି ପରେ ସ୍ଥଗିତ
■ ୨୦ରେ ବିଭାଗୀୟ ବୈଠକ

ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ସୋମବାର ୭ଦଫା ଦାବି ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସଙ୍କ ଭୁବନେଶ୍ୱର ୟୁନିଟ୍-୧ସ୍ଥିତ ବାସଭବନ ସମ୍ମୁଖରେ ଆମରଣ ଅନଶନ କରାଯାଇଥିଲା। ପରେ ମନ୍ତ୍ରୀଙ୍କ ସହ ମହାସଂଘର ସହଅଧ୍ୟକ୍ଷ ଭୂମୋହନ ପଟ୍ଟନାୟକ, କୋଷାଧ୍ୟକ୍ଷ ସତ୍ୟଜିତ ଦାସ ପ୍ରମୁଖ ଆଲୋଚନା କରିଥିଲେ। କିନ୍ତୁ ବିଭାଗୀୟ ସଚିବଙ୍କ ସମେତ ଅନ୍ୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଉପସ୍ଥିତିରେ ଆଲୋଚନା ହେବ ବୋଲି ମହାସଂଘ ନିଷ୍ପତ୍ତି ନେଇଥିବାରୁ ମନ୍ତ୍ରୀଙ୍କ ସହ ଆଲୋଚନା ଆଗେଇ ପାରି ନ ଥିଲା। ଆସନ୍ତା ୨୦ ତାରିଖରେ ଲୋକସେବା ଭବନରେ ମନ୍ତ୍ରୀ, ସଚିବ ଓ ନିର୍ଦ୍ଦେଶକଙ୍କୁ ନେଇ ବୈଠକ କରାଯିବ ବୋଲି ଗଣଶିକ୍ଷା ମନ୍ତ୍ରୀ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟଙ୍କୁ ଚିଠି କରିଥିଲେ। ମନ୍ତ୍ରୀଙ୍କ ଏହି ପ୍ରତିଶ୍ରୁତି ପରେ ମହାସଂଘ ତା'ର ଆମରଣ ଅନଶନକୁ ସ୍ଥଗିତ କରିଥିବା ମହାସଂଘ ପକ୍ଷରୁ ସୂଚନା ଦିଆଯାଇଛି।

ସ୍କୁଲରେ ଉପଲବ୍ଧ ସୁବିଧା ଅନୁସାରେ ଫି' ନିର୍ଦ୍ଧାରଣ, କରୋନା ପାଇଁ ସ୍କୁଲ ଫି' ଛାଡ଼ ନିର୍ଦ୍ଦେଶର କାର୍ଯ୍ୟକାରିତା ନେଇ ରିପୋର୍ଟ ଦାଖଲ, ସ୍କୁଲ ବ୍ୟାଗ୍ ଓଜନ ୧.୫ କେଜିରୁ ୫ କେଜି ପର୍ଯ୍ୟନ୍ତ ରଖାଯିବା ସହ ସବୁ ସ୍କୁଲରେ ଏନ୍‌ସିଇଆର୍‌ଟି ବହି ବ୍ୟବହାର, ଶିକ୍ଷା ଅଧିକାର ଆଇନ ଅନୁସାରେ ୨୫% ମାଗଣା ସିଟ୍‌ରେ ପୁଣିଥରେ ନାମଲେଖା, ବିନା ସ୍ୱୀକୃତିରେ ଚାଲୁଥିବା ସ୍କୁଲକୁ ବନ୍ଦ କରାଯିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ, ଘରୋଇ ସ୍କୁଲର ସ୍ୱତନ୍ତ୍ର ଅଡିଟ୍ ଓ ସୁପ୍ରିମକୋର୍ଟଙ୍କ ପରାମର୍ଶ ଅନୁଯାୟୀ କ୍ଲାସ୍ ପ୍ରମୋଶନ ଆଧାରରେ ନିଜ ସ୍କୁଲର ପିଲାଙ୍କୁ ଏକାଦଶ ଶ୍ରେଣୀରେ ନାମଲେଖାଯାଉ ବୋଲି ଅଭିଭାବକ ମହାସଂଘ ଦାବି କରିଆସୁଛି। ଆନ୍ଦୋଳନ, ଧାରଣା, ଅନଶନ ହେବା ସହିତ ସରକାରଙ୍କ ସହ ଆଲୋଚନା ହୋଇଛି। ହେଲେ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ଚାଲିଥିଲେ ମଧ୍ୟ ଏଯାଏ କୌଣସି ସଫଳ ପଦକ୍ଷେପ ନେଇନାହାନ୍ତି। ପ୍ରତିବାଦ ସ୍ୱରୂପ ଏଭଳି ଅନଶନ କରିବାକୁ ମହାସଂଘ ନିଷ୍ପତ୍ତି ନେଇଥିଲା ବୋଲି ଅଧ୍ୟକ୍ଷ ଭଟ୍ଟ କହିଛନ୍ତି।



ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ବାସଭବନ ଆଗରେ ଧାରଣା ଦିଆଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୨।୯।୨୦୨୨

| | |
|---|---|
| ୨,୫୭,୭୭୪ ଟଙ୍କା | |
| ସୁନା | ୬୦ମିଲି ଗ୍ରାମ |
| ରୁପା | ୧୨.୫୦୦ ଗ୍ରାମ |

# ନିୟମିତ ବସୁନି ଦିଶା ବୈଠକ

**ପୁରୀ ଅଫିସ,୧୨।୯:**

କେନ୍ଦ୍ର ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟର ପ୍ରତି ଜିଲାରେ ଦିଶା (ଜିଲା ଉନ୍ନୟନ ସମନ୍ୱୟ ଓ ପରିଚାଳନା କମିଟି) ବୈଠକ ଆରମ୍ଭ ହୋଇଥିଲା। ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଅନୁଷ୍ଠିତ ହେଉଥିବା ଏହି ବୈଠକରେ ବିକାଶମୂଳକ କାର୍ଯ୍ୟର ଆଲୋଚନା ଓ ସମୀକ୍ଷା କରାଯାଉଥିଲା। ମାତ୍ର ପୁରୀ ଜିଲାରେ ଏଯାବତ୍ ଏହି କମିଟି ଗଠନ ହୋଇପାରି ନାହିଁ। କୋଭିଡ୍ ସଂକ୍ରମଣକୁ ଆଳ କରି ନିୟମିତ ଭାବେ ବୈଠକ ବସୁନାହିଁ। ୩ବର୍ଷ ମଧ୍ୟରେ ୧୨ଟି ବୈଠକ ହେବାର ନିୟମ ଥିବାବେଳେ ଜିଲାରେ ମାତ୍ର ୨ଟି ବୈଠକ ଅନୁଷ୍ଠିତ ହୋଇଛି। ଲୋକସଭା ଏମ୍‌ପି ସମ୍ପୃକ୍ତ ଅଞ୍ଚଳର ଦିଶା ବୈଠକରେ ଅଧ୍ୟକ୍ଷତା କରନ୍ତି ଓ ଜିଲାପାଳ ସଚିବ ଭୂମିକା ତୁଲାଇଥାଆନ୍ତି। ଅନ୍ୟ ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନେ ପ୍ରସଙ୍ଗ ମୁତାବକ ବୈଠକରେ ଅଂଶଗ୍ରହଣ କରିଥାଆନ୍ତି। ଜିଲାରେ କେଉଁ ଯୋଜନା କାର୍ଯ୍ୟକାରୀ ହେଉଛି, କାମ କେତେ ବାଟ ଆଗେଇଲାଣି ଓ ଏହା କେତେ ଫଳପ୍ରଦ ହେବ ସେ ନେଇ ସମୀକ୍ଷା କରିବା ଏହି କମିଟିର ପ୍ରମୁଖ କାର୍ଯ୍ୟ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାର ସମୀକ୍ଷା ଏହି କମିଟି କରିପାରିବ। ସମୀକ୍ଷାବେଳେ କୌଣସି ଅନିୟମିତତା କିମ୍ବା ଦୁର୍ନୀତି ଧରାପଡ଼ିଲେ, ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲା କର୍ତ୍ତୃପକ୍ଷଙ୍କୁ କମିଟି ସୁପାରିସ କରାଯାଇପାରିବ। ସମ୍ପ୍ରତି ପୁରୀ ଜିଲାରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ

### ଅଟକିଛି ବିକାଶ ସମୀକ୍ଷା

ଯୋଜନା କାର୍ଯ୍ୟକାରୀ ହେଉଛି। ଅନେକ ପ୍ରକଳ୍ପ କାର୍ଯ୍ୟ ମଧ୍ୟ ଚାଲିଛି। ଏଗୁଡ଼ିକର ସମୀକ୍ଷା କରିବା ଦିଶାର ଦାୟିତ୍ୱ। ତେବେ ପୁରୀ ଏମ୍‌ପିଙ୍କ ଅନୁପସ୍ଥିତି କାରଣରୁ ବୈଠକ ବସିପାରୁ ନ ଥିବା କୁହାଯାଉଛି। ଦିଶା କମିଟି ବର୍ଷକୁ ୪ଥର ବସିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨ଲକ୍ଷ ଟଙ୍କାର ଅନୁଦାନ ଆସୁଛି। ଏହାସତ୍ତ୍ୱେ ପୁରୀ ଜିଲାରେ ବୈଠକ ହେଉନାହିଁ। ଶେଷ ଥର ୨୦୨୧ ଅକ୍ଟୋବର ୩୦ରେ ଦିଶା ବୈଠକ ବସିଥିଲା। ଏହା ପୂର୍ବରୁ ୨୦୨୦ ନଭେମ୍ବର ୧୭ରେ ବୈଠକ ହୋଇଥିଲା। ଏହାକୁ ଛାଡ଼ି ଆଉ ବୈଠକ ହୋଇନାହିଁ। ଫଳରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା ହୋଇପାରୁନାହିଁ। ଆଇନଜୀବୀ ଶରତ ରାୟଗୁରୁ କହିଛନ୍ତି, ଉନ୍ନୟନ କାର୍ଯ୍ୟର ସମୀକ୍ଷା ନ ହେଲେ ଅନିୟମିତତା ହେବାର ଆଶଙ୍କା ରହିଛି। ଏଣୁ ଦିଶା ବୈଠକ ବସିବା ଦିଗରେ ପଦକ୍ଷେପ ନିଆଯିବା ଉଚିତ। ଏ ନେଇ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିଶଙ୍କର ମହାପାତ୍ର କହିଛନ୍ତି, ପୂର୍ବ ବୈଠକ ସମ୍ପର୍କରେ ଅବଗତ ନାହିଁ। ଦାୟିତ୍ୱ ନେବା ପରଠାରୁ ବୈଠକ ପାଇଁ ପୁରୀ ଏମ୍‌ପିଙ୍କୁ ଚିଠି ଲେଖିଛୁ। ଆସନ୍ତା ୧୭ ତାରିଖରେ ବୈଠକ ହେବା ନେଇ ଯୋଜନା ରହିଛି। ଆସନ୍ତା ବର୍ଷଗୁଡ଼ିକରେ ଦିଶା ବୈଠକ ନିୟମିତ ବ୍ୟବଧାନରେ କରିବାକୁ ଉଦ୍ୟମ କରିବୁ। ଅନ୍ୟପକ୍ଷରେ ଏ ନେଇ ଏମ୍‌ପି ପିନାକୀ ମିଶ୍ରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଚିତ୍ରକଳାରେ 'ବର୍ଷା'



**ପୁରୀ ଅଫିସ,୧୨।୯:**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ପୁରୀ ସଂସ୍କୃତି ଭବନସ୍ଥିତ ଆର୍ଟ ଗ୍ୟାଲେରୀରେ ସୋମବାର ବର୍ଷା ଶୀର୍ଷକ ଏକ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଛି। ବରିଷ୍ଠ ଚିତ୍ରଶିଳ୍ପୀ ବିଜୟ କୁମାର ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ବର୍ଷାଋତୁର ବିଭିନ୍ନ ଘଟଣାବଳୀକୁ ନେଇ ଶିଳ୍ପୀମାନଙ୍କ ଦ୍ୱାରା ସୃଜନଶୀଳ ଛବିମାନ ଏହି ପ୍ରଦର୍ଶନୀରେ ଦେଖିବାକୁ ମିଳିଛି। ପୁରୀ ବାସିନ୍ଦା ଓ ପର୍ଯ୍ୟଟକମାନେ ଆର୍ଟ ଗ୍ୟାଲେରିକୁ ଯାଇ କଳାକୃତି ଦେଖିଥିଲେ। ଏକାଡେମୀର ସଚିବ ତଥା ଚିତ୍ରଶିଳ୍ପୀ ପଞ୍ଚାନନ ସାମଲ ଅତିଥି ପରିଚୟ ପ୍ରଦାନ ପୂର୍ବକ ଏକାଡେମୀ ଦ୍ୱାରା ସଂଗୃହୀତ ୪୦ ଜଣ ଶିଳ୍ପୀଙ୍କ ଛବିକୁ ନେଇ ଏହି ପ୍ରଦର୍ଶନୀ ଆୟୋଜିତ ହୋଇଥିବା କହିଥିଲେ। ବର୍ଷାଋତୁରେ ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନସ୍ଥଳୀର ଦୃଶ୍ୟ, ମୟୂରୀର ନାଚ, ମେଘ ମହ୍ଲାର, ଆଦିବାସୀ ଗ୍ରାମରେ ପୂଜାପାର୍ବଣ, ପଦ୍ମପୋଖରୀରେ ନାୟିକା, ଚାଷୀଙ୍କ ଉଲ୍ଲାସ ଭଳି ଅନେକ ବିଷୟବସ୍ତୁକୁ ନେଇ ଚିତ୍ରକଳା ପ୍ରଦର୍ଶିତ ହୋଇଛି। ଏହି ପ୍ରଦର୍ଶନୀ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା ଓ ଗ୍ୟାଲେରୀ ତତ୍ତ୍ୱାବଧାରକ ସତ୍ୟ ପାଢ଼ୀ ପରିଚାଳନା ଦାୟିତ୍ୱରେ ରହିଛନ୍ତି। ପ୍ରଦର୍ଶନୀ ବୁଲୁଥିବା ମାୟାଧର ବରାଳ କହିଛନ୍ତି, ମାସକରେ ଅନ୍ତତଃ ଦୁଇଥର ଚିତ୍ରକଳା ପ୍ରଦର୍ଶନୀ କରାଯିବା ଦରକାର। ଫଳରେ କଳାପ୍ରେମୀମାନେ ନୂଆ ଚିତ୍ରକଳା ଦେଖିପାରିବେ।

## ସଂକ୍ଷେପରେ

### ଲୋକଙ୍କୁ ସଚେତନ କରିବ ରକ୍ଷକ

ପିପିଲି,୧୨।୯(ଡି.ଏନ୍.ଏ.): ଆଜିକାଲି ରାସ୍ତାରେ ସଡ଼କ ଦୁର୍ଘଟଣାରେ ଅନେକ ଲୋକଙ୍କ ଜୀବନ ଚାଲିଯାଉଛି। ତେବେ କିଭଳି ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ମେଡ଼ିକାଲକୁ ପଠାଯିବ, ସେଥିପାଇଁ ଲୋକଙ୍କ ମନରେ ସଚେତନତା ସୃଷ୍ଟି ନେଇ ରବିବାର ଏକ ଫାଷ୍ଟ ରେସ୍‌ପଣ୍ଡ ଟ୍ରେନିଂ ପ୍ରୋଗ୍ରାମ 'ରକ୍ଷକ' ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ପିପିଲି ବ୍ଲକ ଉତ୍ତରାସ୍ଥିତ ଶକୁନ୍ତଳା କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଏହି ପ୍ରୋଗ୍ରାମରେ ଉତ୍ତରା ଓ ଏହାର ଆଖପାଖ ଅଞ୍ଚଳର ବ୍ୟବସାୟୀ ଏଥିରେ ସାମିଲ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ପୁରୀ ଜିଲା ଆଞ୍ଚଳିକ ପରିବହନ ବିଭାଗ ମୋଟର ଯାନ ନିରୀକ୍ଷକ ବାମଦେବ ସାହୁ, ପିପିଲି ଥାନା ଅଧିକାରୀ ଅଭିମନ୍ୟୁ ନାୟକ, ଉତ୍ତରା ଫାଣ୍ଡି ଅଧିକାରୀ ସୌମ୍ୟରଞ୍ଜନ ଜେନା ପ୍ରମୁଖ ଯୋଗଦେଇଥିଲେ। ଦୁର୍ଘଟଣା ସମୟରେ ଆହତଙ୍କୁ ଯଥାସମ୍ଭବ ସାହାଯ୍ୟ କରି ସେମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବାରେ ସହଯୋଗ କରିବା ଦରକାର ବୋଲି ଅତିଥିମାନେ ମତ ରଖିଥିଲେ। ଏଥିସହ ଆହତଙ୍କୁ ପ୍ରାଥମିକ ଚିକିତ୍ସା ସମ୍ପର୍କରେ 'ରକ୍ଷକ' କାର୍ଯ୍ୟକ୍ରମରେ ପ୍ରଶିକ୍ଷକ କମଳଲୋଚନ ଦାଶ ଏବଂ ପ୍ରଶିକ୍ଷିକା ଇତିଶ୍ରୀ ସୁନ୍ଦରାୟ ପ୍ରୋଜେକ୍ଟର ମାଧ୍ୟମରେ ଡେମୋ ଦେଖାଇ ବୁଝାଇଥିଲେ। ପୋଲିସଙ୍କୁ ନ ଡରି ଆହତଙ୍କ ପ୍ରାଥମିକ ଚିକିତ୍ସା କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ନାରାୟଣ ପରିଡ଼ାଙ୍କ ସମେତ ଶକୁନ୍ତଳା ପ୍ୟାଲେସର ପ୍ରୋପ୍ରାଇଟର ଜନାର୍ଦ୍ଦନ ପରମଗୁରୁ ଆଞ୍ଚଳିକ ପରିବହନ ବିଭାଗର ସଞ୍ଜୟ ମଲ୍ଲ, ଅଜୟ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

### ୯୫ ୟୁନିଟ ରକ୍ତ ସଂଗ୍ରହ

ପୁରୀ ଅଫିସ, ୧୨।୯: ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ସାଇଶ୍ରୀ ଆଡଭାନ୍ସ ଫିଜିଓଥେରାପି ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପୁରୀ ଏମ୍‌ପି ପିନାକୀ ମିଶ୍ର ଏବଂ ଜିଲା ବିଜେଡି ସଭାପତି ମହେଶ୍ୱର ମହାନ୍ତି ଯୋଗଦେଇଥିଲେ। ଶିବିରରେ ୯୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ବ୍ଲକ୍ ଅଧ୍ୟକ୍ଷ ଦିବାକର ପାତ୍ର, ପୂର୍ବତନ ନଗରପାଳ ଶାନ୍ତିଲତା ପ୍ରଧାନ, ଜ୍ୟୋତିର୍ମୟୀ ମହାପାତ୍ର, ଭଗବାନ ପଢ଼ିଆରୀ, ଷ୍ଟାଲିନ ପରିଜା, ଭକ୍ତଚରଣ ଦାସ, ପ୍ରୀତମ ଜଗଦେବ, ବିଜୟ କୁମାର ମାଝୀ, ଶ୍ରୀପ୍ରକାଶ ମିଶ୍ର, ସୁଧାଂଶୁ ମହାନ୍ତି, ସାଗର ପାତ୍ର ଏବଂ ଅର୍ଜୁନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ନୂତନ ହସ୍ତଶିଳ୍ପ ବଜାର ସୃଷ୍ଟି ଉପରେ ଗୁରୁତ୍ୱ

## ଓଡ଼ିଶାର ପଟ୍ଟଚିତ୍ର କଳାକୁ ନେଇ ଆଲୋଚନାଚକ୍ର




କର୍ମଶାଳାରେ ଶିକ୍ଷାବିତ୍ ଭଗବାନ ସ୍ୱାଇଁଙ୍କ ରଚିତ 'ଐତିହ୍ୟ ଗାଁ ରଘୁରାଜପୁର' ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି ।

**ପୁରୀ ଅଫିସ, ୧୨।୯:**

ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରଣାଳୟ ଅଧୀନ ବିକାଶ ଆୟୁକ୍ତ (ହସ୍ତଶିଳ୍ପ) ନୂଆଦିଲ୍ଲୀ ସହାୟତାରେ ସୋମବାର ଜିଲା ସଂସ୍କୃତି ଭବନ ପରିସରରେ ରଘୁରାଜପୁରସ୍ଥିତ ହସ୍ତଶିଳ୍ପ ପଟ୍ଟଚିତ୍ର ଉତ୍ପାଦକ କମ୍ପାନୀ ପକ୍ଷରୁ ଦୁଇଦିନିଆ କର୍ମଶାଳା ଓ ଆଲୋଚନାଚକ୍ର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟକ ଭାବେ ବିଶିଷ୍ଟ ସ୍ଥପତି ପଦ୍ମବିଭୂଷଣ ସୁଦର୍ଶନ ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାରତ ସରକାରଙ୍କ ହସ୍ତଶିଳ୍ପ ବିକାଶ ଆୟୁକ୍ତ (ହସ୍ତଶିଳ୍ପ)ର ସହକାରୀ ନିର୍ଦ୍ଦେଶକ ଅଶୋକ କୁମାର ହୋତା ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ବିଶ୍ୱନାଥ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ପରମ୍ପରାର ପ୍ରତିଷ୍ଠାତା ଶିକ୍ଷାବିତ୍ ଭଗବାନ ସ୍ୱାଇଁଙ୍କ ରଚିତ 'ଐତିହ୍ୟ ଗାଁ ରଘୁରାଜପୁର' ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଉକ୍ତ ପୁସ୍ତକ ସମ୍ପର୍କରେ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି, ସତ୍ୟନାରାୟଣ ମିଶ୍ର ଓ ମନୋରଞ୍ଜନ ମିଶ୍ର ମତ ରଖିଥିଲେ। କର୍ମଶାଳାରେ ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରଣାଳୟର କ୍ଷେତ୍ର ଅଧିକାରୀ ପ୍ରଦୀପ କୁମାର ଦାଶ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ନିର୍ଦ୍ଦେଶାଳୟର ସହ ନିର୍ଦ୍ଦେଶକ ସୁବାସ କୁମାର ସାହୁ ଓ ଦୁର୍ଗାଚରଣ ମିଶ୍ର, ଟ୍ରାଇମେଣ୍ଟର ଆଞ୍ଚଳିକ ପରିଚାଳକ ରାହୁଲ କୁମାର, ଡିଜାଇନର ବିଧି ନଗର, ଜାତୀୟ ପୁରସ୍କାରପ୍ରାପ୍ତ ପଟ୍ଟଚିତ୍ର ଶିଳ୍ପୀ କଳାମଣି ଭ୍ରମରବର ନାୟକ, ପୁରୀ କ୍ରିଏଟିଭ ସୋସାଇଟି ସଭାପତି ଦେବୀ ପ୍ରସନ୍ନ ନନ୍ଦ, ୱାର୍ଲଡ ଆର୍ଟ ସମ୍ପାଦକ ବିପିନ ବିହାରୀ ସାହୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଆଲୋଚକମାନେ ହସ୍ତଶିଳ୍ପ ସାମଗ୍ରୀର ପ୍ୟାକେଜିଂ, ବିଭିନ୍ନ ଯୋଜନା, ନୂତନ ଡିଜାଇନ, ପଟ୍ଟଚିତ୍ର ଶିଳ୍ପର ଭୌଗୋଳିକ ମାନ୍ୟତା ଏବଂ ହସ୍ତଶିଳ୍ପର ନୂତନ ବଜାର ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଶ୍ୟାମ ପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। ବାବା ଆମ୍ବେଦକର ବିକାଶ ଯୋଜନାରେ କାର୍ଯ୍ୟ କରୁଥିବା ହସ୍ତଶିଳ୍ପୀ ଏବଂ ରଘୁରାଜପୁରର ଯୁବ ଶିଳ୍ପୀମାନେ ଉପସ୍ଥିତ ଥିଲେ। ସଂଯୋଜକ ସୁଦର୍ଶନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# 'ଭାଗବତ ଓଡ଼ିଆ ଜାତିର ପ୍ରାଣ'

**ପୁରୀ ଅଫିସ, ୧୨।୯:**

ଶ୍ରୀକ୍ଷେତ୍ରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭାଗବତ ଜନ୍ମ ପାଳିତ ହୋଇଯାଇଛି। ଶ୍ରୀଜଗନ୍ନାଥ ଭକ୍ତ ସମାଜର ସଭାପତି ପଣ୍ଡିତ ଦୟନିଧି ପଣ୍ଡାଙ୍କ ତତ୍ତ୍ୱାବଧାନରେ ଭାଗବତ ପାଠ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଡ. ବଳରାମ ଦାଶ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. ବଂଶୀଧର ପ୍ରଧାନ ଯୋଗଦେଇ ଭାଗବତ ଓଡ଼ିଆ ଜାତିର ପ୍ରାଣ ଏବଂ ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଶଙ୍କର୍ଷଣ ମଙ୍ଗରାଜ ଯୋଗଦେଇ ପ୍ରତି ଘରେ ଘରେ ଭାଗବତ ପାଠ କରିବା ଆବଶ୍ୟକ ବୋଲି କହିଥିଲେ। ଦୟାନିଧି ପଣ୍ଡା, ପଦ୍ମଚରଣ ମିଶ୍ର, ଡ. ଗୋପାଳକୃଷ୍ଣ କର, ଡ. ପ୍ରଦୀପ ଆଚାର୍ଯ୍ୟ, ପଣ୍ଡିତ ଦୁର୍ଗାଚରଣ ପତି ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ଡ. ଶଶିକାନ୍ତ ରଥ ଧନ୍ୟବାଦ ଦେଇଥିଲେ। ସେହିପରି ସେନାପତି ବଗିଚାସ୍ଥିତ ମା' ମଙ୍ଗଳା ପୀଠରେ ପଣ୍ଡିତ ଦେବୀ ପ୍ରସାଦ ତ୍ରିପାଠୀ ଓ ନିରଞ୍ଜନ ପଣ୍ଡାଙ୍କ ପୌରୋହିତ୍ୟରେ ଭାଗବତ ଜନ୍ମ ପାଳନ କରାଯାଇଥିଲା। ବିଜୟ ଦାଶ, ସାହି ସଭାପତି ନାରାୟଣ ଜେନା, ସମ୍ପାଦକ ଦାମୋଦର ସ୍ୱାଇଁ, କୈଳାସ ଚନ୍ଦ୍ର ଟିକାୟତରାୟ, ଗୋବିନ୍ଦ ଚନ୍ଦ୍ର ଷଡ଼ଙ୍ଗୀ, ଶଶିକାନ୍ତ ମହାନ୍ତି, ପ୍ରଦୀପ ମହାନ୍ତି ଏବଂ ବିପିନ ବିହାରୀ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ। ବୁଦ୍ଧମନ୍ଦିର ପରିସରରେ ବୋଧିଚକ୍ର ଆନୁକୂଲ୍ୟରେ ସଭାପତି ଇଂ. ଗିରିଜା ଶଙ୍କର ପାଢୀଙ୍କ ଅଧ୍ୟକ୍ଷତାରେ ଭାଗବତ ଜନ୍ମ ପାଳିତ ହୋଇଥିଲା। ସାମାଜିକ, ସାଂସ୍କୃତିକ ଏବଂ ଧର୍ମୀୟ ଧାରାକୁ ଶୃଙ୍ଖଳିତ, ସଂଯମିତ ଓ ଜୀବନଧର୍ମୀ କରି ଗଢିବାରେ ଭାଗବତର ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅଧିବକ୍ତା ଅଶୋକ କୁମାର ଆଢ୍ୟ, ସମ୍ପାଦକ ରମାବଲ୍ଲଭ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ବିଶ୍ୱନାଥ ମିଶ୍ର, ପ୍ରଭାସ ଚନ୍ଦ୍ର ମିଶ୍ର, କୋଟେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ଥିଲେ। ସୁକାନ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ବୁଣାକାରଙ୍କୁ ମିଳୁନି ସହାୟତା

**ପିପିଲି,୧୨।୯(ସ୍ୱ.ପ୍ର.):**



ରାଜ୍ୟ ସରକାର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଏବଂ ବିଭିନ୍ନ ହସ୍ତତନ୍ତ କାରିଗରଙ୍କ ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ ହୋଇଛି। ହେଲେ ଯୋଜନା କେତେଦୂର କାର୍ଯ୍ୟକାରୀ ହେଉଛି ତାହା ଦେଖିବାକୁ କେହି ନାହାନ୍ତି।

ସୂଚନାଯୋଗ୍ୟ, ପିପିଲି ବ୍ଲକ ଅନ୍ତର୍ଗତ ରୂପଦେଇପୁର ପଞ୍ଚାୟତର ମଉଳୁବେଗ ଗ୍ରାମରେ ୫୦୦ରୁ ଉର୍ଦ୍ଧ୍ୱ ବୁଣାକାର ପରିବାର ବସବାସ କରୁଛନ୍ତି। ସେମାନେ ଲୁଗା, ଗାମୁଛା, ଧୋତି, ଶାଢ଼ି ଆଦି ବୁଣି ରାଜ୍ୟର ବିଭିନ୍ନ ଅଞ୍ଚଳକୁ ବିକ୍ରୟ କରିବା ପାଇଁ ପଠାଇଥାନ୍ତି। ବୁଣାକାରଙ୍କ ପାଇଁ ବିଭିନ୍ନ ସରକାରୀ ସହାୟତା ଆସୁଥିଲେ ମଧ୍ୟ କେତେକ ବୁଣାକାର ଏହି ଯୋଜନାର ସୁବିଧା ପାଉଥିବାବେଳେ ଆଉ କେତେକ ଏ ପର୍ଯ୍ୟନ୍ତ ଉକ୍ତ ଯୋଜନାରୁ ବଞ୍ଚିତ ରହିଛନ୍ତି। ଉକ୍ତ ଗ୍ରାମର ୮୦ ବର୍ଷୀୟ ମହିଳା ବେଙ୍ଗ ପୃଷ୍ଟି ବୁଣାବୁଣି କରି ପରିବାର ଚଳାନ୍ତି। ସେ ଭଙ୍ଗା ଘରେ ରହୁଥିଲେ ମଧ୍ୟ ତାଙ୍କ ପାଖରେ କେବଳ ରାଶନ କାର୍ଡ ବ୍ୟତୀତ ଇନ୍ଦିରା ଆବାସ ଏବଂ ବୁଣାକାରମାନଙ୍କ ପାଇଁ ଥିବା ଯୋଜନା ପାଇପାରି ନ ଥିବା ସେ ପ୍ରକାଶ କରିଛନ୍ତି। ବର୍ଷା ଦିନରେ ଭଙ୍ଗା ଘରେ ଚଳିବା ତାଙ୍କୁ କଷ୍ଟକର ହୋଇପଡୁଥିବା ସେ କହିଛନ୍ତି। ଏଭଳି ପରିସ୍ଥିତିରେ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ଘର ଏବଂ ସହାୟତା ଯୋଗାଇ ଦେବାକୁ ସେ ନିବେଦନ କରିଛନ୍ତି।

# କେନାଲକୁ ଭରସା କରି ଚାଷୀ ନିରାଶ

**କାକଟପୁର, ୧୨।୯(ଡି.ଏନ୍.ଏ):**

କାକଟପୁର ବ୍ଲକରେ ଚାଷଜମିର ପରିମାଣ ପ୍ରତିବର୍ଷ ହ୍ରାସ ପାଇଚାଲିଛି। ଚଳିତବର୍ଷ ୭୮୦୦ ହେକ୍ଟର ଜମିରେ ଚାଷକାର୍ଯ୍ୟ କରାଯାଇଥିବା ବ୍ଲକ ଅତିରିକ୍ତ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ସରକାରୀ ତଥ୍ୟ ଅନୁଯାୟୀ, ଗତବର୍ଷଠାରୁ ଚଳିତବର୍ଷ ଏହି ସମୟ ମଧ୍ୟରେ ଅଧିକ ବର୍ଷା ହୋଇଥିବା ରେକର୍ଡ କରାଯାଇଥିଲେ ମଧ୍ୟ ଚାଷକାର୍ଯ୍ୟ ଆଗେଇ ପାରିନାହିଁ। ନିୟମିତ ମୌସୁମୀ ବର୍ଷା ହେଉ ନ ଥିବାବେଳେ ଲଘୁଚାପ ବର୍ଷା ଚାଷୀଙ୍କ ଆବଶ୍ୟକତା ପୂରଣ କରିପାରିନାହିଁ। ପ୍ରାୟ ୪୦ ପ୍ରତିଶତ ଜମି ପଡ଼ିଆ ପଡ଼ିଥିବା ବେଳେ ଉଠାଜଳସେଚନ ପଏଣ୍ଟ ଓ କେନାଲ ଜଳସେଚନ ଉପରେ ନିର୍ଭର କରୁଥିବା ଅଧିକାଂଶ ଚାଷୀଙ୍କ ତଳି ରୌଦ୍ରତାପରେ ଜଳି ନଷ୍ଟ ହୋଇଗଲାଣି। କେତେଜଣ ଚାଷୀ ରୁଆ ବେଉଷଣ କରିଥିଲେ ମଧ୍ୟ ଜଳାଭାବରୁ ଜମି ଫାଟିଲାଣି। ନିଜ ଫସଲ ବଞ୍ଚାଇବାକୁ ଚାଷୀ ସ୍ଥାନୀୟ ଜଳସେଚନ ଉପଖଣ୍ଡକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ମାତ୍ର ପ୍ରଶାସନ ନାଚାର। ଉପରମୁଣ୍ଡରୁ କେନାଲରେ ଆବଶ୍ୟକ ପରିମାଣର ପାଣି ଆସୁନାହିଁ। ଫଳରେ ବିଭାଗୀୟ କର୍ମଚାରୀଙ୍କ ସମେତ ଯନ୍ତ୍ରୀ ଓ ଉପଖଣ୍ଡ ଅଧିକାରୀ ଚାଷୀଙ୍କ ରୋଷର ଶିକାର ହେଉଛନ୍ତି। କେନାଲରେ କିପରି ପାଣି ଆସିବ ସେ ଦିଗରେ ପ୍ରଶାସନ ଓ ଲୋକପ୍ରତିନିଧି ପଦକ୍ଷେପ ନେବାକୁ କୃଷକ ସଙ୍ଗଠନର ନେତାମାନେ ଦାବି କରିଛନ୍ତି।

# ରେଳଧାରଣାରୁ ଅଗ୍ନିଶମ କର୍ମଚାରୀଙ୍କ ମୃତଦେହ ଜବତ

**ନିରାକାରପୁର,୧୨।୯(ଡି.ଏନ୍.ଏ.):**

ଖୋର୍ଦ୍ଧାରୋଡ୍ ରେଳ ଡିଭିଜନ ଅଧୀନ ଗୋଲବାଇ ଷ୍ଟେଶନ ନିକଟ ରେଳଧାରଣାରୁ ସୋମବାର ନିରାକାରପୁର ରେଲୱେ ଫାଣ୍ଡି ପୋଲିସ ଜଣେ ଅଗ୍ନିଶମ କର୍ମଚାରୀଙ୍କ ମୃତଦେହ ଜବତ କରିଛି। ସେ ହେଲେ ଜଙ୍କିଆ ଥାନା ଅନ୍ତର୍ଗତ ଗୋଲବାଇ ଗାଦିସାହିର ଦିବାକର ସାମଲ(୫୨)। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମେଡିକାଲ ପଠାଇବା ସହ ଏକ ଅପମୃତ୍ୟୁ ମାମଲା (ନଂ.୪୨/୨୨)ରୁଜୁକରି ତଦନ୍ତ ଚଳାଇଛି। ଖଲ୍ଲିକୋଟରେ ଦିବାକର ଚାକିରି କରିଥିବା ବେଳେ ଖୋର୍ଦ୍ଧା ଦମକଳ କଲୋନୀରେ ସ୍ତ୍ରୀ ଓ ପିଲାମାନଙ୍କ ସହ ରହୁଥିଲେ। ତେବେ ସେ ଏଠାକୁ କିପରି ଆସିଲେ ଓ ତାଙ୍କର ମୃତ୍ୟୁ କିପରି ଘଟିଲା ତଦନ୍ତ ପରେ ଜଣାପଡ଼ିବ ବୋଲି ପୋଲିସ କହିଛି।

# ହବିଷିଆଳିଙ୍କ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ

**ପୁରୀ ଅଫିସ,୧୨।୯:**

- ଆବେଦନକାରୀ କୋଭିଡ୍ ଟିକା ନେଇଥିବା ଜରୁରୀ
- ୧୩ରୁ ୨୯ ତାରିଖ ପର୍ଯ୍ୟନ୍ତ ଆବେଦନ କରିହେବ
- ଅକ୍ଟୋବର ୧୦ରୁ ନଭେମ୍ବର ୮ ପର୍ଯ୍ୟନ୍ତ ରହିପାରିବେ

କାର୍ତ୍ତିକ ମାସରେ ଦାରୁଦିଅଁଙ୍କ ପାଖରେ ହବିଷ ବ୍ରତ କରିବାକୁ ହବିଷିଆଳିମାନେ ପୁରୀ ଆସିଥାନ୍ତି। ରାଜ୍ୟ ସରକାର ଓ ପୁରୀ ଜିଲା ପ୍ରଶାସନ ପକ୍ଷରୁ ସେମାନଙ୍କ ରହିବା, ମହାପ୍ରଭୁଙ୍କ ଦର୍ଶନ, ପୂଜା ବ୍ୟବସ୍ଥା, ଖାଇବା ଇତ୍ୟାଦିର ସୁବନ୍ଦୋବସ୍ତ କରାଯାଏ। ତେବେ କରୋନା ପାଇଁ ଗତ ଦୁଇ ବର୍ଷ ଏହି ବ୍ୟବସ୍ଥା ବନ୍ଦ ରହିଥିବା ବେଳେ ଚଳିତ ବର୍ଷ ହବିଷିଆଳିଙ୍କ ପାଇଁ ପୁନଶ୍ଚ ଏହାର ବ୍ୟବସ୍ଥା କରାଯାଇଛି। ହବିଷିଆଳିଙ୍କ ସୁବିଧା ଓ ସୁରକ୍ଷା ପାଇଁ ବିବିଧ ବ୍ୟବସ୍ଥା ସମ୍ପର୍କରେ ଏକ ବୈଠକ ସୋମବାର ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ସର୍କିଟ ହାଉସରେ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରଖି ସୁଚାରୁ ରୂପେ ଓ ଶୃଙ୍ଖଳିତ ଭାବେ ଏହାକୁ ସମ୍ପାଦନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

ବିସ୍ତୃତ ଆଲୋଚନା ପରେ ନିଷ୍ପତ୍ତି ନିଆଗଲା ଯେ, ହବିଷିଆଳିମାନଙ୍କୁ ବୃନ୍ଦାବତୀ ନିବାସ,ବଗଲା ଧର୍ମଶାଳା, ଅକ୍ଷୟ ପାତ୍ର ଓ ମୋଚି ସାହିସ୍ଥିତ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପରେ ରଖାଯିବ। ସେମାନଙ୍କର ପଞ୍ଜୀକରଣ ପାଇଁ ବିଭିନ୍ନ ଖବରକାଗଜରେ ବିଜ୍ଞାପନ ଦିଆଯାଇଥିବାରୁ ତାହାର ଡାଟାବେସ୍‌କୁ ତ୍ୱରାନ୍ୱିତ କରାଯିବ। ଆବେଦନଗୁଡ଼ିକୁ ଯାଞ୍ଚ ପରେ ଯୋଗ୍ୟ ହବିଷିଆଳିଙ୍କ ପାଇଁ ସମସ୍ତ ସୁବିଧା କରାଯିବ। ଚଳିତ ବର୍ଷ ଅକ୍ଟୋବର ୧୦ ଠାରୁ ନଭେମ୍ବର ୮ ତାରିଖ ପର୍ଯ୍ୟନ୍ତ ହବିଷିଆଳିମାନଙ୍କର ରହିବା ବ୍ୟବସ୍ଥା କରାଯାଇଛି। ସେମାନଙ୍କ ମହାପ୍ରସାଦ ସେବନ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ, ବିଦ୍ୟୁତ ଯୋଗାଣ, ଅଗ୍ନି ନିର୍ବାପକ ବ୍ୟବସ୍ଥା, ପରିବହନ ବ୍ୟବସ୍ଥା, ପ୍ରବଚନ ଓ ଭାଗବତ କଥାମୃତ ଇତ୍ୟାଦିର ମଧ୍ୟ ସୁବନ୍ଦୋବସ୍ତ କରାଯିବ।

ଏହି ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଦିଲ୍ଲୀପ କୁମାର ମହାପାତ୍ର, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ଉପଜିଲାପାଳ ଭବତାରଣ ସାହୁ, ଅତିରିକ୍ତ ଏସ୍‌ପି ମିହିର ପ୍ରସାଦ ପଣ୍ଡା, ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ପର୍ଯ୍ୟଟନ ଅଧିକାରୀ ସରୋଜ କୁମାର ପ୍ରଧାନ, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ଏବଂ ପରିଚାଳନା କମିଟି ସଦସ୍ୟମାନେ ଯୋଗଦେଇଥିଲେ।

ସୂଚନାଯୋଗ୍ୟ, ଚଳିତ ମାସ ୧୩ ତାରିଖଠାରୁ ୨୯ ତାରିଖ ପର୍ଯ୍ୟନ୍ତ ଆବେଦନକାରୀ www.puri.nic.in ସାଇଟରୁ ଫର୍ମପୂରଣ କରି ପୁରୀ ଜିଲା ପର୍ଯ୍ୟଟନ ଅଧିକାରୀଙ୍କୁ oritourpuri@gmail.com ରେ ଅନଲାଇନ ବା ଅଫଲାଇନ, ସମ୍ପୃକ୍ତ ଜିଲାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରିପାରିବେ। ଦରଖାସ୍ତକାରୀଙ୍କ ନାମ, ବୟସ, ସ୍ଥାୟୀ ଓ ବର୍ତ୍ତମାନ ଠିକଣା, ଯୋଗାଯୋଗ ନମ୍ବର ବା ମେଲ୍ ଆଇଡି, ଜରୁରି ଆବଶ୍ୟକତା ପାଇଁ ସମ୍ପର୍କୀୟଙ୍କ ଯୋଗାଯୋଗ ନମ୍ବର, ଆଧାର ବା ଭୋଟର ପରିଚୟପତ୍ର ନମ୍ବର, ଆବେଦନପତ୍ରରେ ଗୋଟିଏ ଓ ଅନ୍ୟ ଦୁଇଟି ପାସପୋର୍ଟ ସାଇଜ ଫଟୋ ସହ ଆବେଦନ କରିପାରିବେ। ଆବେଦନକାରୀ ଡବଲ ଡୋଜ କୋଭିଡ ଟିକା ନେଇଥିବା ଜରୁରୀ।

# ବିଜ୍ଞାନ ଶିକ୍ଷକଙ୍କ ପୁନଃ ନିଯୁକ୍ତି ଦାବିରେ ସ୍କୁଲରେ ତାଲା

**ସାକ୍ଷୀଗୋପାଳ, ୧୨।୯(ସ୍ୱ.ପ୍ର./ଡି.ଏନ୍.ଏ)**




ବିଦ୍ୟାଳୟ ଗେଟରେ ତାଲା ପକାଇ ଅଭିଭାବକମାନେ ବିକ୍ଷୋଭ କରୁଛନ୍ତି ।

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବିଦ୍ୟାଧରପୁର ପଞ୍ଚାୟତର ବିଦ୍ୟାଧର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକଙ୍କ ବଦଳି ହୋଇଯାଇଥିଲା। ତେବେ ପ୍ରଶାସନର ଏହି ନିଷ୍ପତ୍ତିକୁ ବିରୋଧ କରିବା ସହ ବିଜ୍ଞାନ ଶିକ୍ଷକଙ୍କୁ ଉକ୍ତ ସ୍କୁଲରେ ପୁନଃ ନିଯୁକ୍ତି ଦାବିରେ ସୋମବାର ଅଭିଭାବକ ଓ ଗ୍ରାମବାସୀ ବିଦ୍ୟାଳୟରେ ଅପରାହ୍ନରୁ ସନ୍ଧ୍ୟା ୮ପର୍ଯ୍ୟନ୍ତ ତାଲା ପକାଇବା ସହ ସ୍କୁଲ ଗେଟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖବରପାଇ ବ୍ଲକ ସହ ଶିକ୍ଷା ଅଧିକାରୀ ପ୍ରଭାତ ଚନ୍ଦ୍ର କରଣ ଘଟଣାସ୍ଥଳରେ ପହଞ୍ଚି ଉପସ୍ଥିତ ଅଭିଭାବକ ଓ ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହିତ ବଦଳି କରାଯାଇଥିବା ଶିକ୍ଷକଙ୍କୁ ପୁନଃ ଅବସ୍ଥାପିତ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ସ୍କୁଲ ଗେଟରୁ ତାଲା ଖୋଲିଥିଲେ।

ସୂଚନା ଅନୁଯାୟୀ, ଚଳିତ ମାସ ୯ତାରିଖରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ଏଥିରେ ଥିବା ନିର୍ଦ୍ଦେଶ ଅନୁଯାୟୀ ବିଦ୍ୟାଧରପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଆନନ୍ଦାନନ୍ଦ ସାମନ୍ତରାୟଙ୍କୁ ବଳରାମପୁରଗଡ଼ସ୍ଥିତ ପ୍ରାଥମିକ ବିଦ୍ୟାଳୟରେ ଡେପୁଟେଶନରେ ଅବସ୍ଥାପିତ କରାଯାଇଥିଲା। ଏହି ଘଟଣା ବିଷୟରେ ଗ୍ରାମବାସୀ ଓ ଅଭିଭାବକ ଜାଣିବା ପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଉକ୍ତ ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ଭଲ ପଢ଼ାଇବା ସହ ସମସ୍ତଙ୍କ ଆଦର୍ଶ ଥିବାରୁ ଫେରାଇ ଆଣିବାକୁ ଦାବି କରିଥିଲେ। ଫଳରେ ସୋମବାର ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରୀଙ୍କ ଅଭିଭାବକଙ୍କ ସହ ଗ୍ରାମବାସୀ ମିଶି ଉକ୍ତ ବିଜ୍ଞାନ ଶିକ୍ଷକଙ୍କ ପୁନଃ ନିଯୁକ୍ତି ଦାବିରେ ସ୍କୁଲ ଗେଟରେ ତାଲା ପକାଇଦେଇଥିଲେ। ଫଳରେ ସ୍କୁଲ

### ଜିଲାପାଳଙ୍କୁ ଭେଟିଲେ ଶିକ୍ଷକ ସଂଘ

ପରିସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାକର ନାୟକଙ୍କ ସହ ତିନିଜଣ ଶିକ୍ଷକ ଶିକ୍ଷୟିତ୍ରୀ ହରପ୍ରିୟା ନାୟକ, ବିନୋଦିନୀ ଶତପଥୀ, ନୀଳକଣ୍ଠ ପ୍ରଧାନ ପ୍ରମୁଖ ରହିଯାଇଥିଲେ। ଖବରପାଇ ସନ୍ଧ୍ୟା ପ୍ରାୟ ୮ଟାରେ ବ୍ଲକ ସହ ଶିକ୍ଷାଧିକାରୀ କରଣ, ସିଆରସିସି କୈଳାସ ଚନ୍ଦ୍ର ତ୍ରିପାଠୀ ଓ ବିଦ୍ୟାଧରପୁର ପଞ୍ଚାୟତ ଦୁଃଶାସନ ପ୍ରଧାନ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ପରେ ସହ ଶିକ୍ଷାଧିକାରୀ ବଦଳି ହୋଇଥିବା ବିଜ୍ଞାନ ଶିକ୍ଷକ ଆନନ୍ଦାନନ୍ଦ ସାମନ୍ତରାୟଙ୍କ ବଦଳି ବାତିଲ କରାଯିବ ବୋଲି ଘୋଷଣା କରିଥିଲେ। ବିକ୍ଷୋଭରେ ବିଜୟ କୁମାର ମହାରଣା, ବସନ୍ତ କୁମାର ମହାପାତ୍ର, ସୁକାନ୍ତ ପ୍ରଧାନ, ସୁଲୋଚନା ଭୋଇ, ବାସନ୍ତୀ ସାହାଣୀ, ରେଖା ପ୍ରଧାନଙ୍କ ସମେତ ଗ୍ରାମବାସୀ ଓ ଅଭିଭାବକ ସାମିଲ ଥିଲେ। ସୂଚନାଥାଉ କି, ଏହି ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୧୦୮ ରହିଥିବା ବେଳେ ପ୍ରଧାନ ଶିକ୍ଷକଙ୍କୁ ମିଶାଇ ୫ଜଣ ଶିକ୍ଷକ ରହିଥିଲେ।

# କଂଗ୍ରେସ ଏବେ ବି ବୃହତ୍ ବିରୋଧୀ ଦଳ: ତେଜସ୍ୱୀ

## ସୋନିଆଙ୍କୁ ଭେଟିବେ ନୀତୀଶ, ଲାଲୁ

ପାଟନା,୧୨।୯

୨୦୨୪ ସାଧାରଣ ନିର୍ବାଚନରେ ଭାଜପାକୁ ପରାସ୍ତ କରିବା ନିମନ୍ତେ ବିରୋଧୀ ଦଳଗୁଡ଼ିକୁ ଏକାଠି କରିବା ଲାଗି ଜୋର୍‌ଦାର ଉଦ୍ୟମ ଜାରି ରହିଛି। ନିକଟରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଦିଲ୍ଲୀ ଯାଇ ବିଭିନ୍ନ ଦଳର ନେତାଙ୍କୁ ଭେଟି ଏନେଇ ଆଲୋଚନା କରିଥିଲେ। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ବିଦେଶରୁ ଫେରିବା ପରେ ନୀତୀଶ ଏବଂ ଆର୍‌ଜେଡି ଅଧ୍ୟକ୍ଷ ଲାଲୁପ୍ରସାଦ ଯାଦବ ତାଙ୍କୁ ସାକ୍ଷାତ୍ କରିବେ ବୋଲି ଜଣାପଡ଼ିଛି। ବିଭିନ୍ନ ରାଜ୍ୟରେ କଂଗ୍ରେସର ସ୍ଥିତି ଖରାପ ଥିବା ନେଇ ବିଭିନ୍ନ ଆଞ୍ଚଳିକ ଦଳ ଅଙ୍ଗୁଳି ଉଠାଉଥିବାବେଳେ ଆର୍‌ଜେଡି ନେତା ତଥା ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ଏହାକୁ ଖଣ୍ଡନ କରିଛନ୍ତି। କଂଗ୍ରେସ ଏବେ ବି ବୃହତ୍ ବିରୋଧୀ ଦଳ। ତେଣୁ ଅନ୍ୟ ବିରୋଧୀ ଦଳଗୁଡ଼ିକୁ ବାସ୍ତବତା ଚିନ୍ତା କରିବା ଆବଶ୍ୟକ। ଭାଜପାକୁ ପରାସ୍ତ କରିବା ବିରୋଧୀ ନେତାମାନଙ୍କର ଏକମାତ୍ର ଲକ୍ଷ୍ୟ ହେବା ଉଚିତ ବୋଲି ତେଜସ୍ୱୀ କହିଛନ୍ତି।


ତେଜସ୍ୱୀ ଯାଦବ

ଗତ ମାସରେ ନୀତୀଶ ଏନ୍‌ଡିଏ ହାତ ଛାଡ଼ି ଆର୍‌ଜେଡି, କଂଗ୍ରେସ ଏବଂ ବାମଦଳଗୁଡ଼ିକ ସହ ମିଶି ବିହାରରେ ମହାଗଠବନ୍ଧନ ସରକାର ଗଢ଼ିଛନ୍ତି। ଏହା ବିରୋଧୀଙ୍କ ପାଇଁ ଏକ ସୁଯୋଗ ସୃଷ୍ଟି କରିଛି। ଜାତୀୟ ସ୍ତରରେ ମଧ୍ୟ ଏହା ସଫଳ ହୋଇପାରିବ ବୋଲି ବିହାର ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଏନ୍‌ଡିଏରୁ ଜେଡିୟୁ ବାହାରିଯିବା ପରେ ଭାଜପାର ଶକ୍ତି ହ୍ରାସ ପାଇଛି। କଂଗ୍ରେସ, ଆର୍‌ଜେଡି, ଜେଡିୟୁ ଏବଂ ବାମଦଳଗୁଡ଼ିକର ଭୋଟ ହାର ୫୦ ପ୍ରତିଶତରୁ ଅଧିକ ହେବ। ଭାଜପା ବିହାରରେ ପୂର୍ବଭଳି ପ୍ରଦର୍ଶନ କରିପାରିବ ନାହିଁ। ସମସ୍ତେ ଏକାଠି ହୋଇ ମିଳିତ ରଣନୀତି ସହ ଲଢ଼େଇ କଲେ ଭାଜପା ୫୦ ପ୍ରତିଶତରୁ କମ୍ ଆସନରେ ସୀମିତ ରହିବ ବୋଲି ତେଜସ୍ୱୀ କହିଛନ୍ତି।

## ଅଟୋ ଡ୍ରାଇଭରଙ୍କ ଘରେ ରାତ୍ର ଭୋଜନ କଲେ କେଜ୍‌ରିୱାଲ

**ନୂଆଦିଲ୍ଲୀ,୧୨।୯:** ଆସନ୍ତା ଡିସେମ୍ବରରେ ଗୁଜରାଟ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ଆବାହକ ବାରମ୍ବାର ସେଠାକୁ ନିର୍ବାଚନ ପ୍ରଚାରରେ ଯାଉଛନ୍ତି। ସୋମବାର ସେ ଅହମଦାବାଦରେ ପ୍ରଚାର କରୁଥିବାବେଳେ ଜଣେ ଅଟୋଡ୍ରାଇଭରଙ୍କ ଆମନ୍ତ୍ରଣକ୍ରମେ ତାଙ୍କ ଘରେ ରାତ୍ରଭୋଜନ କରିଛନ୍ତି। ତେବେ ସେ ଅଟୋରେ ଯାଉଥିବାବେଳେ ଗୁଜରାଟ ପୋଲିସ ଅଟକାଇଥିଲା। ଜଣେ ମୁଖ୍ୟମନ୍ତ୍ରୀଙ୍କୁ ଅଟୋରେ ଯିବା ପାଇଁ ମନା କରିବା, ଗୁଜରାଟରେ ସୁରକ୍ଷା ବ୍ୟବସ୍ଥା ପ୍ରତି ପ୍ରଶ୍ନ ଉଠାଉଛି ବୋଲି କେଜ୍‌ରିୱାଲ ପୋଲିସ ଅଧିକାରୀଙ୍କୁ କହୁଥିବା ଦେଖାଯାଇଥିଲା।

## କଂଗ୍ରେସର ଫଟୋ ପୋଷ୍ଟକୁ ନେଇ ଆର୍‌ଏସ୍‌ଏସ, ଭାଜପା କ୍ଷୁବ୍ଧ

**ନୂଆଦିଲ୍ଲୀ,୧୨।୯:** କଂଗ୍ରେସର ସୋସିଆଲ ମିଡିଆ ହ୍ୟାଣ୍ଡଲ୍‌ରେ ସୋମବାର ଆର୍‌ଏସ୍‌ଏସ୍‌ର ଖାକି ପ୍ୟାଣ୍ଟରେ ନିଆଁ ଲାଗିଥିବାର ଫଟୋ ଶେୟାର କରାଯାଇ, ସେଥିରେ 'ଆଉ ୧୪୫ଦିନ ଯିବାକୁ ଅଛି' ବୋଲି ଫଟୋ କ୍ୟାପ୍‌ଶନ ଲେଖାଯିବା ଭାଜପା-ଆର୍‌ଏସ୍‌ଏସ୍‌କୁ କ୍ଷୁବ୍ଧ କରିଛି। ଭାଜପା ତୁରନ୍ତ ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରି କହିଛି, କଂଗ୍ରେସ ଦେଶରେ ହିଂସାକାଣ୍ଡକୁ ପ୍ରୋତ୍ସାହିତ କରିବା ସହ ଜାତୀୟତାବାଦୀଙ୍କୁ ଆଘାତ ଦେଉଛି। ଏହି ପୋଷ୍ଟ କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା ପଛର ମିଥ୍ୟାକୁ ପଦାରେ ପକାଇଥିବା ଭାଜପା କହିଛି। କଂଗ୍ରେସ ଲୋକଙ୍କୁ ଘୃଣା ସହ ଯୋଡ଼ିବାକୁ ଚାହୁଁଛି ବୋଲି ଆର୍‌ଏସ୍‌ଏସ୍ ନେତା ଏମ୍. ବୈଦ୍ୟ କହିଛନ୍ତି।


**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯
**ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ବ୍ୟକ୍ତିମାନେ **ୟୁକୋ ବ୍ୟାଙ୍କର ସମ୍ପୃକ୍ତ ଶାଖାରେ** ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ରାଶି ପରିଶୋଧ କରିନାହାନ୍ତି। ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୨୭.୦୯.୨୦୨୨ରିଖ** ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡ଼ିକ **ତା.୨୮.୦୯.୨୦୨୨ରିଖ ଅପରାହ୍ନ ୩.୦୦ଘଟିକା** ସମୟରେ **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ଓଜନ (ଗ୍ରାମରେ) |
|---|---|---|---|
| | **ଯାଆଁଳା ଶାଖା, ଯାଆଁଳା, ଜିଲ୍ଲା: ଖୋର୍ଦ୍ଧା, ଶାଖା ପ୍ରବନ୍ଧକଙ୍କ ନାମ: ସୁତପା ପଟ୍ଟନାୟକ, ଫୋନ ନଂ.: ୮୭୬୩୬୮୨୩୨୧** | | |
| ୧. | **ଭାରତୀ ପ୍ରଧାନ,** ମାର୍ଫତ୍: ଗୋପାଳ ଚନ୍ଦ୍ର ପଣ୍ଡା, ଯାଆଁଳା ନୋଡ଼ାଲ ୟୁପି ସ୍କୁଲ ନିକଟ, ଯାଆଁଳା, ଖୋର୍ଦ୍ଧା- ୭୫୨୦୫୪ / ୧୫୭୯୦୬୧୦୦୧୫୬୦୫ | ଟ.୪୯,୯୯୯.୭୭ + ଲାଗୁ ହୋଇନଥିବା ସୁଧ | ୨୧.୦୦ |
| | **ଚନ୍ଦ୍ରଶେଖରପୁର ଶାଖା, ପ୍ଲଟ୍ ନଂ.: ୨୬୨, ଡ଼ିଷ୍ଟ୍ରିକ୍ଟ ସେଣ୍ଟର, ଭୁବନେଶ୍ୱର, ଶାଖା ପ୍ରବନ୍ଧକଙ୍କ ନାମ: ମାନସ ରଞ୍ଜନ ନାୟକ, ଫୋନ ନଂ.: ୭୦୦୮୩୭୫୪୨୭** | | |
| ୧. | **ପୁଷ୍ପଲତା ବେହେରା,** ପିତା: ଅର୍ଜୁନ ବେହେରା, ନୀଳମାଧବ ବସ୍ତି, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର / ୨୫୪୩୦୬୧୦୦୧୨୦୭୯ | ଟ.୯୩,୦୦୦/- + ଲାଗୁ ହୋଇନଥିବା ସୁଧ | ୨୫.୦୦ |
| | **ମାଲକାନଗିରି ଶାଖା, ବସ ଷ୍ଟାଣ୍ଡ ନିକଟ, ଜିଲ୍ଲା: ମାଲକାନଗିରି, ଶାଖା ପ୍ରବନ୍ଧକଙ୍କ ନାମ: ସୀମାଞ୍ଚଳ ଗାମ୍ଭା, ଫୋନ ନଂ.: ୮୦୯୩୫୯୦୭୫୬** | | |
| ୧. | **ହିମାଂଶୁ ସାମଲ,** ପିତା: ବେଙ୍ଗଲି ସାମଲ, ଝାଟିମାଟି କଲୋନୀ, ଡ଼ିଆରଡ଼ିଏ ନିକଟ, ମାଲକାନଗିରି / ୩୦୨୯୦୬୧୦୦୦୧୬୨୨ | ଟ.୯୧,୦୦୦/- + ଲାଗୁ ହୋଇନଥିବା ସୁଧ | ୨୫.୫୦ |
| ୨. | **ଦୀନମଣି ନାୟକ,** ପିତା: ରସାନନ୍ଦ ନାୟକ, ରିହାବିଲେସନ କଲୋନୀ, ମାଲକାନଗିରି, / ୩୦୨୯୦୬୧୦୦୦୧୫୭୮ | ଟ.୧,୦୦,୦୦୦/- + ଲାଗୁ ହୋଇନଥିବା ସୁଧ | ୩୦.୨୦ |
| ୩. | **ସୁବାଷ କୁମାର ଦାସ,** ପିତା: ଭାବଗ୍ରାହୀ ଦାସ, ମାଦଳଗୁଡ଼ା, ତଳସାହି, ମାଲକାନଗିରି / ୩୦୨୯୦୬୧୦୦୦୧୮୨୦ | ଟ.୮୧,୧୬୬/- + ଲାଗୁ ହୋଇନଥିବା ସୁଧ | ୨୯.୦୦ |
| ୪. | **ସୁବାଷ କୁମାର ଦାସ,** ପିତା: ଭାବଗ୍ରାହୀ ଦାସ, ମାଦଳଗୁଡ଼ା, ତଳସାହି, ମାଲକାନଗିରି / ୩୦୨୯୦୬୧୦୦୦୧୫୫୪ | ଟ.୫୮,୦୦୦/- + ଲାଗୁ ହୋଇନଥିବା ସୁଧ | ୧୮.୫୦ |
| ୫. | **ସୀମାଞ୍ଚଳ ପାଣିଗ୍ରାହୀ,** ପିତା: ରବିନ୍ଦ୍ରନାଥ ପାଣିଗ୍ରାହୀ, ମାଲକାନଗିରି / ୩୦୨୯୦୬୧୦୦୦୧୫୩୦ | ଟ.୪୯,୦୦୦/- + ଲାଗୁ ହୋଇନଥିବା ସୁଧ | ୧୮.୦୦ |
| | **ଓରନ୍ଦା ଶାଖା, ଖୁଣ୍ଟୁଣି, ଜିଲ୍ଲା: କଟକ, ଶାଖା ପ୍ରବନ୍ଧକଙ୍କ ନାମ: ଅଶ୍ୱିନୀ କୁମାର ଦାସ, ଫୋନ ନଂ.: ୭୦୦୮୦୯୫୭୦୧** | | |
| ୧. | **ସୁରେଶ କୁମାର ନାୟକ,** ରାଧାକିଶୋରପୁର, କଟକ- ୭୫୪୦୨୯ / ୧୭୭୯୦୬୧୦୦୧୬୦୭୭ | ଟ.୩୭,୦୦୦/- + ଲାଗୁ ହୋଇନଥିବା ସୁଧ | ୧୧.୦୦ |
| ୨. | **ଅଜୟ କୁମାର ନାୟକ,** ରମ୍ଭେଇ, ଖୁଣ୍ଟୁଣି, କଟକ- ୭୫୪୦୨୯ / ୧୭୭୯୦୬୧୦୦୧୭୫୪୮ | ଟ.୧,୫୧,୦୦୦/- + ଲାଗୁ ହୋଇନଥିବା ସୁଧ | ୪୨.୭୦ |
| | **ଆଠଗଡ଼ ଶାଖା, ଆଠଗଡ଼, ଜିଲ୍ଲା: କଟକ, ଶାଖା ପ୍ରବନ୍ଧକଙ୍କ ନାମ: ଆଶୁତୋଷ ବେଉରା, ଫୋନ ନଂ.: ୮୭୬୩୩୫୮୩୧୮** | | |
| ୧. | **ହୁରେନ୍ଦ୍ର ସ୍ୱାଇଁ,** ପିତା: ପଦନ ସ୍ୱାଇଁ, ତଇଳାମାଳ, ରାଜ ନଗର, କଟକ / ୦୭୭୦୦୬୧୦୦୩୯୧୬୮ | ଟ.୫୦,୦୦୦/- + ଲାଗୁ ହୋଇନଥିବା ସୁଧ | ୧୪.୩୦ |
| | **ଶହୀଦ ନଗର ଶାଖା, ଭୁବନେଶ୍ୱର, ଶାଖା ପ୍ରବନ୍ଧକଙ୍କ ନାମ: ମୌସୁମୀ ସାହୁ, ଫୋନ ନଂ.: ୯୪୩୯୩୬୫୪୬୫** | | |
| ୧. | **ଜ୍ୟୋତିର୍ମୟୀ ଦାଶ,** ସ୍ୱାମୀ: ବଳରାମ ଦାଶ, ପ୍ଲଟ୍ ନଂ.: ୨୭ (ଅଂଶ), ମହର୍ଷି କଲେଜ ପଛପାର୍ଶ୍ୱ, ଶହୀଦ ନଗର, ଭୁବନେଶ୍ୱର / ୦୯୨୩୦୬୧୦୦୨୬୩୬୬ | ଟ.୪୮,୫୧୫/- + ଲାଗୁ ହୋଇନଥିବା ସୁଧ | ୧୬.୦୦ |
| ୨. | **ଜ୍ୟୋତିର୍ମୟୀ ଦାଶ,** ସ୍ୱାମୀ: ବଳରାମ ଦାଶ, ପ୍ଲଟ୍ ନଂ.: ୨୭ (ଅଂଶ), ମହର୍ଷି କଲେଜ ପଛପାର୍ଶ୍ୱ, ଶହୀଦ ନଗର, ଭୁବନେଶ୍ୱର / ୦୯୨୩୦୬୧୦୦୨୬୧୮୨ | ଟ.୪,୩୫,୦୦୦/- + ଲାଗୁ ହୋଇନଥିବା ସୁଧ | ୧୩୦.୦୦ |
| ୩. | **ଚିନ୍ମୟୀ ପଣ୍ଡା,** ସ୍ୱାମୀ: ସୌମ୍ୟ ରଞ୍ଜନ ଖୁଣ୍ଟିଆ, ଲିଙ୍ଗରାଜ ନଗର, ଲେନ୍-୮, ଭୁବନେଶ୍ୱର- ୭୫୧୦୦୨ / ୦୯୨୩୦୬୧୦୦୨୪୯୩୫ | ଟ.୬୪,୦୦୦/- + ଲାଗୁ ହୋଇନଥିବା ସୁଧ | ୧୬.୦୦ |
| | **ଅଶୋକା ମାର୍କେଟ ଶାଖା, ଭୁବନେଶ୍ୱର, ଶାଖା ପ୍ରବନ୍ଧକଙ୍କ ନାମ: ନିତେଶ କୁମାର ମହାନ୍ତି, ଫୋନ ନଂ.: ୯୦୦୩୦୮୮୦୩୨** | | |
| ୧. | **ଚିନ୍ମୟୀ ପଣ୍ଡା,** ପିତା: ମଧୁସୂଦନ ପଣ୍ଡା, ପ୍ଲଟ୍ ନଂ.: ୨୯୮୮, ଲିଙ୍ଗରାଜ ନଗର, ଲେନ୍-୮, ଭୁବନେଶ୍ୱର- ୭୫୧୦୦୨ / ୧୭୮୫୦୬୧୦୦୩୬୦୩୭ | ଟ.୫୬,୦୦୦/- + ଲାଗୁ ହୋଇନଥିବା ସୁଧ | ୧୪.୦୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡ଼ିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:**
୧.ବ୍ୟାଙ୍କ ଅଳଙ୍କାର/କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ।
୨.ଇଚ୍ଛୁକ ନିଲାମଧାରୀମାନେ ବ୍ୟାଙ୍କର କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରର ଯାଞ୍ଚ କରିପାରିବେ।
**୩.ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ।**
୪.ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି(ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ।
୫.ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି **୨୪ ଘଣ୍ଟା** ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପଇଠ କରିବା ପରେ ଅଳଙ୍କାର ଗୁଡ଼ିକ ପ୍ରଦାନ କରାଯିବ।
୬.ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ **୩୦ ଦିନ** ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ।
୭.ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ।
୮.କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ।

**ସ୍ଥାନ: ଭୁବନେଶ୍ୱର, ତାରିଖ: ୧୨.୦୯.୨୦୨୨** **କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ**


# ଏଜେନ୍ସିରାଜ ସ୍ଥାପନ ଉଦ୍ୟମ କରୁଛି କେନ୍ଦ୍ର: ମମତା

## କେନ୍ଦ୍ରୀୟ ଏଜେନ୍ସି ବିରୋଧରେ ବିଧାନସଭାରେ ପ୍ରସ୍ତାବ ଆଣିବ ଟିଏମ୍‌ସି

କୋଲକାତା,୧୨।୯

ପଶ୍ଚିମବଙ୍ଗରେ ସିବିଆଇ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଭଳି କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ଅତି ମାତ୍ରାରେ ସକ୍ରିୟ ରହିବା ବିରୋଧରେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ରାଜ୍ୟ ବିଧାନସଭାରେ ପ୍ରସ୍ତାବ ଆଣିବାକୁ ନିଷ୍ପତ୍ତି ନେଇଛି। ଏଥିପାଇଁ ବୁଧବାର ବିଧାନସଭାର ଏକ ସଂକ୍ଷିପ୍ତ ଅଧିବେଶନ ଡକାଯାଇଛି। ପ୍ରସ୍ତାବ ବିଧାନସଭାରେ ଦାଖଲ ହୋଇଥିବା ବାଚସ୍ପତି ବିମାନ ବନ୍ଦୋପାଧ୍ୟାୟ ସୋମବାର ସୂଚନା ଦେଇଛନ୍ତି। ଏହା ଉପରେ ଉଭୟ ଶାସକ ଓ ବିରୋଧୀ ଦଳ ସଦସ୍ୟମାନେ ଆଲୋଚନା କରିବେ। ରାଜ୍ୟରେ ଭୟ ଓ ଉତ୍ତେଜନାର ଏକ ବାତାବରଣ ସୃଷ୍ଟି କରାଯାଉଛି। ଯେକୌଣସି ସମୟରେ କେନ୍ଦ୍ରୀୟ ସଂସ୍ଥାର ଅଧିକାରୀମାନେ ଲୋକଙ୍କ ଘରେ ପହଞ୍ଚିଯାଉଛନ୍ତି। ଏହା ଉପରେ ଆଲୋଚନା ହେବ ବୋଲି ବାଚସ୍ପତି କହିଛନ୍ତି।


ମମତା ବାନାର୍ଜୀ

ଚାଇନାର ମୋବାଇଲ ଗେମିଂ ଆପ୍ ଦୁର୍ନୀତିରେ ସମ୍ପୃକ୍ତି ନେଇ ଦୁଇଦିନ ପୂର୍ବରୁ ଇଡି କୋଲକାତାର ଜଣେ ବ୍ୟବସାୟୀଙ୍କ ଘରେ ଚଢ଼ାଉ କରି ୧୭.୩୨ କୋଟି ଟଙ୍କା ଜବତ କରିଥିଲା। କେନ୍ଦ୍ରୀୟ ଏଜେନ୍ସିର ଏଭଳି କାର୍ଯ୍ୟକୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିନ୍ଦା କରିଛନ୍ତି। ଦେଶରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉ, ଏହା କେନ୍ଦ୍ର ସରକାର ଚାହାନ୍ତି ନାହିଁ। ଦେଶରେ ଏଜେନ୍ସିରାଜ୍ ପ୍ରତିଷ୍ଠା ଲାଗି ଉଦ୍ୟମ ହେଉଥିବା ମମତା କହିଛନ୍ତି। ଏହା ବ୍ୟତୀତ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକରୁ କେନ୍ଦ୍ର ସରକାର ପୁଞ୍ଜି ପ୍ରତ୍ୟାହାର କରିନେଉଥିବାରୁ ଟିଏମ୍‌ସି ନେତ୍ରୀ ଏହାର କଡ଼ା ସମାଲୋଚନା କରିଛନ୍ତି। କେନ୍ଦ୍ର ସରକାର ରେଲୱେ, ସେଲ୍, ସିଆଇଏଲ୍ ଆଦି ସଂସ୍ଥାକୁ ବିକ୍ରି କରୁଛନ୍ତି। ନୂଆ ନିଯୁକ୍ତି କିପରି ସୃଷ୍ଟି ହେବ ବୋଲି ମମତା ପ୍ରଶ୍ନ କରିଛନ୍ତି। ଏଜେନ୍ସି ରାଜ୍ ସତ୍ତ୍ୱେ ଟିଏମ୍‌ସି ସରକାର ରାଜ୍ୟରେ ଶିଳ୍ପ ବିକାଶ ଓ ନିଯୁକ୍ତି ସୃଷ୍ଟି ଦିଗରେ କାର୍ଯ୍ୟ କରୁଛି। ଏଠାରେ ତାଲିମ ପାଉଥିବା ଛାତ୍ରୀଛାତ୍ର ବାହାର ରାଜ୍ୟରେ ନିଯୁକ୍ତି ସୁଯୋଗ ପାଉଛନ୍ତି। ପଶ୍ଚିମବଙ୍ଗରେ ଯଥେଷ୍ଟ ନିଯୁକ୍ତି ସୁଯୋଗ ରହିଥିବାରୁ ସେମାନଙ୍କୁ ଫେରିଆସିବା ପାଇଁ ମମତା ଆହ୍ୱାନ ଦେଇଛନ୍ତି।

## ଭାଙ୍ଗିଲା ଏଏପି- ବିଟିପି ମେଣ୍ଟ


ବିଟିପି ନେତାଙ୍କ ସହ ଏଏପି ମୁଖ୍ୟ ଅରବିନ୍ଦ କେଜ୍‌ରିୱାଲ।(ଫାଇଲ୍ ଫଟୋ)

ଅହମ୍ମଦାବାଦ,୧୨।୯

ଗୁଜରାଟ ନିର୍ବାଚନ ପାଇଁ ନିଜର ପୁରା ଦମ୍ ଲଗାଇଥିବା ଆମ୍ ଆଦ୍‌ମୀ ପାର୍ଟି(ଏଏପି)କୁ ଏକ ଝଟ୍‌କା ଲାଗିଛି। ଭାରତୀୟ ଟ୍ରାଇବଲ ପାର୍ଟି (ବିଟିପି) ଏଏପି ସହ ନିଜର ୫ମାସର ମେଣ୍ଟକୁ ଭାଙ୍ଗିଛି। ଏନେଇ ସୋମବାର ବିଟିପି ଔପଚାରିକ ଭାବେ ଘୋଷଣା କରିଛି। ବର୍ତ୍ତମାନ ପରିସ୍ଥିତିରେ କୌଣସି ଟୋପିବାଲା ସହ ଦଳ ମେଣ୍ଟ କରିବ ନାହିଁ ବୋଲି ବିଟିପି ପ୍ରତିଷ୍ଠାତା ଛୋଟୁ ଭାସଭା କହିଛନ୍ତି। ଏଥିସହ ସେ କହିଛନ୍ତି, ସମସ୍ତ ଦଳ ସବୁବେଳେ ଆଦିବାସୀଙ୍କ ସମସ୍ୟାକୁ ଅଣଦେଖା କରିଆସିଛି। ଯଦି ଏଏପି ସହ ମେଣ୍ଟ ରଖାଯାଏ ତେବେ ନିଜ ଦଳକୁ କ୍ଷତି ହେବ। ଚଳିତ ବର୍ଷ ଗୁଜରାଟ ନିର୍ବାଚନରେ ବିଟିପି ଏକାକୀ ଲଢ଼ିବ ବୋଲି ସେ ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ, ଗୁଜରାଟର ୧୮୨ଟି ଆସନରୁ ୨୭ଟି ଆସନ ଉପରେ ଆଦିବାସୀ ସମାଜର ପ୍ରଭାବ ରହିଛି। ନିର୍ବାଚନ ପୂର୍ବରୁ ଏହି ମେଣ୍ଟ ଭାଙ୍ଗିବା ଏଏପିକୁ ଝଟ୍‌କା ଦେଇଛି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

# ସୋସିଆଲ ମିଡ଼ିଆରେ ଭାଜପା ମିଛ କାରଖାନା ଚଳାଉଛି: କଂଗ୍ରେସ

ନୂଆଦିଲ୍ଲୀ, ୧୨।୯

ଭାରତ ଯୋଡ଼ ଯାତ୍ରା ସମ୍ପର୍କରେ ଭାଜପାର ଅଭିଯୋଗ ଉପରେ କଂଗ୍ରେସ ପକ୍ଷରୁ କଡ଼ା ଜବାବ ଦିଆଯାଇଛି। କଂଗ୍ରେସର ବରିଷ୍ଠ ନେତା ଜୟରାମ ରମେଶ ଭାଜପା ଉଦ୍ଦେଶ୍ୟରେ କହିଛନ୍ତି, ଆମେ ଟି-ଶର୍ଟ ଏବଂ ଅନ୍ତର୍ବସ୍ତ୍ର ବିଷୟରେ କଥାବାର୍ତ୍ତା କରୁନାହୁଁ। ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ରମେଶ କହିଛନ୍ତି, ଯଦି ସେମାନେ କଣ୍ଟେନର, ଜୋତା ଏବଂ ଟି-ଶର୍ଟ ପ୍ରସଙ୍ଗ ଉଠାଉଛନ୍ତି। ତେବେ ମୁଁ କହିବାକୁ ଚାହେଁ ଯେ ଏହା ଭାଜପାର ଭୟକୁ ଦର୍ଶାଉଛି। ସେମାନେ ଭୟଭୀତ ହୋଇ ଏଭଳି କହୁଛନ୍ତି। ସୋସିଆଲ ମିଡିଆରେ ଭାଜପା ମିଛ କାରଖାନା ଚଳାଉଛି। ତେଣୁ ଭାଜପା ନେତାଙ୍କ ମିଥ୍ୟା ଏବଂ ଭିତ୍ତିହୀନ ବିବୃତ୍ତି ବାହାରକୁ ଆସୁଛି।


ଜୟରାମ ରମେଶ

ଏହା ସ୍ପଷ୍ଟ ହୋଇଛି ଯେ ଭାଜପା ଚିନ୍ତାରେ ପଡ଼ିଯାଇଛି। ଏହା ଦର୍ଶାଉଛି ଯେ ଭାରତ ଯୋଡ ଯାତ୍ରାକୁ ଜନସାଧାରଣଙ୍କ ସମର୍ଥନ ମିଳୁଛି। ଏଥିସହ ଜୟରାମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରି କହିଛନ୍ତି 'ମନ୍ କି ବାତ୍' ଭାରତ ଯୋଡ଼ ଯାତ୍ରାରେ ହୁଏ ନାହିଁ। ଭାରତ ଯୋଡ ଯାତ୍ରାରେ ଜନସାଧାରଣଙ୍କ ପାଇଁ ଚିନ୍ତା କରାଯାଇଥାଏ। ମୁଁ କେବେ ଭାବି ନଥିଲି ଯେ ଏହା ଭାଜପାର ଚିନ୍ତା ବଢାଇବ। ପାଞ୍ଚ ଦିନ ମଧ୍ୟରେ ତାମିଲନାଡୁ ଏବଂ କେରଳରେ ଆମ ସଂଗଠନରେ ଉତ୍ସାହ ଦେଖାଦେଇଛି। ପ୍ରତ୍ୟେକ ଦଳର କର୍ମୀଙ୍କ ମନୋବଳ ବୃଦ୍ଧି ପାଇଛି, ଏହା ମଧ୍ୟ ଭାରତ ଯୋଡ଼ର ଅନ୍ୟତମ ଉଦ୍ଦେଶ୍ୟ ଥିଲା ବୋଲି ଜୟରାମ ସୂଚୀତ କରିଛନ୍ତି।

# 'ଉଚ୍ଚମାନର ଖଣିକୁ ନିମ୍ନମାନର ଦର୍ଶାଯାଉଛି'

ଭୁବନେଶ୍ୱର,୧୨।୯(ବ୍ୟୁରୋ)


ଅପରାଜିତା ଷଡ଼ଙ୍ଗୀ

- ରାଜ୍ୟ ସରକାରଙ୍କ ବିରୋଧରେ ଅପରାଜିତା ଆଣିଲେ ଖଣି ଦୁର୍ନୀତି ଅଭିଯୋଗ
- ପ୍ରଧାନମନ୍ତ୍ରୀ, ଖଣି ମନ୍ତ୍ରୀଙ୍କୁ ପଚାରନ୍ତୁ ଅପରାଜିତା: ମନ୍ତ୍ରୀ


ପ୍ରଫୁଲ୍ଲ ମଲିକ

ଓଡ଼ିଶାର ଖଣି ଦୁର୍ନୀତି 'ଭ୍ରଷ୍ଟାଚାର' ନୁହେଁ, ଏକ ବିରାଟ ସ୍କାମ୍। ରାଜ୍ୟରେ ଥିବା ବିଭିନ୍ନ ଖଣି ଘରୋଇ ମାଲିକାନାରେ ରହିଛି। ଏଥିରୁ ବାହାରୁଥିବା ଉଚ୍ଚମାନର ଲୁହାପଥରକୁ ନିମ୍ନମାନର ବୋଲି ଦର୍ଶାଯାଉଛି, ଯାହାଫଳରେ କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି ହେଉଛି। ସରକାରୀ କଳ ଓ ଖଣି ମାଲିକମାନେ ମିଳିମିଶି ଏଭଳି ଷଡ଼ଯନ୍ତ୍ର କରୁଛନ୍ତି। ଉଚ୍ଚମାନର ଲୁହାପଥରକୁ ନିମ୍ନମାନର ଦର୍ଶାଯିବା ଫଳରେ ଜରିମାନା କ୍ଷେତ୍ରରେ ଲକ୍ଷେ ଟନ୍‌ରେ ୪୧ କୋଟି ଟଙ୍କା କ୍ଷତି ହୋଇଥିବା ବେଳେ ୧୦ ଲକ୍ଷ ଟନ୍‌ରେ ୪୧୦ କୋଟି କ୍ଷତି ହୋଇଛି ବୋଲି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଅଭିଯୋଗ କରିଛନ୍ତି।

ଅପରାଜିତା ସୋମବାର ଏକ ଖବରଦାତା ସମ୍ମିଳନୀ ଜରିଆରେ କହିଛନ୍ତି ଯେ, ସେହିପରି ଲମ୍ପ୍ସ କ୍ଷେତ୍ରରେ ଲକ୍ଷେ ଟନ୍‌ରେ ୬୨ କୋଟି ଓ ୧୦ ଲକ୍ଷ ଟନ୍‌ରେ ୬୨୦ କୋଟି ଟଙ୍କା କ୍ଷତି ହୋଇଛି। ନିମ୍ନମାନର ଲୁହାପଥର ଦର୍ଶାଇ ରପ୍ତାନି ହେବାରୁ ଏକ୍ସପୋର୍ଟ ଡ୍ୟୁଟି କମିଛି। ନିମ୍ନମାନର ଉତ୍ପାଦନ ଦ୍ୱାରା ବିକ୍ରି ମୂଲ୍ୟ ମଧ୍ୟ କମିଛି। ୨୦୧୯-୨୦ ଆର୍ଥିକ ବର୍ଷରେ ଯେଉଁ ଖଣିରୁ କମ୍ ପରିମାଣର ନିମ୍ନମାନର ଲୁହାପଥର ବାହାରିଥିଲା, ନିଲାମ ପରେ ୨୦୨୧-୨୨ରେ ସେହିସବୁ ଖଣିରୁ ନିମ୍ନମାନର ଲୁହାପଥର ଅଧିକ ପରିମାଣରେ ବାହାରିଲା। ଖଣି ଦୁର୍ନୀତିର ତଦନ୍ତ ପାଇଁ ଶାହା କମିଶନ ଗଠନ ହୋଇଥିଲା। ଶାହା କମିଶନଙ୍କ ରିପୋର୍ଟରୁ ରାଜ୍ୟରେ ୬୫ ହଜାର କୋଟି ଟଙ୍କାର ଭ୍ରଷ୍ଟାଚାର ହୋଇଥିବା ନେଇ ଜଣାପଡ଼ିଥିଲା। ରାଜ୍ୟ ସରକାର ଏନେଇ ଅବଗତ ଥିଲେ, ହେଲେ ଶାହା କମିଶନଙ୍କ ରିପୋର୍ଟକୁ ଗୁରୁତ୍ୱ ଦେଇ ନ ଥିଲେ। ଯଦି ରାଜ୍ୟ ସରକାର ଗୁରୁତ୍ୱ ଦେଇଥାନ୍ତେ, ରାଜ୍ୟର ରାଜସ୍ୱ ବଢ଼ିଥାଆନ୍ତା। ୨୦ଟି ଘରୋଇ ଖଣିରେ ଦୁର୍ନୀତି ସମ୍ପର୍କିତ ତଥ୍ୟ ତାଙ୍କ ପାଖରେ ଅଛି ବୋଲି ସେ କହିଛନ୍ତି। ଏହାସହ ୬ଟି ଖଣିରେ ଦୁର୍ନୀତି ସମ୍ପର୍କରେ ତଥ୍ୟ ଦେଇଛି, ବାକି ୧୪ଟି ଖଣିର ଦୁର୍ନୀତି ସମ୍ପର୍କିତ ତଥ୍ୟ ଦେବି ବୋଲି ଅପରାଜିତା କହିଛନ୍ତି।

ଅନ୍ୟପକ୍ଷରେ ଅପରାଜିତାଙ୍କ ଅଭିଯୋଗକୁ ଖଣ୍ଡନ କରି ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲିକ କହିଛନ୍ତି, ଖଣି ନିଲାମି ଓ ପରିଚାଳନାରେ ଓଡ଼ିଶା ସାରା ଦେଶରେ ଶ୍ରେଷ୍ଠ ରାଜ୍ୟ ପାଲଟିଛି। ଏଥିପାଇଁ ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ଓ ଖଣି ମନ୍ତ୍ରାଳୟ ପ୍ରଶଂସା କରିଛନ୍ତି। ଏବର୍ଷ ଆମେ ୫୦ ହଜାର କୋଟି ଟଙ୍କା ରାଜସ୍ୱ ଆଦାୟ କରିଛୁ। ଅପରାଜିତାଙ୍କୁ ଅନୁରୋଧ ସେ ପ୍ରଧାନମନ୍ତ୍ରୀ ଓ ଖଣି ମନ୍ତ୍ରାଳୟକୁ ଏ ବିଷୟରେ ପଚାରନ୍ତୁ ବୋଲି ମନ୍ତ୍ରୀ ମଲିକ କହିଛନ୍ତି।


ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI
**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଭୁବନେଶ୍ୱର ଅଞ୍ଚଳ, ୧/୧ଡି, ଷ୍ଟାର ହାଉସ୍, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଫୋନ୍: ୦୬୭୪-୨୩୬୨୨୪୯
**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ନିମ୍ନଲିଖିତ ସୁନା ଋଣଗ୍ରହୀତା, ସେମାନଙ୍କର ଆଇନଗତ ଉତ୍ତରାଧିକାରୀ ଓ ସୁନା ଅଳଙ୍କାର ବ୍ୟବସାୟରେ ଜଡିତ ଥିବା ବ୍ୟକ୍ତି ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି, ବ୍ୟାଙ୍କ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ନିମ୍ନଲିଖିତ ଋଣଗ୍ରହୀତାମାନେ ସେମାନଙ୍କର ବକେୟା ଦେୟ ପଇଠ କରୁନାହାଁନ୍ତି। ଏହି ନୋଟିସ୍ ପ୍ରକାଶନ ମାଧ୍ୟମରେ ଜଣାଇ ଦିଆଯାଉଅଛି କି, ଯଦି ସେମାନେ ସେମାନଙ୍କର ସମ୍ପୃକ୍ତ ସୁନା ଋଣ ଆକାଉଣ୍ଟ ବାବଦ ବକେୟା ଦେୟ (ଅଦ୍ୟାବଧି ସମସ୍ତ ସୁଧ ଏବଂ ଦେୟ/ଆଇନଗତ ଖର୍ଚ୍ଚ ଅନ୍ତର୍ଭୁକ୍ତ କରି) **ତା.୨୩.୦୯.୨୦୨୨ରିଖ** ସୁଦ୍ଧା ପଇଠ କରିବାରେ ବିଫଳ ହୁଅନ୍ତି ତେବେ **ତା.୨୬.୦୯.୨୦୨୨ରିଖ ପୂର୍ବାହ୍ନ ୧୧.୦୦ ଘଟିକା** ସମୟରୁ ବ୍ୟାଙ୍କରେ ବନ୍ଧକ ଥିବା ସେମାନଙ୍କର ସୁନା ଅଳଙ୍କାରଗୁଡ଼ିକୁ **ନିମ୍ନରେ ଦର୍ଶାଯାଇଥିବା ସମ୍ପୃକ୍ତ ଶାଖା ପରିସରରେ ଏବଂ/କିମ୍ବା ଶ୍ରୀରାମ ଅଟୋମଲ ଇଣ୍ଡିଆ ଲିଃ. (SAMIL), କଟକ, ସା: ଶ୍ରୀରାମ ଅଟୋମଲ ୟାର୍ଡ, ନୂଆପାଟଣା, ଏନ୍‌ଏଚ୍-୪୨, ଚୌଦ୍ୱାର-ଅନୁଗୁଳ ରୋଡ୍, କଟକ-୭୫୪୦୦୭** ଠାରେ ସର୍ବସାଧାରଣରେ ନିଲାମ କରାଯିବ, **ଯୋଗାଯୋଗ ବ୍ୟକ୍ତି: ଶ୍ରୀ ପ୍ରଭାତ କୁମାର (ମୋ.: ୮୬୫୮୭୩୮୩୨୦), ଶ୍ରୀ ଦେବାଶିଷ ସୁବୁଦ୍ଧି (ମୋ.: ୯୮୬୧୩୪୨୪୯୪)।** ବ୍ୟାଙ୍କ ସମ୍ପୃକ୍ତ ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା କିମ୍ବା କ୍ଷତି ନିମନ୍ତେ ଦାୟୀ ହେବ ନାହିଁ ଏବଂ କୌଣସି ଋଣଗ୍ରହୀତାଙ୍କ ପକ୍ଷରୁ ଏ ବାବଦ କୌଣସି ଅଭିଯୋଗ କିମ୍ବା ପ୍ରତିନିଧିତ୍ୱକୁ ପ୍ରଶ୍ରୟ ଦେବ ନାହିଁ। ଯଦି ନିଲାମ ରାଶି ଅପର୍ଯ୍ୟାପ୍ତ କିମ୍ବା କମ୍ ହୋଇଥାଏ ତେବେ କୌଣସି କାରଣ ନଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଅଛି। ପୁନଶ୍ଚ ଆବଶ୍ୟକସ୍ଥଳେ ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଉପରୋକ୍ତ ସ୍ଥିରିକୃତ ନିଲାମର ତାରିଖ, ସମୟ ଏବଂ ସ୍ଥାନକୁ ପରିବର୍ତ୍ତନ କିମ୍ବା ନିଲାମକୁ ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଅଛି। ସୁନା ଅଳଙ୍କାର / କଏନ୍ ଗୁଡ଼ିକର ଶୁଦ୍ଧତା ଓ ନେଟ୍ ଓଜନ ଏବଂ ସଂରକ୍ଷିତ ମୂଲ୍ୟ ଇତ୍ୟାଦି ଇଚ୍ଛୁକ ନିଲାମଧାରୀମାନଙ୍କ ନିମନ୍ତେ ନିଲାମ ତାରିଖ ଦିନ ଏବଂ ନିଲାମର ସାଇଟ୍ / ନିଲାମ ପୋର୍ଟାଲରେ ଉପଲବ୍ଧ ହେବ।

| କ୍ର. ନଂ. | ଆକାଉଣ୍ଟ ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ମୋଟ ଓଜନ (ଗ୍ରାମରେ) | ନେଟ୍ ଓଜନ (ଗ୍ରାମରେ) | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ବକେୟା ଦେୟ | ମୋଟ ବକେୟା ଦେୟ (ଲାଗୁ ହୋଇନଥିବା ଦେୟ ବ୍ୟତୀତ) |
|---|---|---|---|---|---|---|
| | | **ପାରାଦୀପ ଶାଖା, ୪୬୭ କୋର ସେକ୍ଟର, ପାରାଦୀପ ପୋର୍ଟ, ପାରାଦୀପ, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା-୭୫୪୧୪୨** | | | | |
| ୧. | ୫୧୦୩୭୭୬୧୦୦୦୦୪୩୦ | **ଭରତ ଚନ୍ଦ୍ର ଓଝା,** ପିତା: ଜଗୁ ଓଝା, ସା: ଜନାର୍ଦ୍ଦନପୁର, ଚଟୁଆ, ପୋ: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା | ୧୯ | ୧୫.୨ | ଟ.୫୮,୦୦୦/- | ଟ.୫୯,୩୪୭.୯୬ |
| ୨. | ୫୧୦୩୭୭୬୧୦୦୦୦୧୪୨ | **ନିର୍ମଳା ମହାନ୍ତି,** ସ୍ୱାମୀ: ଜିତେନ୍ଦ୍ର କୁମାର ମହାନ୍ତି, ସା: ଚୂନବେଲାରି, ପୋ: ପାରାଦୀପଗଡ, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା | ୭୪.୮ | ୫୧.୮୫ | ଟ.୧,୫୩,୫୮୩.୬୭ | ଟ.୧,୭୨,୯୫୧.୮୮ |
| ୩. | ୫୧୦୩୭୭୬୧୦୦୦୦୧୩୨ | **ମନ ମୋହନ ମଲ୍ଲ,** ପିତା: ବୀରବଳ ମଲ୍ଲ, ସା: ଗାରେଇ, ପୋ: ଲଥାଙ୍ଗ, ଭାୟା: ରାହାମା, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା - ୭୫୪୧୪୦ | ୫୨ | ୪୨ | ଟ.୧,୦୬,୧୨୪.୯୩ | ଟ.୧,୩୫,୨୮୩.୪୬ |
| | | **ବଳଙ୍ଗା ଶାଖା, ବଳଙ୍ଗା ନିମାପଡା ରୋଡ୍, ବଳଙ୍ଗା, ଜିଲ୍ଲା: ପୁରୀ, ଓଡ଼ିଶା-୭୫୨୧୦୫** | | | | |
| ୧. | ୫୧୭୦୭୭୬୧୦୦୦୦୧୮୭ | **ପଦ୍ମଲାଭ ସାହୁ,** ପିତା: ବୁଲା ସାହୁ, ସା/ପୋ: ବଳଙ୍ଗା, ଜିଲ୍ଲା: ପୁରୀ, ପିନ୍ : ୭୫୨୧୦୫ | ୧୫.୪୯୦ | ୧୧.୬୧୦ | ଟ.୪୩,୮୦୧.୪୮ | ଟ.୪୯,୩୯୫.୭୮ |
| | | **କଳ୍ପନା ସ୍କୋୟାର ଶାଖା, ପ୍ଲଟ୍ ନଂ:ଏ/୮୮, ବିଜେବି ନଗର, ଭୁବନେଶ୍ୱର-୭୫୧୦୧୪** | | | | |
| ୧. | ୫୧୩୦୭୭୬୧୦୦୦୦୦୭୪ | **ଦିଲ୍ଲୀପ କୁମାର ମହାପାତ୍ର,** ଗଦାଧର ପ୍ରସାଦ, ଗୋବିନ୍ଦପୁର, ନୟାଗଡ଼ - ୭୫୨୦୬୮ | ୫୨.୦୦୦ | ୪୩.୦୦୦ | ଟ.୧,୪୭,୮୩୫.୩୧ | ଟ.୧,୫୬,୨୭୩.୩୨ |
| ୨. | ୫୧୩୦୭୭୬୧୦୦୦୦୧୦୩ | **ଅନୱାରି ଖାତୁନ,** ପିତା: ଅସଗର ଅଲ୍ଲୀ, ମହିଁଷିଖାଲ, ବିଜେବି ନଗର, ଭୁବନେଶ୍ୱର - ୭୫୧୦୧୪ | ୧୦.୧୦୦ | ୮.୦୦୦ | ଟ.୨୬,୫୦୫.୫୬ | ଟ.୨୮,୦୫୪.୯୮ |
| ୩. | ୫୧୩୦୭୭୬୧୦୦୦୦୨୪୫ | **ନଳନୀକାନ୍ତ ଦାସ,** ଫ୍ଲାଟ ନଂ: ୪୦୫, ମହାବୀର ଏନ୍‌କ୍ଲେଭ୍, ସନ୍ତୋଷୀ ବିହାର, ଲକ୍ଷ୍ମୀସାଗର, ଭୁବନେଶ୍ୱର - ୭୫୧୦୦୬ | ୫୨.୦୦୦ | ୪୯.୦୦୦ | ଟ.୧,୮୩,୫୦୦/- | ଟ.୧,୮୮,୮୫୭.୪୨ |
| ୪. | ୫୧୩୦୭୭୬୧୦୦୦୦୨୪୬ | **ନଳନୀକାନ୍ତ ଦାସ,** ଫ୍ଲାଟ ନଂ: ୪୦୫, ମହାବୀର ଏନ୍‌କ୍ଲେଭ୍, ସନ୍ତୋଷୀ ବିହାର, ଲକ୍ଷ୍ମୀସାଗର, ଭୁବନେଶ୍ୱର - ୭୫୧୦୦୬ | ୭୬.୦୦୦ | ୭୦.୦୦୦ | ଟ.୨,୬୧,୯୮୬.୭୭ | ଟ.୨,୬୯,୬୩୫.୪୬ |
| | | **ପୋଖରୀପୁଟ ଶାଖା, ପ୍ଲଟ୍ ନଂ: ୪୦୦ (ଅଂଶ), ଗଣ୍ଡମୁଣ୍ଡା ସ୍କୋୟାର, ପୋଖରୀପୁଟ, ଜାଗମରା ରୋଡ, ଖଣ୍ଡଗିରି,ଭୁବନେଶ୍ୱର-୭୫୧୦୩୦** | | | | |
| ୧. | ୫୫୭୩୭୩୭୧୦୦୦୦୦୦୭ | **ପ୍ରସନ୍ନ କୁମାର ରାଉତ,** ପିତା: ଧୋବି ରାଉତ, କ୍ୱାର୍ଟର ନଂ: ଏଲ୍‌ବି-୧୩, ଓଏସ୍‌ଏଚ୍‌ବି, କପିଳପ୍ରସାଦ, ଭୁବନେଶ୍ୱର - ୭୫୧୦୦୨ | ୪୬.୫୯୫ | ୩୧.୫୧ | ଟ.୯୮,୭୬୧/- | ଟ.୧,୨୪,୮୭୪/- |
| ୨. | ୫୫୭୩୭୩୭୧୦୦୦୦୦୬୦ | **ଗୋବିନ୍ଦ ଚନ୍ଦ୍ର ସେଠୀ,** ମାର୍ଫତ୍: ମହାନ୍ତି କଲୋନୀ, ମଙ୍ଗଳା ମନ୍ଦିର ନିକଟ, ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର | ୨୦ | ୨୦ | ଟ.୭୮,୪୫୩/- | ଟ.୮୧,୯୨୯/- |
| | | **ବରିମୁଣ୍ଡ ଶାଖା, ସା/ପୋ: ବରିମୁଣ୍ଡ, ଜିଲ୍ଲା: ଖୋର୍ଦ୍ଧା** | | | | |
| ୧. | ୫୧୨୭୭୭୬୧୦୦୦୦୧୧୩ | **ରାକେଶ ଚନ୍ଦ୍ର ସାହୁ,** ସା/ପୋ: ବରିମୁଣ୍ଡ, ଜିଲ୍ଲା : ଖୋର୍ଦ୍ଧା | ୨୯.୩୩୮ | ୨୧.୬ | ଟ.୭୨,୦୦୦/- | ଟ.୭୩,୧୧୮/- |
| ୨. | ୫୧୨୭୭୭୬୧୦୦୦୦୨୦୫ | **ରାକେଶ ଚନ୍ଦ୍ର ସାହୁ,** ସା/ପୋ: ବରିମୁଣ୍ଡ, ଜିଲ୍ଲା : ଖୋର୍ଦ୍ଧା | ୫୬.୧ | ୫୦.୬ | ଟ.୧,୮୮,୦୦୦/- | ଟ.୧,୯୦,୪୪୬/- |
| ୩. | ୫୧୨୭୭୭୬୧୦୦୦୦୧୬୦ | **କୌଶଲ୍ୟା ସାହୁ,** ସା/ପୋ: ବରିମୁଣ୍ଡ, ଜିଲ୍ଲା : ଖୋର୍ଦ୍ଧା | ୧୫.୬୩ | ୧୪.୦୬୭ | ଟ.୫୨,୧୫୯/- | ଟ.୫୩,୬୧୯/- |
| | | **ନବକଳେବର ରୋଡ ଶାଖା, ଗୁଣ୍ଡିଚା ବିହାର, ଜିଲ୍ଲା : ପୁରୀ** | | | | |
| ୧. | ୫୫୫୮୭୭୬୧୦୦୦୦୩୧୮ | **ପ୍ରତାପ ସିଂହ,** ସା: ଦର୍ଜି ପୋଖରୀ ଛକ, ପୁରୀ | ୪୧.୮୦ | ୩୮.୨୦ | ଟ.୧,୨୨,୧୬୫.୯୦ | ଟ.୨,୨୧,୮୯୧.୪୫ |
| ୨. | ୫୫୫୮୭୭୬୧୦୦୦୦୩୪୩ | **ବିକାଶ କୁମାର ମଲ୍ଲିକ,** ମାର୍ଫତ୍: ବଳରାମ ମଲ୍ଲିକ, ସା: ବେଣ୍ଡପୁର, ବ୍ରହ୍ମଗିରି, ପୁରୀ | ୫୬.୦୦ | ୩୦ | ଟ.୮୫,୨୮୩.୫୦ | ଟ.୧,୩୬,୬୧୦.୪୩ |
| ୩. | ୫୫୫୮୭୭୬୧୦୦୦୦୧୪୯୬ | **ତ୍ରିନାଥ ମାର୍ଥା,** ପିତା: ବାଲୁଙ୍କି ମାର୍ଥା, ସା: ଜଳିଆ, ପୁରୀ | ୧୨.୧୨ | ୧୧.୦୦ | ଟ.୩୦,୩୪୫.୪୭ | ଟ.୩୨,୧୬୫.୭୯ |
| ୪. | ୫୫୫୮୭୭୬୧୦୦୦୦୧୪୦୯ | **ପ୍ରକାଶ ଚନ୍ଦ୍ର ଆଚାର୍ଯ୍ୟ,** ପିତା: କୃଷ୍ଣ ଚନ୍ଦ୍ର ଆଚାର୍ଯ୍ୟ, ସା: ଯାଗେଶ୍ୱରୀ ଲେନ୍, ବାଲୁଖଣ୍ଡ, ପୁରୀ | ୨୬.୦୪୦ | ୨୪.୦୦୦ | ଟ.୮୬,୧୫୭/- | ଟ.୯୪,୯୫୯.୩୧ |
| ୫. | ୫୫୫୮୭୭୬୧୦୦୦୦୧୩୩୧ | **ପ୍ରଦୀପ ବିଶ୍ୱାଳ,** ପିତା: କାହ୍ନୁ ବିଶ୍ୱାଳ, ସା: ବାଲିସାହି, ପୁରୀ | ୩୬.୩୭୦ | ୯.୦୦୦ | ଟ.୨୬,୬୯୮.୩୩ | ଟ.୨୭,୪୯୪.୧୮ |
| | | **ଗୋଡିପଦା ଶାଖା, ପଞ୍ଚାୟତ ଅଫିସ୍ ବିଲ୍ଡିଂ, ଗୋଡିପଦା, ଜିଲ୍ଲା : ନୟାଗଡ଼** | | | | |
| ୧. | ୫୫୭୯୭୭୬୧୦୦୦୦୧୪୪୯ | **ରୁବିନା ନାୟକ,** ଦାମସାହି, ରଣପୁର, ନୟାଗଡ଼ - ୭୫୨୦୯୨ | ୪ | ୨.୬୧ | ଟ.୫,୫୬୦/- | ଟ.୫,୭୦୮/- |
| ୨. | ୫୫୭୯୭୭୬୧୦୦୦୦୧୫୮୬ | **ମାନସ ବିଶ୍ୱାଳ,** ଦାମସାହି, ରଣପୁର, ନୟାଗଡ଼ - ୭୫୨୦୯୨ | ୧୯.୬ | ୧୩.୯୮ | ଟ.୪୧,୩୭୩/- | ଟ.୪୧,୬୪୮/- |

**ସ୍ଥାନ: ଭୁବନେଶ୍ୱର, ତାରିଖ: ୧୩.୦୯.୨୦୨୨** **ଆଞ୍ଚଳିକ ପ୍ରବନ୍ଧକ, ବ୍ୟାଙ୍କ ଅଫ୍ ଇଣ୍ଡିଆ**

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ବୟନିକା ପକ୍ଷରୁ ୧୯ତମ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା-୨୦୨୨, ଏକାମ୍ର ହାଟ ଓ ପ୍ରଦର୍ଶନୀ ପଡିଆ, ପୂର୍ବାହ୍ନ ୧୧ଟା ୩୦।।
- ନୃତ୍ୟାଞ୍ଜଳି ପକ୍ଷରୁ ଦେବଦାସିର ୧୭ତମ ବାର୍ଷିକ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ନାଟକ ଉତ୍ସବ ରଙ୍ଗ ସଙ୍ଗମ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା।

କଟକ

- କଟକ ମହାନଗର ନିଗମ ପକ୍ଷରୁ କାଉନସିଲ ମିଟିଂ, ବିଜୁ ଭବନ, ଚୌଧୁରୀ ବଜାର, ପୂର୍ବାହ୍ନ ୧୦ଟା।

## ଯୁକ୍ତ୨ ସିଲାବସ୍ କମିଟି ସଦସ୍ୟଙ୍କ କାର୍ଯ୍ୟକାଳ ବୃଦ୍ଧି

**ଭୁବନେଶ୍ୱର,୧୨।୯(ବ୍ୟୁରୋ):** ଯୁକ୍ତ୨ କଳା, ବିଜ୍ଞାନ ଏବଂ ବାଣିଜ୍ୟ ବିଷୟର ସିଲାବସ କମିଟି ସଦସ୍ୟଙ୍କ କାର୍ଯ୍ୟକାଳକୁ ୬ ମାସ ବୃଦ୍ଧି କରାଯାଇଛି। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚଏସଇ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନୂତନ ସିଲାବସ କମିଟି ଗଠନ ହେବା ପର୍ଯ୍ୟନ୍ତ କମିଟି ସଦସ୍ୟଙ୍କ କାର୍ଯ୍ୟକାଳ ଜାରି ରହିବ ବୋଲି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

## ଏଓଡବ୍ଲ୍ୟୁଏମ୍ର ସଭାପତି ହେଲେ କଟକ ବୋହୂ ସାଓଁଲି

**କଟକ ଅଫିସ,୧୨।୯:** ଇଣ୍ଟରନ୍ୟାଶନାଲ ମାଥ୍‌ମେଟିକାଲ ୟୁନିୟନ(ଆଇଏମୟୁ) ଅଧୀନରେ ରହିଥିବା ଏସିଆ-ଓସିଏନିଆ ଓମେନ ଇନ ମାଥମେଟିକ୍ସ (ଏଓଡବ୍ଲ୍ୟୁଏମ୍)ର ସଭାପତି ଭାବେ ସାଓଁଲି



ଗୁନ୍ ମନୋନୀତ ହୋଇଛନ୍ତି। ବିଶ୍ୱର ୧୭ଟି ରାଷ୍ଟ୍ରର ଗଣିତଜ୍ଞମାନଙ୍କୁ ନେଇ ଏଓଡବ୍ଲ୍ୟୁଏମ୍ର କାର୍ଯ୍ୟକାରୀ କମିଟି ଗଠନ ହୋଇଛି। ଗଣିତ ବିଦ୍ୟା କ୍ଷେତ୍ରରେ କାର୍ଯ୍ୟ କରୁଥିବା ମହିଳାଙ୍କୁ ବିକଶିତ କରିବା ଏହି ସଙ୍ଗଠନର ମୂଳ ଲକ୍ଷ୍ୟ। ବିଶେଷକରି ଗବେଷଣା କରୁଥିବା ଯୁବ ଗଣିତଜ୍ଞମାନଙ୍କ କ୍ୟାରିୟରର ବିକାଶ ଦିଗରେ ଏହି ସଙ୍ଗଠନ କାର୍ଯ୍ୟ କରେ। ପ୍ରକାଶଯୋଗ୍ୟ, ସାଓଁଲି ହେଉଛନ୍ତି କଟକର ବୋହୂ ତଥା ଫ୍ରେଣ୍ଡସ କଲୋନୀ ନିବାସୀ ପ୍ରଫେସର ପୁରୁଷୋତ୍ତମ ରଥଙ୍କ ସହଧର୍ମିଣୀ। ଏଥସହ ସେ ହାଇକୋର୍ଟର ଆଇନଜୀବୀ କନିଷ୍କ ରଥ ଓ ଲକ୍ଷ୍ମୀପ୍ରଭା ରଥଙ୍କର ବୋହୂ। ସାଓଁଲି ସମ୍ପ୍ରତି ଚେନ୍ନାଇସ୍ଥିତ ଇନଷ୍ଟିଚ୍ୟୁଶନାଲ ଅଫ୍ ମାଥ୍‌ମେଟିକାଲ ସାଇନ୍ସରେ ପ୍ରାଧାପକ ଭାବେ କାର୍ଯ୍ୟ କରୁଛନ୍ତି।

# ୨୧୫ ଷ୍ଟଲରେ ୧୫ ରାଜ୍ୟର ହସ୍ତତନ୍ତ ବସ୍ତ୍ର



ମନ୍ତ୍ରୀ ରୀତା ସାହୁ ଓ ଅନ୍ୟ ଅତିଥିମାନେ ମେଳାର ଏକ ଷ୍ଟଲ୍‌ରେ ହସ୍ତତନ୍ତ ବସ୍ତ୍ର ଦେଖୁଛନ୍ତି।

### ଆରମ୍ଭ ହେଲା ଜାତୀୟ ହସ୍ତତନ୍ତ ମେଳା

**ଭୁବନେଶ୍ୱର, ୧୨।୯ (ବ୍ୟୁରୋ)**

ଗୋଟିଏ ସ୍ଥାନରେ ବିଭିନ୍ନ ରାଜ୍ୟର ହସ୍ତତନ୍ତ ବସ୍ତ୍ରର ସମ୍ଭାର। ପଶ୍ଚିମବଙ୍ଗର ଜାମଦାନୀ ହେଉ କି ଟାଙ୍ଗାଇଲ୍ ଶାଢ଼ି, ଗୁଜରାଟର ପଟୋଲା, ଲକ୍ଷ୍ନୌର ଚିକେନ୍ କାରୀ, ଜମ୍ମୁ କାଶ୍ମୀରର ପଶ୍ମିନା ସାଲ୍, ପଞ୍ଜାବର କମ୍ବଳ, ତାମିଲନାଡୁର କାଞ୍ଜିବରମ ପାଟଶାଢ଼ି ସବୁକିଛି ଦେଖିବା ସହ କିଣାକିଣିର ସୁବିଧା। ଏଭଳି ସୁଯୋଗ ଆଣିଛି ୨୧ତମ ଜାତୀୟ ହସ୍ତତନ୍ତ ମେଳା। ରାଜ୍ୟ ସରକାରଙ୍କ ଆନୁକୂଲ୍ୟରେ ବୟନିକା ପକ୍ଷରୁ ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଏହି ମେଳାକୁ ସୋମବାର ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ରୀତା ସାହୁ ଉଦ୍‌ଘାଟନ କରିଥିଲେ। ରାଜଧାନୀବାସୀଙ୍କୁ ଏକ ସ୍ଥାନରେ ବିଭିନ୍ନ ରାଜ୍ୟର ହସ୍ତତନ୍ତ ବସ୍ତ୍ର ଉପଲବ୍ଧ କରାଇବା ଏବଂ ହସ୍ତଶିଳ୍ପ କାରିଗରଙ୍କୁ ସରକାରୀ ପ୍ରୋତ୍ସାହନ ଦେବା ପାଇଁ ଏହି ମେଳା ଆୟୋଜିତ ହେଉଥିବା ମନ୍ତ୍ରୀ କହିଥିଲେ। ମେଳାରେ ଓଡ଼ିଶା ସମେତ ଉତ୍ତରପ୍ରଦେଶ, ଜମ୍ମୁ ଓ କଶ୍ମୀର, ରାଜସ୍ଥାନ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ବିହାର, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ, ହରିୟାଣା, ପଞ୍ଜାବ ଆଦି ୧୫ ରାଜ୍ୟରୁ ହସ୍ତଶିଳ୍ପ ବୁଣାକାର, କାରିଗର ଓ ବ୍ୟବସାୟୀ ଯୋଗଦେଇ ହସ୍ତତନ୍ତ ବସ୍ତ୍ରର ପସରା ମେଲାଇଛନ୍ତି। ମେଳାରେ ମୋଟ ୨୧୫ଟି ଷ୍ଟଲ୍ ଖୋଲାଯାଇଥିବାବେଳେ ଏଥିରୁ ୧୧୫ ଷ୍ଟଲ୍ ଓଡ଼ିଶାର ବିଭିନ୍ନ ସଂସ୍ଥା ଓ ସମିତି ପାଇଁ ଉଦ୍ଦିଷ୍ଟ। ବଳକା ୧୦୦ଟି ଷ୍ଟଲ ଅନ୍ୟ ରାଜ୍ୟର ଅଂଶଗ୍ରହଣକାରୀ ସଂସ୍ଥାକୁ ଆବଣ୍ଟନ କରାଯାଇଛି। ତେବେ ଓଡ଼ିଶାର ପ୍ରତ୍ୟେକ ଷ୍ଟଲରେ ବସ୍ତ୍ର ବିକ୍ରି ଉପରେ ସ୍ୱତନ୍ତ୍ର ରିହାତି ବ୍ୟବସ୍ଥା ରହିଛି। ଏଥିସହିତ ସମସ୍ତ ରାଜ୍ୟର ପାରମ୍ପରିକ ଖାଦ୍ୟ ମିଳିବ। ଖେଳକୁଦ ଓ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ରହିଛି। ଅକ୍ଟୋବର ୯ ପର୍ଯ୍ୟନ୍ତ ପ୍ରତ୍ୟହ ପୂର୍ବାହ୍ନ ୧୧ଟା ୩୦ରୁ ରାତି ୯ଟା ୩୦ ପର୍ଯ୍ୟନ୍ତ ମେଳା ଚାଲିବ। ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ଅନନ୍ତ ନାରାୟଣ ଜେନା, ବିଭାଗୀୟ କମିଶନର ତଥା ଶାସନ ସଚିବ ଶୁଭା ଶର୍ମା, ବୟନଶିଳ୍ପ ଓ ହସ୍ତତନ୍ତ ବିଭାଗର ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ, ବୟନିକା ପରିଚାଳନା ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର ଏବଂ ବୟନଶିଳ୍ପ ନିର୍ଦ୍ଦେଶାଳୟ ଓ ବୟନିକାର ପଦାଧିକାରୀ ଉପସ୍ଥିତ ଥିଲେ। ଦେଶର ସମସ୍ତ ବୟନ କଳାକୁ ଏକାଠି କରି ଏହାର ବାଣିଜ୍ୟିକ ଆଭିମୁଖ୍ୟକୁ ତ୍ୱରାନ୍ୱିତ ପୂର୍ବକ ସମ୍ପୃକ୍ତ ବୁଣାକାରଙ୍କ ଉନ୍ନତି କରିବା ହେଉଛି ମେଳା ଆୟୋଜନର ଅନ୍ୟତମ ଉଦ୍ଦେଶ୍ୟ ବୋଲି ସେମାନେ କହିଥିଲେ।ଗତବର୍ଷ ଏହି ମେଳାରେ ୧୦ କୋଟି ଟଙ୍କାର ବ୍ୟବସାୟ ହୋଇଥିଲା। ଆଗକୁ ପୂଜା ଥିବାରୁ ଚଳିତ ବର୍ଷ ୧୨ କୋଟିରୁ ଊର୍ଦ୍ଧ୍ୱ ବ୍ୟବସାୟ ହେବ ବୋଲି ଆଶା କରାଯାଉଛି।



ରୁଦ୍ରାକ୍ଷ ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱରସ୍ଥିତ ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ ଚାଲିଥିବା 'ବର୍ଣ୍ଣାଳୀ ମହୋତ୍ସବ'ର ସୋମବାର ଉଦ୍‌ଯାପନୀ ସନ୍ଧ୍ୟାରେ ହାଇଦ୍ରାବାଦର ଅମ୍ରିତା ସିଂ କୁଚିପୁଡ଼ି ନୃତ୍ୟ ପରିବେଷଣ କରୁଛନ୍ତି।

## ହ୍ୱାଇଟ୍ ସ୍ୱାଇଡର: ୮ ମାସରେ ଭୁବନେଶ୍ୱରରୁ ୧୦୯ ଗିରଫ

**ଭୁବନେଶ୍ୱର,୧୨।୯ (ବ୍ୟୁରୋ)**

### ୧.୩୭ କେଜି ବ୍ରାଉନସୁଗାର, ୯୮୭ କେଜି ଗଞ୍ଜେଇ ଓ ୪.୮୧ ଲକ୍ଷ ଟଙ୍କା ଜବତ

ରାଜଧାନୀରେ ବଢ଼ୁଥିବା ନିଶା କାରବାରକୁ ରୋକିବା ପାଇଁ କମିଶନରେଟ ପୋଲିସ ୨୦୨୧ ଅଗଷ୍ଟ ୧୫ରେ 'ହ୍ୱାଇଟ୍ ସ୍ୱାଇଡର' ନାମରେ ଏକ ଅଭିଯାନ ଆରମ୍ଭ କରିଥିଲା। ଚଳିତବର୍ଷ ଜାନୁୟାରୀରୁ ଅଗଷ୍ଟ ଅର୍ଥାତ୍ ୮ ମାସ ମଧ୍ୟରେ ଏହି ଅଭିଯାନରେ ୧୦୯ ଜଣଙ୍କୁ ଗିରଫ କରାଯାଇଛି। ଭୁବନେଶ୍ୱର ଡିସିପି ଅଫିସ୍ ପକ୍ଷରୁ ସୋମବାର ଦିଆଯାଇଥିବା ରିପୋର୍ଟରୁ ଏହା ଜଣାପଡ଼ିଛି। ଉକ୍ତ ରିପୋର୍ଟ ଅନୁଯାୟୀ, ଏହି ଅଭିଯାନରେ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାର ବିଭିନ୍ନ ଥାନାରେ ବ୍ରାଉନସୁଗାର କାରବାର ସଂକ୍ରାନ୍ତ ୩୨ଟି ମାମଲା ରୁଜୁ କରାଯାଇଥିବା ବେଳେ ସମ୍ପୃକ୍ତ ୫୯ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହି ମାମଲାରେ ୧ କେଜି ୩୭ ଗ୍ରାମ ବ୍ରାଉନସୁଗର, ୪ ଲକ୍ଷ ୫୦ ହଜାର ୬୧୦ ନଗଦ ଟଙ୍କା, ୧୨ଟି ଗାଡ଼ି ଏବଂ ୩୬ ମୋବାଇଲ ଜବତ କରାଯାଇଛି। ସେହିପରି ଗଞ୍ଜେଇ କାରବାର ନେଇ ୨୭ ମାମଲା ରୁଜୁ କରାଯାଇଥିବାବେଳେ ସମ୍ପୃକ୍ତ ୫୦ ଜଣଙ୍କୁ ଗିରଫ କରାଯାଇଛି। ଏସବୁ ମାମଲାରେ ୯୮୭ କେଜି ୪୮ ଗ୍ରାମ ଗଞ୍ଜେଇ, ୩୦ ହଜାର ୭୫୦ ନଗଦ ଟଙ୍କା, ୧୫ଟି ଗାଡ଼ି ଓ ୨୩ଟି ମୋବାଇଲ ଜବତ କରାଯାଇଛି। ତେବେ ଏହି ଅଭିଯାନକୁ ଆଗକୁ ଜୋରଦାର କରାଯାଇ ନିଶା କାରବାର ବିରୋଧରେ ଦୃଢ଼ ପଦକ୍ଷେପ ନିଆଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଧରିତ୍ରୀ



@ ଦୁଷ୍ମନ୍ତ



@ ଅମିତା



@ ଜିତୁ



@ ଆଶିଷ

# ସିନିୟର ଆସିଷ୍ଟାଣ୍ଟଙ୍କୁ ୩ ବର୍ଷ ଜେଲଦଣ୍ଡ

**ଭୁବନେଶ୍ୱର,୧୨।୯ (ବ୍ୟୁରୋ)**

### ଲାଞ୍ଚ କାରବାର ମାମଲା

- ସାର୍ଟିଫିକେଟ ଦେବାକୁ ଯବାନଙ୍କଠାରୁ ଲାଞ୍ଚ ନେବାବେଳେ ଗିରଫ ହୋଇଥିଲେ
- ଚାକିରିରୁ ବହିଷ୍କାର ପାଇଁ ଭିଜିଲାନ୍ସର ସୁପାରିସ୍

ଏକ ଲାଞ୍ଚ କାରବାର ମାମଲାର ରାୟ ଦୀର୍ଘ ୧୨ ବର୍ଷ ପରେ ସୋମବାର ପ୍ରକାଶ ପାଇଛି। କାଉନ୍‌ସିଲ୍ ଅଫ୍ ଟେକ୍‌ନିକାଲ ଏଜୁକେଶନ୍ ଆଣ୍ଡ୍ ଭୋକେଶନାଲ ଟ୍ରେନିଂର ସିନିୟର ଆସିଷ୍ଟାଣ୍ଟ୍ ଲାଲା ଦେବେନ୍ଦ୍ର ରାୟଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ଏଥିସହ ତାଙ୍କୁ ୬ ହଜାର ଟଙ୍କା ଅର୍ଥଦଣ୍ଡରେ ମଧ୍ୟ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ ଅଧିକ ୫ ମାସ ଜେଲଦଣ୍ଡ ଭୋଗିବାକୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ସତ୍ୟନାରାୟଣ ଷଡ଼ଙ୍ଗୀ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

କଟକ ଜିଲା ସାଲେପୁର ଥାନା ଅନ୍ତର୍ଗତ ଜନାର୍ଦ୍ଦନପୁର ଗ୍ରାମର ଲୋକନାଥ ଦଳାଇ ୨୦୦୦ ମସିହାରେ ଛେଣ୍ଡିପଦାସ୍ଥିତ କେଆଇଏମ୍‌ଇଟି କଲେଜରେ ସିଭିଲ୍ ଇଞ୍ଜିନିୟରିଂରେ ଡିପ୍ଲୋମା ପାଠ୍ୟକ୍ରମ ସାରିଥିଲେ। ଏହା ପୂର୍ବରୁ ସେ ଭାରତୀୟ ନୌସେନାରେ ଯବାନ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ ଲୋକନାଥ ସାର୍ଟିଫିକେଟ୍ ଓ ମାର୍କଶିଟ୍ ନେବାକୁ କଲେଜରେ ଆବେଦନ କରିଥିଲେ। କଲେଜ ମନା କରିବାରୁ ସେ କାଉନ୍‌ସିଲ୍‌ରେ ୨୦୦୯ ଅକ୍ଟୋବର ୫ରେ ଆବେଦନ କରିଥିଲେ। ଏଥିପାଇଁ ସିନିୟର ଆସିଷ୍ଟାଣ୍ଟ୍ ଲାଲା ଦେବେନ୍ଦ୍ର ରାୟ ତାଙ୍କୁ ୨୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଲୋକନାଥ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଅଭିଯୋଗ କରିଥିଲେ। ପୂର୍ବପ୍ରସ୍ତୁତି ଅନୁଯାୟୀ ଲାଲା ଦେବେନ୍ଦ୍ର ଅଫିସରେ ଲାଞ୍ଚ ଟଙ୍କା ଗ୍ରହଣ କରିବା ସମୟରେ ଅଗଷ୍ଟ ୧୬ରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଥିଲା। ଏନେଇ ଭିଜିଲାନ୍ସ ଏକ ମାମଲା (ନଂ.୪୨/୨୦୦୯) ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତ ଲାଲା ଦେବେନ୍ଦ୍ରଙ୍କୁ କୋର୍ଟ ଚାଲାଣ କରିଥିଲା। ସେହିବର୍ଷ ଅକ୍ଟୋବର ୨୩ରେ ଜାମିନରେ ଆସିଥିଲେ। ଅନ୍ୟପକ୍ଷରେ ଲାଲା ଦେବେନ୍ଦ୍ରଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ କାଉନ୍‌ସିଲ୍ ଅଫ୍ ଟେକ୍‌ନିକାଲ ଏଜୁକେଶନ୍ ଆଣ୍ଡ୍ ଭୋକେଶନାଲ ଟ୍ରେନିଂକୁ ଭିଜିଲାନ୍ସ ସୁପାରିସ୍ କରିଥିବା ଜଣାପଡିଛି।

# ନିଯୁକ୍ତି ସ୍ଥାନ ନିରୂପଣକୁ ନେଇ ଅଭିଯୋଗ ଉଠାଇଲା ଓଷ୍ଟା

**ଭୁବନେଶ୍ୱର, ୧୨।୯(ବ୍ୟୁରୋ)**

### ୧୧୫୦ ସହକାରୀ ଶିକ୍ଷକଙ୍କୁ ପ୍ରଧାନଶିକ୍ଷକ ପଦକୁ ପଦୋନ୍ନତି ପ୍ରସଙ୍ଗ

ବହୁଦିନର ପ୍ରତୀକ୍ଷା ପରେ ରାଜ୍ୟ ସରକାର ୧,୧୫୦ଜଣ ସହକାରୀ ଶିକ୍ଷକ (ଜୁନିଅର ଏସ୍‌ଇଏସ୍)ଙ୍କୁ ପ୍ରଧାନଶିକ୍ଷକ (ସିନିଅର ଏସ୍‌ଇଏସ୍) ପଦବୀକୁ ପଦୋନ୍ନତି ଦେବା ସହ ନୂଆ ସ୍ଥାନରେ ନିଯୁକ୍ତି ଦେଇଛନ୍ତି। ଏହାକୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ସ୍ୱାଗତ କରିଛି। ହେଲେ ପଦୋନ୍ନତି ପାଇ ବିଭିନ୍ନ ବିଦ୍ୟାଳୟକୁ ଯାଇଥିବା ପ୍ରଧାନଶିକ୍ଷକଙ୍କ ପ୍ଲେସ୍ ଅଫ୍ ପୋଷ୍ଟିଂ ବା ନିଯୁକ୍ତି ସ୍ଥାନରେ ବ୍ୟାପକ ଅନିୟମିତତା ହୋଇଥିବା ଓଷ୍ଟା ଅଭିଯୋଗ କରିଛି। ସଂଘର ଅଭିଯୋଗ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ରାଜ୍ୟ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସବୁ ସ୍କୁଲର ପ୍ରଧାନଶିକ୍ଷକ ପଦ ପୂରଣ କରିବା ଉପରେ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି। ବିଗତ ଦୁଇବର୍ଷ ମଧ୍ୟରେ ଦୁଇରୁ ତିନିଥର ଜୁନିଅର ଏସ୍‌ଇଏସ୍‌ରୁ ସିନିଅର ଏସ୍‌ଇଏସ୍ ବା ପ୍ରଧାନଶିକ୍ଷକ ପଦବୀକୁ ପଦୋନ୍ନତି ଦିଆଯାଇଛି। କିନ୍ତୁ ଏବେ ଯେଉଁ ପଦୋନ୍ନତି ହୋଇଛି ସେଥିରେ ବ୍ୟାପକ ଅନିୟମିତତା ହୋଇଛି। ପୂର୍ବରୁ ପଦୋନ୍ନତି ସମୟରେ ପ୍ଲେସ୍ ଅଫ୍ ପୋଷ୍ଟିଂ ପାଇଁ ଯେଉଁସବୁ ମୋଡାଲିଟି ଗ୍ରହଣ କରାଯାଉଥିଲା, ତାହା ଏଥର ଦେଖିବାକୁ ମିଳିଲା ନାହିଁ। ପ୍ରତ୍ୟକ୍ଷ କାଉନ୍‌ସେଲିଂ, ଅନ୍‌ଲାଇନ୍ ପସନ୍ଦୀକରଣ କିମ୍ବା ବିକଳ୍ପ ସ୍ଥାନ ଚୟନ ଇତ୍ୟାଦି ମଗା ନ ଯାଇ ଏକତରଫା ଭାବରେ ସ୍ଥାନ ନିରୂପଣ କରାଯାଇଛି। ଫଳରେ ବୟସାଧିକ, ରୋଗାକ୍ରାନ୍ତ ଶିକ୍ଷକଙ୍କୁ ଚାକିରିର ଶେଷ ଜୀବନରେ ଦୂରଦୂରାନ୍ତକୁ ଯିବାକୁ ପଡୁଛି। ଶିକ୍ଷୟିତ୍ରୀମାନଙ୍କୁ ନିଜ ପରିବାର ଛାଡ଼ି ବହୁ ଦୂରକୁ ଯିବାକୁ ପଡ଼ିଛି। ଚାକିରୀ କ୍ଷେତ୍ରରେ ସ୍ୱାମୀ ସ୍ତ୍ରୀ ଏକତ୍ର ରହିବା ବ୍ୟବସ୍ଥା ଥିଲେ ମଧ ତାହାକୁ ଗୁରୁତ୍ୱ ଦିଆଯାଇ ନାହିଁ। ଗୋଟିଏ ସ୍ଥାନରେ ଚାକିରି କରୁଥିବା ସ୍ୱାମୀ ସ୍ତ୍ରୀ ମଧ ଜିଲା ପାର ହୋଇ ଭିନ୍ନ ଭିନ୍ନ ଜିଲାକୁ ଯିବାକୁ ବାଧ ହୋଇଛନ୍ତି। ପୁଣି କେତେଜଣ ଶିକ୍ଷକ ଏକମାତ୍ର ସନ୍ତାନ ଭାବରେ ବୃଦ୍ଧ ମାତାପିତାଙ୍କୁ ଘରେ ଛାଡ଼ିଦେଇ ନିଜ ଘରଠାରୁ ୨୦୦ କିମି ଯିବାକୁ ପଡ଼ିଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଏବଂ ବିଭାଗୀୟ ଶାସନ ସଚିବ ଏହାକୁ ଗୁରୁତ୍ୱର ସହିତ ବିଚାରକୁ ନେଇ ଶିକ୍ଷକଙ୍କଠାରୁ ଅଭିଯୋଗପତ୍ର ଗ୍ରହଣ କରି ଏହାର ସମାଧାନର ରାସ୍ତା ବାହାର କରିବା ପାଇଁ ଓଷ୍ଟା ପକ୍ଷରୁ ଦାବି କରାଯାଇଥିବା ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି।




ସମଲେଇ ଯୋଜନା ପାଇଁ କ୍ଷତିଗ୍ରସ୍ତ ହୋଇଥିବା ୪୫୦ ବର୍ଷ ପୁରୁଣା ଘୁନ୍‌ଘୁଟିପଡ଼ାର ବିସ୍ଥାପିତ ପରିବାରକୁ ଉଚିତ କ୍ଷତିପୂରଣ ଦାବିରେ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା।




ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ପକ୍ଷରୁ ସୋମବାର ଭୁବନେଶ୍ୱର ସୂଚନା ଭବନରେ ରାଜ୍ୟସ୍ତରୀୟ ସଂସ୍କୃତ ଦିବସ ପାଳନ ଅବସରରେ ସମ୍ବର୍ଦ୍ଧିତ ଦୁଇ ଶିକ୍ଷକଙ୍କ ସହ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାସ ଓ ଅନ୍ୟ ଅତିଥି।

## ସଂକ୍ଷେପରେ

### ପ୍ୟାଣ୍ଟ୍ରି କର୍ମଚାରୀଙ୍କୁ ଛୁରାମାଡ଼, ଜଣେ ଗିରଫ

ଭୁବନେଶ୍ୱର ୧୨।୯ (ବ୍ୟୁରୋ) : ଫଲକନାମା ଏକ୍ସପ୍ରେସ୍‌ର ପ୍ୟାଣ୍ଟ୍ରି ମ୍ୟାନେଜର ଓ କର୍ମଚାରୀଙ୍କୁ ଛୁରାମାଡ ଘଟଣାରେ ରେଲ୍‌ୱେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଯୁବକ ଜଣକ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଞ୍ଚଳର ବିପିନ ଚନ୍ଦ୍ର ଦାଶ। ପୂର୍ବଶତ୍ରୁତାକୁ ନେଇ ଏହି ଘଟଣା ଘଟିଥିବା ସୂଚନା ମିଳିଛି। ଏନେଇ ରେଳ ସୁରକ୍ଷା ବଳ ପୋଲିସ ମାମଲା (ନଂ ୧୨୯୪/୨୨ ) ରୁଜୁ କରି ଅଭିଯୁକ୍ତ ବିପିନଙ୍କୁ ସୋମବାର କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଗତ ୯ ତାରିଖରେ ହାୱଡାରୁ ସିକନ୍ଦରାବାଦ ଯାଉଥିବା ଫଲକନାମା ଏକ୍ସପ୍ରେସ ଭୁବନେଶ୍ୱର ଷ୍ଟେଶନ ଛାଡିବା ସମୟରେ ପ୍ୟାଣ୍ଟ୍ରି ମ୍ୟାନେଜର ଓ କର୍ମଚାରୀଙ୍କ ସହିତ ଅଭିଯୁକ୍ତ ଗଣ୍ଡଗୋଳ କରିବା ସହ ଛୁରାମାଡ କରିଥିଲେ। ଏନେଇ ରେଲ୍‌ୱେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରି ଗିରଫ କରିଥିଲା ।

### ବିଡିମିଟିଓଏର ନୂତନ କର୍ମକର୍ତ୍ତା ଚୟନ
#### ନିଖିଲ ରାଉତରାୟ ସଭାପତି

ଭୁବନେଶ୍ୱର,୧୨।୯: ବାସନ୍ତୀ ଦୁର୍ଗା ମିନିଟ୍ରକ ଓନର୍ସ ଆସୋସିଏଶନ (ବିଡିମିଟିଓଏ) ପକ୍ଷରୁ ସୋମବାର ରସୁଲଗଡସ୍ଥିତ ସଂଘ କାର୍ଯାଳୟଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଷୟରେ ଆଲୋଚନା ସହ ବିଗତ ବର୍ଷର ଉନ୍ନତିମୂଳକ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ଆଲୋଚନା କରଯାଇଥିଲା। ପରେ ସର୍ବସମ୍ମତି କ୍ରମେ ଆଗାମୀ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଂଘର ନୂତନ ସଭାପତି ଭାବେ ନିଖିଲ ରାଉତରାୟ, ଉପସଭାପତି ବିଜୟ କୁମାର ରାଉତରାୟ, ସମ୍ପାଦକ ସୁଶାନ୍ତ କୁମାର ରଣା, ସହ ସମ୍ପାଦକ ଦେବାଶିଷ ବିଶ୍ୱାଳ, କୋଷାଧ୍ୟକ୍ଷ ସମୀର କୁମାର ବେହେରା ଓ ଉପଦେଷ୍ଟା ଭାବେ ତ୍ରିଲୋଚନ ରାଉତରାୟଙ୍କୁ ଚୟନ କରାଯାଇଥିଲା। ସେହିପରି ସକ୍ରିୟ କମିଟି ସଦସ୍ୟ ଭାବେ ଘନଶ୍ୟାମ ରାଉତ, ରାମଚନ୍ଦ୍ର ସାହୁ, ପ୍ରଭାତ କୁମାର ବେହେରା, ପ୍ରମୋଦ କୁମାର ସ୍ୱାଇଁ, ବୈକୁଣ୍ଠ ବିହାରୀ ସାହୁ, କାଳିଆ ବେହେରା ଓ ଭାଗ୍ୟରଥୀ ସାହୁଙ୍କୁ ମନୋନୀତ କରାଯାଇଥିଲା।

### ମଦନପୁର ଫୁଟ୍‌ବଲ ଲିଗ୍: ସେମିଫାଇନାଲରେ ବଜରଙ୍ଗବାଲି ଟିମ୍

ଯାଁଳା,୧୨।୯(ଡି.ଏନ୍.ଏ.):ମଦନପୁର ନବଜ୍ୟୋତି କ୍ଲବ ପକ୍ଷରୁ ଆୟୋଜିତ ଫୁଟ୍‌ବଲ ଲିଗ୍ ଟୁର୍ନାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଫ୍ରେଣ୍ଡ୍‌ସ ପାରାଡାଇଜ ଜୁନିୟର ଏବଂ ବଜରଙ୍ଗବାଲି ଟିମ୍ ଘାଟିକିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ର ୩୪ତମ ମିନିଟରେ ବଜରଙ୍ଗବାଲି ଟିମ୍‌ର ବିକାଶ କୁମାର ଗୋଟିଏ ଗୋଲ ଦେଇଥିଲେ। ଖେଳ ଶେଷପର୍ଯ୍ୟନ୍ତ ଫ୍ରେଣ୍ଡ୍‌ସ ପାରାଡାଇଜ କୌଣସି ଗୋଲ ଦେଇ ନ ପାରିବାରୁ ୧-୦ ଗୋଲରେ ପରାଜିତ ହୋଇଥିଲା। ବଜରଙ୍ଗବାଲି ଟିମ୍ ବିଜୟୀ ହେବା ସହିତ ସେମିଫାଇନାଲକୁ ପ୍ରବେଶ କରିଛି। ମନୋରଞ୍ଜନ ଖୁଣ୍ଟିଆ, ନଜିବୁର ରେହେମାନ ଓ ଲଳିତ ବଳିୟାରସିଂ ମ୍ୟାଚ୍ ପରିଚାଳନା କରିଥିଲେ।

# ରାଜଧାନୀରେ ଝଲସିବ ଯୋଧପୁର ରାଜପ୍ରାସାଦ






ଭୁବନେଶ୍ୱର, ୧୨।୯ (ବ୍ୟୁରୋ)

ମା’ ଜଗଜ୍ଜନନୀଙ୍କ ଆବାହନ ପାଇଁ ଏବେଠୁ ଶ୍ରଦ୍ଧାଳୁଙ୍କ ମନରେ ଉତ୍କଣ୍ଠା ବାରି ହୋଇପଡୁଛି। ସମସ୍ତେ ମା’ଙ୍କ ଧରାବତରଣ ପାଇଁ ଚାହିଁ ବସିଛନ୍ତି। ଏଥିପାଇଁ ରାଜଧାନୀର ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରସ୍ତୁତିକୁ ମଧ୍ୟ ଜୋର୍‌ଦାର କରାଯାଇଛି। ୨୨ ବର୍ଷ ପୂରଣ କରିଥିବା ବରମୁଣ୍ଡା ଦୁର୍ଗାପୂଜା କମିଟି ଏଥର ୨୩ ବର୍ଷରେ ପଦାର୍ପଣ କରିଛି। ଚଳିତ ବର୍ଷର ପୂଜା ବ୍ୟୟ ଅଟକଳ ୨୫ରୁ ୩୦ ଲକ୍ଷ ଟଙ୍କା ରହିଛି। ପ୍ରତିଥର ନୂଆ ନୂଆ ତୋରଣ କରି ସ୍ୱତନ୍ତ୍ରତା ବଜାୟ ରଖୁଥିବା ଏହି ପୂଜା କମିଟି ଏଥର ଶ୍ରଦ୍ଧାଳୁଙ୍କୁ ରାଜସ୍ଥାନ ଯୋଧପୁର ରାଜପ୍ରସାଦ ଭେଟି ଦେଉଛି। ରାଜପୁତଙ୍କ ଐତିହ୍ୟର ଗାଥା ବହନ କରୁଥିବା ଏହି ତୋରଣରେ ଝଲସିବ ସହର। ୧୨୦ ଫୁଟ ଚଉଡା ଓ ୮୫ ଫୁଟ ଉଚ୍ଚତା ବିଶିଷ୍ଟ ତୋରଣ ନିର୍ମାଣ ପାଇଁ ପଶ୍ଚିମବଙ୍ଗ ମେଦିନିପୁରର କାରିଗର ସୁବାଷ ମଣ୍ଡଳ ଓ ସାଥୀ ଲାଗିପଡ଼ିଛନ୍ତି। ସେହିପରି ମା’ଙ୍କ ପ୍ରତିମାର ଉଚ୍ଚତା ୧୪ ଫୁଟ ରହିବ। ଏହାକୁ କେନ୍ଦ୍ରାପଡ଼ା ମାର୍ଶାଘାଇର କାରିଗର ନିର୍ମାଣ କରୁଛନ୍ତି। ସୁନାର ଟିକା, ସିନ୍ଥି, କାନଫୁଲ ସହିତ ୧୫କେଜି ରୁପାରେ ସଜେଇ ହେବେ ମା’ ଦଶଭୂଜା। ସପ୍ତମୀରେ ପ୍ରାୟ ୩ହଜାର ଲୋକଙ୍କ ପାଇଁ ମାଗଣା ପ୍ରସାଦ ସେବନର ଆୟୋଜନ କରାଯାଇଥିବାବେଳେ ସପ୍ତମୀରୁ ଦଶମୀ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସପ୍ତମୀରେ ନିମାପଡ଼ାର ପାରମ୍ପରିକ ଘୋଡ଼ାନାଚ ସହିତ ଅଷ୍ଟମୀରେ କଟକର ମେଲୋଡି ଏବଂ ନବମୀରେ ବ୍ରହ୍ମପୁରର ମେଲୋଡି ପରିବେଷଣ କରାଯିବ। ସେହିପରି ମୀନାବଜାର, ବିପଦମୁକ୍ତ ଦୋଳିର ବ୍ୟବସ୍ଥା ମଧ୍ୟ ରହିବ।

### ପ୍ରାକୃତିକ ରଙ୍ଗରେ ମା’ଙ୍କ ମୂର୍ତ୍ତି



ବରମୁଣ୍ଡା ପୂଜା କମିଟି ପକ୍ଷରୁ ନିର୍ମାଣ ହେଉଥିବା ମା’ଙ୍କ ପ୍ରତିମାରେ ୧୦ ବର୍ଷ ହେବ ରାସାୟନିକ ରଙ୍ଗ ପ୍ରୟୋଗ ହେଉନାହିଁ। ଏଥର ମଧ୍ୟ ଏହି ଧାରା ବଜାୟ ରହିବ। ଏଥିସହ ପଲିଥିନ ବ୍ୟବହାରକୁ ମଧ୍ୟ ନିଷେଧ କରାଯାଇଛି। ଶାନ୍ତି ଶୃଙ୍ଖଳାର ସହ କିପରି ପୂଜାସମାପନହେବସେନେଇଗୁରୁତ୍ୱଦିଆଯାଉଛି।

–ରାମଚନ୍ଦ୍ର ରଣସିଂହ, ସଭାପତି

### ମନୋରଞ୍ଜନ ସହ ସୁରକ୍ଷାକୁ ଗୁରୁତ୍ୱ



ମନୋରଞ୍ଜନ ସହିତ ସୁରକ୍ଷାକୁ ଦୃଷ୍ଟି ଦିଆଯାଉଛି। ବରମୁଣ୍ଡା ରାବଣପୋଡ଼ି ଖୁବ୍ ପ୍ରସିଦ୍ଧ। କରୋନା ପାଇଁ ୨ବର୍ଷ ହେବ ଏହା ଆୟୋଜନ ହୋଇ ପାରୁ ନ ଥିଲା। ମାତ୍ର ଏଥର ପୁଣି ଥରେ କମିଟି ତା’ର ପୂର୍ବ ପରିଚୟ ଏବଂ ଗାରିମାକୁ ନେଇ ପୂଜା ଆୟୋଜନ କରୁଛି। ସବୁକିଛି ବ୍ୟବସ୍ଥିତ ଢଙ୍ଗରେ କରାଯାଉଛି।

–ନରେନ୍ଦ୍ରନାଥ ସାହୁ, ସମ୍ପାଦକ

ଅପରପକ୍ଷେ ଦୀର୍ଘ ୨ ବର୍ଷ ପରେ ପୁଣିଥରେ ଫେରିବ ରାବଣ ପୋଡ଼ି। ୬୫ ଫୁଟ ରାବଣ ମୂର୍ତ୍ତି ତିଆରି ଦାୟିତ୍ୱ ନେଇଛନ୍ତି ପୁରୁଣା ଭୁବନେଶ୍ୱରର କାରିଗର। ସରକାରଙ୍କ ନିୟମ ଅନୁଯାୟୀ କମ୍ ଶବ୍ଦଯୁକ୍ତ ବାଣ ଏବଂ ଅନ୍ୟାନ୍ୟ ବ୍ୟବସ୍ଥା କରାଯିବ। ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରାୟ ୭୦ଜଣ ଭଲ୍ୟୁଣ୍ଟରଙ୍କୁ ନିୟୋଜିତ ହେବେ। ମହିଳାଙ୍କ ସୁରକ୍ଷା ତଥା ସହାୟତା ପାଇଁ ମହିଳା ଭଲ୍ୟୁଣ୍ଟର ମଧ୍ୟ ରହିବେ। ମଣ୍ଡପ ଓ ଏହା ଆଖପାଖରେ ୧୦ ସିସିଟିଭି କ୍ୟାମେରା ଲଗାଯିବ।

### ଚକେଇସିଆଣି ଡ୍ରେନ୍ ଉପରୁ ହଟିଲା ଜବରଦଖଲ



ଭୁବନେଶ୍ୱର, ୧୨।୯ (ବ୍ୟୁରୋ)

ଚକେଇସିଆଣି ଅଞ୍ଚଳରେ ଡ୍ରେନ ଓ ରାସ୍ତା ଉପରେ ଥିବା ବେଆଇନ ଜବରଦଖଲକୁ ବିଡିଏ ପକ୍ଷରୁ ଉଚ୍ଛେଦ କରାଯାଇଛି। ଜବରଦଖଲ ପାଇଁ ଅନେକ ସମୟରେ ଟ୍ରାଫିକ ସମସ୍ୟା ଦେଖାଦେଉଥିଲା। ଶିଳ୍ପାଞ୍ଚଳରେ ଭାରିଯାନ ସହ ଶହ ଶହ ଗାଡ଼ିମୋଟର ଯାତାୟତରେ ବାଧାପ୍ରାପ୍ତ ହେଉଥିଲା। ତେଣୁ ରାସ୍ତାକଡ଼ ଓ ଡ୍ରେନ ଉପରେ ରହିଥିବା ଦୋକାନଗୁଡ଼ିକୁ ସୋମବାର ବିଡିଏ ପକ୍ଷରୁ ଉଚ୍ଛେଦ କରାଯାଇଛି। ଉତ୍ତର ଜୋନ୍ ଡେପୁଟି କମିଶନରଙ୍କ ଚିଠି ଆଧାରରେ ବିଡିଏ ଏହି ପଦକ୍ଷେପ ଗ୍ରହଣ କରିଛି। ଉଚ୍ଛେଦରେ ମୋଟ ୬୧ଟି ଦୋକାନ ମାଟିରେ ମିଶିଛି। ଏଥିରେ ୪୧ଟି ଦୋକାନର ସମ୍ପ୍ରସାରଣ ଅଂଶ, ୯ଟି କେବିନ, ୪ଟି ଖସଡା, ୭ଟି ମୋବାଇଲ ଦୋକାନ ଭଙ୍ଗାଯାଇଛି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ୧ ପ୍ଲାଟୁନ ରିଜର୍ଭ ପୋଲିସ ଫୋର୍ସ ଓ ଗୋଟିଏ ସେକ୍ସନ ମହିଳା ଫୋର୍ସ ମୁତୟନ କରାଯାଇଥିଲା। ବିଡିଏ ଏନ୍‌ଫୋର୍ସମେଣ୍ଟ ଅଫିସର ପ୍ରମୋଦ ପାତ୍ର, ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ରାସ୍ତା ପାଇଁ ଗଛ ବଳି



ଓଭରବ୍ରିଜ୍ ନିର୍ମାଣ ଓ ରାସ୍ତା ସମ୍ପ୍ରସାରଣ ପାଇଁ ଜାତୀୟ ରାଜପଥର ହଂସପାଳ ଛକ କୁଆଖାଇ ବ୍ରିଜ୍ ଆପ୍ରୋଚ ରୋଡ୍‌ରେ ରହିଥିବା ବଡ଼ ବଡ଼ ଗଛକୁ କଟାଯାଉଛି।

### ପୂର୍ଣ୍ଣ ପେନ୍‌ସନ୍ ଦାବି କଲେ କର୍ମଚାରୀ ସଂଘ

ଭୁବନେଶ୍ୱର,୧୨।୯

ଓଡ଼ିଶା ରାଜ୍ୟ ଚକବନ୍ଦୀ ଓ ବନ୍ଦୋବସ୍ତ ସ୍ୱଳ୍ପ ପେନ୍‌ସନ୍‌ଭୋଗୀ କର୍ମଚାରୀ ପୂର୍ଣ୍ଣ ପେନ୍‌ସନ୍ ନିମନ୍ତେ ବାରମ୍ବାର ସରକାରଙ୍କୁ ଜଣାଇଲେ ସୁଦ୍ଧା କୌଣସି ସୁଫଳ ମିଳି ପାରୁନାହିଁ। ତେଣୁ ଚକବନ୍ଦୀରେ କାର୍ଯ୍ୟ କରିଥିବା ସମସ୍ତଙ୍କୁ ପୂର୍ଣ୍ଣ ପେନ୍‌ସନ ଦେବାକୁ ସରକାର ଯଥାଶୀଘ୍ର ନିଷ୍ପତ୍ତି ନିଅନ୍ତୁ, ଅନ୍ୟଥା ଆଗାମୀ ଦିନରେ ହଜାର ହଜାର ଅବସରପ୍ରାପ୍ତ କର୍ମଚାରୀ ନବୀନ ନିବାସ ସମ୍ମୁଖରେ ଧାରଣା ଦେବେ ବୋଲି ଓଡ଼ିଶା ରାଜ୍ୟ ଚକବନ୍ଦୀ ଓ ବନ୍ଦୋବସ୍ତ ସ୍ୱଳ୍ପ ପେନସନ୍‌ଭୋଗୀ କର୍ମଚାରୀ ସଂଘ ପକ୍ଷରୁ କୁହାଯାଇଛି। ଏପରିକି ସୋମବାର ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ ସଂଘର ସଭାପତି ରାମଚନ୍ଦ୍ର ରଣା କହିଛନ୍ତି ଯେ, ରାଜ୍ୟରେ କୃଷି ଓ କୃଷକର ଉନ୍ନତି ପାଇଁ ରାଜ୍ୟ ସରକାର ୧୯୭୨-୭୩ରେ ଚକବନ୍ଦୀ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଯୋଗ୍ୟତା ଭିତ୍ତିରେ ପରୀକ୍ଷା କରାଯାଇ, ବୈଷୟିକ କର୍ମଚାରୀ, ୪ର୍ଥ ଶ୍ରେଣୀ କର୍ମଚାରୀ ଓ କିରାଣିମାନଙ୍କୁ ୩୦ ଏଚ୍‌ଆର ଜବ୍ କଣ୍ଟ୍ରାକ୍ଟ ଭାବେ ନିଯୁକ୍ତି ଦିଆଯାଇ ଚକବନ୍ଦୀ କାର୍ଯ୍ୟ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସମ୍ପାଦକ ହରମୋହନ ରାଉତ କହିଥିଲେ, ଜମିଜମା ନିର୍ଦ୍ଧାରଣ ପରି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥିବା ଅବସରପ୍ରାପ୍ତ କର୍ମଚାରୀମାନେ କଷ୍ଟରେ ଜୀବନଯାପନ କରୁଛନ୍ତି। ହେଲେ ସେମାନେ ପ୍ରସ୍ତୁତ କରିଥିବା ନକ୍ସା ଏବଂ ପଟ୍ଟା ଇତ୍ୟାଦି ସ୍ଥାୟୀ, କିନ୍ତୁ ସେମାନଙ୍କ ଚାକିରି ଅସ୍ଥାୟୀ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିଭଳି ସରକାର ଯଥାଶୀଘ୍ର ଆମ୍ଭମାନଙ୍କର ଦାବିକୁ ଗ୍ରହଣ କରିବା ସହ ଆନ୍ତରିକତା ସହ ଆମ ସମସ୍ୟାର ସମାଧାନ କଲେ ଆମେ ସରକାରଙ୍କ ନିକଟରେ ଉପକୃତ ହେବୁ। ଅନ୍ୟମାନଙ୍କ ମଧ୍ୟରେ ସଂଘର ଦୁର୍ଯ୍ୟୋଧନ ଦାସ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, କ୍ଷେତ୍ରମୋହନ ପରିଡ଼ା, ପୀତାମ୍ବର ହୋତା, ପ୍ରଫୁଲ୍ଲ ବେହେରାଙ୍କ ସହ ଅନ୍ୟାନ୍ୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ଖାଦ୍ୟ ଷ୍ଟଲ୍‌ରେ ଚଢ଼ାଉ, ମାନ ଯାଞ୍ଚ



ଭୁବନେଶ୍ୱର, ୧୨।୯ (ବ୍ୟୁରୋ)

ରାଜଧାନୀର ଗଳି କନ୍ଦିରେ ଖାଦ୍ୟର ପସରା ମେଲିଛି। ବଡ ବଡ ଦୋକାନଠାରୁ ଆରମ୍ଭ କରି ଛୋଟ ଛୋଟ ଖାଦ୍ୟ ଷ୍ଟଲରେ ଭଳିକି ଭଳି ଖାଦ୍ୟ ବିକ୍ରି କରୁଛନ୍ତି। ତେବେ ପୂଜା ପାର୍ବଣ ଆଳରେ କିଛି ଅସାଧୁ ବେପାରୀ ଖାଦ୍ୟରେ ବିଭିନ୍ନ ଅସ୍ୱାସ୍ଥ୍ୟକର ରଙ୍ଗ ମିଶାଇବା ସହିତ ଭେଜାଲ୍ କରୁଛନ୍ତି। ଅଜାଣତରେ ଏହାକୁ ଖାଇ ସହରବାସୀ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଏହାକୁ ଗମ୍ଭୀରତାର ସହ ନେଇ ବିଏମ୍‌ସି ପକ୍ଷରୁ ଖାଦ୍ୟର ମାନ ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଛି। ବିଏମ୍‌ସିର ସ୍ୱତନ୍ତ୍ର ଫୁଡ୍ ଇନ୍ସପେକ୍ଟର ସହରର ବିଭିନ୍ନ ଅଞ୍ଚଳ ବୁଲି ଖାଦ୍ୟ ଯାଞ୍ଚ କରୁଛନ୍ତି। ସୋମବାର ଏହି ସ୍କ୍ୱାଡ୍ ୟୁନିଟ-୪, ଶହୀଦନଗର ଅଞ୍ଚଳରେ ଥିବା ଚାଟ୍, ଗୁପ୍‌ଚୁପ୍, ଫାଷ୍ଟଫୁଡ୍ ଷ୍ଟଲ୍ ବୁଲି ଖାଦ୍ୟର ମାନ ଯାଞ୍ଚ କରିଥିଲେ। ଏକ ଫାଷ୍ଟଫୁଡ୍ ଷ୍ଟଲରେ ସିନ୍ଥେଟିକ୍ କଲର ବ୍ୟବହାର କରାଯାଉଥିବା ଜାଣିବା ପରେ ତାହାକୁ ନଷ୍ଟ କରାଯାଇଥିଲା। ଏଥିସହ ସମ୍ପୃକ୍ତ ବ୍ୟବସାୟୀଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା। ସେହିପରି ଉତ୍କଳ ଗ୍ୟାଲେରିଆ ମଲ୍‌ର ଫୁଡ୍ କୋର୍ଟ ବୁଲି ଦେଖିଥିଲେ। ଖାଦ୍ୟରେ ଫୁଡ୍ କଲର ଏବଂ ଉଚ୍ଚ ଟେମ୍ପେୟୁକ୍ତ ତେଲ ବ୍ୟବହାର ନ କରିବା ପାଇଁ ପରାମର୍ଶ ଦେଇଥିଲେ।

## ଚୋରା ମଦ ବେପାରରେ ବସ୍ତି ମହିଳା

ଭୁବନେଶ୍ୱର ୧୨।୯ (ବ୍ୟୁରୋ)

■ସାଲିଆସାହି, ବୀରବଶା ବସ୍ତିରେ ଅବକାରୀ ଚଢ଼ାଉ

■ବିପୁଳ ଦେଶୀ ମଦ ଜବତ, ୮ ମହିଳାଙ୍କ ସମେତ ୯ ଗିରଫ

ରାଜଧାନୀରେ ଘଟୁଥିବା ଅଧିକାଂଶ ଅପରାଧରେ ସମ୍ପୃକ୍ତ ଅଭିଯୁକ୍ତ ବସ୍ତିରେ ଲୁଚି ରହୁଛନ୍ତି। ବସ୍ତିରେ ହିଁ ନିଶା କାରବାର ଓ ଅପରାଧ ସହରର ଆଇନ୍‌ଶୃଙ୍ଖଳା ପରିସ୍ଥିତି ଉପୁଜାଉଛି। ବିଶେଷକରି ବସ୍ତିରେ ଚୋରା ମଦ ଓ ନିଶା କାରବାର ମହିଳାମାନେ ନିୟନ୍ତ୍ରଣ କରୁଥିବା ଜଣାପଡିଛି। ୟୁନିଟ୍-୮ସ୍ଥିତ ଏକ ବସ୍ତିରେ ନିଶାକାରବାରକୁ ନେଇ ହତ୍ୟାକାଣ୍ଡ ପରେ ଏବେ ପୋଲିସ ଓ ଅବକାରୀ ବିଭାଗର ନଜର ବସ୍ତି ଉପରେ ରହିଛି। ସୋମବାର ନୟାପଲ୍ଲୀ ଥାନା ଅନ୍ତର୍ଗତ ସାଲିଆସାହି ଓ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ବୀରବଶା ବସ୍ତିରେ ଭୁବନେଶ୍ୱର ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ବିପୁଳ ପରିମାଣର ଦେଶୀମଦ ଜବତ କରାଯାଇଛି। ଏଥିସହ ଏହି କାରବାରରେ ସଂପୃକ୍ତ ଥିବା ୯ଜଣଙ୍କୁ ଗିରଫ କରାଯାଇଛି। ଏମାନଙ୍କ ମଧ୍ୟରେ ୮ଜଣ ମହିଳା ଓ ଅନ୍ୟଜଣେ ପୁରୁଷ ବେପାରୀ ରହିଥିବା ଜଣାପଡିଛି। ସେମାନେ ହେଲେ ଚମ୍ପା ମୁର୍ମୁ, ପାର୍ବତୀ କିସକୁ, ସ୍ୱପ୍ନା ବାର୍ଦା, ଟାଣା ଟୁଡୁ, ଆର୍ଶ୍ୱ ହେମ୍ବ୍ରମ, ସୁହାଗମଣି ମୁର୍ମୁ, ଲକ୍ଷ୍ମଣ ହେମ୍ବ୍ରମ, ଦୁଲି ମାରାଣ୍ଡି ଓ ସନାମଣି ମାରାଣ୍ଡି। ସେମାନଙ୍କଠାରୁ ୧୦ ହଜାର ପୋଚ ଓ ୫୦୦ ଲିଟର ଦେଶୀ ମଦ ଜବତ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ମାତ୍ର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

ସୂଚନା ଅନୁସାରେ, ନିଶା କାରବାରର ପେଣ୍ଠସ୍ଥଳୀ ପାଲଟିଛି ରାଜଧାନୀର ସାଲିଆସାହି ବସ୍ତି। ଗଞ୍ଜେଇ, ବ୍ରାଉନସୁଗାର, ଦେଶୀ ମଦ ଭଳି ବିଭିନ୍ନ ପ୍ରକାର ନିଶା କାରବାର ବେଧଡକ ଭାବେ ଚାଲିଛି। ଅବକାରୀ ଓ ପୋଲିସ ଯେତେ ଚଢାଉ କଲେ ମଧ୍ୟ ସେମାନଙ୍କ ପାଇଁ କିଛି ଫରକ ପଡୁନାହିଁ। ଜେଲରୁ ଫେରି ପୁଣି ବେପାର ଆରମ୍ଭ କରୁଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିଶା କାରବାରରେ ମହିଳାଙ୍କ ସଂପୃକ୍ତ ରହିବା ପୋଲିସ ପାଇଁ ଚିନ୍ତାର କାରଣ ପାଲଟିଛି। ତେଣୁ ଏହାକୁ ଦୃଢ଼ ପଦକ୍ଷେପ ସହ କିଭଳି ରୋକା ଯାଇପାରିବ ସେଥିପାଇଁ ଆଗକୁ ଚଢାଉ ଜୋରଦାର କରାଯିବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ୧୦ ଦିନରେ ୨୨୩୧ ନିଖୋଜ ଉଦ୍ଧାର

ଭୁବନେଶ୍ୱର,୧୨।୯ (ବ୍ୟୁରୋ)

**ଓଡ଼ିଶା ପୋଲିସର ସ୍ୱତନ୍ତ୍ର ଅଭିଯାନ**

ରାଜ୍ୟର ବିଭିନ୍ନ ଜିଲାରେ ନିଖୋଜଙ୍କୁ ଉଦ୍ଧାର କରିବାକୁ ଓଡ଼ିଶା ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଥିଲା। ସେପ୍ଟେମ୍ବର ୧ରୁ ୧୦ ମଧ୍ୟରେ ଚାଲିଥିବା ଏହି ଅଭିଯାନରେ ୨୨୩୧ଜଣ ନିଖୋଜଙ୍କୁ ଉଦ୍ଧାର କରାଯାଇଛି। ଉପରୋକ୍ତ ନିଖୋଜଙ୍କ ମଧ୍ୟରେ ୧୫୩୬ ମହିଳା, ୩୯୦ ପୁରୁଷ, ୨୭୨ ନାବାଳିକା ଏବଂ ୩୩ ନାବାଳକ ରହିଛନ୍ତି। ଏନେଇ ସୋମବାର କ୍ରାଇମବ୍ରାଞ୍ଚ ପକ୍ଷରୁ ଏହି ସୂଚନା ଦିଆଯାଇଛି। ତେବେ ପୂର୍ବରୁ ରାଜ୍ୟ ପୋଲିସ ପକ୍ଷରୁ ଏଭଳି ସ୍ୱତନ୍ତ୍ର ଅଭିଯାନ କରାଯାଇ ଏକାଧିକ ନିଖୋଜଙ୍କୁ ମଧ୍ୟ ଉଦ୍ଧାର କରାଯାଇଥିବା ନଜିର ରହିଛି।

## ଶୃଙ୍ଖଳିତ, ସୁରକ୍ଷିତ ପୂଜା ଲାଗି ପୋଲିସ ପ୍ରସ୍ତୁତ



ଭୁବନେଶ୍ୱର ୧୨।୯ (ବ୍ୟୁରୋ)

ଦୁଇବର୍ଷ ପରେ ବିନା କଟକଣାରେ ଦୁର୍ଗାପୂଜା ହେଉଥିବାରୁ ରାଜଧାନୀ ଭୁବନେଶ୍ୱରରେ ପ୍ରବଳ ଗହଳି ହେବା ଆଶଙ୍କା ରହିଛି। ଏହାକୁ ନଜରରେ ରଖି ସୋମବାର କମିଶନରେଟ ପୋଲିସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। କିଭଳି ଶାନ୍ତିଶୃଙ୍ଖଳାରେ ପୂଜାପାଳନ କରାଯିବା ସହ ମୂର୍ତ୍ତି ବିସର୍ଜନ ହେବ ସେନେଇ ଆଲୋଚନା ହୋଇଥିଲା। ବୈଠକରେ କମିଶନରେଟ ପୋଲିସର ବହୁ ଅଧିକାରୀଙ୍କ ସହ ଭୁବନେଶ୍ୱର ଭସାଣି କମିଟି, ଉତ୍ତର ଭୁବନେଶ୍ୱର କମିଟି ସମେତ ରସୁଲଗଡ, ଶହୀଦନଗର, ବରମୁଣ୍ଡା, ଝାରପଡା, ନୟାପଲ୍ଲୀ ଦୁର୍ଗାପୂଜା କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ। କମିଟିର ସଦସ୍ୟମାନେ ସେମାନଙ୍କ ଅଭିଯୋଗ ଜଣାଇବା ସହ କେଉଁ କେଉଁ ସମସ୍ୟା ରହିଛି ତାହା ଉପସ୍ଥାପନ କରିଥିଲେ।

## ସଡ଼କ, ଡ୍ରେନ୍, ପରିମଳ ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର, ୧୨।୯ (ବ୍ୟୁରୋ)




**ଦୁର୍ଗାପୂଜା ପାଇଁ ବିଏମ୍‌ସିର ପ୍ରସ୍ତୁତି ବୈଠକ**

■ବିସର୍ଜନ ପାଇଁ ୪ ଅସ୍ଥାୟୀ ପୋଖରୀ

■ନଦୀ, ପୁଷ୍କରିଣୀରେ ବିସର୍ଜନ କଲେ କାର୍ଯ୍ୟାନୁଷ୍ଠାନ

■ଖାଦ୍ୟ ମାନ ଯାଞ୍ଚ କରିବେ ଫୁଡ୍ ଇନ୍ସପେକ୍ଟର

୨ ବର୍ଷ ପରେ ବିନା କଟକଣାରେ ଶ୍ରଦ୍ଧାଳୁଙ୍କ ସମାଗମରେ ହେବ ଦୁର୍ଗା ପୂଜା। ଏଥିପାଇଁ ରାଜଧାନୀର ସମସ୍ତ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ସହରରେ ଯେପରି ଶାନ୍ତି ଶୃଙ୍ଖଳାର ସହ ଶାରଦୀୟ ପୂଜା ଅନୁଷ୍ଠିତ ହେବ ସେନେଇ ସୋମବାର ବିଏମ୍‌ସି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ମେୟର ସୁଲୋଚନା ଦାସ ଅଧ୍ୟକ୍ଷତା କରି ବ୍ୟବସ୍ଥିତ ଢଙ୍ଗରେ ପୂଜା ହେବା ନେଇ ଗୁରୁତ୍ୱାରୋପ କରିଥିଲେ। ସଡ଼କ, ଡ୍ରେନ୍, ପରିମଳ, ସର୍ବସାଧାରଣ ଶୌଚାଳୟ ପରି ଭିତ୍ତିଭୂମି ସ୍ଥିତି ସହିତ ଖାଦ୍ୟ ନିରାପତ୍ତା ଉପରେ ଆଲୋଚନା କରାଯାଇଥିଲା। ସହରର ବିଭିନ୍ନ ସ୍ଥାନରେ ସ୍ୱେରେଜ ସିଷ୍ଟମ ପାଇଁ ରାସ୍ତା ଖୋଳା ହୋଇ ପଡି ରହିଛି। ଏଥିସହ ଏକାଧିକ ଡ୍ରେନ୍‌ରେ ସ୍ଲାବ୍ ପଡିପାରି ନାହିଁ। ତେଣୁ ପୂଜା ସମୟରେ ଏଥିପାଇଁ ଯେପରି କୌଣସି ଅସୁବିଧା ନ ହୁଏ, ତାହାକୁ ନଜରରେ ରଖି ଯଥାଶୀଘ୍ର ରାସ୍ତାଗୁଡିକର ଜରୁରୀ ମରାମତି କରିବା, ଡ୍ରେନ୍‌ରେ ସ୍ଲାବ୍ ପକାଇବା, ରାସ୍ତାରେ ଲାଇଟ୍ ମରାମତି କରିବା, ଅନାବଶ୍ୟକ ଗଛ କାଟିବା ଆଦି ପାଇଁ ମେୟର ନିର୍ଦ୍ଦେଶ ଦେଇଥିଲେ।

ଅପରପକ୍ଷେ ମା’ଙ୍କ ମୂର୍ତ୍ତି ବିସର୍ଜନ ପାଇଁ ବିଏମ୍‌ସି ପକ୍ଷରୁ ୪ ସ୍ଥାନରେ ଅସ୍ଥାୟୀ ପୋଖରୀ କରାଯିବ। ଏହାଛଡ଼ା ନଦୀ କିମ୍ବା ପୋଖରୀରେ ମୂର୍ତ୍ତି ବିସର୍ଜନ କଲେ ବିଏମ୍‌ସି ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି। ସେହିପରି ପୂଜା ଅଞ୍ଚଳରେ ଯେପରି ଦୁର୍ଘଟଣା ନ ହେବ ସେଥିପାଇଁ ଦୃଷ୍ଟି ଦିଆଯିବ। ଏନେଇ ଟାଟା ପାୱାର, ପିଡବ୍ଲ୍ୟୁଡିର ଅଧିକାରୀଙ୍କ ସହିତ ଆଲୋଚନା କରାଯାଇଛି। କୌଣସି ପୂଜା ମଣ୍ଡପରେ ଯେପରି ଶର୍ଟ୍‌ସର୍କିଟର ସମସ୍ୟା ନ ଉପୁଜେ ତାହା ଉପରେ ଗୁରୁତ୍ୱ ଦିଆଯିବ। ଏହାବ୍ୟତୀତ ଖାଦ୍ୟ ନିରାପତ୍ତା ଉପରେ ବିଏମ୍‌ସି କଡ଼ା ନଜର ରଖିବ। ପୂଜା ସମୟରେ ଲାଭଖୋର୍ ଅସାଧୁ ବ୍ୟବସାୟୀ ମିଠା ଏବଂ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀରେ ଭେଜାଲ୍ କରିବା, ଅସ୍ୱାସ୍ଥ୍ୟକର ରଙ୍ଗ ମିଶାଇବା ଭଳି କାର୍ଯ୍ୟ କରିଥାନ୍ତି। ଏହାକୁ ତଦାରଖ କରିବା ପାଇଁ ବିଏମ୍‌ସିର ଫୁଡ୍ ଇନ୍ସପେକ୍ଟରଙ୍କୁ ନିୟୋଜିତ କରାଯିବ। ସେମାନେ ବିଭିନ୍ନ ଫାଷ୍ଟଫୁଡ୍ ଏବଂ ଅନ୍ୟାନ୍ୟ ଖାଦ୍ୟ ଷ୍ଟଲ, ଦୋକାନରେ ବୁଲି ଖାଦ୍ୟର ମାନ ଯାଞ୍ଚ କରିବେ। ପରିମଳ ଓ ଗହଳି ନିୟନ୍ତ୍ରଣ ପାଇଁ ଏସ୍‌ଓପି ଜାରି କରାଯିବ। ରାଜ୍ୟ ତଥା ରାଜଧାନୀରୁ ଏବେବି କରୋନା ରୋଗୀ ଚିହ୍ନଟ ହେଉଛନ୍ତି। ତେଣୁ କୋଭିଡ୍ ଗାଇଡ୍ ଲାଇନ ପାଳନ କରିବା ସହିତ ଘରୁ ବାହାରିଲେ ମାସ୍କ ପରିଧାନ କରିବା ପାଇଁ କମିଶନର ନିବେଦନ କରିଛନ୍ତି।

## ସଂକ୍ଷେପରେ

### ଓଡ଼ିଶା ପୋଲିସର ସ୍ୱତନ୍ତ୍ର ଅଭିଯାନ
## ୧୦ ଦିନରେ ୨୨୩୧ ନିଖୋଜ ଉଦ୍ଧାର

ଭୁବନେଶ୍ୱର,୧୨।୯ (ବ୍ୟୁରୋ): ରାଜ୍ୟର ବିଭିନ୍ନ ଜିଲାରେ ନିଖୋଜଙ୍କୁ ଉଦ୍ଧାର କରିବାକୁ ଓଡ଼ିଶା ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଥିଲା। ସେପ୍ଟେମ୍ବର ୧ରୁ ୧୦ ମଧ୍ୟରେ ଚାଲିଥିବା ଏହି ଅଭିଯାନରେ ୨୨୩୧ଜଣ ନିଖୋଜଙ୍କୁ ଉଦ୍ଧାର କରାଯାଇଛି। ଉପରୋକ୍ତ ନିଖୋଜଙ୍କ ମଧ୍ୟରେ ୧୫୩୬ ମହିଳା, ୩୯୦ ପୁରୁଷ, ୨୭୨ ନାବାଳିକା ଏବଂ ୩୩ ନାବାଳକ ରହିଛନ୍ତି। ଏନେଇ ସୋମବାର କ୍ରାଇମବ୍ରାଞ୍ଚ ପକ୍ଷରୁ ଏହି ସୂଚନା ଦିଆଯାଇଛି। ତେବେ ପୂର୍ବରୁ ରାଜ୍ୟ ପୋଲିସ ପକ୍ଷରୁ ଏଭଳି ସ୍ୱତନ୍ତ୍ର ଅଭିଯାନ କରାଯାଇ ଏକାଧିକ ନିଖୋଜଙ୍କୁ ମଧ ଉଦ୍ଧାର କରାଯାଇଥିବା ନଜିର ରହିଛି।

## ସମ୍ବଲପୁରୀ ବାଦ୍ୟ, ମହାରାଷ୍ଟ୍ର ଢୋଲରେ ଗଜାନନଙ୍କ ବିସର୍ଜନ

ମଙ୍ଗୁଳି,୧୨।୯(ଡି.ଏନ୍.ଏ.): ଜଗତପୁର ଥାନା ଅଧୀନ ମୂତାରିଫା ପଞ୍ଚାୟତର ସ୍ୱେଚ୍ଛାସେବୀ ସଂଗଠନ ୟୁନାଇଟେଡ କ୍ଲବର ଗଣେଶ ମେଳଣ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି କ୍ଲବର ସଭାପତି ରଞ୍ଜନପ୍ରକାଶ ତ୍ରିପାଠୀଙ୍କ ପୌରୋହିତ୍ୟରେ ଗଣେଶଙ୍କ ବିସର୍ଜନ ରବିବାର ପାରମ୍ପରିକ ରୀତିନୀତିରେ ସମ୍ବଲପୁରୀ ବାଦ୍ୟଯନ୍ତ୍ର ଓ ମହାରାଷ୍ଟ୍ରର ସ୍ୱତନ୍ତ୍ର ଢୋଲରେ ବଜାର ପୂରା କମ୍ପିଥିଲା। ଏପରିକି କଳସୀଯାତ୍ରା ସହ ଏକ ପଟୁଆରରେ ପ୍ରଭୁ ଶ୍ରୀ ଗଜାନନଙ୍କ ମୂର୍ତ୍ତିକୁ ନେଇ ବିସର୍ଜନ କରାଯାଇଥିଲା। ଭସାଣିରେ ଶାନ୍ତିଶୃଙ୍ଖଳା ରଖିବା ପାଇଁ ଜଗତପୁର ପୋଲିସ ପକ୍ଷରୁ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଏହି ଭସାଣି ଉତ୍ସବରେ ଲକ୍ଷ୍ମଣ ସାହୁ, ଦିଲୀପ ବିଶୋଇ, ବିଜ୍ଞାନ ମହାପାତ୍ର, ପ୍ରସନ୍ନ କୁମାର ସାହୁ, ସୁବାଶିଷ ପ୍ରଧାନ, ରାଜେଶ କୁମାର ସାହୁ, ପ୍ରଦ୍ୟୁମ୍ନ ଦାସ, ଅଞ୍ଜନ ସାହୁ, ମନୋରଞ୍ଜନ ବାରିକ, ଗୌତମ କର, ସୁରେଶ ମହାଲି ପ୍ରମୁଖ ସାମିଲ ଥିଲେ।

## ଅସହାୟ ମହିଳାଙ୍କୁ ସହାୟତା

କଟକ ସଦର,୧୨।୯(ଡି.ଏନ୍.ଏ.)- କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗରସ୍ଥିତ ସାମାଜିକ ସଙ୍ଗଠନ ବିପଦର ବନ୍ଧୁ ସେବା ସଙ୍ଗଠନ ତରଫରୁ ଜଣେ ଅସହାୟ ମହିଳାଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। କିଶନ ନଗର ତହସିଲ ଅନ୍ତର୍ଗତ ପୁରୁଣା ହଟ ପଞ୍ଚାୟତ ଦନ୍ଧୋ ଗ୍ରାମର ବନ୍ଦିତା ସେଠୀ ଦୀର୍ଘଦିନ ହେବ ଅସହାୟ ଭାବେ ଥିଲେ। ଖାଇବାକୁ ମଧ ଠିକ୍ ଭାବେ ପାଇପାରୁ ନ ଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ବିପଦର ବନ୍ଧୁ ସଂଗଠନର କର୍ମକର୍ତ୍ତା ଉକ୍ତ ମହିଳାଙ୍କ ନିକଟରେ ପହଞ୍ଚିଥିଲେ। ତାଙ୍କୁ ପ୍ରଥମେ ପ୍ରାଥମିକ ଚିକିତ୍ସା କରାଯାଇ ଖାଦ୍ୟ ଦିଆଯାଇଥିଲା। ପରେ ଜରୁରୀ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏଥିରେ ସଙ୍ଗଠନର ଅଜୟ ପଟନାୟକ, ଖଗେଶ୍ୱର ସ୍ୱାଇଁ, କ୍ଷୀତିନ୍ଦ୍ର ମିତ୍ର, ପ୍ରମୋଦ ସାହୁ, ଭବାନୀ ଶଙ୍କର ରାୟ ପ୍ରମୁଖ ସାମିଲ ଥିଲେ।

# ୫ ମାସରେ ୨୩,୯୧୭ ମାମଲା: ୧୯,୨୭୮ ଗିରଫ

**କଟକ ଅଫିସ, ୧୨।୯:**

ରାଜ୍ୟ ଅବକାରୀ ବିଭାଗ ବେଆଇନ ନିଶା କାରବାର ରୋକିବା ଦିଗରେ ଚଢ଼ାଉକୁ ଜୋରଦାର କରିଛି। ଫଳରେ ଚଳିତ ଆର୍ଥିକ ବର୍ଷର ଗତ ୫ ମାସରେ ୨୩,୯୧୭ ମାମଲା ରୁଜୁ ହୋଇ ୧୯,୨୭୮ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗତବର୍ଷ ତୁଳନାରେ ମାମଲା ରୁଜୁରେ ୬୧% ଓ ଗିରଫଦାରିରେ ୫୯% ବୃଦ୍ଧି ଘଟିଥିବା ସୋମବାର ଅନୁଷ୍ଠିତ ଅବକାରୀ ବିଭାଗର ସମୀକ୍ଷା ବୈଠକରୁ ଜଣାଯାଇଛି।

ଅବକାରୀ ବିଭାଗର ତଥ୍ୟ ଅନୁସାରେ, ଅଗଷ୍ଟ ମାସ ଶେଷ ସୁଦ୍ଧା ୬୭୯୧ କିଲୋ ଭାଙ୍ଗ ଜବତ ହୋଇଛି। ଗତବର୍ଷ ଏହି ସମୟ ମଧ୍ୟରେ ୨୬୪୫ କିଲୋ ଭାଙ୍ଗ ଜବତ କରାଯାଇଥିଲା। ଏବର୍ଷ ୧୫୬% ଅଧିକ ଜବତ ହୋଇଛି। ସେହିପରି କାରଖାନା ପ୍ରସ୍ତୁତ ଦେଶୀ ମଦ ୭,୩୩,୧୬୫ ଲିଟର, ମଦ ପ୍ରସ୍ତୁତ ସାମଗ୍ରୀ ୮୨,୧୯,୭୨୬ ଲିଟର, ମହୁଲି ମଦ ୧୨,୪୮୩ ଲିଟର, ଦେଶୀମଦ ୬୨୦୨ ଲିଟର ଓ ଟିକସ ଫାଙ୍କିଥିବା ଭାରତ ତିଆରି ବିଦେଶୀ ମଦ ୩୦୦ ଲିଟର ଜବତ ହୋଇଛି। ଏଥିସହ ୧୧୧୭ଟି ଦୁଇ ଓ ଚାରିଚକିଆ ଯାନ ଜବତ ହୋଇଛି ଯାହା ଗତବର୍ଷ ତୁଳନାରେ ୧୫% ଅଧିକ। ଗତ ଆର୍ଥିକ ବର୍ଷର ଏହି ସମୟରେ ଅବକାରୀ ବିଭାଗ ୯୭୧ଟି ଯାନ ଜବତ କରିଥିଲା। ଗୋଇନ୍ଦା ସୂଚନା ଆଧାରରେ ଅବକାରୀ ଧରପଗଡ଼କୁ ଜୋରଦାର କରାଯିବା ଫଳରେ ଗତ ଅଗଷ୍ଟ ମାସ ଶେଷ ସୁଦ୍ଧା ୭୩୯ଟି ଏନ୍‌ଡିପିଏସ୍ ମାମଲା ରୁଜୁ ହୋଇ ୮୬୫ ଜଣଙ୍କୁ ଗିରଫ କରାଯାଇଛି। ମାମଲା ରୁଜୁ ଓ ଗିରଫଦାରିଗତବର୍ଷ ତୁଳନାରେ ଯଥାକ୍ରମେ ୨୦୪% ଓ ୧୯୩% ଅଧିକ ରହିଛି। ଏହି ସମୟରେ ରାଜ୍ୟରୁ ୨୧,୬୯୦ କିଲୋ ଗଞ୍ଜେଇ, ୯୮୭୪ ଗ୍ରାମ ବ୍ରାଉନସୁଗାର ଓ ୪୧୦ ଲିଟର କଫସିରପ ଜବତ ହୋଇଛି। ୪୦୦୦ ନାଇଟ୍ରାଜେପାମ ବଟିକା ଜବତ କରାଯାଇଛି। ଚଳିତ ଆର୍ଥିକ ବର୍ଷରେ ଜବତ ଏନ୍‌ଡିପିଏସ୍ ସାମଗ୍ରୀର ମୂଲ୍ୟ ୮୩ କୋଟି ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ରାଜ୍ୟର ମଦ ଦୋକାନଗୁଡ଼ିକରେ ଅନିୟମିତତା ଦୃଷ୍ଟିକୁ ଆସିବା ପରେ ୫-ଟି ଆଧାରରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଥିସହ ଅବକାରୀ ଦୋକାନ ବିରୋଧରେ ୬୪୦ଟି ଅଭିଯୋଗ ଦାଖଲ ହୋଇ ୭୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ ହୋଇଥିବା ସମୀକ୍ଷାରୁ ଜଣାପଡ଼ିଛି।

### ଅବକାରୀ ବିଭାଗର ସମୀକ୍ଷା ବୈଠକ

ଅବକାରୀ କମିଶନର ଆଶିଷ କୁମାର ସିଂ ଭର୍ଚୁଆଲ ମାଧ୍ୟମରେ ଅଧିକାରୀମାନଙ୍କ ସହ ବୈଠକରେ ଯୋଡ଼ିହୋଇ ଓକାକ ସହାୟତାରେ ଚାଲିଥିବା ଗତ ଦଶବର୍ଷର ଅବକାରୀ ତଥ୍ୟର ଡିଜିଟାଇଜେଶନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଡିଜିଟାଇଜେଶନ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ଅବକାରୀ ମାମଲାଗୁଡ଼ିକର ପରିଚାଳନା ଓ କାର୍ଯ୍ୟାନୁଷ୍ଠାନ ସହଜ ହୋଇପାରିବ ବୋଲି ସିଂ କହିଥିଲେ। ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ପ୍ରତି ମାସରେ ମାମଲା ପରିଚାଳନା ଓ କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତୀୟ ତାଲିମ ପ୍ରଦାନ କରାଯାଉଥିବା ବେଳେ ବିଭିନ୍ନ ଅବକାରୀ ରେଞ୍ଜରେ ଦପ୍ତର ନିର୍ମାଣ ସହିତ ଗାଡ଼ି ଯୋଗାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସିଂ ନିର୍ଦ୍ଦେଶ ଦେଇଛନ୍ତି।

## ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର

**ବାଙ୍କୀ,୧୨।୯(ସ୍ୱ.ପ୍ର.):**



ବାଙ୍କୀ କଟକ ମୁଖ୍ୟ ରାସ୍ତାର ଏନ୍‌ଏସି ଅନ୍ତର୍ଗତ ଚକାପଦାଠାରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରଟି ବିପଦସଂକୁଳ ଅବସ୍ଥାରେ ରହିଛି। ପ୍ରବଳ ବର୍ଷା ଫଳରେ ତାର ଖୁଣ୍ଟ ମୂଳରୁ ମାଟି ଧସି ଯାଇଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ପରେ ଏନେଇ ବାଙ୍କୀ ଏନ୍‌ଏସି ଉପନଗରପାଳ ସନ୍ତୋଷ ରଣା ଓ କାଉନସିଲର ସନାତନ ବେହେରା ଘଟଣାସ୍ଥଳରେ ପହଞ୍ଚି ସୋମବାର ସ୍ଥିତିଅନୁଧ୍ୟାନ କରିଛନ୍ତି। ଏ ସମ୍ପର୍କରେ ସେମାନେ ବିଦ୍ୟୁତ୍ ବିଭାଗ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ସ୍ଥାୟୀ ସମାଧାନ କରାଯିବ ବୋଲି କହିଛନ୍ତି। ପ୍ରକାଶ ଯେ, ବାଙ୍କୀ କଟକ ରାସ୍ତାରେ ପ୍ରତ୍ୟେକ ଦିନ ଶହଶହ ଯାନବାହନ ଚଳାଚଳ କରୁଛି। ଏହି ବିପଦସଂକୁଳ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଯଦି ଗାଡି କିମ୍ବା ଜନସାଧାରଣ ଆସନ୍ତି, ତେବେ ଧନଜୀବନ କ୍ଷତି ହେବାର ଆଶଙ୍କା ରହିଛି।



ଜଗତପୁର ଅଧୀନ ମୂତାରିଫା ପଞ୍ଚାୟତର ସ୍ୱେଚ୍ଛାସେବୀ ସଂଗଠନ ୟୁନାଇଟେଡ କ୍ଲବ ପକ୍ଷରୁ ଆୟୋଜିତ ଗଣେଶ ମେଳଣ ଉତ୍ସବର ଶୋଭାଯାତ୍ରା।

## ‘ସମବାୟ କ୍ଷେତ୍ରରେ ଯୋଗେଶଙ୍କ ଉଦ୍ୟମ ପ୍ରଶଂସନୀୟ’

**ବାଙ୍କୀ,୧୨।୯(ସ୍ୱ.ପ୍ର.):**

ପୂର୍ବତନ ମନ୍ତ୍ରୀ ତଥା ଅଂଶୁପା କନିଷ୍ଠ ମହାବିଦ୍ୟାଳୟ ପ୍ରତିଷ୍ଠାତା ଡା. ଯୋଗେଶ ଚନ୍ଦ୍ର ରାଉତଙ୍କ ୧୩ଶ ଶ୍ରାଦ୍ଧବାର୍ଷିକୀ ସୋମବାର ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଦୀପ ବେଉରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ପ୍ରଦୀପ ସାହୁ, ସଦାଶିବ ଦାସ, ବିଜୟ ସାହୁ, ମମତା ଶତପଥୀ, ଶୁଭଶ୍ରୀ ପଟ୍ଟନାୟକ, ପୁଷ୍ପଲତା ରାଉତ ଏବଂ ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ରାଉତଙ୍କ ଜୀବନୀ ବିଷୟରେ ଅତିଥିମାନେ ମତବ୍ୟକ୍ତ କରିବା ସହ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବାଙ୍କୀ ସ୍ୱୟଂଶାସିତ କଲେଜର ପ୍ରତିଷ୍ଠାତା ସ୍ୱର୍ଗତ ରାଉତଙ୍କ ଶ୍ରାଦ୍ଧୋତ୍ସବ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର, ରାଜକିଶୋର ପାଲ, ଶୈଳେନ୍ଦ୍ର ନାରାୟଣ ଦେଓ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ପ୍ରଶାନ୍ତ ମହାରଣା ଧନ୍ୟବାଦ ଦେଇଥିଲେ। ଅନ୍ୟପଟେ ସ୍ୱର୍ଗତ ରାଉତଙ୍କ ଜନ୍ମସ୍ଥାନ ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ଶିଶୁଆ ଗ୍ରାମଠାରେ ତାଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଅତିଥିମାନେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କୁ ଅନୁକରଣ କରି ବର୍ତ୍ତମାନ ବାଙ୍କୀରେ ବହୁ ଅନୁଷ୍ଠାନ ଗଢି ଉଠିଛି। ତାଙ୍କ ଉଦ୍ୟମରେ ଫସଲବୀମା ଯୋଜନା ପ୍ରଚଳିତ ହୋଇପାରିଛି। ସମବାୟ କ୍ଷେତ୍ରରେ ତାଙ୍କର ପ୍ରଶଂସନୀୟ ଉଦ୍ୟମ ଯୋଗୁ ରାଜ୍ୟ ସରକାର ରାଉତଙ୍କୁ ସମବାୟ ରତ୍ନ ଓ ସମବାୟ ସମ୍ରାଟ ଉପାଧିରେ ଭୂଷିତ କରିଥିଲେ ବୋଲି ଅତିଥିମାନେ କହିଥିଲେ। ପ୍ରେସକ୍ଲବ ସମ୍ପାଦକ ସୁବାସ ଚନ୍ଦ୍ର ପାଢୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ସଭାପତି ବଳଭଦ୍ର ପଣ୍ଡା ପରିଚାଳନା କରିଥିଲେ।

## ‘ନାରୀମାନେ ସୁସ୍ଥ ପରିବାରର ମୂଳଉତ୍ସ’

**କଟକ ଅଫିସ,୧୨।୯**

### ରାଜସ୍ଥାନରେ ଗ୍ଲୋବାଲ ସମିତି-୨୦୨୨

ଚଳିତ ବର୍ଷ ଦେଶବ୍ୟାପୀ ସ୍ୱାଧିନତାର ଅମୃତ ମହୋତ୍ସବ ପାଳନ ଅବସରରେ ପ୍ରଜାପତି ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟ ଆନୁକୁଲ୍ୟରେ ରବିବାର ରାଜସ୍ଥାନର ମାଉଣ୍ଟଆବୁସ୍ଥିତ ମୁଖ୍ୟ କାର୍ଯ୍ୟାଳୟର ଶାନ୍ତିବନ ପରିସରରେ ଆୟୋଜିତ ଏକ ଆନ୍ତର୍ଜାତିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଗ୍ଲୋବାଲ ସମିଟି-୨୦୨୨ ଇଣ୍ଡିଆ ଦି ହାବିଞ୍ଜର ଅଫ ୱାର୍ଲଡ ପିସ୍ କାର୍ଯ୍ୟକ୍ରମରେ ଅନୁଷ୍ଠିତ ଏକ ଆଲୋଚନାରେ ଓଡ଼ିଶାରୁ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ ନାରୀ ଶିକ୍ଷା, ନାରୀ ପ୍ରଗତି ଓ ନାରୀ ସଶକ୍ତୀକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ନାରୀମାନେ ହେଉଛନ୍ତି ସୁସ୍ଥ ପରିବାରର ମୂଳଉତ୍ସ। ସୁନ୍ଦର ପରିବାର ଗଠନରେ ନାରୀର ଭୂମିକା ଅତୁଳନୀୟ। ସୁନ୍ଦର ପରିବାର ଗଠନ ହେଲେ ସୁନ୍ଦର ସମାଜ, ସୁନ୍ଦର ଦେଶ ଏବଂ ସର୍ବୋପରି ସୁନ୍ଦର ପୃଥିବୀର ପରିକଳ୍ପନା କରାଯାଇପାରିବ ବୋଲି ମୋକିମ କହିଥିଲେ। ସେହିପରି ସମୃଦ୍ଧ ରାଷ୍ଟ୍ର ନିର୍ମାଣରେ ଯୁବଶକ୍ତିର ଆବଶ୍ୟକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମୋକିମ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ସାମାଜିକ କର୍ମୀ ନିକୁଞ୍ଜ ପଶାୟତ ଯୋଗଦେଇଥିଲେ।

# ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକୁ ବିଡିଓଙ୍କ ଅଣଦେଖା

**କଟକ ସଦର,୧୨।୯(ଡି.ଏନ୍.ଏ.)**

### କଟକ ସଦର ବ୍ଲକ

ବ୍ଲକରେ ବିଭିନ୍ନ ଘଟଣାକୁ ନେଇ ହୋଇଥିବା ଅଭିଯୋଗ ଉପରେ ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା ହେଉଥିବା ନିର୍ଦ୍ଦେଶନାମାକୁ ବିଡିଓ ମାନିବା ପାଇଁ ବାଧ ଅଟନ୍ତି। ହେଲେ ୨୦୨୦ ମସିହାରୁ କଟକ ଜିଲା ଅଧୀନ କଟକ ସଦର ବ୍ଲକରେ କାର୍ଯ୍ୟରତ ବିଡିଓ ସମୟ ଅନୁଯାୟୀ ଜିଲାପାଳ ଓ ଉପଜିଲାପାଳଙ୍କ ଆଦେଶକୁ ଅଣଦେଖା କରିଥିବା ଜଣାପଡ଼ିଛି। ଯାହାକୁ ବିରୋଧୀଦଳ ଆଲୋଚନା କରିବା ସହ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଦାବି କରିଛନ୍ତି। ଉକ୍ତ ବ୍ଲକ ଜରିଆରେ କଟକ ମହାନଗର ନିଗମର ୫୨ ନଂ. ୱାର୍ଡର ଏକ ଧାର୍ମିକ ସ୍ଥଳରେ ଜଣେ ରାଜ୍ୟ ସଭା ସଦସ୍ୟଙ୍କ ପାଣ୍ଠିରୁ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ କୌଣସି ଧାର୍ମିକସ୍ଥଳ ଜାଗାରେ ସାଂସଦ ପାଣ୍ଠି ଖର୍ଚ୍ଚ ହୋଇପାରିବ ନାହିଁ। ଏ ନେଇ ଅଭିଯୋଗ ମିଳିବା ପରେ କଟକ ଜିଲାପାଳ ପତ୍ର ସଂଖ୍ୟା ୧୬୬୭/୨୩।୮। ୨୦୧୮ରେ ପତ୍ର ଲେଖି ଏପରି ବେଆଇନ କାର୍ଯ୍ୟ ପାଇଁ କାହାକୁ ଦାୟୀ କରାଯିବ ତା’ର ଉତ୍ତର ଦେବା ପାଇଁ ବ୍ଲକକୁ ଚିଠି କରିଥିଲେ। ମାତ୍ର ନିର୍ଦ୍ଦିଷ୍ଟ ଅବଧିରେ କୌଣସି ଉତ୍ତର ଆସିଲା ନାହିଁ। ତା’ପରେ ଜିଲା ଯୋଜନା ଓ ସଂଯୋଜନ ବିଭାଗ ପତ୍ର ସଂଖ୍ୟା ୩୦୭/୧୫।୨।୨୦୨୦ ଓ ରାଜ୍ୟ ସରକାର ମଧ ପତ୍ର ସଂଖ୍ୟା ୭୪୫୭/୧୭।୭।୨୦୨୦ରେ କଟକ ସଦର ବିଡିଓଙ୍କୁ ପତ୍ର ଲେଖିଥିଲେ। ଏପରିକି ଜିଲା କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୧୬୪/୨୧।୮।୨୦୨୦ରେ ପୁନର୍ବାର ଉତ୍ତର ପାଇଁ ବ୍ଲକକୁ ଚିଠି ପଠାଇଥିଲେ। ହେଲେ ଏବେ ସୁଦ୍ଧା କୌଣସି ଉତ୍ତର ବିଡିଓଙ୍କଠାରୁ ମିଳି ନାହିଁ ବୋଲି ଜିଲା ଯୋଜନା କାର୍ଯ୍ୟାଳୟ ପତ୍ର ସଂଖ୍ୟା ୯୦୬/୨୨।୮।୨୦୨୨ରେ ଜଣାଇଛନ୍ତି। ହେଲେ ଏ ସମ୍ପର୍କରେ ବିଡିଓ ରାଜୀବ ଲୋଚନ ପରିଡ଼ାଙ୍କୁ ପଚାରିବରେ ଏଭଳି କିଛି ଚିଠି ସେ ପାଇନାହାନ୍ତି ବୋଲି ସଫେଇ ଦେଇଛନ୍ତି।

ସେହିଭଳି ଉକ୍ତ ବ୍ଲକ ଅନ୍ତର୍ଗତ ଉରାଳି ପଞ୍ଚାୟତରେ ଟିକସ ଅର୍ଥ ହେରଫେର ହୋଇଥିବା ନେଇ ଉପଜିଲାପାଳଙ୍କ ଦୃଷ୍ଟିକୁ ଆସିଥିଲା। ଏହାର ତଦନ୍ତ କରି ଦୋଷୀ କର୍ମଚାରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ପତ୍ର ସଂଖ୍ୟା ୫୮୫୫/୨୧।୫।୨୦୨୧ରେ ବିଡିଓ ପରିଡ଼ାଙ୍କୁ ନିର୍ଦ୍ଦେଶ ଦେଲେ। ମାତ୍ର ଘଟଣାକୁ ୧ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ବିଡିଓଙ୍କଠାରୁ କୌଣସି ଉତ୍ତର ମିଳିପାରି ନାହିଁ ବୋଲି ପତ୍ର ସଂଖ୍ୟା ୭୬୦୦/୨୦।୮।୨୨ରେ ଉପଜିଲାପାଳଙ୍କ କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ପରିଡ଼ାଙ୍କୁ ପଚାରିବାରୁ କୌଣସି ମତ ଦେବାକୁ ମନା କରିଥିଲେ। ଉପରିସ୍ଥ ଅଧିକାରୀ ଓ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକୁ ଠିକ୍ ଭାବେ ନ ମାନିବା ବିଡିଓଙ୍କୁ ବିବାଦ ଘେରକୁ ଟାଣି ନେଇଛି ବୋଲି ଚର୍ଚ୍ଚା ହେଉଛି।

## ୫୮ ଅଭିଯୋଗ ଶୁଣିଲେ ଜିଲାପାଳ



ଜନ ଅଭିଯୋଗ ଶୁଣାଣିରେ ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

**ଆଠଗଡ,୧୨।୯(ସ୍ୱ.ପ୍ର.):**

ଆଠଗଡ ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଗ୍ରାମାଞ୍ଚଳ ଏସ୍‌ପି ବି.ଯୁଗଳ ବାନୋଥ, ପିଡି ଡିଆରଡିଏ ଅମ୍ବର କର, ଅତିରିକ୍ତ ଜିଲାପାଳ ବିକେ ଖଣ୍ଡାୟତରାୟ, ଉପଜିଲାପାଳ ହେମନ୍ତ ସ୍ୱାଇଁ, ବିଡିଓ ଅରୁଣ ଦାସ, ତହସିଲଦାର ପ୍ରିୟବ୍ରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ମୋଟ ୧୪୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ବ୍ୟକ୍ତିଗତ ୧୩୦ଟି ଏବଂ ସାମୂହିକ ୧୨ଟି ଅଭିଯୋଗ ରହିଥିଲା। ୫୮ଟି ଅଭିଯୋଗର ଫଇସଲା ହୋଇଥିଲେ। ଏହି ଅବସରରେ ସନାତନ ସାହୁ, ଅଭିରାମ ପ୍ରଧାନ, ମାନସୀ ପୁହାଣଙ୍କୁ ଚିକିତ୍ସା ନିମନ୍ତେ ରେଡକ୍ରସ ପକ୍ଷରୁ ୩ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଇଥିଲା।

## ୫ ପ୍ରତିଭା ପାଇବେ ଧନେଶ୍ୱର ରଥ ସ୍ମୃତି ସମ୍ମାନ

**କଟକ ଅଫିସ,୧୨।୯**

ବିଭିନ୍ନ କ୍ଷେତ୍ରରେ ରାଜ୍ୟ ତଥା ଦେଶର ଗୌରବ ବୃଦ୍ଧି କରିଥିବା ୫ଜଣ ପ୍ରତିଭାଧରଙ୍କୁ ଧନେଶ୍ୱର ରଥ ସ୍ମୃତି ସମ୍ମାନ-୨୦୨୨ ପ୍ରଦାନ ଲାଗି ମନୋନୀତ କରାଯାଇଛି। ଏମାନେ ହେଲେ ବିଶିଷ୍ଟ ଶାସ୍ତ୍ରୀୟ ସଙ୍ଗୀତ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଡ. ଶ୍ୟାମାମଣି ଦେବୀ, ବରିଷ୍ଠ ଦଇତାପତି ସେବକ ତଥା ଶ୍ରୀଜୀଉଙ୍କ ମୁଖ୍ୟ ବାଡଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର, ଶିକ୍ଷାବିତ୍ ପ୍ରଫେସର ଡ. କମଳାକାନ୍ତ ମିଶ୍ର, କେନ୍ଦ୍ରୀୟ ରେଡକ୍ରସ ରକ୍ତ ଭଣ୍ଡାରର ନିର୍ଦ୍ଦେଶକ ଡା. ଚନ୍ଦ୍ରିକା ପ୍ରସାଦ ଦାସ ଏବଂ ଭାରତୀୟ କ୍ରିକେଟ ତାରକା ଶୁଭ୍ରାଂଶୁ ସେନାପତି। ଧନେଶ୍ୱର ରଥ ଫାଉଣ୍ଡେଶନ ପକ୍ଷରୁ ଆସନ୍ତା ୧୯ତାରିଖ ପୂର୍ବାହ୍ନ ୧୧.୩୦ରେ ଟାଙ୍ଗୀସ୍ଥିତ ଡ୍ରିମ୍ସ ଶିକ୍ଷାନୁଷ୍ଠାନର ଜୟଶ୍ରୀ ଅଡିଟୋରିୟମ୍‌ରେ କର୍ମଯୋଗୀ ସ୍ୱର୍ଗତ ଧନେଶ୍ୱର ରଥଙ୍କ ୨୮ତମ ପୁଣ୍ୟତିଥି ଅବସରରେ ହେବାକୁ ଥିବା ‘ପୂଜ୍ୟ ପୂଜା ସମାରୋହ’ରେ ଏହି ସମ୍ମାନ ପ୍ରଦାନ କରାଯିବ। ସନାତନ ଧର୍ମ, ଦର୍ଶନର ବିଶିଷ୍ଟ ପ୍ରବକ୍ତା ଡ. ଶ୍ରୁତି ସାଗର ସରସ୍ୱତୀ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ଫାଉଣ୍ଡେଶନ୍‌ର କାର୍ଯ୍ୟକାରୀ ଅଧ୍ୟକ୍ଷ ବଳରାମ କର ସୂଚନା ଦେଇଛନ୍ତି।

## ପୋଲିସ- ପୂଜା କମିଟି ପ୍ରସ୍ତୁତି ବୈଠକ

**କଟକ ସଦର,୧୨।୯(ଡି.ଏନ୍.ଏ.)**

ଆଗାମୀ ଦୁର୍ଗା ପୂଜା ପାଇଁ କନ୍ଦରପୁର ଥାନା ପୋଲିସ ତରଫରୁ ସୋମବାର ଥାନା ପରିସରରେ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା। ଏଥିରେ ବମ୍ଭୁରି, ଲକ୍ଷ୍ମୀ ନାରାୟଣପୁର, ଅଥଙ୍ଗା, ଫକୀରପଡ଼ା, ଆୟଉପୁର, ନିମେଇସାପୁର ପ୍ରଭୃତି ୨୧ଟି ପୂଜା କମିଟିର ସଭ୍ୟମାନେ ଯୋଗଦେଇଥିଲେ। ୨ ବର୍ଷ ପରେ ଆୟୋଜିତ ବୈଠକରେ ସ୍ୱଳ୍ପ ଶବ୍ଦଯୁକ୍ତ ଡାକବାଜି ଯନ୍ତ୍ରର ବ୍ୟବହାର, ରାତି ୧୦ଟା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ସାରିବା, ସମୟ ଅନୁଯାୟୀ ଭସାଣି ଶୋଭାଯାତ୍ରା ବାହାର କରିବା ଉପରେ ଆଲୋଚନା ହୋଇଥିଲା। ପୂଜା ପୂର୍ବରୁ ଯଦି ସରକାର ଆଉ ନୂଆ ନିୟମ ଲାଗୁ କରନ୍ତି ତାହା ହେଲେ ପୂଜା କମିଟିଙ୍କୁ ଜଣାଇ ଦିଆଯିବ ବୋଲି ଏସିପି ଚନ୍ଦନ ଘଡ଼େଇ ସୂଚନା ଦେଇଥିଲେ। ଏହି ଆଲୋଚନାରେ ଥାନା ଅଧିକାରୀ ବିପିନ ବିହାରୀ ହୋତା ସମେତ ପୂଜା କମିଟିର କାର୍ଯ୍ୟ କର୍ତ୍ତା ଅଂଶଗ୍ରହଣ କରିଥିଲେ।

# ପ୍ରଶାସନ, କମ୍ପାନୀ ସହ ଆଲୋଚନା ବିଫଳ

**ବାଙ୍କୀ,୧୨।୯(ସ୍ୱ.ପ୍ର.)**

ଡମପଡ଼ା ବ୍ଲକ ବାଙ୍କୀ ଥାନା ଅନ୍ତର୍ଗତ ବାଆଁରା ପଞ୍ଚାୟତର ନୂଆସାହି ନିକଟରେ କେମିକାଲ କାରଖାନା ନିର୍ମାଣକୁ ନେଇ ଉପୁଜିଥିବା ବିବାଦ ଥମିବାର ନାଁ ନେଉନାହିଁ। ଗତ ଶନିବାର ଏହି କାରଖାନା ନିର୍ମାଣକୁ ନେଇ ତହସିଲ କର୍ମଚାରୀ ଓ ପୋଲିସ ସହ ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ। ଗ୍ରାମବାସୀଙ୍କ ସହ ଆଲୋଚନା ପରେ ଏହି କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯିବା ପରେ ପରସ୍ଥିତି ଶାନ୍ତ ପଡ଼ିଥିଲା। ଏନେଇ ସୋମବାର ବାଙ୍କୀ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଲୋଚନା ହୋଇଥିଲା। ମାତ୍ର ଏହା ବିଫଳ ହୋଇଯାଇଛି। କେତେଜଣ ଗ୍ରାମବାସୀ ପରିବେଶ ଉପରେ କୁପ୍ରଭାବ ପକାଇବ ବୋଲି ଅଭିଯୋଗ କରି କମ୍ପାନୀ ନିର୍ମାଣକୁ ବିରୋଧ କରିଛନ୍ତି।

ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନାଙ୍କ ଅଧ୍ୟକ୍ଷତାରେ କେମିକାଲ କମ୍ପାନୀ କର୍ତ୍ତୃପକ୍ଷ ଓ ଗ୍ରାମବାସୀଙ୍କ ମଧ୍ୟରେ ଏନେଇ ବୈଠକ ହୋଇଥିଲା। ଏଥିରେ ୩୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ସାମିଲ ହୋଇଥିଲେ। ଉପଜିଲାପାଳଙ୍କ କାର୍ଯ୍ୟାଳୟ ବାହାରେ ଶତାଧିକ ଗ୍ରାମବାସୀ ଏକତ୍ରିତ ହୋଇ ଆଲୋଚନାରେ କ’ଣ ହେଉଛି ଜାଣିବା ପାଇଁ ଅପେକ୍ଷା କରିଥିଲେ। ଆଲୋଚନା ସମୟରେ କମ୍ପାନୀ ପକ୍ଷରୁ କୁହାଯାଇଛି, ଏହି କାରଖାନାରେ ଇଥନଲ ଉତ୍ପାଦନ ହେବ। ଏହାର ବ୍ୟବହାର ପେଟ୍ରୋଲରେ ହେବ।

ଆଗରୁ ପେଟ୍ରୋଲରେ ୧୦% ଇଥନଲ ବ୍ୟବହାର ହେଉଥିବାବେଳେ ଏବେ ୩୦ ପ୍ରତିଶତ ମିଶିପାରିବ। ଫଳରେ ପେଟ୍ରୋଲ ଦର କମିବ। ଏହି ଫ୍ୟାକ୍ଟ୍ରି ଦ୍ୱାରା ପରିବେଶ ଉପରେ କୌଣସି ପ୍ରଭାବ ପଡିବ ନାହିଁ। ଚାଉଳ ଖୁଦ, ଗହମ ଖୁଦ, ବଜରା ଖୁଦ,ମକା ଖୁଦରୁ ଏହି ତୈଳ ପ୍ରସ୍ତୁତ ହେବ, ଯାହାକି ସମ୍ପୂର୍ଣ୍ଣ ଜୈବିକ। ଏହାର ବର୍ଜ୍ୟବସ୍ତୁରୁ ଗାଈ ଓ ମାଛ ପାଇଁ ଦାନା ପ୍ରସ୍ତୁତ ହେବ। ତେଣୁ ଏହାର ପ୍ରତ୍ୟେକ ଜିନିଷ ବ୍ୟବହାର ଯୋଗ୍ୟ। ପରିବେଶ ମଞ୍ଜୁରି ସମ୍ପର୍କରେ କମ୍ପାନୀ ପକ୍ଷରୁ କୁହାଯାଇଥିଲା, କେନ୍ଦ୍ର ସରକାର ପରିବେଶ ମନ୍ତ୍ରଣାଳୟ ଓ ଓଡିଶା ସରକାରଙ୍କ ପ୍ରଦୂଷଣ ବୋର୍ଡରୁ ଅନୁମତି ସହ ସ୍ଥାନୀୟ ସରପଞ୍ଚଙ୍କ ଅନୁମୋଦନ ପରେ ଆମକୁ ଏଠାରେ କମ୍ପାନୀ ପାଇଁ ଇଡିକୋ ଜମି ଦେଇଛନ୍ତି। ଅପରପକ୍ଷେ କମ୍ପାନୀ ନିର୍ମାଣ ହେଲେ ଗ୍ରାମର ଉନ୍ନତି ପାଇଁ ସମସ୍ତ ସହଯୋଗ କରାଯିବ। ବିଦ୍ୟାଳୟ, ଖେଳ ପଡିଆ, ଗାଈ ରହିବା ସ୍ଥାନ, ବାତ୍ୟା ଆଶ୍ରୟ ସ୍ଥଳୀ ଓ ଚିକିତ୍ସାଳୟ ଆଦି ନିର୍ମାଣ କରାଯିବ। ଆବଶ୍ୟକ ଅନୁସାରେ ଚାରା ରୋପଣ କରାଯିବ। ମାତ୍ର କମ୍ପାନୀର କୌଣସି କଥାକୁ ଗ୍ରାମବାସୀ ଶୁଣି ନ ଥିଲେ। ଏଠାରେ କମ୍ପାନୀ କରିବାକୁ ଦିଆଯିବନି ବୋଲି ବୈଠକରେ ସାମିଲ ହୋଇଥିବା ଗ୍ରାମବାସୀ ଜିଦ୍ ଧରିଥିଲେ। କମ୍ପାନୀ ଅନ୍ୟତ୍ର ସ୍ଥାନାନ୍ତର ନ ହେଲେ ଆନ୍ଦୋଳନ ତୀବ୍ର ହେବ ବୋଲି ଚେତାବନୀ ଦେଇ ସେମାନେ ବୈଠକ ଅଧାରୁ ଉଠି ହୋହଲ୍ଲା କରିଥିଲେ। ବାଙ୍କୀର ପୂର୍ବତନ ବିଧାୟକ ଡ.ଦେବାଶିଷ ପଟ୍ଟନାୟକ ମଧ ଏଥିରେ ସାମିଲ ହୋଇ ଗ୍ରାମବାସୀଙ୍କୁ ସମର୍ଥନ କରିଥିଲେ। ଫଳରେ ଆଲୋଚନା ଅଧାରୁ ବନ୍ଦ ହୋଇଯାଇଥିଲା। ସମାସ୍ୟାର ସମାଧାନ ପାଇଁ ଖୁବ୍‌ଶୀଘ୍ର ଅନ୍ୟ ଏକ ବୈଠକ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭାରପ୍ରାପ୍ତ ବାଙ୍କୀ ଉପଖଣ୍ଡ ପୋଲିସ ଅଧିକାରୀ ରଞ୍ଜିତ କୁମାର ପୃଷ୍ଟି, ଡମପଡ଼ା ତହସିଲଦାର କ୍ଷୀତିଶ ବେହେରା ଏବଂ ଏଗ୍ରିଭେଟ ପ୍ରାଇଭେଟ ଲିମିଟେଡ୍ କମ୍ପାନୀର ମୁଖ୍ୟ ମୋହିତ ସିଂଘଲ, ଉପସଭାପତି ସୁଶୀଲ ମିଶ୍ରଙ୍କ ସମେତ ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟ ପ୍ରମୁଖ ସାମିଲ ହୋଇଥିଲେ।



ଉପଜିଲାପାଳଙ୍କ କାର୍ଯ୍ୟାଳୟ ବାହାରେ ଅପେକ୍ଷାରତ ଗ୍ରାମବାସୀ।

### କେମିକାଲ ଫ୍ୟାକ୍ଟ୍ରି ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ ଘଟଣା

## ସଂକ୍ଷେପରେ

### ଭାରତୀୟ ସାମ୍ବାଦିକ ସଂଘର ନୂତନ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା

**ପୁରୁଣା ଭୁବନେଶ୍ୱର,୧୨।୯(ଡି.ଏନ୍.ଏ.):** ବରିଷ୍ଠ ସାମ୍ବାଦିକ ତଥା ସମ୍ପକାର ସୁଜ୍ଞାନ ଚୌଧୁରୀ ଭାରତୀୟ ସାମ୍ବାଦିକ ସଂଘର ନୂତନ ସମ୍ପାଦକ ଭାବେ ନିଯୁକ୍ତ ହୋଇଛନ୍ତି। ସଂଘ ସଭାପତି ସାମ୍ବାଦିକ ତଥା ଟ୍ରେଡ୍ ୟୁନିୟନ୍ ନେତା କେ.ବି.ପଣ୍ଡିତ, ଜାତୀୟ କାର୍ଯ୍ୟକାରିଣୀର ପରାମର୍ଶଦାତା ଆଚାର୍ଯ୍ୟ ଗୌରୀଶଙ୍କର, ସେକ୍ରେଟାରି ଜେନେରାଲ ମୃଗେଶ ବି. ଶିବପୂଜି ଓ ଅନ୍ୟ ସଦସ୍ୟଙ୍କ ସହମତିକ୍ରମେ ଚୌଧୁରୀଙ୍କୁ ଭାରତୀୟ ସାମ୍ବାଦିକ ସଂଘର ସମ୍ପାଦକଭାବେ ନିଯୁକ୍ତି ମିଳିଛି। ଏନେଇ ଓଡ଼ିଶା କର୍ମଜିବୀ ସାମ୍ବାଦିକ ସଂଘ ପକ୍ଷରୁ ଚୌଧୁରୀଙ୍କୁ ଟଙ୍କପାଣି ରୋଡ୍‌ସ୍ଥିତ କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ସାମ୍ବାଦିକ ପ୍ରମୋଦ ପରିଡ଼ା, ତ୍ରିଲୋଚନ ମିଶ୍ର, ଶରତ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

### ଫାଷ୍ଟ ରେସ୍‌ପଣ୍ଡର ଟ୍ରେନିଂ ପ୍ରୋଗ୍ରାମ

**ପିପିଲି,୧୨।୯(ଡି.ଏନ୍.ଏ.):** ଆଜିକାଲି ରାସ୍ତାରେ ସଡ଼କ ଦୁର୍ଘଟଣାରେ ଅନେକ ଲୋକଙ୍କ ଜୀବନ ଚାଲିଯାଉଛି। ତେବେ କିଭଳି ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ମେଡ଼ିକାଲକୁ ପଠାଯିବ, ସେଥିପାଇଁ ଲୋକଙ୍କ ମନରେ ସଚେତନତା ସୃଷ୍ଟି ନେଇ ରବିବାର ଏକ ଫାଷ୍ଟ ରେସ୍‌ପଣ୍ଡ ଟ୍ରେନିଂ ପ୍ରୋଗ୍ରାମ 'ରକ୍ଷକ' ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ପିପିଲି ବ୍ଲକ ଉତ୍ତରାସ୍ଥିତ ଶକୁନ୍ତଳା କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଏହି ପ୍ରୋଗ୍ରାମରେ ଉତ୍ତରା ଓ ଏହାର ଆଖପାଖ ଅଞ୍ଚଳର ବ୍ୟବସାୟୀ ଏଥିରେ ସାମିଲ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ପୁରୀ ଜିଲା ଆଞ୍ଚଳିକ ପରିବହନ ବିଭାଗ ମୋଟର ଯାନ ନିରୀକ୍ଷକ ବାମଦେବ ସାହୁ, ପିପିଲି ଥାନା ଅଧିକାରୀ ଅଭିମନ୍ୟୁ ନାୟକ, ଉତ୍ତରା ଫାଣ୍ଡି ଅଧିକାରୀ ସୌମ୍ୟରଞ୍ଜନ ଜେନା ପ୍ରମୁଖ ଯୋଗଦେଇଥିଲେ। ଦୁର୍ଘଟଣା ସମୟରେ ଆହତଙ୍କୁ ଯଥାସମ୍ଭବ ସାହାଯ୍ୟ କରି ସେମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବାରେ ସହଯୋଗ କରିବା ଦରକାର ବୋଲି ଅତିଥିମାନେ ମତ ରଖିଥିଲେ। ଏଥିସହ ଆହତଙ୍କୁ ପ୍ରାଥମିକ ଚିକିତ୍ସା ସମ୍ପର୍କରେ 'ରକ୍ଷକ' କାର୍ଯ୍ୟକ୍ରମରେ ପ୍ରଶିକ୍ଷକ କମଳଲୋଚନ ଦାଶ ଏବଂ ପ୍ରଶିକ୍ଷିକା ଇତିଶ୍ରୀ ସୁନ୍ଦରାୟ ପ୍ରୋଜେକ୍ଟର ମାଧମରେ ଡେମୋ ଦେଖାଇ ବୁଝାଇଥିଲେ। ପୋଲିସଙ୍କୁ ନ ଡରି ଆହତଙ୍କ ପ୍ରାଥମିକ ଚିକିତ୍ସା କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ନାରାୟଣ ପରିଡ଼ାଙ୍କ ସମେତ ଶକୁନ୍ତଳା ପ୍ୟାଲେସର ପ୍ରୋପ୍ରାଇଟର ଜନାର୍ଦ୍ଦନ ପରମଗୁରୁ ଆଞ୍ଚଳିକ ପରିବହନ ବିଭାଗର ସଞ୍ଜୟ ମଲ୍ଲ, ଅଜୟ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

### ୯୫ ୟୁନିଟ ରକ୍ତ ସଂଗ୍ରହ

**ପୁରୀ ଅଫିସ, ୧୨।୯:** ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ସାଇଶ୍ରୀ ଆଡଭାନ୍ସ ଫିଜିଓଥେରାପି ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପୁରୀ ଏମ୍‌ପି ପିନାକୀ ମିଶ୍ର ଏବଂ ଜିଲା ବିଜେଡି ସଭାପତି ମହେଶ୍ୱର ମହାନ୍ତି ଯୋଗଦେଇଥିଲେ। ଶିବିରରେ ୯୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ବ୍ଲକ୍ ଅଧକ୍ଷ ଦିବାକର ପାତ୍ର, ପୂର୍ବତନ ନଗରପାଳ ଶାନ୍ତିଲତା ପ୍ରଧାନ, ଜ୍ୟୋତିର୍ମୟୀ ମହାପାତ୍ର, ଭଗବାନ ପଡ଼ିଆରୀ, ଷ୍ଟାଲିନ ପରିଜା, ଭକ୍ତଚରଣ ଦାସ, ପ୍ରୀତମ ଜଗଦେବ, ବିଜୟ କୁମାର ମାଝୀ, ଶ୍ରୀପ୍ରକାଶ ମିଶ୍ର, ସୁଧାଂଶୁ ମହାନ୍ତି, ସାଗର ପାତ୍ର ଏବଂ ଅର୍ଜୁନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଡାକ୍ତରଙ୍କୁ ୨ବର୍ଷ ୩ ମାସ ଜେଲଦଣ୍ଡ

## ବେଆଇନ ଅଲଟ୍ରାସାଉଣ୍ଡ ସେଣ୍ଟର, କନ୍ୟାଭ୍ରୁଣ ହତ୍ୟା ମାମଲା

**ଭୁବନେଶ୍ୱର,୧୨।୯ (ବ୍ୟୁରୋ)**

ଭୁବନେଶ୍ୱର ୟୁନିଟ-୩ ମାର୍କେଟ ବିଲ୍ଡିଂସ୍ଥିତ ଇଷ୍ଟର୍ନ ଟାୱାରରେ ଥିବା ଏକ ଅଲଟ୍ରାସାଉଣ୍ଡ ସେଣ୍ଟର ବିରୋଧରେ ହୋଇଥିବା ବେଆଇନ କନ୍ୟା ଭ୍ରୁଣ ହତ୍ୟା ମାମଲାରେ ସୋମବାର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱର ଜେଏମ୍‌ଏଫ୍‌ସି ସୁନୀଳା ମିଶ୍ର ପିସି ଏଣ୍ଡ ପିଏନ୍‌ଡିଟି ଆକ୍ଟର ଦଫା ୨୩ ଓ ୨୫ରେ ଉକ୍ତ ସେଣ୍ଟର୍‌ର ମାଲିକ ତଥା ଡାକ୍ତର ରାଜକିଶୋର ସାହୁଙ୍କୁ ଅଭିଯୁକ୍ତ ଦର୍ଶାଇ ୨ ବର୍ଷ ୩ ମାସ ଜେଲଦଣ୍ଡ ଶୁଣାଇଛନ୍ତି। ଏଥିସହ ତାଙ୍କୁ ୯ହଜାର ୫୦୦ ଟଙ୍କା ଅର୍ଥଦଣ୍ଡରେ ମଧ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ ଅଧିକ ୪ ମାସ ୨୦ ଦିନ ଜେଲଦଣ୍ଡ ଭୋଗିବାକୁ କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ପିସି ଏଣ୍ଡ ପିଏନ୍‌ଡିଟି ଆକ୍ଟକୁ ନ ମାନି ଡା. ରାଜକିଶୋର ସାହୁ ତାଙ୍କ ଅଲଟ୍ରାସାଉଣ୍ଡ ସେଣ୍ଟର୍‌ରେ ବେଆଇନ କନ୍ୟା ଭ୍ରୁଣ ହତ୍ୟା ସମ୍ବନ୍ଧୀୟ କାର୍ଯ୍ୟ କରି ଆସୁଥିଲେ। ଏନେଇ ୯ ତାଲାସ୍ଥିତ ପରିବାର କଲ୍ୟାଣ ବିଭାଗ




ତତ୍ତ୍ୱାବଧାନରେ ଚାଲୁଥିବା ପିସି ଏଣ୍ଡ ପିଏନ୍‌ଡିଟି ସେଲ୍‌କୁ ଟୋଲ୍-ଫ୍ରି ନମ୍ବରରେ ବାରମ୍ବାର ଅଭିଯୋଗ ଆସିଥିଲା। ତେଣୁ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ପରିବାର କଲ୍ୟାଣ ବିଭାଗର ରାଜ୍ୟ ଓ ଜିଲାର ଏକ ୧୧ ଜଣିଆ ମିଳିତ ଟିମ୍ ୨୦୧୨ ଅଗଷ୍ଟ ୩୦ରେ ଉକ୍ତ ଅଲଟ୍ରାସାଉଣ୍ଡ ସେଣ୍ଟରରେ ଚଢ଼ାଉ କରିଥିଲା। ଏହି ସମୟରେ ସେଠାରେ କନ୍ୟା ଭ୍ରୁଣ ନିରୂପଣ ଓ ହତ୍ୟା ଭଳି ବିଭିନ୍ନ ବେଆଇନ କାର୍ଯ୍ୟ ପଦାକୁ ଆସିଥିଲା। ପୁଣି ରାଜକିଶୋର ଜାଲ ସାର୍ଟିଫିକେଟ୍ ଦ୍ୱାରା ଉକ୍ତ ସେଣ୍ଟର ଖୋଲିଥିବାବେଳେ ୨୦୧୨ ଫେବୃୟାରୀ ୧୨ରେ ଉକ୍ତ ଲାଇସେନ୍ସର ଅବଧି ମଧ ସରିଯାଇଥିଲା। ସେଠାକୁ ଆସୁଥିବା ଗର୍ଭବତୀ ମହିଳାଙ୍କ ସମ୍ବନ୍ଧରେ ପ୍ରତିମାସରେ ସିଡିଏମ୍‌ଓଙ୍କ ନିକଟକୁ ପଠାଯାଉଥିବା ତାଲିକାରେ ତାଳମେଳ ରହୁ ନ ଥିଲା। ବହୁଦିନ ଧରି ଉକ୍ତ ସେଣ୍ଟରରେ ବେଆଇନ୍ ଭାବେ କନ୍ୟା ଭ୍ରୁଣ ହତ୍ୟା କରାଯାଉଥିବା ଯାଞ୍ଚ ଟିମ୍ ଜାଣିବାକୁ ପାଇଥିଲା। ଏହି ସମୟରେ ଉକ୍ତ ସେଣ୍ଟରରେ ଥିବା ୨ଟି ଅଲଟ୍ରାସାଉଣ୍ଡ ମେଶିନ ସମେତ ଅନ୍ୟାନ୍ୟ ସାମଗ୍ରୀକୁ ଟିମ୍ ଜବତ କରିଥିଲା। ଏଥିସହ ଡାକ୍ତର ରାଜକିଶୋରଙ୍କ ବିରୋଧରେ ଖୋର୍ଦ୍ଧା ସିଡିଏମ୍‌ଓ ନୀଳମାଧବ ମିଶ୍ର କୋର୍ଟରେ ମାମଲା (ନଂ. ୪୬୬/୨୦୧୨) ଦାଏର କରିଥିଲେ। ତେବେ ଏହି ମାମଲାରେ ବିଚାରପତି ୮ଜଣ ସାକ୍ଷୀ ଏବଂ ବିଭିନ୍ନ ଦସ୍ତାବିଜ୍ ଆଧାରକୁ ଭିତ୍ତି କରି ରାଜକିଶୋରଙ୍କୁ ଦଣ୍ଡାଦେଶ ଦେଇଛନ୍ତି। ସହକାରୀ ସରକାରୀ ଓକିଲ ବିଶ୍ୱ ରଞ୍ଜନ ରାଉତ ଏହି ମାମଲା ପରିଚାଳନା କରୁଥିଲେ। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱର ଜୟଦେବ ବିହାରସ୍ଥିତ ଫେମିଲାଇଫ୍ ଫର୍ଟିଲିଟି ଫାଉଣ୍ଡେଶନ ପ୍ରାଇଭେଟ୍ ଲିଃ କ୍ଲିନିକ ବିରୋଧରେ ୨୦୧୯ରେ ହୋଇଥିବା ବେଆଇନ କନ୍ୟା ଭ୍ରୁଣ ହତ୍ୟା ମାମଲାରେ ଗତ ଅଗଷ୍ଟ ୨୫ରେ ରାୟ ପ୍ରକାଶ ପାଇଥିଲା। ଏହାର ମାଲିକାଣୀ ତଥା ଡାକ୍ତର ନବନୀତା ପାଢୀଙ୍କୁ ଅଢ଼େଇ ବର୍ଷ ଜେଲଦଣ୍ଡ ସହ ୯ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଥିଲା।

# ଚଢ଼ିଗଲା ମୋ ବସ୍, ମହିଳା ମୃତ

**ଭୁବନେଶ୍ୱର, ୧୨।୯ (ବ୍ୟୁରୋ)**

- ଡେଲ୍‌ଟା ଛକରେ ଉତ୍ତେଜନା
- ଡ୍ରାଇଭରଙ୍କୁ ପିଟି ପୋଲିସ ଜିମା ଦେଲେ ଲୋକେ

ରାଜଧାନୀରେ ମୋ ବସ୍ ଡ୍ରାଇଭରଙ୍କ ବେପରୁଆ ଗାଡିଚାଳନା ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଛି। ସୋମବାର ଖଣ୍ଡଗିରି ଥାନା ଅନ୍ତର୍ଗତ ଡେଲ୍‌ଟା ଛକରେ ମୋ ବସ୍‌ଟି ଏକ ସ୍କୁଟିକୁ ଧକ୍କା ଦେବା ପରେ ଚଢ଼ିଯିବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ଜଣକ ହେଲେ ଭରତପୁର ଥାନା କୋଲଥିଆର କେଦାର ଦାନିଙ୍କ ସ୍ତ୍ରୀ ଜୟଶ୍ରୀ ଦାନି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପଟେ ଦୁର୍ଘଟଣାକୁ ନେଇ ଡେଲ୍‌ଟା ଛକରେ ଚାପା ଉତ୍ତେଜନା ଦେଖାଯାଇଥିଲା। ସ୍ଥାନୀୟ ଲୋକେ ବସ୍ ଡ୍ରାଇଭରଙ୍କୁ ମାଡ଼ ମାରିଥିଲେ। ପୋଲିସ ଦୁର୍ଘଟଣା ଘଟାଇଥିବା ମୋ ବସ୍‌କୁ ଜବତ କରିବା ସହ ଡ୍ରାଇଭରଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

ଜୟଶ୍ରୀ କୌଣସି ଏକ ବ୍ୟାଙ୍କରେ ଚାକିରି କରୁଥିଲେ ବୋଲି ଜଣାପଡିଛି। ସେ ସକାଳେ ତାଙ୍କ ସ୍କୁଟିରେ କର୍ମକ୍ଷେତ୍ରକୁ ଯାଉଥିବାବେଳେ ଡେଲଟା ଛକ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ମୋ ବସ୍ ତାଙ୍କୁ ଧକ୍କା ଦେବାରୁ ସେ ତଳେ ପଡିଯିବା ସହ ଗାଡ଼ି ତଳେ ରହିଯାଇଥିଲେ। ବସ୍‌ର ପଛ ଚକା ଜୟଶ୍ରୀଙ୍କ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।



# ସାଇକେଲରେ କେଦାରନାଥ ଯାତ୍ରା

**କଟକ ଅଫିସ,୧୨।୯**

ସାଇକେଲରେ ଉତ୍ତରାଖଣ୍ଡର ପ୍ରସିଦ୍ଧ କେଦାରନାଥ ଯାତ୍ରା ଆରମ୍ଭ କରିଛନ୍ତି କଟକର ଜଣେ ଯୁବକ। ସୋମାବର ଖାନନଗର ଅଞ୍ଚଳର ଦୀପକ ପ୍ରଧାନ ବାଲିଯାତ୍ରା ପଡ଼ିଆରୁ ସାଇକେଲ ଧରି କେଦାରନାଥ ଯାତ୍ରା ଆରମ୍ଭ କରିଛନ୍ତି। ଏକ ମାସ ମଧରେ ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବେ ବୋଲି ଦୀପକ କହିଛନ୍ତି।

# ନୂତନ ହସ୍ତଶିଳ୍ପ ବଜାର ସୃଷ୍ଟି ଉପରେ ଗୁରୁତ୍ୱ

## ଓଡ଼ିଶାର ପଟ୍ଟଚିତ୍ର କଳାକୁ ନେଇ ଆଲୋଚନାଚକ୍ର




ଆଲୋଚନାଚକ୍ରରେ ଅତିଥିମାନେ 'ଐତିହ୍ୟ ଗାଁ ରଘୁରାଜପୁର' ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ପୁରୀ ଅଫିସ, ୧୨।୯**

ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରଣାଳୟ ଅଧୀନ ବିକାଶ ଆୟୁକ୍ତ (ହସ୍ତଶିଳ୍ପ) ନୂଆଦିଲ୍ଲୀ ସହାୟତାରେ ସୋମବାର ଜିଲା ସଂସ୍କୃତି ଭବନ ପରିସରରେ ରଘୁରାଜପୁରସ୍ଥିତ ହସ୍ତଶିଳ୍ପ ପଟ୍ଟଚିତ୍ର ଉତ୍ପାଦକ କମ୍ପାନୀ ପକ୍ଷରୁ ଦୁଇଦିନିଆ କର୍ମଶାଳା ଓ ଆଲୋଚନାଚକ୍ର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟକ ଭାବେ ବିଶିଷ୍ଟ ସ୍ଥପତି ପଦ୍ମବିଭୂଷଣ ସୁଦର୍ଶନ ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାରତ ସରକାରଙ୍କ ହସ୍ତଶିଳ୍ପ ବିକାଶ ଆୟୁକ୍ତ (ହସ୍ତଶିଳ୍ପ)ର ସହକାରୀ ନିର୍ଦ୍ଦେଶକ ଅଶୋକ କୁମାର ହୋତା ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ବିଶ୍ୱନାଥ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ପରମ୍ପରାର ପ୍ରତିଷ୍ଠାତା ଶିକ୍ଷାବିତ୍ ଭଗବାନ ସ୍ୱାଇଁଙ୍କ ରଚିତ 'ଐତିହ୍ୟ ଗାଁ ରଘୁରାଜପୁର' ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଉକ୍ତ ପୁସ୍ତକ ସମ୍ପର୍କରେ ସାହିତ୍ୟକ ବୀରେନ୍ଦ୍ର ମହାନ୍ତି, ସତ୍ୟନାରାୟଣ ମିଶ୍ର ଓ ମନୋରଞ୍ଜନ ମିଶ୍ର ମତ ରଖିଥିଲେ। କର୍ମଶାଳାରେ ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରଣାଳୟର କ୍ଷେତ୍ର ଅଧିକାରୀ ପ୍ରଦୀପ କୁମାର ଦାଶ, କ୍ଷୁଦ୍ର ଓ ମଧମ ଶିଳ୍ପ ନିର୍ଦ୍ଦେଶାଳୟର ସହ ନିର୍ଦ୍ଦେଶକ ସୁବାସ କୁମାର ସାହୁ ଓ ଦୁର୍ଗାଚରଣ ମିଶ୍ର, ଟ୍ରାଇମେଣ୍ଡର ଆଞ୍ଚଳିକ ପରିଚାଳକ ରାହୁଲ କୁମାର, ଡିଜାଇନର ବିଧି ନଗର, ଜାତୀୟ ପୁରସ୍କାରପ୍ରାପ୍ତ ପଟ୍ଟଚିତ୍ର ଶିଳ୍ପୀ କଳାମଣି ଭ୍ରମରବର ନାୟକ, ପୁରୀ କ୍ରିଏଟିଭ ସୋସାଇଟି ସଭାପତି ଦେବୀ ପ୍ରସନ୍ନ ନନ୍ଦ, ୱାର୍ଲଡ ଆର୍ଟ ସମ୍ପାଦକ ବିପିନ ବିହାରୀ ସାହୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଆଲୋଚକମାନେ ହସ୍ତଶିଳ୍ପ ସାମଗ୍ରୀର ପ୍ୟାକେଜିଂ, ବିଭିନ୍ନ ଯୋଜନା, ନୂତନ ଡିଜାଇନ, ପଟ୍ଟଚିତ୍ର ଶିଳ୍ପର ଭୌଗୋଳିକ ମାନ୍ୟତା ଏବଂ ହସ୍ତଶିଳ୍ପର ନୂତନ ବଜାର ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଶ୍ୟାମ ପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। ବାବା ଆମ୍ବେଦକର ବିକାଶ ଯୋଜନାରେ କାର୍ଯ୍ୟ କରୁଥିବା ହସ୍ତଶିଳ୍ପୀ ଏବଂ ରଘୁରାଜପୁରର ଯୁବ ଶିଳ୍ପୀମାନେ ଉପସ୍ଥିତ ଥିଲେ। ସଂଯୋଜକ ସୁଦର୍ଶନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

### 'ଭାଗବତ ଓଡ଼ିଆ ଜାତିର ପ୍ରାଣ'

**ପୁରୀ ଅଫିସ, ୧୨।୯**

ଶ୍ରୀକ୍ଷେତ୍ରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭାଗବତ ଜନ୍ମ ପାଳିତ ହୋଇଯାଇଛି। ଶ୍ରୀଜଗନ୍ନାଥ ଭକ୍ତ ସମାଜର ସଭାପତି ପଣ୍ଡିତ ଦୟାନିଧି ପଣ୍ଡାଙ୍କ ତତ୍ତ୍ୱାବଧାନରେ ଭାଗବତ ପାଠ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଡ. ବଳରାମ ଦାଶ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. ବଂଶୀଧର ପ୍ରଧାନ ଯୋଗଦେଇ ଭାଗବତ ଓଡ଼ିଆ ଜାତିର ପ୍ରାଣ ଏବଂ ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଶଙ୍କର୍ଷଣ ମଙ୍ଗରାଜ ଯୋଗଦେଇ ପ୍ରତି ଘରେ ଘରେ ଭାଗବତ ପାଠ କରିବା ଆବଶ୍ୟକ ବୋଲି କହିଥିଲେ। ଦୟାନିଧି ପଣ୍ଡା, ପଦ୍ମଚରଣ ମିଶ୍ର, ଡ. ଗୋପାଳକୃଷ୍ଣ କର, ଡ. ପ୍ରଦୀପ ଆଚାର୍ଯ୍ୟ, ପଣ୍ଡିତ ଦୁର୍ଗାଚରଣ ପତି ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ଡ. ଶଶିକାନ୍ତ ରଥ ଧନ୍ୟବାଦ ଦେଇଥିଲେ। ସେହିପରି ସେନାପତି ବଗିଚାସ୍ଥିତ ମା' ମଙ୍ଗଳା ପୀଠରେ ପଣ୍ଡିତ ଦେବୀ ପ୍ରସାଦ ତ୍ରିପାଠୀ ଓ ନିରଞ୍ଜନ ପଣ୍ଡାଙ୍କ ପୌରୋହିତ୍ୟରେ ଭାଗବତ ଜନ୍ମ ପାଳନ କରାଯାଇଥିଲା। ବିଜୟ ଦାଶ, ନାରାୟଣ ଜେନା, ଦାମୋଦର ସ୍ୱାଇଁ, କୈଳାସ ଚନ୍ଦ୍ର ଟିକାୟତରାୟ, ଗୋବିନ୍ଦ ଚନ୍ଦ୍ର ଷଡ଼ଙ୍ଗୀ, ଶଶିକାନ୍ତ ମହାନ୍ତି, ପ୍ରଦୀପ ମହାନ୍ତି, ବିପିନ ବିହାରୀ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।

# ୧୦ ଦିନରେ ୨୨୩୧ ନିଖୋଜ ଉଦ୍ଧାର

## ଓଡ଼ିଶା ପୋଲିସର ସ୍ୱତନ୍ତ୍ର ଅଭିଯାନ

**ଭୁବନେଶ୍ୱର,୧୨।୯ (ବ୍ୟୁରୋ)**

ରାଜ୍ୟର ବିଭିନ୍ନ ଜିଲାରେ ନିଖୋଜଙ୍କୁ ଉଦ୍ଧାର କରିବାକୁ ଓଡ଼ିଶା ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଥିଲା। ସେପ୍ଟେମ୍ବର ୧ରୁ ୧୦ ମଧରେ ଚାଲିଥିବା ଏହି ଅଭିଯାନରେ ୨୨୩୧ଜଣ ନିଖୋଜଙ୍କୁ ଉଦ୍ଧାର କରାଯାଇଛି। ଉପରୋକ୍ତ ନିଖୋଜଙ୍କ ମଧରେ ୧୫୩୬ ମହିଳା, ୩୯୦ ପୁରୁଷ, ୨୭୨ ନାବାଳିକା ଏବଂ ୩୩ ନାବାଳକ ରହିଛନ୍ତି। ଏନେଇ ସୋମବାର କ୍ରାଇମବ୍ରାଞ୍ଚ ପକ୍ଷରୁ ଏହି ସୂଚନା ଦିଆଯାଇଛି। ତେବେ ପୂର୍ବରୁ ରାଜ୍ୟ ପୋଲିସ ପକ୍ଷରୁ ଏଭଳି ସ୍ୱତନ୍ତ୍ର ଅଭିଯାନ କରାଯାଇ ଏକାଧିକ ନିଖୋଜଙ୍କୁ ମଧ ଉଦ୍ଧାର କରାଯାଇଥିବା ନଜିର ରହିଛି।

# ବୁଣାକାରଙ୍କୁ ମିଳୁନି ସହାୟତା

**ପିପିଲି,୧୨।୯(ସ୍ୱ.ପ୍ର.):**

ରାଜ୍ୟ ସରକାର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଏବଂ ବିଭିନ୍ନ ହସ୍ତତନ୍ତ କାରିଗରଙ୍କ ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ ହୋଇଛି। ହେଲେ ଯୋଜନା କେତେଦୂର କାର୍ଯ୍ୟକାରୀ ହେଉଛି ତାହା ଦେଖିବାକୁ କେହି ନାହାନ୍ତି।

ସୂଚନାଯୋଗ୍ୟ, ପିପିଲି ବ୍ଲକ ଅନ୍ତର୍ଗତ ରୂପଦେଈପୁର ପଞ୍ଚାୟତର ମଉଜୁବେଗ ଗ୍ରାମରେ ୫୦୦ରୁ ଊର୍ଦ୍ଧ୍ୱ ବୁଣାକାର ପରିବାର ବସବାସ କରୁଛନ୍ତି। ସେମାନେ ଲୁଗା, ଗାମୁଛା, ଧୋତି, ଶାଢ଼ି ଆଦି ବୁଣି ରାଜ୍ୟର ବିଭିନ୍ନ ଅଞ୍ଚଳକୁ ବିକ୍ରୟ କରିବା ପାଇଁ ପଠାଇଥାନ୍ତି।



ବୁଣାକାରଙ୍କ ପାଇଁ ବିଭିନ୍ନ ସରକାରୀ ସହାୟତା ଆସୁଥିଲେ ମଧ କେତେକ ବୁଣାକାର ଏହି ଯୋଜନାର ସୁବିଧା ପାଉଥିବାବେଳେ ଆଉ କେତେକ ଏ ପର୍ଯ୍ୟନ୍ତ ଉକ୍ତ ଯୋଜନାରୁ ବଞ୍ଚିତ ରହିଛନ୍ତି। ଉକ୍ତ ଗ୍ରାମର ୮୦ ବର୍ଷୀୟ ମହିଳା ବେଙ୍ଗ ପୃଷ୍ଟି ବୁଣାବୁଣି କରି ପରିବାର ଚଳାନ୍ତି। ସେ ଭଙ୍ଗା ଘରେ ରହୁଥିଲେ ମଧ ତାଙ୍କ ପାଖରେ କେବଳ ରାଶନ କାର୍ଡ ବ୍ୟତୀତ ଇନ୍ଦିରା ଆବାସ ଏବଂ ବୁଣାକାରମାନଙ୍କ ପାଇଁ ଥିବା ଯୋଜନା ପାଇପାରି ନ ଥିବା ସେ ପ୍ରକାଶ କରିଛନ୍ତି। ବର୍ଷା ଦିନରେ ଭଙ୍ଗା ଘରେ ଚଳିବା ତାଙ୍କୁ କଷ୍ଟକର ହୋଇପଡୁଥିବା ସେ କହିଛନ୍ତି। ଏଭଳି ପରିସ୍ଥିତିରେ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ଘର ଏବଂ ସହାୟତା ଯୋଗାଇ ଦେବାକୁ ସେ ନିବେଦନ କରିଛନ୍ତି।

### କେନାଲକୁ ଭରସା କରି ଚାଷୀ ନିରାଶ

**କାକଟପୁର, ୧୨।୯(ଡି.ଏନ୍.ଏ)**

କାକଟପୁର ବ୍ଲକରେ ଚାଷଜମିର ପରିମାଣ ପ୍ରତିବର୍ଷ ହ୍ରାସ ପାଇଚାଲିଛି। ଚଳିତବର୍ଷ ୭୮୦୦ ହେକ୍ଟର ଜମିରେ ଚାଷକାର୍ଯ୍ୟ କରାଯାଇଛି। ଚଳିତବର୍ଷ ଏହି ସମୟରେ ଅଧିକ ବର୍ଷା ହୋଇଥିବା ରେକର୍ଡ କରାଯାଇଥିଲେ ମଧ ଚାଷକାର୍ଯ୍ୟ ଆଗେଇ ପାରିନାହିଁ। ବର୍ଷା ହେଉ ନ ଥିବାବେଳେ ଲଘୁଚାପ ବର୍ଷା ଚାଷୀଙ୍କ ଆବଶ୍ୟକତା ପୂରଣ କରିପାରିନାହିଁ। ୪୦ ପ୍ରତିଶତ ଜମି ପଡ଼ିଆ ପଡ଼ିଥିବା ବେଳେ ଉଠାଜଳସେଚନ ପଏଣ୍ଟ ଓ କେନାଲ ଜଳସେଚନ ଉପରେ ନିର୍ଭର କରୁଥିବା ଅଧିକାଂଶ ଚାଷୀଙ୍କ ତଳି ରୌଦ୍ରତାପରେ ଜଳି ନଷ୍ଟ ହୋଇଗଲାଣି। ଜଳାଭାବରୁ ଜମି ଫାଟିଲାଣି। ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଉନ୍ନୟନ କାର୍ଯ୍ୟ ପାଇଁ ଚିଠି ଲେଖିଲେ ବିଧାୟକ

**ବାଲିପାଟଣା,୧୨।୯(ଡି.ଏନ୍.ଏ.):**

ଜୟଦେବ ନିର୍ବାଚନମଣ୍ଡଳୀରେ ବିକାଶମୂଳକ କାର୍ଯ୍ୟ କରାଯିବା ନେଇ ଜନସାଧାରଣଙ୍କ ପକ୍ଷରୁ ସ୍ଥାନୀୟ ବିଧାୟକ ଡ. ଅରବିନ୍ଦ ଢାଲିଙ୍କୁ ଅବଗତ କରାଯାଇଥିଲା। ତେବେ କିଛି ସୁଫଳ ନ ମିଳିବାରୁ ବିଭିନ୍ନ ଅଞ୍ଚଳର ବୁଦ୍ଧିଜୀବୀ ବିଧାୟକଙ୍କ ନିକଟରେ ପୁଣି ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ତୁରନ୍ତ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗକୁ ଚିଠି ଲେଖିଥିବା ବିଧାୟକ ଢାଲି କହିଛନ୍ତି। ବାଲିପାଟଣା ବ୍ଲକ ଅଧୀନ ବିଶ୍ୱନାଥପୁର ଭାୟା କିଆଜୋରି ସଠିଲ ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଅନ୍ତର୍ଭୁକ୍ତ, ରାଜସ ପଞ୍ଚାୟତ ଅଧୀନ କୃଷ୍ଣପୁର ବ୍ରିଜକୁ ଉଞ୍ଚା କରାଯିବା, ଧନୁଆ ଜିରୋ ପଏଣ୍ଟରେ ପୋଲ, ବାଲିପାଟଣା ହାଟ ଠାରୁ ଛକ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ବର୍ଷାଜଳ ନିଷ୍କାସନ ପାଇଁ ପ୍ରସ୍ତାବିତ ଡ୍ରେନ ପାଇଁ ଅର୍ଥ ମଞ୍ଜୁର, ବାଲିପାଟଣା ଛକରେ ଅଧାପନ୍ତରିଆ ହୋଇରହିଥିବା ଶିଶୁ ଅନନ୍ତ ତୋରଣ କାର୍ଯ୍ୟ ଶେଷ କରିବା, ଗାରେଡିପାଞ୍ଚଣସ୍ଥିତ ବୁଦ୍ଧନାଥ ମନ୍ଦିରର ଚାପ ପୋଖରୀରେ ସୌନ୍ଦର୍ଯ୍ୟକରଣ ପାଇଁ ମଞ୍ଜୁର କାର୍ଯ୍ୟ ଶେଷ କରିବା ପାଇଁ ଚିଠିରେ ଉଲ୍ଲେଖ କରିଛନ୍ତି। ଏହି ଚିଠିର ନକଲ ବିଭାଗୀୟ ସଚିବ, ବିଭାଗୀୟ ମନ୍ତ୍ରୀଙ୍କୁ ମଧ ଦିଆଯାଇଥିବା ବିଧାୟକ ଢାଲି କହିଛନ୍ତି।

# ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ

**ପୁରୀ ଅଫିସ,୧୨।୯:**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ପୁରୀ ସଂସ୍କୃତି ଭବନସ୍ଥିତ ଆର୍ଟ ଗ୍ୟାଲେରୀରେ ସୋମବାର ବର୍ଷା ଶୀର୍ଷକ ଏକ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଛି। ବରିଷ୍ଠ ଚିତ୍ରଶିଳ୍ପୀ ବିଜୟ କୁମାର ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ବର୍ଷାଋତୁର ବିଭିନ୍ନ ଘଟଣାବଳୀକୁ ନେଇ ଶିଳ୍ପୀମାନଙ୍କ ଦ୍ୱାରା ସୃଜନଶୀଳ ଛବିମାନ ଏହି ପ୍ରଦର୍ଶନୀରେ ଦେଖିବାକୁ ମିଳିଛି। ଏକାଡେମୀର ସଚିବ ପଞ୍ଚାନନ ସାମଲ ଅତିଥି ପରିଚୟ ପ୍ରଦାନ ପୂର୍ବକ ଏକାଡେମୀ ଦ୍ୱାରା ସଂଗୃହୀତ ୪୦ ଜଣ ଶିଳ୍ପୀଙ୍କ ଛବିକୁ



ନେଇ ଏହି ପ୍ରଦର୍ଶନୀ ଆୟୋଜିତ ହୋଇଥିବା କହିଥିଲେ। ବର୍ଷାଋତୁରେ ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନସ୍ଥଳୀର ଦୃଶ୍ୟ, ମୟୁରୀର ନାଚ, ମେଘ ମହ୍ଲାର, ଆଦିବାସୀ ଗ୍ରାମରେ ପୂଜାପାର୍ବଣ, ପଦ୍ମପୋଖରୀରେ ନାୟିକା, ଚାଷୀଙ୍କ ଉଲ୍ଲାସ ଭଳି ଅନେକ ବିଷୟବସ୍ତୁକୁ ନେଇ ଚିତ୍ରକଳା ପ୍ରଦର୍ଶିତ ହୋଇଛି।

# ଏମ୍ସରେ ସ୍ଥାପନ ହେବ ଅତ୍ୟାଧୁନିକ ଲିନାକ୍ ମେଶିନ

**ଭୁବନେଶ୍ୱର, ୧୨।୯(ବୁରୋ)**

## କର୍କଟ ରୋଗୀଙ୍କୁ ମିଳିବ ଉନ୍ନତ, ଦ୍ରୁତ ଚିକିତ୍ସା

ଏମ୍ସ ଭୁବନେଶ୍ୱରରେ କର୍କଟ ରୋଗୀଙ୍କୁ ଉନ୍ନତ ତଥା ଦ୍ରୁତ ଚିକିତ୍ସା ସୁବିଧା ମିଳିବ। ଏଥିପାଇଁ ଅତ୍ୟାଧୁନିକ ଲିନାକ୍ ମେଶିନ ସ୍ଥାପନ ହେବ। ପୂର୍ବରୁ ଏଠାରେ ଏକ ଲିନାକ୍ ମେଶିନ ରହିଥିଲେ ମଧ ଏହି ନୂଆ ମେଶିନରେ ଅତ୍ୟାଧୁନିକ ରେଡିଓଥେରାପି ଯେପରିକି ଏସ୍‌ବିଆର୍‌ଟି, ଏସ୍‌ଆର୍‌ଏସ୍, ଏସ୍‌ଆର୍‌ଟି, ଆଇଏମ୍‌ଆର୍‌ଟି, ଆଇଜିଆର୍‌ଟି ଭଳି ଚିକିତ୍ସା କରାଯାଇପାରିବ। ଏହି ମେଶିନ ଦ୍ୱାରା ଟ୍ୟୁମରରେ ଅଧିକ ରେଡିଏଶନ ଡୋଜ୍ ଦେବା ଏବଂ ସାଧାରଣ ଟିସୁରେ ଅଳ୍ପ ଡୋଜ୍‌ର ରେଡିଏଶନ ଦେଇ ଚିକିତ୍ସା କରାଯାଇପାରିବ। ଫଳରେ କୌଣସି ସମ୍ବେଦନଶୀଳ ସ୍ଥାନ ଯେପରିକି ମସ୍ତିଷ୍କ, ଖପୁରି, ଆଖି, ମେରୁଦଣ୍ଡ, କିଡ୍‌ନୀ, ଲିଭର ପାଖରେ ଟ୍ୟୁମର ହୋଇଥିଲେ ତାହା ନଷ୍ଟ ହେବ ନାହିଁ। ଆଖି ପାଖରେ ଟ୍ୟୁମର ହୋଇଥିଲେ କେବଳ ଟ୍ୟୁମର ସ୍ଥାନକୁ ଅଧିକ ଡୋଜ୍ ରେଡିଏଶନ ଦେଇ ନଷ୍ଟ କରାଯିବ ଏବଂ ସାଧାରଣ ଟିସୁକୁ କମ୍ ଡୋଜ୍ ଦେଇ ବଞ୍ଚାଇହେବ।

ଏଭଳି ଅତ୍ୟାଧୁନିକ ଚିକିତ୍ସା ସୁବିଧା ଥିବା ଲିନାକ ମେଶିନ ଓଡ଼ିଶାରେ ପ୍ରଥମଥର ପାଇଁ ଏମ୍ସର ରେଡିଏଶନ ଅଙ୍କୋଲୋଜି ବିଭାଗରେ ସ୍ଥାପନ କରାଯିବ। ଏଥିପାଇଁ ସୋମବାର ପୂଜାର୍ଚ୍ଚନା ସହ ମେଶିନ ସ୍ଥାପନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଆଶୁତୋଷ ବିଶ୍ୱାସ, ରେଡିଏଶନ ଅଙ୍କୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଡା. ଦିଲୀପ କୁମାର ପରିଡ଼ାଙ୍କ ସମେତ ଅନ୍ୟ ଫାକଲ୍‌ଟିମାନେ ଉପସ୍ଥିତ ଥିଲେ। ୨୦୨୩ ଜାନୁୟାରୀ ସୁଦ୍ଧା ମେଶିନ ସ୍ଥାପନ କାର୍ଯ୍ୟ ସରିବ। ମୁମ୍ବାଇ ଆଟୋମିକ ଏନର୍ଜି ରେଗୁଲେଟୋରି ବୋର୍ଡର ଅନୁମୋଦନ ପରେ ଚିକିତ୍ସା ସେବା ଆରମ୍ଭ କରାଯିବ ବୋଲି ଏମ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ୨୦୨୧ରେ ଏହି ବିଭାଗ ୨୫ ହଜାରରୁ ଊର୍ଦ୍ଧ୍ୱ କର୍କଟ ରୋଗୀଙ୍କୁ କେମୋ, ରେଡିଏଶନ, ପେନ୍ ଏବଂ ପାଲିଏଟିଭ୍ ଥେରାପି ଭଳି ଚିକିତ୍ସା ସେବା ଯୋଗାଇ ଦେଇଛି। ଏବେ ଦିନକୁ ହାରାହାରି ୮୫ଜଣ କର୍କଟ ରୋଗୀ ଚିକିତ୍ସିତ ହେଉଛନ୍ତି। ଅତ୍ୟାଧୁନିକ ଲିନାକ୍ ମେଶିନ ଲାଗିବା ପରେ ଲୋକଙ୍କୁ ଆଉ ଚିକିତ୍ସା ଓ ପରୀକ୍ଷାନିରୀକ୍ଷା ପାଇଁ ଆଉ ଅଧିକ ଦିନ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ଏଥିସହ ଉନ୍ନତ ତଥା ସଫଳ ଚିକିତ୍ସା ପ୍ରଦାନରେ ଏହା ବେଶ୍ ସହାୟକ ହେବ।

## ସଂକ୍ଷେପରେ

### ଅକ୍ଟୋବର ୪ରୁ କୁଞ୍ଜେଶ୍ୱରୀ ଶାରଦୀୟ ମହୋତ୍ସବ

କଣାସ,୧୨।୯(ସ୍ୱ.ପ୍ର.): ଆସନ୍ତା ଅକ୍ଟୋବର ୪ରୁ ୯ ତାରିଖ ପର୍ଯ୍ୟନ୍ତ ସପ୍ତଦଶ କୁଞ୍ଜେଶ୍ୱରୀ ଶାରଦୀୟ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ସେଥିପାଇଁ କଣାସ ପଞ୍ଚାୟତ ସମିତି ନିକଟବର୍ତ୍ତୀ ଜନମଙ୍ଗଳ କ୍ଲବ ପରିସରରେ ମହୋତ୍ସବର ପ୍ରସ୍ତୁତି ବୈଠକ ସୋମବାର ଆୟୋଜିତ ହୋଇଯାଇଛି। ବ୍ଲକ ସମିତି ସଦସ୍ୟ ଲକ୍ଷ୍ମୀଧର ଜଗଦେବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ୨ ବର୍ଷ ଧରି କରୋନା ପରେ ଚଳିତବର୍ଷ କିପରି ମହୋତ୍ସବ ଶାନ୍ତି ଶୃଙ୍ଖଳାର ସହ ହେବ ସେନେଇ ଆଲୋଚନା ହୋଇଥିଲା। ପ୍ରତିବର୍ଷ ପରି ଏବର୍ଷ ମଧ ମହୋତ୍ସବର ସ୍ମରଣିକା ପ୍ରକାଶନ ହେବ। ସେଥିପାଇଁ ସାହିତ୍ୟ, କଣାସର ଆଞ୍ଚଳିକ ଐତିହ୍ୟ, ସଂସ୍କୃତି ଓ ପରମ୍ପରା ସମ୍ବଳିତ ଲେଖା ସେପ୍ଟେମ୍ବର ୨୦ ସୁଦ୍ଧା ସମ୍ପାଦକ ଜନମଙ୍ଗଳ କ୍ଲବ, କଣାସ, ପୁରୀ, ପିନ୍-୭୫୨୦୧୭ରେ ପଠାଇବାକୁ କୁହାଯାଇଛି।

### ଦୀକ୍ଷାଶାଳା' ଉଦ୍‌ଯାପିତ

ପୁରୀ ଅଫିସ, ୧୨।୯: ସ୍ୱାଧୀନତାର ୭୫ତମ ଅମୃତ ମହୋତ୍ସବ ଅବସରରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଆୟୋଜିତ ୫ଦିନିଆ ଓଡ଼ିଶୀ ନୃତ୍ୟ ଶିକ୍ଷା ପ୍ରଶିକ୍ଷଣ ଶିବିର 'ଦୀକ୍ଷାଶାଳା' ସୋମବାର ଉଦଯାପିତ ହୋଇଯାଇଛି। ଏହି ଶିବିରରେ ୨୦ ଜଣ ନୃତ୍ୟଶିଳ୍ପୀ ଯୋଗଦେଇଥିଲେ। ନୃତ୍ୟଶିଳ୍ପୀ ନନ୍ଦିତା ପ୍ରିୟଦର୍ଶିନୀ, ସ୍ୱାତୀ, ସୀମା, ଅଙ୍କିତା, ଯଶସ୍ୱିନୀ, ପ୍ରୀତିପର୍ଣ୍ଣା, ସୁହାସିନୀ, ମ୍ରିଣାଲୀନି, ସୁଶ୍ରୀ, ଅର୍ଚ୍ଚନା, ଲକ୍ଷ୍ମୀପ୍ରିୟା, ରାଜଲକ୍ଷ୍ମୀ, ଗୀତାଞ୍ଜଳି ଏବଂ କୁମାର ଭୀମସେନ ପ୍ରମୁଖ ନୃତ୍ୟଶିଳ୍ପୀ ଯୋଗଦେଇଥିଲେ। ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା, ନୃତ୍ୟ ଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟ, ନୃତ୍ୟଗୁରୁ ନାରାୟଣ ପାଣ୍ଡେ, ନୃତ୍ୟଗୁରୁ କୃଷ୍ଣ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପରେ ଜିଲ୍ଲା ସଂସ୍କୃତି ବିଭାଗ ଅଧିକାରୀଙ୍କ ଦ୍ୱାରା ସମସ୍ତ କଳାକାରଙ୍କୁ ମାନପତ୍ର ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା।

### ଦାମୋଦରପୁର, ଲୁଣିପଡ଼ାକୁ ରାଜସ୍ୱ ଗ୍ରାମ ମାନ୍ୟତା ଦାବି

ପୁରୀ ଅଫିସ, ୧୨।୯: କଣାସ ବ୍ଲକ ବିନ୍ଧଣ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଦାମୋଦରପୁର ଓ ଲୁଣିପଡ଼ାକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବାକୁ ଦାବି କରି ସୋମବାର ଦାମୋଦରପୁର ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥିସହ ଜିଲାପାଳ ସମର୍ଥ ବର୍ମାଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଛନ୍ତି। କଣାସ ବ୍ଲକ ବିନ୍ଧଣ ପଞ୍ଚାୟତର ମୂଳ ରାଜସ୍ୱ ଗ୍ରାମ ବାଲିପଡ଼ାଠାରୁ ଦୁଇଟି ପଡ଼ା ଗ୍ରାମ ଦାମୋଦରପୁର ଓ ଲୁଣିପଡ଼ା ରାଜସ୍ୱ ଗ୍ରାମ ପାଇଁ ୨୦୦୨ ମସିହାରେ ସରକାରଙ୍କ ରାଜସ୍ୱ ବିଭାଗ ନିକଟରେ ଆବେଦନ କରାଯାଇଥିଲା। ଆବେଦନ ଅନୁଯାୟୀ ସେହି ସମୟରେ ବିଭାଗ ପକ୍ଷରୁ ତଦନ୍ତ କରାଯାଇ ତିନୋଟି ଗ୍ରାମର ଲୋକଙ୍କ ସହ ଆଲୋଚନା କରି ରାଜସ୍ୱ ଗ୍ରାମ କରିବା ପାଇଁ ରେଭିନ୍ୟୁ ଡାଇରେକ୍ଟର କେସ ନଂ. ୭୨/୨୦୦୨ ଏକ ଚିଠି କରି ଜିଲାପାଳ ପୁରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ଜିଲାପାଳଙ୍କ ଚିଠି ନଂ. ୪୮୧/ଏସ୍‌ଏଲ୍‌ଆର୍ ୨୦୧୫ ଅଗଷ୍ଟ ୧୧ରେ କଣାସ ତହସିଲଦାରଙ୍କୁ ତୁରନ୍ତ ତଦନ୍ତ କରି ମୌଜା ଚିହ୍ନଟ କରି ଦାମୋଦରପୁର ଓ ଲୁଣି ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଦୀର୍ଘଦିନ ବିତି ଯାଇଥିଲେ ମଧ ଉକ୍ତ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳିପାରିଲା ନାହିଁ। ଏହା ଦୁଃଖ ଓ ପରିତାପର ବିଷୟ। ତେଣୁ ପ୍ରଶାସନ ତୁରନ୍ତଦାବି ପୂରଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ତୁରନ୍ତ ପଦକ୍ଷେପ ନେବାକୁ ଅତିରିକ୍ତ ଜିଲାପାଳ କୈଳାସ ନାୟକଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ଗ୍ରାମବାସୀ କହିଛନ୍ତି।

### ୫ ପ୍ରତିଭା ପାଇବେ ଧନେଶ୍ୱର ରଥ ସ୍ମୃତି ସମ୍ମାନ

କଟକ ଅଫିସ,୧୨।୯- ବିଭିନ୍ନ କ୍ଷେତ୍ରରେ ରାଜ୍ୟ ତଥା ଦେଶର ଗୌରବ ବୃଦ୍ଧି କରିଥିବା ୫ଜଣ ପ୍ରତିଭାଧରଙ୍କୁ ଧନେଶ୍ୱର ରଥ ସ୍ମୃତି ସମ୍ମାନ-୨୦୨୨ ପ୍ରଦାନ ଲାଗି ମନୋନୀତ କରାଯାଇଛି। ଏମାନେ ହେଲେ ବିଶିଷ୍ଟ ଶାସ୍ତ୍ରୀୟ ସଙ୍ଗୀତ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଡ. ଶ୍ୟାମାମଣି ଦେବୀ, ବରିଷ୍ଠ ଦଇତାପତି ସେବକ ତଥା ଶ୍ରୀଜୀଉଙ୍କ ମୁଖ୍ୟ ବାଡଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର, ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଡ. କମଳାକାନ୍ତ ମିଶ୍ର, କେନ୍ଦ୍ରୀୟ ରେଡକ୍ରସ ରକ୍ତ ଭଣ୍ଡାରର ନିର୍ଦ୍ଦେଶକ ଡା. ଚନ୍ଦ୍ରିକା ପ୍ରସାଦ ଦାସ ଏବଂ ଭାରତୀୟ କ୍ରିକେଟ ତାରକା ଶୁଭ୍ରାଂଶୁ ସେନାପତି। ଧନେଶ୍ୱର ରଥ ଫାଉଣ୍ଡେଶନ ପକ୍ଷରୁ ଆସନ୍ତା ୧୯ତାରିଖ ପୂର୍ବାହ୍ନ ୧୧.୩୦ରେ ଟାଙ୍ଗୀସ୍ଥିତ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନର ଜୟଶ୍ରୀ ଅଡିଟୋରିୟମ୍‌ରେ କର୍ମଯୋଗୀ ସ୍ୱର୍ଗତ ଧନେଶ୍ୱର ରଥଙ୍କ ୨୮ତମ ପୁଣ୍ୟତିଥି ଅବସରରେ ହେବାକୁ ଥିବା 'ପୂଜ୍ୟ ପୂଜା ସମାରୋହ'ରେ ଏହି ସମ୍ମାନ ପ୍ରଦାନ କରାଯିବ। ସନାତନ ଧର୍ମ, ଦର୍ଶନର ବିଶିଷ୍ଟ ପ୍ରବକ୍ତା ଡ. ଶ୍ରୁତି ସାଗର ସରସ୍ୱତୀ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ଫାଉଣ୍ଡେଶନ୍‌ର କାର୍ଯ୍ୟକାରୀ ଅଧକ୍ଷ ବଳରାମ କର ସୂଚନା ଦେଇଛନ୍ତି।

# ୧୭ ବର୍ଷ ପରେ ବି ପ୍ରତିଶ୍ରୁତି ପାଣିର ଗାର

- ଖେଲାରରେ ଫାଣ୍ଡି ପ୍ରତିଷ୍ଠା ଆଶା ମଉଳୁଛି
- ପୋଲିସ ସହାୟତା କେନ୍ଦ୍ର ଜରାଜୀର୍ଣ୍ଣ

**ନିମାପଡ଼ା,୧୨।୯(ଡି.ଏନ୍.ଏ.):**

ନିମାପଡ଼ା ବ୍ଲକ ଅନ୍ତର୍ଗତ ଖେଲାରଠାରେ ଏକ ଫାଣ୍ଡି ପ୍ରତିଷ୍ଠା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ପୋଲିସ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ, ସ୍ଥାନୀୟ ବିଧାୟକ, ମନ୍ତ୍ରୀଙ୍କ ନିକଟରେ ଦୀର୍ଘବର୍ଷ ଧରି ଦାବି ହୋଇ ଆସୁଛି। ୨୦୦୫ରେ ତତ୍‌କାଳୀନ ବିଧାୟକ ବାଇଧର ମଲ୍ଲିକ, ପୋଲିସ ଡିଜି, ଆଇଜି ବି.ବି. ମିଶ୍ର, ଡିଆଇଜି ସନ୍ତୋଷ ଉପାଧ୍ୟାୟ, ଏସ୍‌ପି ସୌମେନ୍ଦ୍ର ପ୍ରିୟଦର୍ଶୀ ପ୍ରମୁଖଙ୍କ ଉପସ୍ଥିତିରେ ଜୁନ୍ ୨୩ରେ ନିମାପଡ଼ାଠାରେ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ଉଦ୍‌ଘାଟନ ହୋଇଥିଲା। ସେହି ସମାରୋହରେ ଖେଲାରଠାରେ ଖୁବ୍‌ଶୀଘ୍ର ଏକ ଫାଣ୍ଡି ପ୍ରତିଷ୍ଠା କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ପ୍ରତିଶ୍ରୁତିକୁ ଇତିମଧରେ ୧୭ ବର୍ଷ ବିତିଯାଇଥିଲେ ମଧ ଫାଣ୍ଡି ପ୍ରତିଷ୍ଠା ଦିଗରେ ପ୍ରଶାସନିକ ପଦକ୍ଷେପ ନିଆଯାଇନାହିଁ। ପୋଲିସ ପ୍ରଶାସନ, ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ, ନିର୍ବାଚିତ ଲୋକ ପ୍ରତିନିଧି, ରାଜନେତାଙ୍କ ଫମ୍ପା ପ୍ରତିଶ୍ରୁତି ଖେଲାର ଅଞ୍ଚଳବାସୀଙ୍କ ପାଇଁ ପ୍ରହସନ ପାଲଟିଥିବା ସାମାଜିକ କର୍ମୀ ତପନଜ୍ୟୋତି ବରିହା, ଆଦିତ୍ୟ ନାରାୟଣ ସାହୁ, ରତ୍ନାକର ପରିଡା, ଫକୀର ଚରଣ ପ୍ରଧାନ, ରାମଚନ୍ଦ୍ର ସାହୁ ପ୍ରମୁଖ କହିଛନ୍ତି। ଖେଲାର ବଜାର ହେଉଛି ନିମାପଡ଼ା, ପିପିଲି, ବଳଙ୍ଗା ଅଞ୍ଚଳର କେନ୍ଦ୍ରସ୍ଥଳ। ଏଠାରେ କଅଁରପୁର କଲେଜ, ଚିନ୍ତାମଣି ବିଦ୍ୟାପୀଠ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବ୍ୟବସାୟିକ ଜାତୀୟକରଣ ବ୍ୟାଙ୍କ, ବହୁ ଶିକ୍ଷାନୁଷ୍ଠାନ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପ୍ରଭୃତି ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନ ରହିଛି। ଜନସଂଖ୍ୟା, ଆୟତନ, ପରିସୀମା, ଭୌଗୋଳିକ ସ୍ଥିତି ଦୃଷ୍ଟିରୁ ଖେଲାରଠାରେ ନୂତନ ଫାଣ୍ଡି ପ୍ରତିଷ୍ଠା ପାଇଁ ସମସ୍ତ ପ୍ରକାର ଭିତ୍ତିଭୂମି ରହିଛି। ଦୈନିକ ଖେଲାର ବଜାର ଦେଇ ଭୁବନେଶ୍ୱର, ପୁରୀ, କଟକ, ଗୋପ, କୋଣାର୍କ, କାକଟପୁର, ଅସ୍ତରଙ୍ଗ, ନିମାପଡ଼ା, ନୟାହାଟ, ଚାରିଛକ, ବଳଙ୍ଗା ଅଞ୍ଚଳକୁ ବହୁ ଯାତ୍ରୀବାହୀ ବସ୍, ଟ୍ରକ୍, କାର୍ ଆଦି ଯାନବାହନ ଯାତାୟାତ କରୁଥିବାବେଳେ ବଜାରରେ ଦୈନିକ ୧୦/୧୫ ହଜାର ଲୋକଙ୍କ ସମାଗମ ହୋଇଥାଏ। ଜନଗହଳି, ଯାନବାହନ ଯୋଗୁ ଦୈନିକ ଟ୍ରାଫିକ୍ ସମସ୍ୟା ସହ ଅନେକ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଏହି ଅଞ୍ଚଳରେ ଚୋରି, ଡକାୟତି, ରାହାଜାନି, ନିଶାଦ୍ରବ୍ୟ କାରବାର ବୃଦ୍ଧି ପାଇବାରେ ଲାଗିଛି। ଏଭଳି ପରିସ୍ଥିତିକୁ ଆଖି ଆଗରେ ରଖି ଗତ କିଛି ବର୍ଷ ତଳେ ନିମାପଡ଼ା ଥାନା ପକ୍ଷରୁ ଏକ କ୍ୟାବିନରେ ପୋଲିସ ସହାୟତା କେନ୍ଦ୍ର ଖୋଲାଯାଇଥିଲା। ଫଳରେ ସ୍ଥାନୀୟ ଅଞ୍ଚଳର ଲୋକେ କେତେକାଂଶରେ ଉପକୃତ ହେଉଥିଲେ, କିନ୍ତୁ ଏହା ପରେ ବନ୍ଦ ହୋଇଗଲା। ସେହି କେନ୍ଦ୍ର ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି। ଗତ କିଛି ଦିନ ତଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚାରିଛକ ଫାଣ୍ଡିକୁ ନୂତନ ଥାନାର ମାନ୍ୟତା ଦେଇଥିବାବେଳେ ଖେଲାରଠାରେ ଫାଣ୍ଡି ପ୍ରତିଷ୍ଠା ପାଇଁ ଦୃଷ୍ଟି ଦିଆ ନ ଯିବାରୁ ଅଞ୍ଚଳବାସୀଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଧନୁଆଁ, ଶଗଡା, ରେଞ୍ଚ, ବଡମାଛପୁର, ହରିପୁର, ଗଡପଦନପୁର, ଶାଇଁସ ଶାସନ ଓ ବାଲିପାଟଣା ବ୍ଲକର ରାଜସ ଆଦି ପଞ୍ଚାୟତବାସୀଙ୍କ ଧନଜୀବନର ସୁରକ୍ଷା, ଟ୍ରାଫିକ୍ ସମସ୍ୟା, ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବା ପାଇଁ ଖେଲାରଠାରେ ନୂତନ ଫାଣ୍ଡି ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ପୋଲିସ ଡିଜି, ଡିଆଇଜି ପ୍ରମୁଖ ଦୃଢ ପଦକ୍ଷେପ ନେବାକୁ ସରପଞ୍ଚ ଦେବାଶିଷ୍ ଆଚାର୍ଯ୍ୟ, ମମତା ପରିଡା, ମଧୁସ୍ମିତା ସାହୁ, ଅଶୋକ ଭୋଇ, ସମିତି ସଭ୍ୟ ସନ୍ଧ୍ୟାରାଣୀ ରଥ, ଜୟଦେବ ସ୍ୱାଇଁ, ତପନ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।

ଏ ସମ୍ପର୍କରେ ଦୀର୍ଘବର୍ଷ ଧରି ପ୍ରଶାସନ ପାଖରେ ଦାବି ହୋଇ ଆସୁଥିଲେ ମଧ ପ୍ରଶାସନର ଅବହେଳା ଯୋଗୁ ଖେଲାରରେ ଫାଣ୍ଡି ପ୍ରତିଷ୍ଠା ହୋଇ ପାରି ନ ଥିବା ସ୍ଥାନୀୟ ବାସିନ୍ଦା ପ୍ରମୋଦ ବରାଳ କହିଛନ୍ତି।

ଖେଲାରରେ ଫାଣ୍ଡି ପ୍ରତିଷ୍ଠା ହେବାର ଯଥେଷ୍ଟ ଯଥାର୍ଥତା, ଭିତ୍ତିଭୂମି ରହିଥିଲେ ମଧ ଏହି ଅଞ୍ଚଳରେ ଫାଣ୍ଡି ପ୍ରତିଷ୍ଠା ନ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବିଷୟ। ସରକାର ଏବଂ ପ୍ରଶାସନ ଏ ବିଷୟରେ ଦୃଷ୍ଟି ଦେବାକୁ ଫକୀର ପରିଡା ନିବେଦନ କରିଛନ୍ତି।

ଏନେଇ ଏସ୍‌ଡିପିଓ ଦେବାଶିଷ ମିଶ୍ରଙ୍କୁ ପଚାରିବାରେ, ଖେଲାରଠାରେ ନୂତନ ଫାଣ୍ଡି ପ୍ରତିଷ୍ଠା ପାଇଁ ବହୁ ପୂର୍ବରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବ ଦିଆଯାଇଛି। ଫାଣ୍ଡି ପ୍ରତିଷ୍ଠା କରିଗଲେ ନିମାପଡ଼ା ବ୍ଲକର ଖେଲାର ନିକଟସ୍ଥ ୭ ପଞ୍ଚାୟତବାସୀ ବହୁଳ ଭାବେ ଉପକୃତ ହେବା ସହ ତ୍ୱରିତ ପୋଲିସ ସେବା ପାଇପାରିବେ ବୋଲି ମିଶ୍ର କହିଛନ୍ତି।


ଜରାଜୀର୍ଣ୍ଣ ହୋଇ ପଡିଥିବା ପୋଲିସ ସହାୟତା କେନ୍ଦ୍ର ।

### ୧୫ତାରିଖ ପର୍ଯ୍ୟନ୍ତ ଚାଲିବ ସ୍ୱତନ୍ତ୍ର ହସ୍ତତନ୍ତ ମେଳା ମନ ମୋହୁଛି ସାଂସ୍କୃତିକ କାର୍ଯ୍ୟକ୍ରମ

**ପୁରୀ ଅଫିସ,୧୨।୯ :**

ପୁରୀ ଅର୍ବାନ ହାଟ ପରିସରରେ ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଚଳିତ ମାସ ୧ ତାରିଖଠାରୁ ଆରମ୍ଭ ହୋଇଛି ସ୍ୱତନ୍ତ୍ର ହସ୍ତତନ୍ତ ମେଳା। ଏହା ଚଳିତ ମାସ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ମେଳାରେ ପାରମ୍ପରିକ ଶିଳ୍ପୀମାନଙ୍କ ହାତ ତିଆରି ହସ୍ତତନ୍ତ ବସ୍ତ୍ରର ସମ୍ଭାର ପ୍ରଦର୍ଶିତ ହେଉଛି। ପ୍ରତିଦିନ ପୂର୍ବାହ୍ନ ୧୧ଟାରୁ ରାତ୍ର ୯ଘଟିକା ପର୍ଯ୍ୟନ୍ତ ଏହା ବିକ୍ରୟ ପାଇଁ ଖୋଲା ରହୁଛି। ସୋମବାରଠାରୁ ଏହି ମେଳାରେ ଯୋଡି ହୋଇଛି ସମ୍ବଲପୁରୀ ନୃତ୍ୟ ଓ ସଙ୍ଗୀତ। ବରଗଡ଼ର କଳାଜୀ ଅନୁଷ୍ଠାନର କଳାକାରମାନେ ଗୁରୁ ଦିଲ୍ଲୀପ କୁମାରସାହୁଙ୍କ ନେତୃତ୍ୱରେ ଚମତ୍କାର ଲୋକନୃତ୍ୟ ପ୍ରଦର୍ଶନ କରି ଦର୍ଶକଙ୍କୁ ମୋହିତ କରିଦେଇଥିଲେ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ୧୫ ତାରିଖ ପର୍ଯ୍ୟନ୍ତ ଅର୍ବାନ ହାଟ ମଞ୍ଚରେ ଅନୁଷ୍ଠିତ ହେବ ବୋଲି ସମ୍ବଲପୁରୀ ବସ୍ତ୍ରାଳୟର ଏମ୍‌ଡି ଶିଶିର କୁମାର ନାଗ କହିଛନ୍ତି। ଜନସାଧାରଣ ଏଥିରେ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବାକୁ ମାର୍କେଟିଂ ଅଫିସର ହେମନ୍ତ କୁମାର ମିଶ୍ର, ଅର୍ବାନ ହାଟ ଇନଚାର୍ଜ ପ୍ରଦୀପ ମିଶ୍ର ଅନୁରୋଧ କରିଛନ୍ତି।


ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଆୟୋଜିତ ଓଡ଼ିଶୀ ନୃତ୍ୟ ଶିକ୍ଷା ପ୍ରଶିକ୍ଷଣ ଶିବିର 'ଦୀକ୍ଷାଶାଳା' ଉଦ୍‌ଯାପନୀ ସମାରୋହରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ନୃତ୍ୟାଙ୍ଗନା ।

### ଜିଲାସ୍ତରୀୟ ଅଭିଯୋଗ ଶୁଣାଣି

**ପୁରୀ ଅଫିସ, ୧୨।୯:**

ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ସୋମବାର ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଜିଲାପାଳ ଭବତାରଣ ସାହୁ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଏସ୍‌ପି କନୱର ବିଶାଲ ସିଂ, ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଆରତୀ ନାୟକ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରେଖା ଦାସ, ସହକାରୀ ଜିଲାପାଳ ତଥା ଭାରପ୍ରାପ୍ତ ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ପର୍ଶୁରାମ ମଲ୍ଲିକ, ଅସ୍ତରଙ୍ଗ ତହସିଲଦାର ରାଜଲକ୍ଷ୍ମୀ ନାୟକ, ବିଡିଓ ତୁଷାର ଜ୍ୟୋତି ରଞ୍ଜନ ପ୍ରମୁଖ ଯୋଗଦେଇଥିଲେ। ମୋଟ ୬୧ଟି ଅଭିଯୋଗ ପତ୍ର ମିଳିଛି। ଅଭିଯୋଗପତ୍ର ଗୁଡିକୁ ବିଭାଗୀୟ ଅଧିକାରୀମାନଙ୍କୁ ପ୍ରଦାନ ସହ ଆଇନ ଅନୁଯାୟୀ ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

### ରାସ୍ତା ଜବରଦଖଲ, ପାଣିଘେରରେ ୮ ଗ୍ରାମବାସୀ

**ଗୋପ,୧୨।୯(ଡି.ଏନ୍.ଏ.):**

ଗୋପ- ବୟାଳିଶବାଟି ଗ୍ରାମ୍ୟ ଉନ୍ନୟନ ରାସ୍ତାଟି କେତେକ ସ୍ଥାନରେ ଜବରଦଖଲ ଯୋଗୁ ବର୍ଷାପାଣି ଜମି ରହୁଛି। ଫଳରେ ଦୈନିକ ଏହି ରାସ୍ତା ଦେଇ ଯାଉଥିବା ୮ ଗ୍ରାମବାସୀଙ୍କୁ ପାଣିରେ ପଶି ଯିବାକୁ ପଡୁଛି।

ସୂଚନାନୁଯାୟୀ, ଗୋପ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଥିବା ଏହି ରାସ୍ତା ପାଇଁ ଜନୈକ ଠିକାଦାର ଟେଣ୍ଡର ନେଇଥିଲେ। ହେଲେ ଏପର୍ଯ୍ୟନ୍ତ କାର୍ଯ୍ୟ ହୋଇ ନ ଥିବା ଦେଖିବାକୁ ମିଳିଛି। ଦାୟିତ୍ୱରେ ଥିବା ଯନ୍ତ୍ରୀ କାର୍ଯ୍ୟାଳୟକୁ ନ ଆସିବାରୁ ସାଧାରଣ ଲୋକ ଅଭିଯୋଗ କରିବାକୁ ଯାଇ ଫେରୁଥିବା ଭଳି ଅଭିଯୋଗ ହେଉଛି। ସାମାନ୍ୟ ବର୍ଷାରେ ଗୋପ ଅସ୍ଥାୟୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଖ ଗୁଡିଆ ସାହି, ସେନାପତି ସାହି, ତରଙ୍ଗିରା, ବୟାଳିଶବାଟି, ଉଦୟଗିରି ସାହି ସମେତ ଅନେକ ସ୍ଥାନରେ ବର୍ଷାପାଣି ଜମି ରହୁଛି। ଗାଁ ଲୋକେ ଏହି ପାଣିରେ ପଶି ଯାଉଛନ୍ତି। ବୟାଳିଶବାଟି ଗାଁରେ ଥିବା ମିନି କୋଣାର୍କ ଯିବା ରାସ୍ତାର ଏପରି ଅବସ୍ଥା ଯୋଗୁ ବିଭିନ୍ନ ସମୟରେ ରାଜ୍ୟ ଓ ରାଜ୍ୟ ବାହାରର ପର୍ଯ୍ୟଟକ ଏହି ରାସ୍ତା ଦେଇ ଯିବାକୁ ଅମଙ୍ଗ ହେବା ଜଣାପଡିଛି। ଏହି ପ୍ରସଙ୍ଗରେ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି କରାଯାଉଥିବାବେଳେ ରାସ୍ତାର ଦୁଇ ପାର୍ଶ୍ୱରେ ଜବରଦଖଲ ମୁଖ୍ୟ କାରଣ ବୋଲି ସାଧାରଣ ଲୋକମାନେ କହିଛନ୍ତି।


ଗୋପ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ରାସ୍ତା ଜଳମଗ୍ନ ହୋଇଛି ।

### ଆଇନସେବା କ୍ଷେତ୍ରରେ ପ୍ୟାନେଲ ଓକିଲଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ପୁରୀ ଅଫିସ,୧୨।୯:**

ପୁରୀ ଜିଲା ଆଇନସେବା ପ୍ରାଧିକରଣ ଅଧକ୍ଷ ତଥା ଜିଲା ଓ ଦୌରା ଜଜ୍ ଧନେଶ୍ୱର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ପ୍ୟାନେଲ୍ ଆଇନଜୀବୀମାନଙ୍କର ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇନ ସେବା ପ୍ରାଧିକରଣ ସଚିବ ଦେବାଶିଷ ଦାସ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ସଚିବ କହିଥିଲେ ଯେ, ସାମାଜିକ ଓ ଆର୍ଥିକ ଅନଗ୍ରସର ଲୋକଙ୍କୁ ମାଗଣା ଆଇନସେବା ଯୋଗାଇଦେବା ଓ ଆଇନର ସମସ୍ତ ବିଧି ବ୍ୟବସ୍ଥା ନିକଟତର କରାଇବା କ୍ଷେତ୍ରରେ ତାଲିକାଭୁକ୍ତ ପ୍ୟାନେଲ ଓକିଲମାନଙ୍କର ବିଶେଷ ଭୂମିକା ରହିଛି। ଉକ୍ତ ତାଲିମ ଶିବିରରେ ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ରେ ଥିବା ବିଧି ବ୍ୟବସ୍ଥା ଉପରେ ଆଲୋକପାତ କରାଯାଇଥିଲା। ଲୋକ ଅଦାଲତ, ସ୍ଥାୟୀ ଲୋକ ଅଦାଲତ, ନାଲ୍‌ସା ନିର୍ଦ୍ଧାରିତ ବିଭିନ୍ନ ଯୋଜନା ଓ ଆଇନ ସେବାର ଅନ୍ୟାନ୍ୟ ଦିଗ ଉପରେ ଆଲୋଚନା ହୋଇଥିଲା। ପ୍ୟାନେଲ ଓକିଲମାନଙ୍କର କ'ଣ ଭୂମିକା ରହିଛି ଓ କିଭଳି ଭାବେ ଆଇନ ସେବା ଯୋଗାଇ ହେବ ସେନେଇ ତାଲିମ ଶିବିରରେ ଆଲୋଚନା ହୋଇଥିଲା। ପୁରୀ ଜିଲା କୋର୍ଟର ରେଜିଷ୍ଟ୍ରାର ନିଖିଳ ଭାରତ ମହାନ୍ତି କିଶୋର ନ୍ୟାୟ ଓ ବନ୍ଦୀମାନଙ୍କ ପାଇଁ ଆଇନ ସେବା ସମ୍ବନ୍ଧୀୟ ବିଷୟରେ ଆଲୋକପାତ କରିଥିଲେ। ଆଇଏମ୍‌ଏଫ୍‌ସି ତନ୍ମୟ ଦାଶ ଉକ୍ତ ଶିବିରରେ ଇଲୋକଟ୍ରୋନିକ୍ ଏଭିଡିଏନ୍ସ ସମ୍ପର୍କୀୟ ଆଇନ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଦେବମାଳିନୀ ଐଶର୍ଯ୍ୟା ମେଣ୍ଟେନାନ୍ସ ଅଣ୍ଡର କୋଡ୍ ଅଫ୍ କ୍ରିମିନାଲ୍ ପ୍ରୋସିଜିଓର୍, ୧୯୭୩ ସମ୍ପର୍କୀୟ ଆଇନର ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରକୁ ପ୍ରାଧିକରଣ ସଚିବ ଦେବାଶିଷ ଦାଶ ପରିଚାଳନା କରିବା ସହିତ ଏଥିରେ ଯୋଗଦେଇଥିବା ପ୍ୟାନେଲ୍ ଓକିଲମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

### ଗାଡ଼ି ଧକ୍କାରେ ୬ ଗୋରୁ ମୃତ

**ଖୋର୍ଦ୍ଧା ଅଫିସ,୧୨।୯: ଖୋର୍ଦ୍ଧା**

ନୟାଗଡ଼ ୫୭ ନମ୍ବର ଜାତୀୟ ରାଜପଥରେ ରବିବାର ରାତିରେ ଏକ ଗାଡ଼ି ଧକ୍କାରେ ୬ ଗୋରୁଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଗୁରୁତର ଆହତ ହୋଇଛନ୍ତି। ସୋମବାର ସକାଳେ ଏହି ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆହତ ଗୋରୁଙ୍କୁ ଉଦ୍ଧାର କରିବା ସହ ମୃତଗୁଡ଼ିକୁ ରାସ୍ତାରୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଲୋକମାନେ ଗାଇଗୋରୁଙ୍କୁ ରାତିରେ ରାସ୍ତା ଉପରକୁ ଛାଡ଼ିଦେଉଥିବାରୁ ଏଭଳି ଦୁର୍ଘଟଣା ଘଟୁଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ବର୍ଷାଜଳ ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟର ତଦନ୍ତ ଦାବି

**କୋଣାର୍କ,୧୨।୯(ଡି.ଏନ୍.ଏ.):**

କୋଣାର୍କ ଏନ୍‌ଏସି ପକ୍ଷରୁ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନା (ମୁକ୍ତା) ଯୋଜନାରେ ନିର୍ମିତ ବର୍ଷାଜଳ ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟରେ ଦୁର୍ନୀତି ଓ ଅନିୟମିତତା ହୋଇଥିବା ନେଇ ୬ ମାସ ହେବ ଅଭିଯୋଗ ହେଉଥିଲା। ଏଥିନେଇ ଭିଜିଲାନ୍ସ ତଦନ୍ତ ଦାବି ହୋଇଛି।

ସୂଚନା ମୁତାବକ, ଏନ୍‌ଏସି ଅନ୍ତର୍ଗତ ୧୩ ୱାର୍ଡର ବସ୍ତି ଉନ୍ନୟନ କମିଟି ମାଧମରେ ୪୮ହଜାର ଟଙ୍କା ବ୍ୟୟରେ ମୁକ୍ତା ଯୋଜନାରେ ବର୍ଷାଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ କରାଯାଇଛି। କିନ୍ତୁ ଯେଉଁ ଲକ୍ଷ୍ୟରେ ଏହି ପ୍ରକଳ୍ପ ଆରମ୍ଭ ହୋଇଥିଲା ତାହା ଫଳପ୍ରଦ ହେଉ ନ ଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। କମିଟି ମାଧମରେ ନାମକୁମାତ୍ର କାର୍ଯ୍ୟ କରି ମିଥ୍ୟା ବିଲ୍ କରାଯାଇ ବ୍ୟାପକ ଅର୍ଥ ହରିଲୁଟ କରାଯାଇଥିବା ଅଞ୍ଚଳବାସୀଙ୍କ ମଧରେ ଚର୍ଚ୍ଚା ହେଉଛି। ଉକ୍ତ ପ୍ରକଳ୍ପ କାର୍ଯ୍ୟରେ ହେଉଥିବା ଦୁର୍ନୀତିର ପର୍ଦ୍ଦାଫାଶ କରିବା ପାଇଁ ତତ୍କାଳୀନ କୋଣାର୍କ ଏନ୍‌ଏସି କନିଷ୍ଠ ଯନ୍ତ୍ରୀ ଓ ଏଥିରେ ସଂଶ୍ଳିଷ୍ଟ ମୁକ୍ତା ଯୋଜନା ଅଧୀନରେ କାର୍ଯ୍ୟରତ କର୍ମଚାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିପାଇଁ ମୁଖ୍ୟମନ୍ତ୍ରୀ, ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ, ବିଭାଗୀୟ ସଚିବ, ପୁରୀ ଜିଲାପାଳ ଓ ଭିଜିଲାନ୍ସ ବିଭାଗ ପକ୍ଷରୁ ଉଚ୍ଚସ୍ତରୀୟ ତଦନ୍ତ ପାଇଁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ, ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ମାନଙ୍କ ପକ୍ଷରୁ ଦାବି ହୋଇଛି। ଏ ସମ୍ପର୍କରେ ଏନ୍‌ଏସି ନିର୍ବାହୀ ଅଧିକାରୀ ଆକୃତି ଗୋଏଙ୍କାଙ୍କୁ ପଚାରିବାରେ, ଏହାର ତଦନ୍ତ କରାଯାଇ ବିହିତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।



### ମନ୍ତ୍ରୀଙ୍କ ବାସଭବନ ଆଗରେ ଅଭିଭାବକ ମହାସଂଘର ଅନଶନ

- ପ୍ରତିଶ୍ରୁତି ପରେ ସ୍ଥଗିତ
- ୨୦ରେ ବିଭାଗୀୟ ବୈଠକ

**ଭୁବନେଶ୍ୱର, ୧୨।୯(ବ୍ୟୁରୋ)**

ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ସୋମବାର ୭ଦଫା ଦାବି ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଭୁବନେଶ୍ୱର ୟୁନିଟ୍-୧ସ୍ଥିତ ବାସଭବନ ସମ୍ମୁଖରେ ଆମରଣ ଅନଶନ କରାଯାଇଥିଲା। ପରେ ମନ୍ତ୍ରୀଙ୍କ ସହ ମହାସଂଘର ସହଅଧକ୍ଷ ଭୂମୋହନ ପଟ୍ଟନାୟକ, କୋଷାଧକ୍ଷ ସତ୍ୟଜିତ ଦାସ ପ୍ରମୁଖ ଆଲୋଚନା କରିଥିଲେ। କିନ୍ତୁ ବିଭାଗୀୟ ସଚିବଙ୍କ ସମେତ ଅନ୍ୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଉପସ୍ଥିତିରେ ଆଲୋଚନା ହେବ ବୋଲି ମହାସଂଘ ନିଷ୍ପତ୍ତି ନେଇଥିବାରୁ ମନ୍ତ୍ରୀଙ୍କ ସହ ଆଲୋଚନା ଆଗେଇ ପାରି ନ ଥିଲା। ଆସନ୍ତା ୨୦ ତାରିଖରେ ଲୋକସେବା ଭବନରେ ମନ୍ତ୍ରୀ, ସଚିବ ଓ ନିର୍ଦ୍ଦେଶକଙ୍କୁ ନେଇ ବୈଠକ କରାଯିବ ବୋଲି ଗଣଶିକ୍ଷା ମନ୍ତ୍ରୀ ମହାସଂଘ ଅଧକ୍ଷ ବାସୁଦେବ ଭଟ୍ଟଙ୍କୁ ଚିଠି କରିଥିଲେ। ମନ୍ତ୍ରୀଙ୍କ ଏହି ପ୍ରତିଶ୍ରୁତି ପରେ ମହାସଂଘ ତା'ର ଆମରଣ ଅନଶନକୁ ସ୍ଥଗିତ କରିଥିବା ମହାସଂଘ ପକ୍ଷରୁ ସୂଚନା ଦିଆଯାଇଛି।

ସ୍କୁଲରେ ଉପଲବ୍ଧ ସୁବିଧା ଅନୁସାରେ ଫି' ନିର୍ଦ୍ଧାରଣ, କରୋନା ପାଇଁ ସ୍କୁଲ ଫି' ଛାଡ଼ ନିର୍ଦ୍ଦେଶର କାର୍ଯ୍ୟକାରିତା ନେଇ ରିପୋର୍ଟ ଦାଖଲ, ସ୍କୁଲ ବ୍ୟାଗ୍ ଓଜନ ୧.୫ କେଜିରୁ ୫ କେଜି ପର୍ଯ୍ୟନ୍ତ ରଖାଯିବା ସହ ସବୁ ସ୍କୁଲରେ ଏନ୍‌ସିଇଆର୍‌ଟି ବହି ବ୍ୟବହାର, ଶିକ୍ଷା ଅଧିକାର ଆଇନ ଅନୁସାରେ ୨୫% ମାଗଣା ସିଟ୍‌ରେ ପୁଣିଥରେ ନାମଲେଖା, ବିନା ସ୍ୱୀକୃତିରେ ଚାଲୁଥିବା ସ୍କୁଲକୁ ବନ୍ଦ କରାଯିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ, ଘରୋଇ ସ୍କୁଲର ସ୍ୱତନ୍ତ୍ର ଅଡିଟ୍ ଓ ସୁପ୍ରିମକୋର୍ଟଙ୍କ ପରାମର୍ଶ ଅନୁଯାୟୀ କ୍ଲାସ୍ ପ୍ରମୋଶନ ଆଧାରରେ ନିଜ ସ୍କୁଲର ପିଲାଙ୍କୁ ଏକାଦଶ ଶ୍ରେଣୀରେ ନାମଲେଖାଯାଉ ବୋଲି ଅଭିଭାବକ ମହାସଂଘ ଦାବି କରିଆସୁଛି। ଆନ୍ଦୋଳନ, ଧାରଣା, ଅନଶନ ହେବା ସହିତ ସରକାରଙ୍କ ସହ ଆଲୋଚନା ହୋଇଛି। ହେଲେ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ଚାଲିଥିଲେ ମଧ ଏଯାଏ କୌଣସି ସଫଳ ପଦକ୍ଷେପ ନେଇନାହାନ୍ତି। ପ୍ରତିବାଦ ସ୍ୱରୂପ ଏଭଳି ଅନଶନ କରିବାକୁ ମହାସଂଘ ନିଷ୍ପତ୍ତି ନେଇଥିଲା ବୋଲି ଅଧକ୍ଷ ଭଟ୍ଟ କହିଛନ୍ତି।



ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଭୁବନେଶ୍ୱର ୟୁନିଟ୍-୧ସ୍ଥିତ ବାସଭବନ ସମ୍ମୁଖରେ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ଆମରଣ ଅନଶନ ।

## ସରବଜିତ୍‌ଙ୍କ ସ୍ତ୍ରୀ ଶୁଖପ୍ରୀତଙ୍କ ମୃତ୍ୟୁ

ପାକିସ୍ତାନ ଜେଲରେ ପ୍ରାଣ ହରାଇଥିବା ସରବଜିତ୍ ସିଂଙ୍କ ସ୍ତ୍ରୀ ଶୁଖପ୍ରୀତ କୌର ସୋମବାର ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଏକ ବାଇକ୍‌ରେ ବସି ଯାଉଥିବାବେଳେ ତାହା ଫତେହପୁର ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଡାକ୍ତରଖାନାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଗତ ଜୁନ୍‌ରେ ସରବଜିତ୍‌ଙ୍କ ଭଉଣୀ ଦଲବୀର କୌରଙ୍କ ମୃତ୍ୟୁ ଘଟିଥିଲା। ଗୁପ୍ତଚରଗିରି ଅଭିଯୋଗରେ ସରବଜିତ୍‌ଙ୍କୁ ଲାହୋର ଜେଲରେ ରଖାଯାଇଥିଲା। ୨୦୧୩ ଏପ୍ରିଲରେ ବନ୍ଦୀଙ୍କ ଆକ୍ରମଣରେ ତାଙ୍କ ମୃତ୍ୟୁ ହୋଇଥିଲା।

### ସଂକ୍ଷେପରେ

## ସିଏଏ ଶୁଣାଣି ଅକ୍ଟୋବର ୩୧ରେ

**ନୂଆଦିଲ୍ଲୀ,୧୨।୯:** ନାଗରିକତ୍ୱ (ସଂଶୋଧନ) ଆଇନ (ସିଏଏ)ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନଗୁଡ଼ିକର ଶୁଣାଣି ଅକ୍ଟୋବର ୩୧ରେ କରିବାକୁ ସୋମବାର ସୁପ୍ରିମକୋର୍ଟ ନିଷ୍ପତ୍ତି ନେଇଛନ୍ତି। ପାକିସ୍ତାନ, ବାଂଲାଦେଶ, ଆଫଗାନିସ୍ତାନରେ ଧର୍ମୀୟ ଆକ୍ରୋଶର ଶିକାର ହୋଇ ୨୦୧୪ ଡିସେମ୍ବର ୩୧ ପୂର୍ବରୁ ଭାରତରେ ଆସି ରହିଥିବା ଅଣମୁସଲମାନମାନଙ୍କୁ ନାଗରିକତ୍ୱ ପ୍ରଦାନ କରିବା ଲାଗି କେନ୍ଦ୍ର ସରକାର ସିଏଏ ଆଣିଛନ୍ତି। ଉକ୍ତ ମାମଲାକୁ ଏକ ୩ ଜଣିଆ ଖଣ୍ଡପୀଠକୁ ପଠାଯିବ ବୋଲି ପ୍ରଧାନ ବିଚାରପତି ୟୁ.ୟୁ. ଲଳିତଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି।

## ଚନ୍ଦ୍ରରେ ନୂଆ ଖଣିଜର ସନ୍ଧାନ କଲା ଚାଇନା



**ବେଜିଂ,୧୨।୯:** ଚାଇନାର ଲୁନାର ପ୍ରୋବ୍ ଚେଙ୍ଗ୍‌ସ-୫ ଚନ୍ଦ୍ରରେ ଏକ ନୂଆ ଖଣିଜ ପଦାର୍ଥର ସନ୍ଧାନ କରିଛି। ଚନ୍ଦ୍ରପୃଷ୍ଠରେ ଏଭଳି ଖଣିଜ ଠାବ କରିବାରେ ଚାଇନା ତୃତୀୟ ଦେଶ। ୧,୪୦,୦୦୦ ଚନ୍ଦ୍ର କଣିକାରୁ ଚାଙ୍ଗେସାଇଟ୍-(ୱାଇ) ଧାତବ ଠାବ କରାଯାଇଛି। ହୀରା ଆକୃତିର ଏଭଳି ଖଣିଜ ପଦାର୍ଥ ଏପର୍ଯ୍ୟନ୍ତ ପୃଥିବୀରେ ମିଳିନାହିଁ। ଏହା ଉପରେ ଅଧିକ ଅନୁସନ୍ଧାନ ଲାଗି ବେଜିଂର ଚତୁର୍ଥ ପର୍ଯ୍ୟାୟ ଲୁନାର ମିଶନକୁ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ଅନୁମୋଦନ କରିଛନ୍ତି। ଚାଇନା ଆଣବିକ ଶକ୍ତି କର୍ତ୍ତୃପକ୍ଷର ଉପାଧକ୍ଷ ଡୋଙ୍ଗ୍ ବାଓଟଙ୍ଗ ଉକ୍ତ ଖଣିଜ ଆବିଷ୍କାର ସମ୍ପର୍କରେ ଘେଶଷଣା କରିଥିଲେ। ଚନ୍ଦ୍ରର ବାସାଲ୍ଟ କଣିକାରେ ଏହା ରହିଛି।

## ସାଙ୍ଗ ହୁଅ ନଚେତ୍ ଅପହରଣ କରିନେବୁ

### ହିନ୍ଦୁ ଛାତ୍ରୀଙ୍କୁ ମୁସଲମାନ ଯୁବକଙ୍କ ଧମକ

**ରାଞ୍ଚି,୧୨।୯:** ଆମକୁ ସାଙ୍ଗ ଭାବେ ଗ୍ରହଣ କର ନଚେତ୍ ଆମେ ତୁମମାନଙ୍କୁ ଅପହରଣ କରିନେବୁ। ଝାଡ଼ଖଣ୍ଡ ରାଞ୍ଚିର ଏକ ସରକାରୀ ସ୍କୁଲର ହିନ୍ଦୁ ଛାତ୍ରୀମାନଙ୍କୁ କିଛି ଏମିତି କହି କେତେଜଣ ମୁସଲମାନ ଯୁବକ ଧମକାଉଛନ୍ତି। ଛାତ୍ରୀଙ୍କୁ ଡରାଇବା ପାଇଁ ସେମାନଙ୍କ ଆଗରେ ଧାରୁଆ ମାରଣାସ୍ତ୍ର ଦେଖାଉଥିବାବେଳେ ଯେଉଁ ଶିକ୍ଷକମାନେ ଏହାର ବିରୋଧ କରୁଛନ୍ତି ସେମାନଙ୍କୁ ସମ୍ପୃକ୍ତ ଯୁବକ ମାଡ଼ ମାରୁଥିବା କୁହାଯାଉଛି। ପାଖାପାଖି ସପ୍ତାହେ ହେବ ସ୍କୁଲର ୯ମ ଶ୍ରେଣୀରେ ପଢୁଥିବା ଆଦିବାସୀ ଏବଂ ଅନ୍ୟ ହିନ୍ଦୁ ଛାତ୍ରୀଙ୍କୁ ଏଭଳି ଧମକ ଦିଆଯାଉଥିବା ଖବର ପ୍ରକାଶ ପାଇଛି। ଏ ନେଇ ସ୍କୁଲ କର୍ତ୍ତୃପକ୍ଷ ଓ ଛାତ୍ରୀ ନିକଟସ୍ଥ ଥାନାରେ ଲିଖିତ ଅଭିଯୋଗ କରିଥିବାବେଳେ ୫ ଜଣିଆ ସ୍ୱତନ୍ତ୍ର ଯାଞ୍ଚ ଟିମ୍ ଉକ୍ତ ଘଟଣାର ତଦନ୍ତ ଆରମ୍ଭ କରିଛି।



ସ୍ପେନ୍‌ରୁ କାଟାଲୋନିଆକୁ ଅଲଗା କରିବା ପାଇଁ ବିଚ୍ଛିନ୍ନତାବାଦୀମାନେ ରବିବାର ବାର୍ସେଲୋନାରେ 'ଇଷ୍ଟେଲେଡା' ପତାକା ଧରି ବିକ୍ଷୋଭ କରୁଛନ୍ତି। ଏଥିରେ ପ୍ରାୟ ଦେଢ଼ ଲକ୍ଷ ଲୋକ ସାମିଲ ହୋଇଥିଲେ। ଗତ ୧୦ ବର୍ଷ ହେଲା କାଟାଲାନ୍‌ମାନେ ସେପ୍ଟେମ୍ବର ୧୧ରେ ସ୍ୱତନ୍ତ୍ରତା ଦାବିରେ ଆନ୍ଦୋଳନ କରିଆସୁଛନ୍ତି। ସ୍ପେନ୍ ଏକ ଫେଡେରେଶନ ନୁହେଁ ବରଂ ଏକ ବିକେନ୍ଦ୍ରୀଭୂତ ଏକୀକୃତ ଦେଶ। ଏହାର ମୋଟ ୧୭ ସ୍ୱୟଂଶାସିତ ଅଞ୍ଚଳ ରହିଛି। ସେଗୁଡ଼ିକର ନିଜସ୍ୱ ପତାକା ଅଛି। ସେଥିମଧ୍ୟରୁ କାଟେଲୋନିଆ ଅନ୍ୟତମ।

## ପୁଣି ଜେରା ହେବେ ଜାକ୍‌ଲିନ୍

**ନୂଆଦିଲ୍ଲୀ,୧୨।୯**



କନ୍‌ମ୍ୟାନ ସୁକେଶ ଚନ୍ଦ୍ରଶେଖରଙ୍କ ସହ ୨୦୦ କୋଟି ଟଙ୍କା ଦୁର୍ନୀତି ମାମଲାରେ ସମ୍ପୃକ୍ତ ଥିବା ବଲିଉଡ୍ ଅଭିନେତ୍ରୀ ଜାକ୍‌ଲିନ୍ ଫର୍ନାଣ୍ଡିଜ୍‌ଙ୍କୁ ଦିଲ୍ଲୀ ପୋଲିସର ଆର୍ଥିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ସୋମବାର ତୃତୀୟ ଥର ପାଇଁ ସମନ ଜାରି କରିଛି। ତାଙ୍କୁ ୧୪ ତାରିଖରେ ହାଜର ହେବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ଅଗଷ୍ଟ ୨୯ ଏବଂ ସେପ୍ଟେମ୍ବର ୧୨ରେ ହାଜର ହେବା ପାଇଁ ଦୁଇଥର ସମନ ଜାରି ହୋଇଥିଲା। ଅଭିନେତ୍ରୀ କାର୍ଯ୍ୟବ୍ୟସ୍ତ ରହୁଥିବା ଦର୍ଶାଇ ସମନକୁ ଏଡ଼ାଇ ଯାଇଥିଲେ। କନ୍‌ମ୍ୟାନ ସୁକେଶଙ୍କ ଦ୍ୱାରା ତିହାର ଜେଲ୍‌ରୁ ବଟି ଆଦାୟ ର୍ୟାକେଟ ଚାଲିଛି। ଏଥିରେ ଜାକ୍‌ଲିନ୍‌ଙ୍କ ସମ୍ପୃକ୍ତି ସମ୍ପର୍କରେ ଜେରା କରିବାକୁ ଦିଲ୍ଲୀ ପୋଲିସ ଚାହୁଁଛି। ଏହି ମାମଲାରେ କିଛିଦିନ ପୂର୍ବରୁ ଅନ୍ୟତମ ଅଭିନେତ୍ରୀ ନୋରା ଫତେହିଙ୍କୁ ଇଓଡବ୍ଲ୍ୟୁ ଜେରା କରିଥିଲା। ସୁକେଶ ଜେଲ୍‌ରେ ଥାଇ ଭଏସ୍ ମଡ୍ୟୁଲେଶନ ସଫ୍ଟୱେର ବ୍ୟବହାର କରି ଦିଲ୍ଲୀର ଜଣେ ବ୍ୟବସାୟୀଙ୍କଠାରୁ ୨୧୫ କୋଟି ଟଙ୍କା ଆଦାୟ କରିଥିବା ଅଭିଯୋଗ ହୋଇଛି। ସେ ନିଜକୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜଣେ ଅଫିସର ବୋଲି ପରିଚୟ ଦେବା ସହ ଅନ୍ୟ ସମୟରେ ଆଇନ ମନ୍ତ୍ରଣାଳୟ ଓ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅଧିକାରୀ ବୋଲି କହିଥିଲେ। ସେ ମହିଳାଙ୍କ ସ୍ୱାମୀଙ୍କର ଜାମିନ କରାଇଦେବା ସହ ତାଙ୍କ ଔଷଧ ବ୍ୟବସାୟ ପୁଣିଥରେ ଚଳାଇବାର ସୁଯୋଗ ଦେବେ ବୋଲି ପ୍ରତିଶ୍ରୁତି ଦେଇ ଅର୍ଥ ଆଦାୟ କରିଥିଲେ। ସୁକେଶଙ୍କ ସହ ଜାକ୍‌ଲିନ୍‌ଙ୍କ ଫଟୋ ପ୍ରସାରିତ ହେବା ପରେ ଉକ୍ତ ଅପରାଧରେ ଅଭିନେତ୍ରୀଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଇଥିଲା। ସୁକେଶ ଅଭିନେତ୍ରୀଙ୍କ ସହ ଡେଟିଂରେ ଥିଲେ ବୋଲି ଇଡି ଅଧିକାରୀଙ୍କୁ କହିଥିଲେ।

# ଆମେରିକା ଦେବନି ସେମିକଣ୍ଡକ୍ଟର ଚିପ୍

**ୱାଶିଂଟନ୍, ୧୨।୯**



ତାଇୱାନ ପ୍ରସଙ୍ଗକୁ ନେଇ ଆମେରିକା ଓ ଚାଇନା ମଧ୍ୟରେ ତିକ୍ତତା ବଢ଼ିଥିବାବେଳେ ୱାଶିଂଟନ୍ ବେଜିଂର ଦୁର୍ବଳତାକୁ ଧରିଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ଏବଂ ଅନ୍ୟ ସାମଗ୍ରୀ ପ୍ରସ୍ତୁତ ନିମନ୍ତେ ଆବଶ୍ୟକ ପଡୁଥିବା ସେମିକଣ୍ଡକ୍ଟର ଚିପ୍ ଚାଇନାକୁ ରପ୍ତାନି ଉପରେ ଅଙ୍କୁଶ ଲଗାଇବାକୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପ୍ରଶାସନ ଯୋଜନା କରିଛି। ପୂର୍ବରୁ ଆମେରିକାର ୩ କମ୍ପାନୀ କେଏଲ୍‌ଏ କର୍ପ, ଲାମ୍ ରିସର୍ଚ୍ଚ କର୍ପ ଏବଂ ଆପ୍ଲାଏଡ୍ ମାଟେରିଆଲ୍ସ ଇଙ୍କ୍ ଉପରେ ଲଗାଯାଇଥିବା କଟକଣା ଆଧାରରେ ବାଣିଜ୍ୟ ବିଭାଗ ନୂଆ ନିୟମ ଆଣିବାକୁ ପ୍ରସ୍ତୁତ ହେଉଛି।

ଚଳିତ ବର୍ଷ ଉକ୍ତ କମ୍ପାନୀଗୁଡ଼ିକୁ ଏ ନେଇ ଚିଠି କରାଯାଇଥିଲା। ସବ୍-୧୪ ନାନୋମିଟର ପ୍ରକ୍ରିୟାରେ ଆଡ୍‌ଭାନ୍ସଡ୍ ସେମିକଣ୍ଡକ୍ଟର ପ୍ରସ୍ତୁତ କରୁଥିବା ଅଣଲାଇସେନ୍ସ ପ୍ରାପ୍ତ ଚାଇନିଜ୍ ଫ୍ୟାକ୍ଟ୍ରିଗୁଡ଼ିକୁ ଉକ୍ତ କମ୍ପାନୀଗୁଡ଼ିକ ଚିପ୍‌ରୁ ପ୍ରସ୍ତୁତ ସାମଗ୍ରୀ ରପ୍ତାନି ଉପରେ କଟକଣା ଲଗାଯାଇଥିଲା। କମର୍ସ ଡିପାର୍ଟମେଣ୍ଟ ପକ୍ଷରୁ ଗତ ମାସରେ ଏନ୍‌ଭିଡିଆ କର୍ପ ଏବଂ ଆଡ୍‌ଭାନ୍ସଡ୍ ମାଇକ୍ରୋ ଡିଭାଇସ୍‌କୁ ପଠାଯାଇଥିବା ଚିଠି ଅନୁସାରେ ଲଗାଯାଇଥିବା କଟକଣାଗୁଡ଼ିକ ମଧ୍ୟ ଅନ୍ତର୍ଭୁକ୍ତ କରାଯିବ। ଲାଇସେନ୍ସ ନ ପାଇବା ପର୍ଯ୍ୟନ୍ତ ଏହି କମ୍ପାନୀଗୁଡ଼ିକୁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ କମ୍ପ୍ୟୁଟିଂ ଚିପ୍ସ ରପ୍ତାନି ବନ୍ଦ କରିବାକୁ ଚିଠିରେ କୁହାଯାଇଥିଲା। ଏ ପ୍ରସଙ୍ଗରେ ଆସିବାକୁ ଥିବା ନୂଆ ନିୟମରେ ଚାଇନା ବିରୋଧୀ ନୀତି ଆସିବାର ସମ୍ଭାବନା ରହିଛି। ପରେ ଏଥିରେ ପରିବର୍ତ୍ତନ ମଧ୍ୟ କରାଯାଇପାରେ। ଉକ୍ତ କମ୍ପାନୀଗୁଡ଼ିକୁ ପଠାଯାଇଥିବା ଚିଠିର ନୀତିଗୁଡ଼ିକ ଆଇନରେ ପରିଣତ ହେଲେ ସମାନ ଉତ୍ପାଦ ପ୍ରସ୍ତୁତ କରୁଥିବା ଆମେରିକାର ଅନ୍ୟ କମ୍ପାନୀ ପାଇଁ ମଧ୍ୟ ରେଗୁଲେଶନ ଲାଗିବ।

### ଚାଇନା ଦୁର୍ବଳତା ଉପରେ ନଜର

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ସମେତ କାର୍ ନିର୍ମାଣ ଓ ଅନ୍ୟ ଅତ୍ୟାଧୁନିକ ଉପକରଣରେ ସେମିକଣ୍ଡକ୍ଟର ଚିପ୍ ବ୍ୟବହାର ହେଉଛି। ତାଇୱାନ ସହ ଉତ୍ତେଜନା ବୃଦ୍ଧି ମଧ୍ୟରେ ବି ଚାଇନା ସେଠାରୁ ସେମିକଣ୍ଡକ୍ଟର ଚିପ୍ ଆମଦାନୀ ଉପରେ କଟକଣା ଲଗାଇନାହିଁ। ସମ୍ପ୍ରତି ଟେକ୍ନୋଲୋଜି ଯୁଗରେ ଚିପ୍‌ର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଚାଇନାର ଦମ୍ଭ ଭାଙ୍ଗିବା ନିମନ୍ତେ ଆମେରିକାର ଏହି ନିଷ୍ପତ୍ତି ରଣନୀତି ଦିଗରୁ ବିଶେଷ ଗୁରୁତ୍ୱ ରଖେ। ଆମେରିକା କମର୍ସ ଡିପାର୍ଟମେଣ୍ଟର ଜଣେ ମୁଖପାତ୍ର କହିଛନ୍ତି, ଜାତୀୟ ନିରାପତ୍ତା ଏବଂ ବିଦେଶ ନୀତିର ରକ୍ଷା ନିମନ୍ତେ ଚାଇନା ଆମେରିକୀୟ ପ୍ରଯୁକ୍ତିବିଦ୍ୟା ହାସଲ ଓ ନିଜର ସୈନ୍ୟ ଆଧୁନିକୀକରଣରେ ଏହାର ଉପଯୋଗକୁ ରୋକିବା ଲାଗି ଏହି ନିଷ୍ପତ୍ତି ନିଆଯାଇଛି। ସେଣ୍ଟର ଫର୍ ଷ୍ଟ୍ରାଟେଜିକ୍ ଆଣ୍ଡ ଇଣ୍ଟରନ୍ୟାଶନାଲ ଷ୍ଟଡିଜ୍‌ର ଟେକ୍ନୋଲୋଜି ବିଶେଷଜ୍ଞ ଜିମ୍ ଲୁଇସ୍ ଏହି ନିଷ୍ପତ୍ତି ଚାଇନାର ଗଳା ଦବାଇବା ଭଳି ବୋଲି କହିଛନ୍ତି।

## ସଡ଼କ ପ୍ରକଳ୍ପରେ ନିବେଶ ଲାଗି ଆମେରିକୀୟଙ୍କୁ ଗଡ଼କରୀଙ୍କ ଆହ୍ୱାନ

**ନୂଆଦିଲ୍ଲୀ,୧୨।୯**

ଭାରତର ସଡ଼କ ଓ ଜାତୀୟ ରାଜପଥ ପ୍ରକଳ୍ପଗୁଡ଼ିକ ନିବେଶକଙ୍କ ଲାଗି ସୁନା ଖଣି ସଦୃଶ। ଆମେରିକା ନିବେଶକମାନେ ଏଠାରେ ନିବେଶ କରିବା ଲାଗି ଆଗେଇ ଆସିବାକୁ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ଆହ୍ୱାନ ଦେଇଛନ୍ତି। କେନ୍ଦ୍ର ସରକାର ସୌରଶକ୍ତି ଚାଳିତ ଇଲେକ୍ଟ୍ରିକ୍ ରାଜପଥ ବିକାଶ ଦିଗରେ କାର୍ଯ୍ୟ କରୁଛନ୍ତି। ଏହି ରାଜପଥରେ ଯାତାୟାତ କରୁଥିବା ବସ୍, ଟ୍ରକ୍ ଚାର୍ଜ କରିବା ସୁବିଧା ସେଠାରେ ରହିବ ବୋଲି ଗଡ଼କରୀ ସୋମବାର କହିଛନ୍ତି। ଇଣ୍ଡୋ-ଆମେରିକାନ୍ ଚାମ୍ବର ଅଫ୍ କମର୍ସ (ଆଇଏସିସି) ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଗଡ଼କରୀ କହିଥିଲେ, ସରକାର ଭାରତର ସାଧାରଣ ପରିବହନ ବ୍ୟବସ୍ଥାକୁ ବିଦ୍ୟୁତଚାଳିତ କରିବାକୁ ଚାହାନ୍ତି। ଏଥିସହିତ ସମସ୍ତ ଟୋଲ ପ୍ଲାଜା ସୌରଶକ୍ତିରେ ଚାଲିବା ପାଇଁ ମଧ୍ୟ ସରକାର ପ୍ରୋତ୍ସାହିତ କରୁଛନ୍ତି।

## ଏକ ମିନିଟ୍ ନୀରବ ରହିବ ବ୍ରିଟେନ୍

**ଲଣ୍ଡନ, ୧୨।୯**

ବ୍ରିଟେନ୍ ମହାରାଣୀ ଏଲିଜାବେଥ୍ ୨ୟଙ୍କ ଶେଷକୃତ୍ୟ ପୂର୍ବରୁ ଆସନ୍ତା ରବିବାର ରାତି ୮ଟାରେ ସାରା ଦେଶ ଏକ ମିନିଟ୍ ନୀରବ ପ୍ରାର୍ଥନା କରିବ। ଏ ନେଇ ଡାଉନିଂ ଷ୍ଟ୍ରିଟ୍ ପକ୍ଷରୁ ସୋମବାର ଘୋଷଣା କରାଯାଇଛି। ୧୯ ତାରିଖରେ ଲଣ୍ଡନର ୱେଷ୍ଟମିନିଷ୍ଟର ଆବେରେ ମହାରାଣୀଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ। ନୀରବ ଶୋକ ପାଳନର ପରିଚାଳନା ପାଇଁ ସ୍ଥାନୀୟ କମ୍ୟୁନିଟି ଗୋଷ୍ଠୀ, କ୍ଲବ୍ ଏବଂ ସଂସ୍ଥାଗୁଡ଼ିକୁ ପ୍ରୋତ୍ସାହିତ କରାଯାଇଛି। ଲୋକେ ଘରେ ପରିବାର ସହ କିମ୍ବା ସାଙ୍ଗସାଥୀଙ୍କ ସହିତ ମଧ୍ୟ ୧ ମିନିଟ୍ ଶୋକ ପାଳିପାରିବେ। ମହାରାଣୀଙ୍କ ମରଶରୀର ଏଡିନ୍‌ବର୍ଗରେ ରହିଛି। ମଙ୍ଗଳବାର କଫିନ୍ ଲଣ୍ଡନରେ ପହଞ୍ଚିବ। ସୋମବାର ବ୍ରିଟେନରେ ସମସ୍ତ ସ୍କୁଲ, କାର୍ଯ୍ୟାଳୟ ବନ୍ଦ ରହିବ ବୋଲି କିଙ୍ଗ୍ ଚାର୍ଲ୍ସ ୩ୟ ଘୋଷଣା କରିଛନ୍ତି। ମେମୋରିଆଲ ଚାପେଲରେ ରାଣୀଙ୍କ କଫିନ୍ ସମାଧି ଦିଆଯିବ।

### କିଙ୍ଗ୍ ଚାର୍ଲ୍ସଙ୍କ ପ୍ରଥମ ପାର୍ଲାମେଣ୍ଟ ଭାଷଣ



କିଙ୍ଗ୍ ଚାର୍ଲ୍ସ ୩ୟ ସୋମବାର ପ୍ରଥମ କରି ପାର୍ଲାମେଣ୍ଟକୁ ସମ୍ବୋଧିତ କରିଛନ୍ତି। ଚାର୍ଲ୍ସ 'ପ୍ରିୟ ମା'ଙ୍କ ଉଦାହରଣ ଦେଇ ସାମ୍ବିଧାନିକ ଶାସନର ମୂଲ୍ୟବାନ୍ ସିଦ୍ଧାନ୍ତକୁ ଅନୁସରଣ କରିବେ ବୋଲି କହିଥିଲେ। ଏଥିସହ ହାଉସ୍ ଅଫ୍ କମନ୍ସରେ ମହାରାଣୀଙ୍କ ଉଦ୍ଦେଶ୍ୟରେ ଶୋକପାଳନ କରାଯାଇଥିଲା।

## ବିଶ୍ୱ ନେତାଙ୍କୁ ମିଳିବନି ଜେଟ୍ ସୁବିଧା

**ଲଣ୍ଡନ, ୧୨।୯**

ମହାରାଣୀ ଏଲିଜାବେଥ୍ ୨ୟଙ୍କ ଶେଷକୃତ୍ୟ ପାଇଁ ବ୍ରିଟେନ ପ୍ରସ୍ତୁତ ହେଉଥିବାବେଳେ ଏହି ଐତିହାସିକ ଦିନରେ ବିଶ୍ୱନେତାମାନେ ଯୋଗଦେବେ। ତେବେ ଏହି କାର୍ଯ୍ୟକ୍ରମରେ ସାମିଲ ହେବାକୁ ଆସୁଥିବା ରାଷ୍ଟ୍ରମୁଖ୍ୟ, ସେମାନଙ୍କ ସ୍ତ୍ରୀ/ସ୍ୱାମୀ ବ୍ୟକ୍ତିଗତ ଜେଟ୍ କିମ୍ବା ହେଲିକପ୍ଟର ବଦଳରେ କମର୍ସିଆଲ ଫ୍ଲାଇଟ୍‌ରେ ଆସିବେ ବୋଲି ଜଣାପଡ଼ିଛି। ଏପରିକି ସେମାନେ ନିଜ କାର ମଧ୍ୟ ନେଇ ୱେଷ୍ଟମିନିଷ୍ଟର ଆବେରେ ପହଞ୍ଚିବାକୁ ମନା କରାଯାଇଥିବା ଫରେନ୍, କମନ୍‌ୱେଲ୍‌ଥ ଆଣ୍ଡ୍ ଡେଭେଲେପମେଣ୍ଟ ଅଫିସ୍ (ଏଫ୍‌ସିଡିଓ) ପକ୍ଷରୁ ସୂଚନା ରହିଛି। ୧୯ ତାରିଖରେ ବହୁସଂଖ୍ୟାରେ ଲୋକଙ୍କ ଉପସ୍ଥିତି ସମ୍ଭାବନା ଥିବାରୁ ସମସ୍ତଙ୍କ ବ୍ୟକ୍ତିଗତ ଯାନବାହନ ରଖିବା ନିମନ୍ତେ ପର୍ଯ୍ୟାପ୍ତ ସ୍ଥାନ ମିଳିବ ନାହିଁ। ତେଣୁ ଏଫ୍‌ଡିସିଓ ସମସ୍ତ ଦୂତାବାସକୁ ଏ ନେଇ ଅବଗତ କରାଇଛି।

## ଜ୍ଞାନବାପି ରାୟ ପରେ ୟୁପିରେ ହାଇଆଲର୍ଟ



**ଲକ୍ଷ୍ନୌ,୧୨।୯:** ଜ୍ଞାନବାପି ମାମଲାରେ ବାରାଣସୀ ଜିଲା କୋର୍ଟ ସୋମବାର ଅଞ୍ଜୁମନ ଇଣ୍ଟେଜେମିଆ ମସ୍‌ଜିଦ କମିଟିର ଆବେଦନକୁ ଖାରଜ କରିଦେବା ପରେ ଉତ୍ତରପ୍ରଦେଶରେ ହାଇଆଲର୍ଟ ଜାରି ହୋଇଛି। ଜିଲା ଜଜ୍ ଅଜୟ କ୍ରିଷ୍ଣ ବିଶ୍ୱେଷ ମହିଳା ଆବେଦନକାରୀଙ୍କ ସପକ୍ଷରେ ରାୟ ଦେବା ପରେ ରାଜ୍ୟର ସମସ୍ତ ସମ୍ବେଦନଶୀଳ ଅଞ୍ଚଳରେ ପାଟ୍ରୋଲିଂକୁ ବଢ଼ାଇ ଦିଆଯାଇଛି। ଶାନ୍ତି ବଜାୟ ରଖିବା ପାଇଁ ପାଟ୍ରୋଲିଂ କରାଯାଉଛି। ସେହିପରି ଶାନ୍ତି ବଜାୟ ରଖିବା ଲାଗି ଧର୍ମୀୟ ନେତାମାନେ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିବା ଅତିରିକ୍ତ ପୋଲିସ ଡିଜି ପ୍ରଶାନ୍ତ କୁମାର କହିଛନ୍ତି। ଅସାମାଜିକ ତତ୍ତ୍ୱମାନେ ଯେପରି ବର୍ତ୍ତମାନ ସ୍ଥିତିର ଫାଇଦା ନ ଉଠାନ୍ତି, ତାହା ସୁନିଶ୍ଚିତ କରିବା ଲାଗି ଅଧିକ ରିଜର୍ଭ ଫୋର୍ସ ମୁତୟନ କରାଯାଇଛି। ସାମାଜିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମଗୁଡ଼ିକ ଉପରେ ନଜର ରଖିବା ଲାଗି ଡିଜିଟାଲ ଭଲ୍ୟୁଣ୍ଟିୟରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ସୋନାଲି ଫୋଗଟ୍ ମୃତ୍ୟୁ ମାମଲା

## ସିବିଆଇ ତଦନ୍ତ ସୁପାରିସ

**ନୂଆଦିଲ୍ଲୀ,୧୨।୯**



ହରିୟାଣାର ଭାଜପା ନେତ୍ରୀ ସୋନାଲି ଫୋଗଟ୍ ମୃତ୍ୟୁ ମାମଲାର ସିବିଆଇ ତଦନ୍ତ ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସୋମବାର ସୁପାରିସ କରିଛି। ଅଗଷ୍ଟ ୨୨ ତାରିଖ ରାତିରେ ୪୩ ବର୍ଷୀୟା ସୋନାଲିଙ୍କ ମୃତଦେହ ଗୋଆରୁ ମିଳିଥିଲା। ତାଙ୍କୁ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଘଟଣାର ସିବିଆଇ ତଦନ୍ତ ଲାଗି ନିର୍ଦ୍ଦେଶ ଦେବାକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ଅନୁରୋଧ କରି ପତ୍ର ଲେଖିଥିଲେ। ମାମଲାର ସିବିଆଇ ତଦନ୍ତ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କାର୍ମିକ ଓ ତାଲିମ ବିଭାଗକୁ କହିଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ସିବିଆଇ ଉକ୍ତ ବିଭାଗ ଅଧୀନରେ କାର୍ଯ୍ୟ କରିଥାଏ। ଏହି ମାମଲାର ତଦନ୍ତ କରୁଥିବା ଗୋଆ ପୋଲିସ ଇତିମଧ୍ୟରେ ସୋନାଲିଙ୍କ ଦୁଇ ସହଯୋଗୀଙ୍କ ସମେତ ୫ ଜଣଙ୍କୁ ଗିରଫ କରିଛି। ଦୁଇ ସହଯୋଗୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟରୁ ସୋନାଲିଙ୍କ ଦେହରେ ଏକାଧିକ କ୍ଷତଚିହ୍ନ ଥିବା ଜଣାପଡ଼ିବା ପରେ ତାଙ୍କ ପରିବାର ସିବିଆଇ ତଦନ୍ତ ଦାବି କରିଥିଲେ।

### ଆତଙ୍କବାଦୀ-ଗ୍ୟାଙ୍ଗଷ୍ଟର ମଧୁଚନ୍ଦ୍ରିକା

## ୫୦ ସ୍ଥାନରେ ଏନ୍‌ଆଇଏ ଚଢ଼ାଉ

**ନୂଆଦିଲ୍ଲୀ,୧୨।୯(ପି.ଟି.)**

ଆତଙ୍କବାଦୀ-ଗ୍ୟାଙ୍ଗଷ୍ଟର ଏବଂ ନିଶାଦ୍ରବ୍ୟ ଚୋରାବେପାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଥିବା ସୂଚନା ମିଳିବା ପରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ସୋମବାର ଦିଲ୍ଲୀ ସମେତ ୪ ରାଜ୍ୟର ୫୦ରୁ ଉର୍ଦ୍ଧ୍ୱ ସ୍ଥାନରେ ଚଢ଼ାଉ କରିଛି। ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲାଙ୍କ ହତ୍ୟାକାରୀ ଗ୍ୟାଙ୍ଗଷ୍ଟର ମଧ୍ୟ ଏହି ଚଢ଼ାଉରେ ସାମିଲ ଅଛନ୍ତି। ନିରାଶ ହୋଇପଡ଼ିଥିବା ଅଧିକାଂଶ ଗ୍ୟାଙ୍ଗ ଲିଡରଙ୍କ ମଧ୍ୟରୁ କେତେଜଣ ଏବଂ ଭାରତ ଓ ବିଦେଶରେ ଥିବା ସେମାନଙ୍କ ସହଯୋଗୀ ଆତଙ୍କ ଓ ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ ଏନ୍‌ଆଇଏ ଗତ ମାସ ୨୬ରେ ଏକ ମାମଲା ରୁଜୁ କରିଥିଲା। ଆତଙ୍କବାଦୀ, ଗ୍ୟାଙ୍ଗଷ୍ଟର, ନିଶାଦ୍ରବ୍ୟ ଚୋରାବେପାରୀ ଏବଂ ଚୋରାଚାଲାଣକାରୀଙ୍କ ମଧ୍ୟରେ ଚାଲିଥିବା ମିଳିଭଗତକୁ ଭାଙ୍ଗିବା ପାଇଁ ପଞ୍ଜାବ, ରାଜସ୍ଥାନ, ହରିୟାଣା ଏବଂ ଦିଲ୍ଲୀରେ ଚଢ଼ାଉ କରାଯାଇଛି। ସୋମବାର ସକାଳେ ଗ୍ୟାଙ୍ଗଷ୍ଟର ଗୋଲ୍ଡି ବ୍ରାର, ଲରେନ୍ସ ବିଷ୍ଣୋଇ, ଜଗ୍ଗୁ ଭଗୱାନପୁରିଆ, ବରିନ୍ଦର ପ୍ରତାପ ଓରଫ କଲା ରାଣା, କଲା ଜାଠେଦି, ବିକ୍ରମ ବ୍ରାର, ଗୌରବ ପଟ୍ୟାଲ ଓରଫ ଲକି ପଟ୍ୟାଲଙ୍କ ଆଜ୍ଞା ଉପରେ ଚଢ଼ାଉ କରାଯାଇଥିଲା। ଏହା ବ୍ୟତୀତ ଗ୍ୟାଙ୍ଗଷ୍ଟର ନୀରଜ ବାୱାନା, କୌଶଲ ଚୌଧରୀ, ଟିଲ୍ଲୁ ତାଜପୁରିଆ, ଅମିତ୍ ଡାଗର, ଦୀପକ କୁମାର ଓରଫ ଟିନ୍ନୁ, ସନ୍ଦିପ ଓରଫ ବନ୍ଦାର, ଉମେଶ ଓରଫ କାଲା, ଇର୍ଫାନ ଓରଫ ଚିନ୍ନୁ ପହଲୱାନ, ଅଶିମ ଓରଫ ହାଶିମ ବାବା, ସଚିନ ଭଞ୍ଜ ଏବଂ ସେମାନଙ୍କ ସହଯୋଗୀଙ୍କ ଘରେ ମଧ୍ୟ ଏନ୍‌ଆଇଏ ଚଢ଼ାଉ କରିଛି। ଚଢ଼ାଉ ବେଳେ ୬ଟି ପିସ୍ତଲ, ଗୋଟିଏ ରିଭଲଭର, ଗୋଟିଏ ଶଟ୍‌ଗନ୍ ଏବଂ ଗୁଳିଗୋଳା ଜବତ ହୋଇଛି। ଏଥିସହିତ ଡ୍ରଗ୍ସ, ଆପରାଧିକ ଦସ୍ତାବିଜ, ଡିଜିଟାଲ ଉପକରଣ, ବେନାମୀ ସମ୍ପତ୍ତିର ବିବରଣୀ, ଧମକପୂର୍ଣ୍ଣ ଚିଠି ଆଦି ମଧ୍ୟ ମିଳିଛି।

ଗତ କିଛିଦିନ ମଧ୍ୟରେ ବିଭିନ୍ନ ବ୍ୟବସାୟୀ ତଥା ଡାକ୍ତରଙ୍କ ଭଳି ପେସାଦାରଙ୍କ ନିକଟକୁ ଅପରାଧ ସିଣ୍ଡିକେଟ୍ ଏବଂ ଗ୍ୟାଙ୍ଗଷ୍ଟରଙ୍କଠାରୁ ବଟି ପାଇଁ ଫୋନ୍ କଲ୍ ଆସିବା ଏବଂ କେତେକ ସମ୍ବେଦନଶୀଳ ଅପରାଧ ଘଟଣା ପରେ ଏନ୍‌ଆଇଏ ପକ୍ଷରୁ ଏଭଳି ଚଢ଼ାଉ କରାଯାଇଛି। ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ଲାଗି ଗ୍ୟାଙ୍ଗଗୁଡ଼ିକ ଅପରାଧର ପ୍ରଚାରରେ ସାଇବର ସ୍ପେସ୍‌କୁ ବ୍ୟବହାର କରୁଥିବା ଜଣେ ଅଧିକାରୀ କହିଛନ୍ତି।



# ନକଲି ସ୍ମାର୍ଟ କାର୍ଡରେ ଠକେଇ, ୮ ଗିରଫ

## ୫୪ ମୋବାଇଲ, ୪ ଲାପଟପ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ

ରାଉରକେଲା ଅଫିସ,୧୨।୯

ରାଉରକେଲା ସହରରେ ନକଲି ସ୍ମାର୍ଟ କାର୍ଡ ତିଆରି କରି ଲୋକଙ୍କୁ ଠକୁଥିବା ଏକ ର୍ୟାକେଟ୍‌କୁ ଛେଣ୍ଡ୍ ପୋଲିସ ଠାବ କରିଛି। ଏହି ର୍ୟାକେଟ୍‌ର ୮ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବିହାର ଅଞ୍ଚଳର ପ୍ରୀତମ କୁମାର(୨୭), ଅରବିନ୍ଦ କୁମାର(୨୪), ବବ୍‌ଲୁ ସିଂ(୩୫), ଗୟା ଅଞ୍ଚଳର ମନୀଷ କୁମାର(୨୯), ରାଜେଶ ପାଶୱାନ(୪୦), କେରଳର ରାଜ ଶେଖରନ୍ ୟୁନିଥନ(୫୪), ପଶ୍ଚିମବଙ୍ଗର ରାହୁଲ ପ୍ରଧାନ(୨୯) ଏବଂ ଆନ୍ଧ୍ରପ୍ରଦେଶର ନାଗରାମ ପ୍ରନନ୍ଦ ମୁଦୁ(୩୦)। ସେମାନଙ୍କଠାରୁ ୫୪ଟି ମୋବାଇଲ, ୪ଟି ଲାପ୍‌ଟପ୍, ୩ଟି କଲର ପ୍ରିଣ୍ଟର, ୨ଟି ସ୍କୁଟି (ନଂ.ଓଡି୨୩କେ/୮୬୭୮ ଏବଂ ନଂ.ଓଡି୧୪ଏଚ୍/୨୫୧୩), ଏଲ୍ଇଡି ଟିଭି, ୧୦ଟି ଷ୍ଟାମ୍ପ, ୪୨ଟି ସ୍ୱିଡ୍ ପୋଷ୍ଟ ବାର୍‌କୋର୍ଡ, ଏକ ଫେକ୍ ପ୍ରେସ୍ ଆଇକାର୍ଡ, ବହୁ ସଂଖ୍ୟକ ଫେକ୍ ସ୍ମାର୍ଟ କାର୍ଡ, ଦେଢ଼ କୁଇଣ୍ଟାଲ ଲଫାପା, ୬୦ ହଜାର ଟଙ୍କା ଏବଂ ଅନ୍ୟାନ୍ୟ ସାମଗ୍ରୀକୁ ପୋଲିସ ଜବତ କରିଛି। ସମସ୍ତ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି।

# ମହାନଦୀରୁ ମୃତ ଘଡ଼ିଆଳ ଜବତ

- ମୃତଦେହରେ ଖଞ୍ଜାଯାଇଛି ଟ୍ରାନ୍ସମିଟର
- ସାତକୋଶିଆରୁ ଚାଲିଆସିଥିବା ସନ୍ଦେହ

ସମ୍ବଲପୁର,୧୨।୯(ବ୍ୟୁରୋ)


ଜବତ ହୋଇଥିବା ମୃତ ଘଡ଼ିଆଳ।

ସମ୍ବଲପୁର ନିକଟ ମହାନଦୀର ଏକ ପଥର ଟାପୁରୁ ମତ୍ସ୍ୟଜୀବୀମାନେ ସୋମବାର ଏକ ଘଡ଼ିଆଳ କୁମ୍ଭୀରର ମୃତଦେହ ପାଇଛନ୍ତି। ବନ ବିଭାଗର ନିର୍ଦ୍ଦେଶକ୍ରମେ ସେମାନେ ମୃତଦେହକୁ ଡଙ୍ଗାରେ ଧରି ମାରୱାଡି ଘାଟକୁ ଆଣିଥିଲେ। ମୃତ ଘଡ଼ିଆଳ ଦେହରେ ଏକ ଟ୍ରାନ୍ସମିଟର ଖଞ୍ଜାଯାଇଛି। ତେଣୁ ଏହା ସାତକୋଶିଆରୁ ଚାଲିଆସିଥିବା ସନ୍ଦେହ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଡିଏଫ୍ଓ ବିଶ୍ୱନାଥ ନୀଳାମ୍ବର ସୂଚନା ଦେଇଛନ୍ତି।

ସେ ଆହୁରି କହିଛନ୍ତି, ସାତକୋଶିଆରେ ନିଖୋଜ ଘଡ଼ିଆଳ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଏହି ଘଡ଼ିଆଳ ବନ ବିଭାଗ ଟ୍ରାକ୍‌ରୁ ନିଖୋଜ ଥିବା ନେଇ ସୂଚନା ରହିଥିଲା। ହେଲେ ମହାନଦୀର ସହର ଭିତର ମାରୱାଡି ଘାଟକୁ ଆସିଥିବା ଜଣାପଡ଼ି ନ ଥିଲା। ଏହାର ଲମ୍ବ ପ୍ରାୟ ୮ ଫୁଟ୍। ବ୍ୟବଚ୍ଛେଦ କରାଯିବା ପରେ କେଉଁଦିନ ଓ କିଭଳି ମୃତ୍ୟୁ ଘଟିଛି ତାହା ସ୍ପଷ୍ଟ ହେବ। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଛି। ନନ୍ଦନକାନନ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ମଧ୍ୟ ଆଲୋଚନା ହୋଇଥିବା ସେ କହିଥିଲେ। ଏ ସମ୍ପର୍କରେ ସ୍ଥାନୀୟ ମତ୍ସ୍ୟଜୀବୀ ବିଜୁ ସେଠ୍ କହିଛନ୍ତି, ସକାଳ ପ୍ରାୟ ୮ଟାରେ ସେମାନେ କେତେଜଣ ମତ୍ସ୍ୟଜୀବୀ ୨ ଗୋଟି ଡଙ୍ଗାରେ ମହାନଦୀରେ ମାଛ ମାରିବାକୁ ଯାଉଥିଲେ। ପାଣି ଭିତରେ କିଛିଦୂର ଯିବା ପରେ ଏକ ପଥର ଚଟାଣ ଉପରେ ଘଡ଼ିଆଳ ଲମ୍ବ ହୋଇ ପଡ଼ିଥିବା ଦେଖିଥିଲେ। ଜୀବତ ଥିବା ଭାବି ପ୍ରାୟ ୧୫ ମିନିଟ ଅପେକ୍ଷା କରିଥିଲେ। ହଲ୍‌ଚଲ୍ ନ ହେବାରୁ ମୃତ୍ୟୁ ହୋଇଥିବା ଜାଣି ବନ ବିଭାଗକୁ ସୂଚନା ଦେଉଥିଲେ। ବନ କର୍ମଚାରୀ ଆସି ମୃତଦେହ ଜବତ କରିଥିଲେ। ଏହାକୁ ନାକୁଆ କୁମ୍ଭୀର କୁହାଯାଇଥାଏ ବୋଲି ସେ କହିଥିଲେ। ମହାନଦୀରେ କୁମ୍ଭୀର ଥିବା ନେଇ ସମ୍ବଲପୁର ସହର ତଥା ଅବବାହିକାରେ ବସବାସ କରୁଥିବା ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି। ହେଲେ ବନ ବିଭାଗ ପକ୍ଷରୁ ଭୟଭୀତ ନ ହେବାକୁ ପରାମର୍ଶ ଦିଆଯିବା ସହ କୌଣସି ଜଳଚର ଜୀବଙ୍କ ଗତିବିଧି ଉପରେ ସନ୍ଦେହ ହେଲେ ସୂଚନା ଦେବାକୁ ଅନୁରୋଧ କରାଯାଇଛି।

### ନିଶାସକ୍ତ ଡ୍ରାଇଭିଂ ବିରୋଧରେ ସ୍ୱତନ୍ତ୍ର ଡ୍ରାଇଭ୍

# ୩ ଦିନରେ ୬୦୦ ମଦୁଆ ଧରାପଡ଼ିଲେ

**ଭୁବନେଶ୍ୱର, ୧୨।୯(ବ୍ୟୁରୋ):** ମଦ୍ୟପାନ କରି ଗାଡ଼ି ଚଳାଉଥିବା ବ୍ୟକ୍ତିଙ୍କ ବିରୋଧରେ ପରିବହନ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଡ୍ରାଇଭ୍ ଆରମ୍ଭ କରାଯାଇଛି। ୩ ଦିନର ଧରପଗଡ଼ରେ ପ୍ରାୟ ୬୦୦ ମଦୁଆ ପରିବହନ ବିଭାଗ ହାବୁଡ଼ରେ ପଡ଼ିଛନ୍ତି। ବିଭାଗ ଦ୍ୱାରା ଚଳିତ ମାସ ୭ରୁ ୯ ତାରିଖ ପର୍ଯ୍ୟନ୍ତ ମଦୁଆ ଗାଡ଼ି ଚାଳକଙ୍କୁ ଧରିବା ପାଇଁ ଚଳାଯାଇଥିବା ଅଭିଯାନରେ ସମୁଦାୟ ୫୯୯ ଜଣ ବ୍ୟକ୍ତି ମଦ୍ୟପାନ କରି ଗାଡ଼ି ଚଳାଉଥିବା ଦେଖିବାକୁ ମିଳିଥିଲା। ସଡ଼କ ସୁରକ୍ଷାକୁ ନେଇ ସୁପ୍ରିମ୍‌କୋର୍ଟ କମିଟିର ନିର୍ଦ୍ଦେଶ ଅନୁଯାୟୀ ଏହି ସମୟରେ ମୋଟ୍ ୩୩୮ ଡ୍ରାଇଭିଂ ଲାଇସେନ୍ସ ଜବତ କରାଯାଇଛି। କୋଭିଡ୍ କଟକଣା ହଟିବା ପରେ ପରିବହନ ବିଭାଗ ସହିତ ରାଜ୍ୟ ପୋଲିସ ଗତ ଏପ୍ରିଲରେ ମଦ୍ୟପ ଡ୍ରାଇଭିଂ ଯାଞ୍ଚ ପାଇଁ ଡ୍ରାଇଭ୍ ଆରମ୍ଭ କରିଥିଲା। ଅପରାଧୀଙ୍କ ୩୫୦ ଯାନକୁ ଏନ୍‌ଫୋର୍ସମେଣ୍ଟ କର୍ମଚାରୀ ଅଟକ ରଖିଥିଲେ। ଅପରାଧ ପାଇଁ ୨୨୨ ମଦ୍ୟପଙ୍କୁ ଅଟକ ରଖାଯାଇଥିଲା ଏବଂ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନ୍ୟାୟିକ ହେପାଜତକୁ ହସ୍ତାନ୍ତର କରାଯାଇଥିଲା। ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଲାଗି ମୋଟ୍ ୪୫୫ ପ୍ରବର୍ତ୍ତନ ରିପୋର୍ଟ (ପିଆର) କୋର୍ଟରେ ଦାଖଲ କରାଯାଇଛି। ଏହାଛଡ଼ା ମୋଟର ଯାନ ନିୟମ ଉଲ୍ଲଂଘନ ପାଇଁ ୧୫୬୮ ମାମଲା ଚିହ୍ନଟ ହୋଇଛି। ଯାନବାହନ ସମ୍ବନ୍ଧୀୟ ବିଭିନ୍ନ ଅପରାଧ ଲାଗି ମୋଟ ୧୫୩୨ ଇ-ଚାଲାଣ ଜାରି କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ, ଭାରତରେ ବଢୁଥିବା ସଡ଼କ ଦୁର୍ଘଟଣା ପଛରେ ମଦ୍ୟପାନ କରି ଗାଡ଼ି ଚଳାଇବା ଏକ ପ୍ରମୁଖ କାରଣ। ରାଜ୍ୟରେ ୨୦୨୧ରେ ମଦ୍ୟପାନ କରି ଗାଡ଼ି ଚଳାଇବା କାରଣରୁ ୨୪୬ ସଡ଼କ ଦୁର୍ଘଟଣା ଘଟିଥିଲା। ଏଥିରେ ମୋଟ୍ ୭୯ ଜଣ ପ୍ରାଣ ହରାଇଥିବା ବେଳେ ୧୫୧ ଜଣ ଆହତ ହୋଇଛନ୍ତି।


No. A-497

GOVERNMENT OF ODISHA
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER & BASIN MANAGER, SUBARNAREKHA & BUDHABALANGA BASIN**
At/P.O.- Laxmiposi, Dist.- Mayurbhanj, PIN - 757107
**Government of Odisha "e" PROCUREMENT NOTICE**
Bid Identification No. 07/22-23 of CEBM, SBB, Laxmiposi

| | | |
|---|---|---|
| i | Name of Work | "Construction of Black Topping Service Road from RD 37.500 K.M. to RD 82.646 K.M. of Jambhira Left Main Canal". |
| ii | Estimated Cost (Lakh) | Rs.2723.50 Lakh |
| iii | Period of Completion | 18 (Eighteen) Calendar Months |
| iv | Date & time of availability of bid document in the portal | 14.09.2022 at 10.00 A.M. |
| v | Last date/time for receipt of bid in the portal | 10.10.2022 upto 5.00 P.M. |
| vi | Name & address of the O.I.T. | Chief Engineer & Basin Manager, O/o. the CE&BM, Subarnarekha & Budhabalanga Basin, Laxmiposi, Mayurbhanj |

Further details can be seen from the e-Procurement portal **"https://tendersodisha.gov.in"**.

**Sd./- Chief Engineer & Basin Manager**
**Subarnarekha & Budhabalanga Basin, Laxmiposi, Mayurbhanj**
**cebmsbb2019@gmail.com**
OIPR-32429/11/0012/2223

**CUTTACK MUNICIPAL CORPORATION**
**"e" PROCUREMENT NOTICE**
No. C-1184 **Tender ID: 2022_ORULB_80624**
**Tender Call Notice No. 5146 (PW)** **Date: 12.09.2022**

Name of Works : Civil Works
No. of Works : 04 Nos.
Bid Value : Rs.16.63 lakhs to Rs.22.99 lakhs
Period of Completion : Three Calendar Months
Date and Time Schedule :

| Start | End | Opening |
|---|---|---|
| 11.00 A.M. on Dt.13.09.2022 | 5.00 P.M. on Dt.21.09.2022 | 11.00 A.M. on Dt.26.09.2022 |

Tender details can be seen from the procurement portal: **www.tendersorissa.gov.in**.
**Executive Engineer, City Division-II, CMC**
OIPR-13031/11/0063/2223

**Bhubaneswar Municipal Corporation**
*Progress through Partnership for better Bhubaneswar*
**File No.: BMC(H)-19/2017, 2021/64**
**RFP No. 286** **Date: 12.09.2022**
**RFP for "Selection of an Agency to Provide Paramedical Professionals on Contractual Basis in BMC Hospital and its associate Dispensaries, Bhubaneswar"**

No. C-1194: Bhubaneswar Municipal Corporation invites sealed proposals from intending agencies having the requisite qualification as per terms stipulated in the RFP document for providing Paramedical Professionals on contractual basis in BMC Hospital and its associate dispensaries. The detailed terms and conditions, scope of work etc. can be seen in the bidding document/RFP available in website i.e. **www.tendersodisha.gov.in** (for view, download and bidding) and in BMC website i.e. **bmc.gov.in** (for view and download only) from Dt.13.09.2022, 10.00 A.M. to Dt.29.09.2022 upto 5.30 P.M. The last date of receipt of application is till 5.30 P.M. on 29.09.2022. For any clarification, an e-mail may be sent on **bmcpmu@bmc.gov.in**.

By Order
**Sd./- Chief Municipal Medical Officer**
**Bhubaneswar Municipal Corporation**
OIPR-13002/11/0097/2223

**OFFICE OF THE MUNICIPAL COUNCIL, SONEPUR**
**"e" Procurement Notice**
BID Identification No.: SNP-MUN-07/2022-23
**TENDER ID: 2022_ORULB_81277**
Tender Call Notice No. 2880 / Date: 09.09.2022

No. C-1187: Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract & other necessary documents can be seen in Govt. website i.e. **www.tendersodisha.gov.in**.

1. Name of the work : As per DTCN
2. No. of Works : 04 Nos.
3. Amount put to Tender : As per DTCN
4. Period of Completion : As per DTCN
5. Starting Date & Time of Bidding : From Dt.10.09.2022 from 11.00 A.M.
6. Last date & time for receipt of tenders through online : On or before Dt.19.09.2022 upto 05.00 P.M.
7. Bids received online shall be opened on : On Dt.20.09.2022 at 11.00 A.M.
8. Name and address of the Officer Inviting Bid : Executive Officer, Sonepur Municipality

Further details can be seen from the procurement portal i.e. **www.tendersodisha.gov.in**.

**Sd./- Executive Officer**
**Sonepur Municipality**
OIPR-13098/11/0028/2223

GOVERNMENT OF ODISHA
**e-Procurement Notice, ANGUL (R&B) DIVISION**
**Bid Identification No.-11 of 2022-23**
No.B-573: e-mail ID- angulrbdivision@yahoo.co.in

1. Number of Works : 04 (Four) number of Building works 03 (Three) number of Road works
2. Approximate estimated cost : Varies from Rs.23.00 lakhs to Rs.90.00 lakhs
3. Period of completion : Varies from 02 (Two) to 09 (Nine) Calendar months
4. Date & Time of availability of bid document in the portal : Dt.14.09.2022 at 10.00 A.M.
5. Last date / Time for receipt of bid in the portal : Dt. 29.09.2022 up to 5.00 P.M.
6. Date of opening Bid : Dt. 30.09.2022 at 11.00 A.M.
7. Name and address of the Office Inviting Bid : Superintending Engineer, Angul (R&B) Division, Angul
8. The bidders have to participate in **ONLINE** bidding only.

Further details can be seen from the e-procurement portal https:/tendersodisha.gov.in.

**Sd./- Superintending Engineer**
**Angul (R&B) Division**
OIPR-34074/11/0006/2223

**MUNICIPAL OFFICE, JHARSUGUDA**
**"E" Procurement Notice**
**Tender Call Notice No.4079/JM, Dt.09.09.2022**

**No.C-1186:**BID Documents consisting of Work. Estimated Cost, Cost of tender paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tenderodisha.gov.in.

1. Tender Reference : EO/JMC/03/2022-23
2. Tender ID No. : 2022_ORULB_81244
3. Name of the Work : Sanitation works as mentioned in website
4. No. of works : 02 Nos.
5. Estimated Cost : As per DTCN
6. Date & Time of availability of Bid Documents in the Portal : 09.09.2022 at 06.00 PM
7. Last date & time for receipt of bids in the portal : 19.09.2022 at 06.00 PM
8. Bids received online shall be opened on : 22.09.2022 at 03.00 PM
9. Name and address of the Officer inviting : Executive Officer, Jharsuguda Municipality
10. Further details can be seen from the procurement portal i.e. www.tenderodisha.gov.in.

**Sd./- Executive Officer, Jharsuguda Municipality**
OIPR-13165/11/0018/2223

No.g-53: **ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ପୁରୀ**
**ବିଜ୍ଞପ୍ତି**
ଚିଠି ନଂ.୯୮୯ ତାରିଖ–୧୨/୦୯/୨୦୨୨

| କ୍ର. ନଂ. | ଶିଶୁଙ୍କ ପରିଚୟ | ଝିଅ/ ପୁଅ | ବୟସ | | |
|---|---|---|---|---|---|
| ୧ | ନାମ–ଜଣାନାହିଁ ପିତା–ଜଣାନାହିଁ ମାତା–ଜଣାନାହିଁ ଠିକଣା–ଜଣାନାହିଁ | ଝିଅ | ୧୨ ଦିନ ପ୍ରାୟ | ଗତ ତା୨୬.୦୮.୨୦୨୨ ରିଖ ସନ୍ଧ୍ୟା ସମୟରେ ଡେଲାଙ୍ଗ ଘୋରଡିଆ ଅଞ୍ଚଳର କେନାଲ ବନ୍ଧ ନିକଟରୁ ଏକ ଶିଶୁକନ୍ୟାକୁ ଆଶା ଓ ଅଙ୍ଗନବାଡି କର୍ମୀଙ୍କ ଦ୍ୱାରା ଉଦ୍ଧାର କରାଯାଇ ପୁରୀ ଜିଲ୍ଲା ଶିଶୁମଙ୍ଗଳ କମିଟି,ପୁରୀଙ୍କ ନିକଟରେ ଉପସ୍ଥାପିତ କରାଯାଇଥିଲା । ଜିଲ୍ଲା ଶିଶୁ ମଙ୍ଗଳ କମିଟି, ପୁରୀଙ୍କ ନିର୍ଦ୍ଦେଶାଙ୍କ ନଂ.୧୦୧୯୨/CWC/୨୭.୦୮.୨୦୨୨ ଅନୁସାରେ ଶିଶୁଟିକୁ ମୁଖ୍ୟ ଚିକିତ୍ସାଳୟଠାରେ ଚିକିତ୍ସିତ କରାଯାଇ ନୀଳାଚଳ ସେବା ପ୍ରତିଷ୍ଠାନ ଦୟାବିହାର, କଣାସଠାରେ ଥିବା ଶିଶୁଗୃହରେ ଲାଳନ ପାଳନ କରାଯାଉଅଛି । |  |
| ୨ | ନାମ–ଜଣାନାହିଁ ପିତା–ଜଣାନାହିଁ ମାତା–ଜଣାନାହିଁ ଠିକଣା–ଜଣାନାହିଁ | ପୁଅ | ୧୪ ବର୍ଷ ପ୍ରାୟ | ଗତ ତା୧୯.୦୩.୨୦୨୨ ରିଖ ଅପରାହ୍ଣ ୧ଟା ସମୟରେ ଏକ ମାନସିକ ଅନଗ୍ରସର ଏବଂ ବାକ ଶ୍ରବଣ ବାଧିତ ଏକ ବାଳକ ପୁରୀ ସମୁଦ୍ରକୂଳ ଦିଗବାରେଣୀ ନିକଟରେ ବୁଲୁଥିବା ଅବସ୍ଥାରେ ଚାଇଲ୍ଡଲାଇନ ଦ୍ୱାରା ଉଦ୍ଧାର କରାଯାଇ ଶିଶୁ ମଙ୍ଗଳ କମିଟି, ପୁରୀଙ୍କ ନିକଟରେ ଉପସ୍ଥାପିତ କରାଯାଇଥିଲା । ଜିଲ୍ଲା ଶିଶୁ ମଙ୍ଗଳ କମିଟି, ପୁରୀଙ୍କ ନିର୍ଦ୍ଦେଶାଙ୍କ ନଂ.୮୯୧୩/CWCPURI/2022 ଅନୁସାରେ ଶିଶୁଟିକୁ ଖ୍ରୀଷ୍ଟଜ୍ୟୋତି ଆଶ୍ରମ ପରିସର ଶିଶୁଗୃହରେ ରଖାଯାଇଅଛି । |  |

ଯଦି ଏହି ଶିଶୁମାନଙ୍କର କେହି ଅଭିଭାବକ ବା ପରିବାରବର୍ଗ ଓ ଅନ୍ୟ ସମ୍ପର୍କୀୟ ଅଥବା ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ଭିତରେ ଶିଶୁ ମଙ୍ଗଳ କମିଟି, ଉତ୍କଳ ବାଳାଶ୍ରମ ପରିସର, ନରେନ୍ଦ୍ରକୋଣ, ପୁରୀ (ଫୋନ ନଂ.୯୪୩୭୧୧୪୪୬୧) ଜିଲ୍ଲା ଶିଶୁ ସୁର କ୍ଷା ୟୁନିଟ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର (ଫୋନ ନଂ.–୯୪୩୮୬୪୮୦୬୭), ପୁରୀଙ୍କ ସହ ଯୋଗାଯୋଗ କରନ୍ତୁ । ଯଦି ଉପରୋକ୍ତ ସମୟସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ର ଧାରା ୩୮ ଉପଧାରା (୧) ଅନୁସାରେ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ଘୋଷଣା କରାଯିବା ପାଇଁ ପଦକ୍ଷେପ ନିଆଯିବ ।

ସ୍ୱା./– ଜିଲ୍ଲାପାଳ, ପୁରୀ
OIPR-33018/11/0007/2223

**Bhubaneswar Municipal Corporation**
*Progress through Partnership for better Bhubaneswar*
No. 43514 Date: 09.09.2022
Notice No.: ୪୮।।(୬) ୩୩/ ୨୦୧୭ (PT)
**Corrigendum - 2 Pre-bid Meeting for RFP for Advertisement Rights on Government Land under North Zone in BMC**

No. C-1191: In reference to the RFP for advertisement rights on Government land under North Zone of BMC vide RFP No. 37643, dated 04.08.2022 and Corrigendum - 1 vide 41974, dated 30.08.2022, the last date of submission of proposal is 15.09.2022, upto 5.00 P.M. In view of this, again a pre-bid meeting is scheduled to be held on 12.09.2022 at 12 Noon in the Mini Conference Hall, BMC.
The details of the tender are available in BMC website - **http://bmc.gov.in**.

**Sd./- Deputy Commissioner (Revenue)**
**Bhubaneswar Municipal Corporation**
OIPR-13002/11/0095/2223

**idco** | **ODISHA NEW OPPORTUNITIES**
**OFFICE OF THE CHIEF GENERAL MANAGER (P&C)**
**IDCO, IDCO TOWERS, JANPATH**
No.CAD-1783: **BHUBANESWAR-751022**
**Tender Call Notice No. IDCO:H.O./P&C/EST/E-1954/03/2022/23171 dated: 09.09.2022**
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

1. Name of the work : Improvement of Road & Construction of RCC Culvert at Kaki Industrial Estate, Sunabeda, Koraput, Odisha.
2. Estimated cost : Rs.58.95lakh
3. Period of completion : 03 (Three) Calendar months.
4. Other details :

| Procurement Officer | Bid ID/ Tender reference No. | Availability of Tender online for bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar. | Bid ID/ Tender Reference No. P&C/ EST/E- 64/2022-23. | 17.09.2022 at 17.00 Hrs. | 30.09.2022 upto 17.00 Hrs. |

Further details can be seen from the e-Procurement Portal, www.tendersodisha.gov.in and Corrigendum if any will not be published in newspapers and can only be seen in the e-Procurement portal www.tendersodisha.gov.in and www.idco.in.

**Sd./-Chief General Manager (P&C), IDCO, Bhubaneswar**
OIPR-14003/11/0142/2223

**Bhubaneswar Municipal Corporation**
*Progress through Partnership for better Bhubaneswar*
No. 43517 Date: 09.09.2022
Notice No.: ୪୮।।(୬) ୩୩/୨୦୧୭ (PT)
**Corrigendum - 2 Pre-bid Meeting for RFP for Advertisement Rights on Government Land under Southwest Zone in BMC**

No. C-1192: In reference to the RFP for advertisement rights on Government land under Southwest Zone of BMC vide RFP No. 37805, dated 05.08.2022 and Corrigendum - 1 vide 41977, dated 30.08.2022, the last date of submission of proposal is 15.09.2022, upto 5.00 P.M. In view of this, again a pre-bid meeting is scheduled to be held on 12.09.2022 at 12 Noon in the Mini Conference Hall, BMC.
The details of the tender are available in BMC website - **http://bmc.gov.in**.

**Sd./- Deputy Commissioner (Revenue)**
**Bhubaneswar Municipal Corporation**
OIPR-13002/11/0096/2223

**NOTICE**
**PUBLICATION OF A NOTICE FOR THE OWNERS OF THE SEIZED VEHICLES U/S-56 OF OFA-1972**
**No.MM-147:**

| Sl No. | Vehicle No. | C.P case No. of Athmallik Division | UD /OR case No. of Range |
|---|---|---|---|
| 1 | 2 | 3 | 4 |
| 1 | Tractor No.OD-19-F-4595 | 05 of 2020-21 | OR No.82B of 2020-21 |
| 2 | Mini Truck No.OR-02-K-1782 | 08 of 2020-21 | UD No.12 B of 2020-21 |
| 3 | Maxi Truck No.OD- 19-7963 | 10 of 2020-21 | OR No.145 D of 2020-21 |
| 4 | Max. Pick-Up-Van No.OR-16-2262 | 03 of 2021-22 | UD No.02 A of 2021-22 |
| 5 | Bolero No.OR-19-A-0360 | 04 of 2021-22 | UD No.01 M of 2021-22 |
| 6 | Pick-Up-Van No. OR-19-G-2296 | 05 of 2021-22 | UD No.02 M of 2021-22 |
| 7 | Pick-Up-Van No. OR-15-K-0414 | 06 of 2021-22 | UD No.01 D of 2021-22 |
| 8 | Pick-Up-Van No. OR-05-J-2083 | 07 of 2021-22 | UD No.03 M of 2021-22 |
| 9 | TATA-ACE No.OD-15-R-7840 | 09 of 2021-22 | OR No.35 M of 2021-22 |
| 10 | Bolero No.OR-19-F-6685 | 10 of 2021 -22 | UD No.04 D of 2021-22 |
| 11 | Pick-Up-Van No.OR-02-BL-5503 | 16 of 2021-22 | UD No.03 B of 2021-22 |
| 12 | Auto No.OD-19-G-7632 | 16 of 2021-22 | OR No. 10 A of 2022-23 |
| 13 | TATA-207-DI-VAN No.OR-21-5736 | 02 of 2022-23 | OR No.35 B of 2022-23 |
| 14 | Ashok Leyland ( Without number) | 03 of 202-23 | UD No.01 B of 2022-23 |
| 15 | Pick-Up-Van No.02-AG-4321/ Truck No.WB-23-B-3895 | 04 of 2022-23 | OR No.31H of 2022-23 |
| 16 | Ten Wheeler Truck No.WB-23-C-0161 | 06 of 2022-23 | UD No.01 M of 2022-23 |
| 17 | TATA-ACE No.OR-15-0532 | 07 of 2022-23 | UD No.06 H of 2022-23 |
| 18 | Ley Land Mini Truck No. OD-05-AW-8317 | 08 of 2022-23 | UD No.03 A of 2022-23 |
| 19 | Bolero Pick-Up-Van No.OD-19-U-9913 | 09 of 2022-23 | UD No.03 M of 2022-23 |
| 20 | Pick-up-van No.WB-15-D-9486 | 10 of 2022-23 | OR No.73H of 2022-23 |
| 21 | Bolero Pick-Up-Van No.OD-19-G-4322 | 11 of 2022-23 | UD No.07 H of 2022-23 |
| 22 | CD Delux Motor Cycle No.OD-19-T-3378 / Hero Honda CD-DWAN No.OR-19-A-6410 | 12 of 2022-23 | OR No.55 D of 2022-23 |

After several letters to the Regional Transport Officer concerned the ownership of the vehicle could not be established.

So anybody claming the ownership of the after said vehicles should file representation/ claim petition with proof or appear with relevant records before the Authorised Officer-Cum- Divisional Forest Officer, Athmallik (T) Division within one month of publication of this notice falling which decision will be taken for confiscation of the seized vehicles alongwith seized forest produce under Section-56 of Orissa Forest Act-1972 ( Amended up to date) and no further claim in this regard will be entertained.

**Sd./-Authorised Officer-Cum-Divisional Forest Officer**
**Athmallik Division**
OIPR-08066/11/0007/2223

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ**
**ଲୋକସେବା ଭବନ,ଭୁବନେଶ୍ୱର**
ଦୂରଭାଷ–୦୬୭୪–୨୩୯୧୯୭୬/୭୭
No.gg-13: ଫ୍ୟାକ୍ସ:+୯୧–୦୬୭୪–୨୩୯୦୧୧୭
**ବିଜ୍ଞାପନ**
**No.6840/SSEPD** **Dt.09.09.2022**

ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ୨୦୨୨–୨୩ ଶିକ୍ଷା ବର୍ଷ ପାଇଁ ଭାରତ ସରକାରଙ୍କ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ପ୍ରଦାନ କରାଯାଉଥିବା ଶିକ୍ଷାବୃତ୍ତି ପାଇବା ନିମନ୍ତେ ଜାତୀୟ ବୃତ୍ତି ପୋର୍ଟାଲ (ନ୍ୟାଶନାଲ ସ୍କଲାରଶିପ ପୋର୍ଟାଲ)https//scholarship.gov.in ରେ ପଞ୍ଜୀକରଣ ଆବଶ୍ୟକ ଅଟେ । ଏହି ସମ୍ପର୍କୀୟ ପଞ୍ଜୀକରଣର ଶେଷ ତାରିଖ ନିମ୍ନରେ ପ୍ରଦାନ କରାଗଲା ।

| ବର୍ଗ | ଆବେଦନର ଶେଷ ତାରିଖ | ଅନୁଷ୍ଠାନ–ସ୍ତରୀୟ ଯାଞ୍ଚର ଶେଷ ତାରିଖ | ରାଜ୍ୟ–ସ୍ତରୀୟ ଯାଞ୍ଚର ଶେଷ ତାରିଖ |
|---|---|---|---|
| ପ୍ରି–ମାଟ୍ରିକ | ୩୦.୦୯.୨୦୨୨ | ୧୬.୧୦.୨୦୨୨ | ୩୧.୧୦.୨୦୨୨ |
| ପୋଷ୍ଟ–ମାଟ୍ରିକ | ୩୧.୧୦.୨୦୨୨ | ୧୫.୧୧.୨୦୨୨ | ୩୦.୧୧.୨୦୨୨ |
| ଟପ୍ କ୍ଲାସ | ୩୧.୧୦.୨୦୨୨ | ୧୫.୧୧.୨୦୨୨ | ୩୦.୧୧.୨୦୨୨ |

ଏଣୁ ସମସ୍ତ ଶିକ୍ଷାନୁଷ୍ଠାନ ଓ ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ଭିନ୍ନକ୍ଷମ ବିଦ୍ୟାର୍ଥୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ ସେମାନେ ଉପରୋକ୍ତ ସମୟସୀମା ମଧ୍ୟରେ ପଞ୍ଜୀକରଣ କରାଇ ଶିକ୍ଷାବୃତ୍ତିର ଲାଭ ନିଅନ୍ତୁ ।

ସ୍ୱା/–ନିର୍ଦ୍ଦେଶକ
ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ
OIPR-46001/11/0020/2223

**ODISHA JOINT ENTRANCE EXAMINATION - 2022**
**No. OJEE/419** **Date: 12.09.2022**
**NOTICE FOR CANDIDATES APPLYING UNDER EX-SERVICEMEN CATEGORY**

No. h-07: Odisha Native Candidates of **Ex-Servicemen Category**, who have qualified in JEE (MAIN) - 2022 and wish to take part in OJEE counselling for admission in **B.Tech/B.Arch/B.Plan/B. CAT/Int. M.Sc. Courses** are advised to report to **Rajya Sainik Board, Odisha at IRC Village, Nayapalli, Bhubaneswar during 12th to 17th Sept., 2022** with all necessary documents for verification of their candidature for reservation under Ex-Servicemen category.
For detailed information, please visit OJEE websites **(www.ojee.nic.in / www.odishajee.com)**.

**Sd./- Chairman, OJEE**
OIPR-14020/11/0014/2223

## ସେନ୍‌ସେକ୍ସରେ ୩୨୨ ପଏଣ୍ଟ ବୃଦ୍ଧି

**ନୂଆଦିଲ୍ଲୀ:** ଗତ କିଛିଦିନ ହେଲା ଶେୟାର ବଜାର କାରବାର ତଳ ଉପର ହେଉଛି। ଫଳରେ ଦଲାଲ ଷ୍ଟ୍ରିଟ୍‌ର ନିବେଶକମାନେ ମଧ ଆଶା ଆଶଙ୍କା ମଧ୍ୟରେ ନିବେଶ କରୁଛନ୍ତି। ଚଳିତ ସପ୍ତାହର ୧ମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଷ୍ଟକ୍ ବଜାରର କାରବାର କିଛି ପରିମାଣରେ ବୃଦ୍ଧି ପାଇଛି। ଏପରିକି ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ ପ୍ରାୟ ୧%ର ବଜାର ଶେୟାର ବୃଦ୍ଧି ଘଟିଥିବା ଜଣାପଡିଛି। ସୋମବାର ସେନ୍‌ସେକ୍ସ ୩୨୨ (୩୨୧.୯୯) ପଏଣ୍ଟ ବଢି ୬୦,୧୧୫.୧୩ ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନିଫ୍ଟି-୫୦ରେ ମଧ ୧୦୩ (୧୦୩.୦୦) ପଏଣ୍ଟ ବୃଦ୍ଧି ଘଟି ୧୭,୯୩୬.୩୫ ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

# ଟିଭିଏସ୍‌ର ୨ଟି ଆପାଚି ଆର୍‌ଟିଆର୍ ମଡେଲ ଉନ୍ମୋଚିତ

ନୂଆଦିଲ୍ଲୀ,୧୨।୯



ଦେଶର ପ୍ରମୁଖ ଦୁଇ ଓ ତିନି ଚକିଆ ଯାନ ନିର୍ମାତା ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ସୋମବାର ୨ଟି ଆପାଚି ଆର୍‌ଟିଆର୍ ମଡେଲ ସର୍ବଭାରତୀୟସ୍ତରରେ ଉନ୍ମୋଚନ କରାଯାଇଛି। ବିଶେଷକରି କମ୍ପାନୀର ୨୦୨୨ ଟିଭିଏସ୍ ଆପାଚି ଆର୍‌ଟିଆର୍-୧୬୦ ଏବଂ ୨୦୨୨ ଟିଭିଏସ୍ ଆପାଚି ଆର୍‌ଟିଆର୍ -୧୮୦ ମଡେଲକୁ ବଜାର ପ୍ରବେଶ କରାଇଛି।

ଏ ସମ୍ପର୍କରେ ଟିଭିଏସ୍ ମୋଟର କମ୍ପାନୀର ବ୍ୟବସାୟ ମୁଖ୍ୟ (ପ୍ରିମିୟମ) ବିମଳ ସୁମ୍ବଲି କହିଛନ୍ତି, ଆମର ଗ୍ରାହକଙ୍କ ସହ ଯୋଡ଼ି ହୋଇପାରୁଥିବା ଉତ୍କୃଷ୍ଟ ଉତ୍ପାଦ ବଜାରକୁ ଆଣିବା ପାଇଁ ଟିଭିଏସର ରେସିଂ ଐତିହ୍ୟ ଅନୁସାରେ ଟିଭିଏସ୍ ଆପାଚି ସିରିଜ୍‌କୁ ଗଠନ କରାଯାଇଛି। ଏକ ବାସ୍ତବ ରେସିଂ ଅନୁଭୂତି ସହ ସାରା ବିଶ୍ୱରେ ଥିବା ଆପାଚି ଗୋଷ୍ଠୀ ଓ ବିଶ୍ୱାସୀଙ୍କୁ ଉଲ୍ଲସିତ କରିବା ଲାଗି ଆମର ରହିଥିବା ପ୍ରତିବଦ୍ଧତା ପ୍ରତି ପ୍ରତିଫଳନ ହେଉଛି ୨୦୨୨ଟିଭିଏସ୍ ଆପାଚି ଆର୍‌ଟିଆର୍-୧୬୦ ଓ ଟିଭିଏସ୍ ଆପାଚି ଆର୍‌ଟିଆର୍-୧୮୦ର ଉପସ୍ଥାପନା।

ସେହିଭଳି ଉଭୟ ମୋଟରସାଇକେଲ୍‌ରେ ଆକର୍ଷଣୀୟ ଗ୍ରାଫିକ୍ସ ବ୍ୟବହାର କରାଯାଇଛି। ସେଥିରେ ପ୍ରଥମ ସୁବିଧା ସୁଯୋଗ ଯଥା ସମ୍ପୂର୍ଣ୍ଣ ନୂଆ ଏଲ୍‌ଇଡି ହେଡ୍‌ଲ୍ୟାମ୍ପ ଓ ନୂଆ ଏଲ୍‌ଇଡି ଟେଲ୍ ଲ୍ୟାମ୍ପ ଆଦି ସାମିଲ ରହିଛି। ଏହା ସହିତ ସ୍ମାର୍ଟ ଏକ୍ସକନେକ୍ଟ ଓ ଭଏସ୍ ଆସିଷ୍ଟ ସୁବିଧା ଥିବା ଉନ୍ନତ ବ୍ଲୁଟୁଥ୍ ସଂଯୋଗର ଡିଜିଟାଲ୍ ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର ରହିଛି। ଏଥିରେ ତିନିଟି ରାଇଡ୍ ମୋଡ୍-ରେନ୍, ଅର୍ବାନ୍ ଓ ସ୍ପୋର୍ଟସ୍ ରହିଛି। ଏକ୍ସ ରିଙ୍ଗ୍ ଚେନ୍, ୧୨୦ଏମ୍‌ଏମ୍ ଚଉଡ଼ା ପଛ ଟାୟାର୍, ଗିୟର୍ ପୋଜିଶନ୍ ଇଣ୍ଡିକେଟର୍ ଓ ଟିଭିଏସ୍ କନେକ୍ଟ ଆପ୍‌ର ସୁବିଧା ମଧ ରହିଛି। ସେହିପରି ୨୦୨୨ ଟିଭିଏସ୍ ଆପାଚି ଆର୍‌ଟିଆର୍-୧୮୦ ସିରିଜ୍ କଳା ଓ ଧଳା ରଙ୍ଗରେ ଆସୁଥିବା ବେଳେ ୨୦୨୨ ଟିଭିଏସ୍ ଆପାଚି ଆର୍‌ଟିଆର-୧୬୦ କଳା, ଧଳା, ଲାଲ, ନୀଳ ଓ ଟି-ଗ୍ରେ ଭଳି ୫ଟି ରଙ୍ଗରେ ଉପଲବ୍ଧ ହୋଇଛି। ଅପରପକ୍ଷରେ ଦିଲ୍ଲୀରେ ଟିଭିଏସ୍ ଆପାଚି ଆର୍‌ଟିଆର୍-୧୮୦ ଡିସ୍କ ବିଟିର ଦାମ୍ ୧,୩୦,୫୯୦ ଟଙ୍କା ଥିବାବେଳେ ଟିଭିଏସ୍ ଆପାଚି ଆର୍‌ଟିଆର୍-୧୬୦ ଡିସ୍କ ବିଟି ୧,୨୪,୫୯୦ ଟଙ୍କା ଏବଂ ଟିଭିଏସ୍ ଆପାଚି ଆରଟିଆର-୧୬୦ ଡିସ୍କର ଦାମ୍ ୧,୨୧,୨୯୦ ଟଙ୍କା ଓ ଟିଭିଏସ୍ ଆପାଚି ଆର୍‌ଟିଆର୍ ୧୬୦ ଡ୍ରମ୍‌ର ଦାମ୍ ୧,୧୭,୭୯୦ ଟଙ୍କା ରହିଛି।

## ଆଇପିଓ ଆଣିବ ପତଞ୍ଜଳି ବ୍ରାଣ୍ଡ୍‌ର ଆଉ ୪ କମ୍ପାନୀ

ନୂଆଦିଲ୍ଲୀ,୧୨।୯

ଦେଶର ପ୍ରମୁଖ ଘରୋଇ ପ୍ରତିଷ୍ଠାନ ତଥା ଯୋଗଗୁରୁ ରାମଦେବଙ୍କ ପତଞ୍ଜଳି ବ୍ରାଣ୍ଡର ଆଉ ୪ଟି କମ୍ପାନୀ ଖୁବଶୀଘ୍ର ଷ୍ଟକ୍ ବଜାରରେ ପଞ୍ଜୀକୃତ ହେବାକୁ ଯାଉଛନ୍ତି। ଏପରିକି କମ୍ପାନୀ ତା'ର ପ୍ରାରମ୍ଭିକ ସର୍ବସାଧାରଣ ଅଫର (ଆଇପିଓ)ର ଶୁଭାରମ୍ଭ କରିବାର ଯୋଜନା ରହିଛି ବୋଲି ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ଯୋଗଗୁରୁ ରାମଦେବ ଏଭଳି କିଛି ସୂଚନା ଦେଇଛନ୍ତି। ଫଳରେ କମ୍ପାନୀ ଶେୟାର ବଜାରରେ ସୂଚୀବଦ୍ଧ ହେବା ସହ କାରବାର ମଧ ଆରମ୍ଭ କରିବ ବୋଲି ଜଣାପଡିଛି। ବିଶେଷକରି ବ୍ରାଣ୍ଡ୍‌ର ପତଞ୍ଜଳି ଆୟୁର୍ବେଦ, ପତଞ୍ଜଳି ୱେଲନେସ ଏବଂ ପତଞ୍ଜଳି ମେଡିସିନ ସହ ପତଞ୍ଜଳି ଲାଇଫଷ୍ଟାଇଲ ଆଦି ସାମିଲ ରହିଛି।

# ସଫଳତା ପଥରେ ଜିନ୍ଦେଗୀ ଫାଉଣ୍ଡେଶନ



ଭୁବନେଶ୍ୱର,୧୨।୯

ଗତ ୫ବର୍ଷ ମଧ୍ୟରେ ଜିନ୍ଦେଗୀ ଫାଉଣ୍ଡେଶନର ପ୍ରାୟ ୯୦ (୮୮) ଜଣ କୃତୀ ଛାତ୍ର ଡାକ୍ତର ହେବାର ଯୋଗ୍ୟତା ହାସଲ କରିଛନ୍ତି। ଏପରିକି ଭିନ୍ନ ଏକ ଚିନ୍ତାଧାରାରେ ପ୍ରତିଷ୍ଠା ହୋଇଥିବା ଜିନ୍ଦେଗୀ ଫାଉଣ୍ଡେଶନ ସଫଳତା ପଥରେ ଆଗେଇ ଚାଲିଛି। ନିକଟରେ ପ୍ରକାଶିତ ଏନ୍‌ଇଇଟି(ୟୁଜି)୨୦୨୨ର ଫଳାଫଳ ଅନୁଯାୟୀ ଜିନ୍ଦେଗୀ ଫାଉଣ୍ଡେଶନର ୨୧ଜଣ ଛାତ୍ରଙ୍କ ମଧ୍ୟରୁ ୨୦ଜଣ ଛାତ୍ର ନିଟ୍-୨୨ରେ କୃତକାର୍ଯ୍ୟ ହୋଇ ଡାକ୍ତରୀ ଶିକ୍ଷା ପାଇଁ ନାମ ଲେଖାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ରୋଟାରି ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେଇ ଫାଉଣ୍ଡେଶନର ମୁଖ୍ୟ ଏ.ବି.ସିଂ ସଫଳ ୨୦ ନିଟ୍ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ କୃତୀ ବିଦ୍ୟାର୍ଥୀଙ୍କ ମଧ୍ୟରେ ଯାଜପୁରର ଛାତ୍ରୀ ଅମୃତା ସାହୁ ନିଟ୍-୨୨ରେ ୬୩୬ ମାର୍କ ରଖିଛନ୍ତି। ସେହିଭଳି କେନ୍ଦ୍ରାପଡ଼ାର ଜଗନ୍ନାଥ ଗିରି ମଧ ନିଟ୍-୨୨ରେ ୬୩୫ ମାର୍କ ରଖିଥିବା ବେଳେ ଢେଙ୍କାନାଳର ମଳୟ କୁମାର ପ୍ରଧାନ ମଧ ୬୩୪ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ଏହିପରି ୨୦ ସଫଳ ଛାତ୍ର ଭିନ୍ନ ଭିନ୍ନ ଅବସ୍ଥାରେ ସମୟ ଅତିବାହିତ କରୁଥିବା ଜିନ୍ଦେଗୀ ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ବିଶିଷ୍ଟ ଶିକ୍ଷାବିତ୍ ଅଜୟ ବାହାଦୁର ସିଂ କହିଛନ୍ତ।

# ବିସିଇ-କଟକ କ୍ଲବ୍ ଉଦ୍‌ଘାଟିତ



**ଭୁବନେଶ୍ୱର,୧୨।୯:** ରାଜ୍ୟର ପ୍ରମୁଖ ଘରୋଇ ବାଣିଜ୍ୟିକ ସଂସ୍ଥାର ସଦସ୍ୟଙ୍କ ଦ୍ୱାରା ଗଠିତ ବିଜ୍‌ନେସ କ୍ଲବ୍ ଅଫ ଏଣ୍ଟରପ୍ରିନିଅର୍ସ (ବିସିଇ)ର କଟକ ଶାଖା ପକ୍ଷରୁ ନିକଟରେ 'ବିସିଇ-କଟକ କ୍ଲବ'ର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ରାଜ୍ୟ ସାଧାରଣ ଉଦ୍ୟୋଗ ବିଭାଗର ଅତିରିକ୍ତ ସଚିବ ତଥା ନିର୍ଦ୍ଦେଶକ ଡଃ. ପାର୍ଥସାରଥି ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ପ୍ରତିଷ୍ଠାତା ଡା ସଞ୍ଜୟ ଚୌଧୁରୀ, ସହ ପ୍ରତିଷ୍ଠାତା ବିପିନ ବିହାରୀ ସାହୁ, ଶେଖ ଅବଦୁଲ ସମିମ୍ ଓ ବଦ୍ରିନାରାୟଣ ସାମଲଙ୍କ ସମେତ ବିସିଇ-କଟକ-କ୍ଲବ୍‌ର କାର୍ଯ୍ୟନିର୍ବାହୀ ଅଧକ୍ଷ ରୋନି ସନ୍ତୋଷ ଦାସ, ବିସିଇ-ଭୁବନେଶ୍ୱର କ୍ଲବର ପରିଚାଳନା କମିଟିର ସଭାପତି କପିଲ ଖଣ୍ଡେଲୱାଲ, ଉପସଭାପତି ଗୌରବ ରାଲହନ, କ୍ଲବ ସପୋର୍ଟ ଆମ୍ବାସାଡର ଆଂଶୁ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥଲେ।

ଉଲ୍ଲେଖଯୋଗ୍ୟ ଯେ ରାଜ୍ୟରେ ପ୍ରଥମେ ପ୍ରତିଷ୍ଠିତ ବିସିଇ-ଭୁବନେଶ୍ୱର କ୍ଲବ ୯ମାସ ମଧ୍ୟରେ ଅନେକ ଭଲ ବ୍ୟବସାୟ କରି ରେକର୍ଡ ସ୍ଥାପନ ସହ ନିକଟରେ ବିସିଇ-କଟକ କ୍ଲବର ଅୟମାରମ୍ଭ ହୋଇଛି। ସେହିଭଳି ରାଜ୍ୟର ୩୦ ଜିଲାରେ ୩୦ଟି କ୍ଲବ ପ୍ରତିଷ୍ଠା କରାଯିବ ବୋଲି ବିସିଇ ପକ୍ଷରୁ କୁହାଯାଇଛି।

# ସିମା ଇଲେକ୍ଟ୍ରିକ ପକ୍ଷରୁ ୩ଟି ନୂଆ ଇଭି ମଡେଲ

ନୂଆଦିଲ୍ଲୀ,୧୨।୯

ଓଡ଼ିଶାଭିତ୍ତିକ ମେଡ୍-ଇନ୍-ଇଣ୍ଡିଆ ଇଭି ନିର୍ମାତା ସିମା ଇଲେକ୍ଟ୍ରିକ (ସିମା ଇ-ଭେଇକିଲ ଆଣ୍ଡ ସୋଲାର ପ୍ରାଇଭେଟ ଲିମିଟେଡ ବା ଏସ୍‌ଇଏସ୍) ପକ୍ଷରୁ ଇଭି ଇଣ୍ଡିଆ ଏକ୍ସପୋ-୨୦୨୨ରେ ୩ଟି ନୂଆ ହାଇସ୍ପିଡ ଇଲେକ୍ଟ୍ରିକ ସ୍କୁଟର୍‌ର ଉନ୍ମୋଚନ କରାଯାଇଛି। ନିକଟରେ ଇଣ୍ଡିଆ ଏକ୍ସପୋ ସେଣ୍ଟରଠାରେ ଆୟୋଜିତ ଇଭି ଏକ୍ସପୋରେ ବ୍ରାଣ୍ଡର ନୂତନ ଇ-ସ୍କୁଟର ଯଥା ଇଗଲ ପ୍ଲସ, ଗ୍ରାଏଫୋନ ଏବଂ ଟଫ୍ ପ୍ଲସକୁ ପ୍ରଦର୍ଶିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ସିମା ଇଲେକ୍ଟ୍ରିକର ପ୍ରତିଷ୍ଠାତା ତଥା ସିଓଓ ଯୋଗେଶ କୁମାର ଲଥ କହିଛନ୍ତି, ସମଗ୍ର ଅଟୋମୋବାଇଲ ଶିଳ୍ପ ବର୍ତ୍ତମାନ ଜାରି ରହିଥିବା ଇ-ମୋବିଲିଟି ମିଶନରେ ଯୋଗଦାନ ପାଇଁ ନିରନ୍ତର ଭାବେ କାର୍ଯ୍ୟ କରୁଥିବାବେଳେ ଆମେ ଏଭଳି ଉତ୍ପାଦ ଯୋଗାଇଦେବାର ପ୍ରୟାସ କରୁଛୁ, ଯାହା ଗୁଣବତ୍ତା ଏବଂ କାର୍ଯ୍ୟଦକ୍ଷତା ସ୍ତରରେ କମ୍ ହୋଇନଥିବ । ଇଭି ଏକ୍ସପୋ ଇଣ୍ଡିଆରେ ଆମେ ଏହି ଚାହିଦାକୁ ବୁଝିବା ଏବଂ ଆମର ପ୍ରୟାସକୁ ପ୍ରଦର୍ଶିତ କରିବା ଲାଗି ଉପଯୁକ୍ତ ମଞ୍ଚ ପାଇଛୁ । ଆମର ଉତ୍ପାଦ ରେଞ୍ଜ ପାଇଁ ଅତ୍ୟନ୍ତ ଉତ୍ସାହଭରା ପ୍ରତିକ୍ରିୟା ପାଇଛୁ ଏବଂ ଆମେ ନିଶ୍ଚିତ ଯେ ଏହି ନୂତନ ଉନ୍ମୋଚନ ପରେ ମଧ୍ୟ ସମାନ ପ୍ରତିକ୍ରିୟା ହାସଲ କରିବୁ । ବର୍ତ୍ତମାନ ବ୍ରାଣ୍ଡର ୫ଟି ନିମ୍ନ ବେଗ ବାହନ ରହିଛି । ନୂଆକରି ଉନ୍ମୋଚିତ ଏହି ଇ-ସ୍କୁଟରଗୁଡ଼ିକୁ ଔପଚାରିକ ଭାବେ ଚଳିତ ଅକ୍ଟୋବର ମଧଭାଗ ସୁଦ୍ଧା ଶୁଭାରମ୍ଭ କରାଯିବ ବୋଲି ଅନୁମାନ କରାଯାଉଛି।



# ୧୪ରେ ଦିପାର ବାର୍ଷିକ ଇଭେଣ୍ଟ

ନୂଆଦିଲ୍ଲୀ,୧୨।୯

ଡିଜିଟାଲ ଇନ୍‌ଫ୍ରାଷ୍ଟ୍ରକଚର ପ୍ରୋଭାଇଡ୍‌ସ ଆସୋସିଏଶନ (ଡିଆଇପିଏ) ବା ଡିଜିଟାଲ ଭିତ୍ତିଭୂମି ପ୍ରଦାନକାରୀ ସଂଘ(ଦୀପା)ର ଏକ ଶୀର୍ଷ ଡିଜିଟାଲ ଭିତ୍ତିଭୂମି ପ୍ରଦାନକାରୀ ଶିଳ୍ପ ସଂସ୍ଥା ବାର୍ଷିକ ଫ୍ଲାଗଶିପ ଇଭେଣ୍ଟର ଆୟୋଜନ କରୁଛି। ବିଶେଷକରି ଚଳିତ ବର୍ଷ ପାଇଁ ନୂଆ ଥିମ୍ 'ଗତିଶକ୍ତି ଭିଜନ୍ ଫର୍ ୫ଜି ଆଣ୍ଡ ବିୟଣ୍ଡ'ର ଆୟୋଜନ କରିବାକୁ ସଂଘ ପ୍ରସ୍ତୁତ ହେଉଛି। ଏହା ଉଦ୍ୟୋଗ ପାଇଁ ଏକ ବଡ଼ ଇଭେଣ୍ଟ ହେବ ବୋଲି କୁହାଯାଉଛି। ଏହାର ନାମ 'ଗତିଶକ୍ତି ଭିଜନ ଫର୍ ୫ଜି ଆଣ୍ଡ ବିୟଣ୍ଡ' ଯାହା ପ୍ରଧାନମନ୍ତ୍ରୀଙ୍କ ଅଭିଳାଷ ଅନୁଯାୟୀ ଟେଲିକମ ଭିତ୍ତିଭୂମିର ସ୍ଥିତିକୁ ମଜଭୁତ କରିବ। ଏହି ଇଭେଣ୍ଟ ଚଳିତ ବର୍ଷ ସେପ୍ଟେମ୍ବର ୧୪ରେ ହୋଟେଲ ଇମ୍ପେରିୟାଲ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବ। ଦୀପାର ବାର୍ଷିକ ଫ୍ଲାଗଶିପ ଇଭେଣ୍ଟ ଅପରାହ୍ନ ୨.୩୦ ଘଟିକା ସମୟରେ ଉଦ୍‌ଘାଟନ ହେବ। ଏଥିରେ ଡିଜିଟାଲ ଇନ୍‌ଫ୍ରାଷ୍ଟ୍ରକଚର ପ୍ରୋଭାଇଡର୍ସ ଆସୋସିଏଶନ(ଦୀପା)ର ମହାନିର୍ଦ୍ଦେଶକ ଟି.ଆର.ଦୁଆ ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିବେ। ମିନିଷ୍ଟେରିଆଲ ଅଧିବେଶନ ୫ ଘଟିକା ସମୟରେ ଅନଷ୍ଠିତ ହେବ। ଏଥିରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମୁଖ୍ୟ ଅତିଥି ଭାବେ ଯୋଗ ଦେଉଥିବା ବେଳେ ସମ୍ମାନିତ ଭାବେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଦେବୁସିଂ ଚୌହାନ, ଟେଲିକମ ବିଭାଗର ଚେୟାରମ୍ୟାନ ଡିସିସି ଆଣ୍ଡ ସେକ୍ରେଟାରି (ଟି) କେ. ରାଜାରମଣ, ଟ୍ରାଇର ଚେୟାରମ୍ୟାନ ଡ. ପି.ଡି ଭାଗେଲାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ କମ୍ପାନୀ କର୍ତ୍ତୃପକ୍ଷ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ଜେଇଇ ଆଡ୍‌ଭାନ୍ସଡରେ ଆଲେନ୍‌ର ବାଜିମାତ୍

ଭୁବନେଶ୍ୱର,୧୨।୯

ଆଇଆଇଟି ମୁମ୍ବାଇ ଦ୍ୱାରା ପରିଚାଳିତ ଜେଇଇ ଆଡଭାନ୍ସଡ-୨୦୨୨ର ଫଳାଫଳ ନିକଟରେ ପ୍ରକାଶ ପାଇସାରିଛି। ଉକ୍ତ ଫଳାଫଳ ଅନୁଯାୟୀ ଆଲେନ୍ ଭୁବନେଶ୍ୱରର ଛାତ୍ରୀଛାତ୍ରୀମାନେ ପୁଣିଥରେ ବାଜିମାତ ସହ ପରୀକ୍ଷାରେ ନିଜର ଉତ୍କର୍ଷତା ପ୍ରମାଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ନିକଟରେ ଆଲେନ୍ ଭୁବନେଶ୍ୱର ସେଣ୍ଟର ପକ୍ଷରୁ ଜେଇଇ ଆଡଭାନ୍ସଡ-୨୦୨୨ର କୃତୀ ଛାତ୍ରୀଛାତ୍ରମାନଙ୍କର ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

ଏ ସମ୍ପର୍କରେ ଆଲେନ୍ ଭୁବନେଶ୍ୱର ସେଣ୍ଟରର ମୁଖ୍ୟ ଅନୁରାଗ ମିଶ୍ର କହିଛନ୍ତି, ଆଲେନ୍‌ର କ୍ଲାସ୍‌ରୁମ୍ ଛାତ୍ର ଦିବ୍ୟାଂଶୁ ମାଲୁ ସର୍ବମୋଟ୍ ୨୮୫ମାର୍କ ରଖି ସର୍ବଭାରତୀୟସ୍ତରରେ ୧୧ତମ ର୍‍ୟାଙ୍କ ହାସଲ କରିଛନ୍ତି। ସେହିଭଳି କନିଷ୍କ ମୋଦି ସର୍ବଭାରତୀୟ ସ୍ତରରେ ୨୦୦ ତମ ର୍‍ୟାଙ୍କ ଓ ଆଡିସ କୁମାର ସାହୁ ସର୍ବଭାରତୀୟ ସ୍ତରରେ ୩୧୧ତମ ର୍‍ୟାଙ୍କ ହାସଲ କରିଛନ୍ତି।

# ବିଏସ୍‌ଏଚ୍ ପକ୍ଷରୁ ୬ ଦିନିଆ ମାଗଣା ସେବା ଶିବିର

**ଭୁବନେଶ୍ୱର,୧୨।୯:** ଦେଶର ପ୍ରମୁଖ ଘରୋଇ ଉପକରଣ ଉତ୍ପାଦନକାରୀ ତଥା ଅଗ୍ରଣୀ ହୋମ୍ ଆପ୍ଲାଏନ୍ସ କମ୍ପାନୀ ବିଏସ୍‌ଏଚ୍ ପକ୍ଷରୁ ଭାରତର ୧୧୫ଟି ସହରରେ ଏକ ୬ ଦିନିଆ ମାଗଣା ସେବା ଶିବିରର ଆୟୋଜନ କରାଯାଉଛି। ଏହି ଶିବିର ଚଳିତ ବର୍ଷ ସେପ୍ଟେମ୍ବର ୧୨ରୁ ୧୭ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଉକ୍ତ ଶିବିର ସମୟରେ ଗ୍ରାହକମାନେ ବର୍ଦ୍ଧିତ ୱାରେଣ୍ଟି ଉପରେ ୨୦% ରିହାତି ଏବଂ ସ୍ପେୟାର ପାର୍ଟ୍ସ, ଆସେସୋରିଜ୍ ଏବଂ ଉପଭୋକ୍ତା ସାମଗ୍ରୀ ଉପରେ ୧୦% ରିହାତି ସହ ପରିଦର୍ଶନ ଏବଂ ଶ୍ରମ ଦେୟ ଉପରେ ସମ୍ପୂର୍ଣ୍ଣ ଛାଡର ଲାଭ ପାଇପାରିବେ। ଏହି ସମସ୍ତ ସୁବିଧା ପାଇବାକୁ ଏଫଏସ୍‌ସି ସମୟରେ ଗ୍ରାହକମାନେ ୧୮୦୦-୨୬୬-୧୮୮୦ କୁ କଲ୍ କରି କିମ୍ବା କମ୍ପାନୀର ୱେବସାଇଟକୁ ଇମେଲ କରି ପୂର୍ବ-ପଞ୍ଜୀକରଣ କରିପାରିବେ।

## ଫୁର୍‌ସତ୍

## ଘାତକ ହେଉଛି ବାୟୁ ପ୍ରଦୂଷଣ

# ଧୂମପାନ ନ କଲେ ବି ଫୁସ୍‌ଫୁସ୍ କର୍କଟ ଆଶଙ୍କା

**ଲଣ୍ଡନ:** ବିଶ୍ୱରେ ବାୟୁ ପ୍ରଦୂଷଣର ମାତ୍ରା ଦିନକୁ ଦିନ ବୃଦ୍ଧି ପାଉଛି। ଦୂଷିତ ବାୟୁ କାରଣରୁ ମନୁଷ୍ୟ ଶରୀରରେ ବିଭିନ୍ନ ପ୍ରକାର ଅଜଣା ରୋଗ କାୟା ବିସ୍ତାର କରିବାରେ ଲାଗିଛି। ବର୍ତ୍ତମାନ ସମୟରେ ଟ୍ୟୁମର ଓ କ୍ୟାନ୍‌ସର ରୋଗୀଙ୍କ ସଂଖ୍ୟା ମଧ ହୁ ହୁ ହୋଇ ବଢ଼ିବାରେ ଲାଗିଲାଣି। ନିକଟରେ ବ୍ରିଟେନ୍ ବୈଜ୍ଞାନିକଙ୍କ ଦ୍ୱାରା କରାଯାଇଥିବା ଗବେଷଣାରୁ ଜଣା ପଡ଼ିଛି ଯେ, ବାୟୁ ପ୍ରଦୂଷଣ କାରଣରୁ ଧୂମପାନ କରୁ ନ ଥିବା ବ୍ୟକ୍ତିଙ୍କଠାରେ କ୍ୟାନ୍‌ସର ହେବାର ଆଶଙ୍କା ବୃଦ୍ଧି ପାଇଥାଏ। ଦୂଷିତ ବାୟୁରେ ଥିବା କ୍ଷତିକାରକ କଣିକା ସବୁ ପ୍ରଶ୍ୱାସରେ ଯାଇ ମନୁଷ୍ୟ ଶରୀର ଭିତରେ କ୍ୟାନ୍‌ସର ଜିନ୍ ତିଆରି କରିଥାଏ। ଏହାଫଳରେ ଆଦୌ ସ୍ମୋକ୍ କରୁ ନ ଥିବା ବ୍ୟକ୍ତିଙ୍କ ଶରୀରରେ ଟ୍ୟୁମର ସୃଷ୍ଟି କରିଥାଏ, ଯାହା ଆଗାମୀ ଦିନରେ ବଢ଼ି କ୍ୟାନ୍‌ସରର ରୂପ ନେଉଥିବା ଷ୍ଟଡି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଫୁସ୍‌ଫୁସ୍ କର୍କଟର ମୁଖ୍ୟ କାରଣ ଧୂମପାନ ହୋଇଥିବାବେଳେ ଦୂଷିତ ବାୟୁ ଏହାର ଆଉ ଏକ ମାଧ୍ୟମ ପାଲଟିଥିବା ଗବେଷଣାରୁ ଜଣାପଡ଼ିଛି। ସିଗାରେଟ୍ ଧୂଆଁରେ ଥିବା ବିଷାକ୍ତ ଗ୍ୟାସ୍ ତୁଳନାରେ ପ୍ରଦୂଷିତ ବାୟୁରେ ଅଧିକ ପରିମାଣର କ୍ଷତିକାରକ ଗ୍ୟାସ୍ ଥିବା ଫ୍ରାନ୍ସିସ୍ କ୍ରିକ୍ ଇନ୍‌ଷ୍ଟିଚ୍ୟୁଟର ପ୍ରଫେସର ଚାର୍ଲସ୍ ସ୍ୱାନ୍ତୋନ କହିଛନ୍ତି। ବ୍ରିଟେନ୍‌ର ଫ୍ରାନ୍ସିସ୍ କ୍ରିକ୍ ଇନ୍‌ଷ୍ଟିଚ୍ୟୁଟ ଏବଂ କ୍ୟାନ୍‌ସର ରିସର୍ଚ୍ଚ ସେଣ୍ଟର ମିଳିତ ଭାବେ ଏହି ଗବେଷଣା କରିଛନ୍ତି। ଉକ୍ତ ଅଧ୍ୟୟନ ପାଇଁ ଗବେଷକମାନେ ବ୍ରିଟେନ୍, ତାଇୱାନ୍, ସାଉଥ୍ କୋରିଆରୁ ୪ ଲକ୍ଷ ଲୋକଙ୍କୁ ସାମିଲ କରିଥିଲେ। ବଢୁଥିବା କ୍ୟାନ୍‌ସର ରୋଗୀଙ୍କ ମାମଲାକୁ ଦୃଷ୍ଟିରେ ରଖି ଏହି ଅଧ୍ୟୟନ ଦ୍ୱାରା ରୋଗର ଚିକିତ୍ସା ପାଇଁ ମେଡିକାଲ କ୍ଷେତ୍ରରେ ଉପଯୋଗୀ ସାବ୍ୟସ୍ତ ହେବ। କମ୍ ବାୟୁ ପ୍ରଦୂଷଣ ହେଉଥିବା କାନାଡାରେ ପ୍ରତିବର୍ଷ ୮ ହଜାର ଲୋକ ଦୂଷିତ ବାୟୁ କାରଣରୁ ପ୍ରାଣ ହରାଉଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି।



# କ୍ରିତିଙ୍କ ବଦାନ୍ୟତା



**ମୁମ୍ବାଇ:** ପ୍ରତ୍ୟେକ କଳାକାର ପାଇଁ ସେମାନଙ୍କ ଫ୍ୟାନ୍ସମାନେ ହେଉଛନ୍ତି ଅମୂଲ୍ୟ ସମ୍ପଦ। କାରଣ ନିଜ ପ୍ରଶଂସକମାନଙ୍କ ଲାଗି ହିଁ ଜଣେ କଳାକାର ତାରକା ବା ସୁପରଷ୍ଟାର ହୋଇଥାଏ। ଫ୍ୟାନ୍ ପାଇଁ ବଲିଉଡ୍ ଅଭିନେତ୍ରୀ କ୍ରିତି ସନନ୍ ଭାବପ୍ରବଣ ହୋଇଥିବାର ଦେଖିବାକୁ ମିଳିଛି, ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ମଧ ହେବାରେ ଲାଗିଛି। ଏକ ଇଭେଣ୍ଟରେ ଯୋଗ ଦେବା ଅବସରରେ କ୍ରିତିଙ୍କ ଅନେକ ପ୍ରଶଂସକ ସେଠାରେ ଜମା ହୋଇଥିଲେ। ନାୟିକାଙ୍କର ଜଣେ ବାମନ ଫ୍ୟାନ୍‌ଙ୍କୁ ମଧ ସେହିଠାରେ ଦେଖିବାକୁ ମିଳିଥିଲା। ଜମାହୋଇଥିବା ଲୋକେ ଉକ୍ତ ପ୍ରଶଂସକଙ୍କୁ ଉପହାସ କରୁଥିବାବେଳେ କ୍ରିତି ତାଙ୍କ ନିକଟକୁ ଯାଇ ତଳେ ବସି ଫଟୋ ଉଠାଇଥିଲେ। ତେବେ କ୍ରିତିଙ୍କ ଏହି ଭିଡିଓ ଦେଖି ସୋସିଆଲ ମିଡିଆ ୟୁଜର ତାଙ୍କୁ ଖୁବ୍ ପ୍ରଶଂସା କରିବାରେ ଲାଗିଛନ୍ତି। ଫିଲ୍ମ 'ବଚ୍ଚନ ପାଣ୍ଡେ'ରେ ଅକ୍ଷୟଙ୍କ ସହ କ୍ରିତି ଶେଷଥର ପାଇଁ ବଡ଼ ପରଦାରେ ଦେଖାଯାଇଥିଲେ। ଆଗାମୀ ଦିନରେ କ୍ରିତିଙ୍କ ଆଉ ୪ଟି ଫିଲ୍ମ ରିଲିଜ୍ ହେବାକୁ ଅଛି।



# ଅଲ୍ଲୁ ଶ୍ରେଷ୍ଠ ଅଭିନେତା

**ବେଙ୍ଗାଲୁରୁ:** ବେଙ୍ଗାଲୁରୁଠାରେ ଶନିବାର ଓ ରବିବାର ଦଶମ ସାଉଥ୍ ଇଣ୍ଡିଆନ୍ ଇଣ୍ଟରନ୍ୟାଶନାଲ ମୁଭି (ଏସ୍‌ଆଇଆଇଏମ୍‌ଏ) ଆୱାର୍ଡ ଅନୁଷ୍ଠିତ ହୋଇଯାଇଛି। ସାଉଥ୍ ଚଳଚ୍ଚିତ୍ର ଜଗତର ବହୁ କଳାକାର, ଫିଲ୍ମ ନିର୍ଦ୍ଦେଶକ ଓ ପ୍ରଯୋଜକ ଏହି ସମାରୋହରେ ଯୋଗ ଦେଇଛନ୍ତି। ଚଳିତ ସାଉଥ୍ ସିନେ ଜଗତର ଷ୍ଟାଇଲିସ୍ ହିରୋ ଅଲ୍ଲୁ ଅର୍ଜୁନଙ୍କୁ ଶ୍ରେଷ୍ଠ ଅଭିନେତା ପୁରସ୍କାର ପ୍ରଦାନ କରାଯାଇଛି। ପାନ୍ ଇଣ୍ଡିଆ ଫିଲ୍ମ 'ପୁଷ୍ପା: ଦ ରାଇଜ୍'କୁ ଶ୍ରେଷ୍ଠ ଫିଲ୍ମ ଓ ପୂଜା ହେଗ୍‌ଡେଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଆୱାର୍ଡ ପ୍ରଦାନ କରାଯାଇଛି। ପୁରସ୍କୃତ ହେବାକୁ ଥିବା ତେଲୁଗୁ ଓ କନ୍ନଡ ଫିଲ୍ମର ନାମ ଶନିବାର ଘୋଷଣା କରାଯାଇଥିବାବେଳେ ରବିବାର ତାମିଲ ଓ ମାଲୟାଲମ୍ ଫିଲ୍ମ ଓ କଳାକାରଙ୍କୁ ପୁରସ୍କୃତ କରାଯାଇଛି।

# ୬୧ଥର ନିର୍ବାଚନ ଜିତି ଗିନିଜ୍ ୱାର୍ଲ୍ଡ ରେକର୍ଡ

**ଲକ୍ଷ୍ନୌ:** ଉତ୍ତର ପ୍ରଦେଶର ୧୦୬ ବର୍ଷୀୟ କହ୍ନେୟା ଲାଲ୍ ଗୁପ୍ତା ୬୧ ଥର ଉତ୍ତର-ପୂର୍ବ ରେଲୱେ ମଜ୍‌ଦୁର ୟୁନିୟନ୍ (ନେର୍‌ମୁ) ନିର୍ବାଚନ ଜିତି ଗିନିଜ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମ ସାମିଲ କରିଛନ୍ତି। କହ୍ନେୟା ଲାଲ ଏବେ ବିଶ୍ୱର ସବୁଠାରୁ ବୟସ୍କ ଟ୍ରେଡ୍ ୟୁନିୟନ୍ ଲିଡର। ସେ ଭି.ଭି. ଗିରିଙ୍କ ସମେତ ଜେ.ପି. ନାରାୟଣଙ୍କ ଭଳି ବରିଷ୍ଠ ନେତାଙ୍କ ସହ କାମ କରିଛନ୍ତି। ୧୯୪୬ରେ ସେ ପ୍ରଥମ କରି ନେର୍‌ମୁରେ ଜେନେରାଲ ସେକ୍ରେଟାରି ପଦ ଦାୟିତ୍ୱରେ ଥିଲେ। ଏହାପୂର୍ବରୁ ୧୦ ବର୍ଷ ସେ ଭାରତୀୟ ସେନାରେ କାମ କରିଛନ୍ତି। ନେର୍‌ମୁରେ ଯୋଗ ଦେବା ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରତ୍ୟେକ ଥର ଟ୍ରେଡ୍ ୟୁନିୟନ୍ ନିର୍ବାଚନ ସେ ଲଢ଼ିବା ସହ ଜିତି ଆସୁଛନ୍ତି।

# ଟୁଇଟରରେ କୋହିନୁର ବିବାଦ

**ନୂଆଦିଲ୍ଲୀ:** ବ୍ରିଟେନ୍ ସମ୍ରାଜ୍ଞୀ ଏଲିଜାବେଥ୍ ଦ୍ୱିତୀୟଙ୍କ ମୃତ୍ୟୁ ପରେ କୋହିନୁର ହୀରାକୁ ନେଇ ଏବେ ଟୁଇଟରରେ ବିବାଦ ଆରମ୍ଭ ହୋଇଛି। କେତେଜଣ ସୋସିଆଲ ମିଡିଆ ୟୁଜର୍ କୋହିନୁର ହୀରାକୁ ଭାରତ ଫେରାଇବାକୁ ଦାବି କରିଛନ୍ତି। ୧୦୫.୬ କ୍ୟାରେଟ୍ କୋହିନୁର ହୀରା ସମେତ ମୋଟ ୨,୮୦୦ଟି ହୀରା ଏଲିଜାବେଥ୍‌ଙ୍କ ମୁକୁଟରେ ଖଞ୍ଜା ଯାଇଛି। ଇତିହାସ ଫର୍ଦ୍ଦକୁ ଓଲଟାଇ ଦେଖିଲେ କୋହିନୁର ହୀରା ଆନ୍ଧ୍ର ପ୍ରଦେଶର କ୍ରିଷ୍ଣାନଦୀ କୂଳରେ ଥିବା କୋଲ୍ଲୁର ଖଣିରୁ ମିଳିଥିଲା। ଚତୁର୍ଦ୍ଦଶ ଶତାବ୍ଦୀରେ ଏହି ଦାମୀ ହୀରାକୁ କାକଟେୟ ରାଜା ପ୍ରଥମେ ଲୁଟ୍ କରିନେଇଥିଲେ। ୧୮୪୭ରେ ମହାରାଜା ଦୁଲୀପ ସିଂଙ୍କୁ ମାତ୍ର ୧୦ ବର୍ଷ ହୋଇଥିଲା ସେତେବେଳେ ତାଙ୍କୁ ମା'ଙ୍କଠାରୁ ଅଲଗା କରି ବ୍ରିଟେନ୍ ପଠାଯାଇଥିଲା। ସେ ସମୟରେ ବ୍ରିଟିଶ୍ ସରକାର ଜୋର୍ ଜବରଦସ୍ତ ଦୁଲୀପଙ୍କଠାରୁ କୋହିନୁର ହୀରା ନେଇଯାଇଥିଲେ। ୧୮୪୯ରେ ଭାରତରେ ତେଜିଥିବା ଆଙ୍ଗ୍ଲୋ-ଶିଖ୍ ବିବାଦ ସମୟରେ ଲାହୋର ରାଜାଙ୍କ ସହ ଏକ ଚୁକ୍ତି କରି ବ୍ରିଟିଶ୍ ସରକାର ହୀରା ଉପରେ ସମ୍ପୂର୍ଣ୍ଣ ମାଲିକାନା ହାତେଇଥିଲେ। ୧୯୪୭ରେ ଭାରତ ସ୍ୱାଧୀନ ହେବା ପରେ କୋହିନୁର ହୀରା ଫେରାଇବା ପାଇଁ ବହୁବାର ବ୍ରିଟିଶ୍ ସରକାରଙ୍କୁ କହିଥିଲେ ହେଁ ସେମାନେ ଏହାକୁ ଅଣଦେଖା କରିଆସୁଛନ୍ତି।



**୧୭ ବର୍ଷରୁ କମ୍ ସାଫ୍ ଚାମ୍ପିୟନଶିପ୍**

## ଫାଇନାଲରେ ଭାରତ

**କଲମ୍ବୋ, ୧୨।୯(ପି.ଟି.):** ଭାରତ ୧୭ ବର୍ଷରୁ କମ୍ ସାଫ୍ ଫୁଟ୍‌ବଲ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ ସେମିଫାଇନାଲରେ ଦଳ ୨-୧ ଗୋଲରେ ବାଂଲାଦେଶକୁ ହରାଇ ଦେଇଛି। ଭାରତ ତରଫରୁ ଖେଳର ଦ୍ୱିତୀୟାର୍ଦ୍ଧରେ ଷ୍ଟ୍ରାଇକର ଥଙ୍ଗଲାଲ୍‌ସୋନ୍ ଗାଙ୍ଗ୍‌ଟେ (୫୧ତମ, ୫୯ତମ) ଦୁଇଟି ଗୋଲ ସ୍କୋର କରିଥିଲେ। ବାଂଲାଦେଶ ପାଇଁ ମୀରଜୁଲ ଇସ୍‌ଲାମ ୬୨ତମ ମିନିଟ୍‌ରେ ପେନାଲ୍ଟି ଜରିଆରେ ଏକ ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧରେ ଉଭୟ ଦଳ ବହୁଥର ସୁଯୋଗ ପାଇଥିଲେ ହେଁ ଗୋଲ ଦେବାରେ ଅସଫଳ ରହିଥିଲେ।

## ଇଂଲଣ୍ଡ ସିରିଜ ବିଜୟୀ

**ଲଣ୍ଡନ, ୧୨।୯(ଏପି):** ସ୍ଥାନୀୟ କେନିଙ୍ଗ୍‌ଟନ ଓଭାଲଠାରେ ଚାଲିଥିବା ତୃତୀୟ ତଥା ନିର୍ଣ୍ଣାୟକ କ୍ରିକେଟ ଟେଷ୍ଟ ମ୍ୟାଚରେ ଇଂଲଣ୍ଡ ୯ ଉଇକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏଥିସହିତ ଆୟୋଜକ ଦଳ ୩ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ୨-୧ରେ ବିଜୟ ଲାଭ କରିଛି। ଅଧିନାୟକ ବେନ୍ ଷ୍ଟୋକ୍ସ ଓ କୋଚ୍ ବ୍ରେଣ୍ଡନ ମ୍ୟାକ୍‌କୁଲମଙ୍କ ଅଧୀନରେ ଇଂଲଣ୍ଡର ଏହା ଏକ ସଫଳ ଆରମ୍ଭ। ୧୩୦ ରନ୍‌ର ବିଜୟ ଲକ୍ଷ୍ୟ ପିଛା କରୁଥିବା ଇଂଲଣ୍ଡ ୫ମ ଦିବସରେ ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୯୭/୦ରୁ ଖେଳ ଆରମ୍ଭ କରିଥିଲା। ବିଜୟ ପାଇଁ ଅବଶିଷ୍ଟ ରନ ସଂଗ୍ରହ ଲାଗି ଇଂଲଣ୍ଡ ମାତ୍ର ୨୫ ମିନିଟ ସମୟ ନେଇଥିଲା। ଦଳ ଦ୍ୱିତୀୟ ଇନିଂସରେ ୧୩୦/୧ ସ୍କୋର କରିଥିଲା। ଇଂଲଣ୍ଡ ଏହା ପୂର୍ବରୁ ଜୁନ୍‌ରେ ବିଶ୍ୱ ଟେଷ୍ଟ ଚାମ୍ପିୟନ ନ୍ୟୁଜିଲାଣ୍ଡ ବିପକ୍ଷରେ ୩-୦ରେ ଏବଂ ଜୁଲାଇରେ ଭାରତ ବିପକ୍ଷରେ ଏକମାତ୍ର ଟେଷ୍ଟ ମ୍ୟାଚ୍ ବିଜୟ ହାସଲ କରିଥିଲା। ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜର ପ୍ରଥମ ଟେଷ୍ଟରେ ପରାଜିତ ହେବାପରେ ସଫଳ ପ୍ରତ୍ୟାବର୍ତ୍ତନ କରି ଦ୍ୱିତୀୟ ମ୍ୟାଚ୍ ଜିତିନେଇଥିଲା। ସୋମବାର ମାତ୍ର ଗୋଟିଏ ଉଇକେଟର ପତନ ଘଟିଥିଲା। ଆଲେକ୍ସ ଲିସ୍ ବ୍ୟକ୍ତିଗତ ୩୯ ରନ୍ କରି କାଗିସୋ ରାବାଡାଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ। ଜ୍ୟାକ୍ କ୍ରଲି ୬୯ ରନ୍ (୫୭ବଲ୍) ଓ ଓଲି ପୋପ୍ ୧୧ ରନ୍ କରି ଅପରାଜିତ ରହିଥିଲେ। ସୂଚନାଯୋଗ୍ୟ, ତୃତୀୟ ଟେଷ୍ଟର ପ୍ରଥମ ଦିବସ ଖେଳ ବର୍ଷା ଯୋଗୁ ଧୋଇଯାଇଥିଲା। ଗୁରୁବାର ରାଣୀ ଏଲିଜାବେଥ୍-୨ଙ୍କ ଦେହାନ୍ତ ଯୋଗୁ ତାଙ୍କୁ ସମ୍ମାନ ଜଣାଇ ଦ୍ୱିତୀୟ ଦିବସ ଖେଳକୁ ବାତିଲ କରାଯାଇଥିଲା। ଓଲି ରବିନସନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ବେନ୍ ଷ୍ଟୋକ୍ସ ଇଂଲଣ୍ଡ ଦଳର ଏବଂ ଦକ୍ଷିଣ ଆଫ୍ରିକାର କାଗିସୋ ରାବାଡା ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।

# ଅଲ୍‌କାରାଜ୍ ଚାମ୍ପିୟନ

**ନ୍ୟୁୟର୍କ,୧୨।୯(ପି.ଟି)**

ୟୁଏସ୍ ଓପନ ଟେନିସ ପୁରୁଷ ସିଙ୍ଗଲ୍ସ ଟାଇଟଲ ହାତେଇ ନେଇଛନ୍ତି ସ୍ପେନର କାର୍ଲୋସ୍ ଅଲକାରାଜ୍ ଗାର୍ଫିଆ। ରବିବାର ରାତିରେ ଖେଳାଯାଇଥିବା ଫାଇନାଲରେ ନରୱେ କାସ୍ପର ରୁଡ୍‌ଙ୍କୁ ୪ସେଟ୍ ବିଶିଷ୍ଟ ମୁକାବିଲାରେ ହରାଇବା ସହିତ ମାତ୍ର ୧୯ ବର୍ଷରେ ଏଟିପି ର୍‍ୟାଙ୍କିଙ୍ଗର ପ୍ରଥମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ୩ ଘଣ୍ଟା ୫୧ ମିନିଟ ଧରି ଏହି ମ୍ୟାଚଟି ଚାଲିଥିବା ବେଳେ ୬-୪, ୨-୬, ୭-୬ (୧) ଓ ୬-୩ରେ ଏହି ମ୍ୟାଚକୁ ଜିତି ନେଇଥିଲେ ଅଲକାରାଜ୍। କ୍ରମାଗତ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଥିଲେ ହେଁ ବିଜୟୀ ହେବାରେ ଅସମର୍ଥ ରହିଛନ୍ତି ୨୩ ବର୍ଷୀୟ ନରୱେ ଖେଳାଳି। ଜୁନ୍ ମାସରେ ଫ୍ରେଞ୍ଚ ଓପନ ଫାଇନାଲରେ ପ୍ରବେଶ କରିଥିବା ବେଳେ ରାଫେଲ ନାଡାଲଙ୍କ ନିକଟରୁ ସେ ପରାଜିତ ହୋଇଥିଲେ। ୧୯ ବର୍ଷରେ ୟୁଏସ୍ ଓପନ ଫାଇନାଲରେ ପହଞ୍ଚି ପିଟ୍ ସାମ୍ପ୍ରାସଙ୍କ ୧୯୯୦ ମସିହା ରେକର୍ଡର ସମକକ୍ଷ ହୋଇଛନ୍ତି ଅଲ୍‌କାରାଜ୍ ।୧୯୯୦ ମସିହାରେ ୧୯ ବର୍ଷ ବୟସରେ ସାମ୍ପ୍ରାସ ୟୁଏସ୍ ଓପନ ଜିତିଥିଲେ। ୧୯୭୩ରେ ଏଟିପି ର୍‍ୟାଙ୍କିଙ୍ଗ ବ୍ୟବସ୍ଥା ଆରମ୍ଭ ହେବା ପରଠାରୁ ସର୍ବକନିଷ୍ଠ ଖେଳାଳି ଭାବରେ ସେ ୧ ନମ୍ବର ମାନ୍ୟତା ହାସଲ କରିଛନ୍ତି। ପ୍ରଥମ ସେଟକୁ ବିଶ୍ୱ ମାନ୍ୟତାରେ ୩ ନମ୍ବର ସ୍ଥାନରେ ଥିବା ଅଲ୍‌କାରାଜ୍ ଜିତିଥିବା ବେଳେ ଦ୍ୱିତୀୟ ସେଟକୁ ଜିତି ନେଇ ପ୍ରତ୍ୟାବର୍ତ୍ତନ କରିଥିଲେ ୨୩ ବର୍ଷୀୟ ରୁଡ୍। ତେବେ ତୃତୀୟ ସେଟରେ ୬-୫ରେ ପଛୁଆ ରହିଥିବା ବେଳେ ଅଲକାରାଜ୍ କିନ୍ତୁ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲେ। ରୁଡଙ୍କ ସର୍ଭିସ୍ ରହିଥିଲେ ମଧ୍ୟ ଏହାକୁ ବ୍ରେକ କରି ସେଟକୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ସଫ୍ଟହ୍ୟାଣ୍ଡ ଭଲିର ଉପଯୋଗ ସହିତ ଏହି ସେଟକୁ ଟାଇବ୍ରେକରକୁ ନେଇ ଜିତିଥିଲେ। ସେହିପରି ୪ର୍ଥ ସେଟକୁ ଜିତି ନିଜ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିବାରେ ସମର୍ଥ ହୋଇଥିଲେ। ପୂର୍ବରୁ ସେମି ଫାଇନାଲରେ ଅଲ୍‌କାରାଜ୍ ଆମେରିକାର ଫ୍ରାନ୍ସେସ ଟିଆଫୋଙ୍କୁ ପରାଜିତ କରିଥିବା ବେଳେ ୫୫ ଶଟ୍ ରାଲି ମ୍ୟାଚରେ ରୁଷିଆର କାରେନ୍ ଖାଚାନୋଭଙ୍କୁ ପରାସ୍ତ କରିଥିଲେ କାସ୍ପର ରୁଡ୍।

କ୍ରେଜିକୋଭା-ସିନିକୋଭାଙ୍କୁ ଡବଲ୍ସ: ଚେକ୍ ରିପବ୍ଲିକ୍‌ର ବାର୍ବୋରା କ୍ରେଜିକୋଭା ଓ କାଟେରିନା ସିନିକୋଭାଙ୍କ ଯୋଡି ହାତେଇଛି ୟୁଏସ୍ ଓପନ ମହିଳା ଡବଲ୍ସ ଟାଇଟଲ। ବିଶ୍ୱ ମାନ୍ୟତାର ୩ ନମ୍ବର ସ୍ଥାନରେ ରହିଥିବା ଏହି ଯୋଡି ୩-୬, ୭-୫ ଓ ୬-୧ ସେଟରେ ଅଣସିଡେଡ ଆମେରିକୀୟ ଯୋଡି କେଟି ମ୍ୟାକନେଲି ଓ ଟେଲର ଟାଉନସେଣ୍ଡଙ୍କୁ ପରାସ୍ତ କରିଥିଲେ। ପ୍ରଥମ ସେଟରେ ଚେକ୍ ରିପବ୍ଲିକ୍ ଯୋଡି ପରାଜିତ ହୋଇଥିଲେ।



ଟ୍ରଫି ସହ କାର୍ଲୋସ୍ ଅଲକାରାଜ୍ ଗାର୍ଫିଆ।

**ୟୁଏସ୍ ଓପନ୍ ଟେନିସ**

**ସର୍ବକନିଷ୍ଠ ନମ୍ବରୱାନ୍ ହେଲେ ଗାର୍ଫିଆ**

# ସେମିଫାଇନାଲରେ ଜୟଦୁର୍ଗା





ଜୟଦୁର୍ଗା ଓ ରାଧାରମଣ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

**ଭୁବନେଶ୍ୱର, ୧୨।୯ (କ୍ରୀଡ଼ା ପ୍ରତିନିଧି)**

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକରେ ଚାଲିଥିବା ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ସେମିଫାଇନାଲରେ ଜୟଦୁର୍ଗା କ୍ଲବ ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଜୟଦୁର୍ଗା ପେନାଲ୍ଟି ଶୁଟ୍ ଆଉଟ ୪-୩ ଗୋଲରେ ରାଧାରମଣ କ୍ଲବକୁ ପରାସ୍ତ କରିଛି। ମ୍ୟାଚଟି ନିର୍ଦ୍ଧାରିତ ସମୟରେ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟର ସହାୟତା ନିଆ ଯାଇଥିଲା। ଏହି ପର୍ଯ୍ୟାୟରେ ଜୟଦୁର୍ଗା ପକ୍ଷରୁ ଏସ.ଏଲ୍. ପାଟୋ, ଦୀପକ ଡିଗଲ, ସୁନୀଲ ସର୍ଦ୍ଦାର ଓ କାର୍ତ୍ତିକ ମୁଣ୍ଡା ଏବଂ ରାଧାରମଣ ପକ୍ଷରୁ ରାହିଲ ପି., ବିନୟ କିଶାନ ଏବଂ ଓ. ଟିମୋଥି ଗୋଲ ସ୍କୋର କରିଥିଲେ। ମଙ୍ଗଳବାର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ସ୍ପୋର୍ଟ୍ସ ହଷ୍ଟେଲ ଓ ରାଇଜିଂ ଷ୍ଟାର କ୍ଲବ ମଧ୍ୟରେ ଅପରାହ୍ନ ୨ଟା ୩୦ରେ ଅନୁଷ୍ଠିତ ହେବ।

## ଦକ୍ଷିଣ ଆଫ୍ରିକା ଲିଜେଣ୍ଡ୍ସ ବିଜୟୀ

**କାନପୁର, ୧୨।୯:** ରୋଡ ସେଫ୍ଟି ୱାର୍ଲ୍ଡ ଟି୨୦ ସିରିଜର ଚତୁର୍ଥ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୯ ଉଇକେଟରେ ପରାସ୍ତ କରିଛି ଦକ୍ଷିଣ ଆଫ୍ରିକା। ନ୍ୟୁଜିଲାଣ୍ଡ ମାତ୍ର ୯୯ ରନ କରିଥିବା ବେଳେ ୩୭ ବଲ ବାକିଥାଇ ୧ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଛି। ଜୋହାନ୍ ବୋଥା ଓ ଥାଣ୍ଡି ଶାବାଲାଲାଙ୍କ ଘାତକ ବୋଲିଂ ବଳରେ ୮ ଉଇକେଟ ହରାଇ ୯୯ ରନ କରିଥିଲା ନ୍ୟୁଜିଲାଣ୍ଡ। ବୋଥା ୧୧/୪ ଓ ଶାବାଲାଲା ୯/୩ର ଫିଗର ହାସଲ କରିଥିଲେ। ଜବାବରେ ୧୩.୩ ଓଭରରେ ୧ ଉଇକେଟ ହରାଇ ଆବଶ୍ୟକ ରନ୍ କରି ନେଇଥିଲା। ମର୍ନେ ଭାନ୍ ୱିକ୍(୧୪)ଙ୍କୁ ବ୍ରୁସ୍ ମାର୍ଟିନଙ୍କ ବଲରେ ଆଉଟ ହୋଇଥିଲେ। ତେବେ ଆଣ୍ଡ୍ରୁ ପୁଟ୍ଟିକ(୫୧) ଓ ଆଲଭିରୋ ପିଟରସନ୍(୨୯) ଅପରାଜିତ ରହି ଦଳକୁ ଜିତାଇଥିଲେ।

# ଇରଫାନ-ହରଭଜନ ପ୍ରଥମ ମ୍ୟାଚ

**ଭୁବନେଶ୍ୱର,୧୨।୯(ସ୍ପୋର୍ଟ୍ସ ବ୍ୟୁରୋ)**

ଭାରତରେ ଲିଜେଣ୍ଡ୍ସ ଲିଗ୍ ଟି୨୦ କ୍ରିକେଟର ଦ୍ୱିତୀୟ ସଂସ୍କରଣ ଖେଳାଯିବ। ସେପ୍ଟେମ୍ବର ୧୮ରୁ ଦେଶର ୬ଟି ସହରରେ ସମୁଦାୟ ୧୬ଟି ମ୍ୟାଚ ଖେଳାଯିବ। ରାଉଣ୍ଡ ରବିନ୍ ଲିଗ୍ ଫର୍ମାଟ୍‌ରେ ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟଟି ଅନୁଷ୍ଠିତ ହେବ। କଟକର ବାରବାଟୀ ଷ୍ଟାଡିୟମରେ ଆସନ୍ତା ସେପ୍ଟେମ୍ବର ୨୬, ୨୭ ଓ ୨୯ରେ ଲିଜେଣ୍ଡ୍ସ କ୍ରିକେଟ୍ ଲିଗ୍‌ର ୩ଟି ମ୍ୟାଚ ଖେଳାଯିବ। ୨୬ ତାରିଖରେ ଇରଫାନ ପଠାନଙ୍କ ଭିଲ୍‌ୱାରା କିଙ୍ଗ୍ସ ଓ ହରଭଜନ ସିଂଙ୍କ ମହିପାଲ ଟାଇଗର୍ସ ମଧ୍ୟରେ ପ୍ରଥମ ମ୍ୟାଚ ଖେଳାଯିବ। ଏହି ମ୍ୟାଚ୍ ପୂର୍ବରୁ ଲିଜେଣ୍ଡ୍ସ ଲିଗ୍‌ର ସହ ପ୍ରତିଷ୍ଠାତା ରମଣ ରାହେଜା ସୋମବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏହି ଲିଗ୍ ସମ୍ପର୍କରେ ବିସ୍ତୃତ ଭାବେ ଘୋଷଣା କରିଛନ୍ତି। ଓଡ଼ିଶା ନିଜକୁ ଦେଶର ସ୍ପୋର୍ଟ୍ସ ହବ୍ ଭାବରେ ପ୍ରତିଷ୍ଠିତ କରିଛି। ଓଡ଼ିଶାରେ ଲିଜେଣ୍ଡ୍ସ ଲିଗ୍ ଆୟୋଜନ ହେଉଥିବାରୁ ଆମେ ଅତ୍ୟନ୍ତ ଖୁସି ବୋଲି ସେ ପ୍ରକାଶ କରିଥିଲେ। ଓଡ଼ିଶାରେ ହକି, ଫୁଟ୍‌ବଲ, ଖୋ ଖୋ ଏବଂ କବାଡ଼ି ପରି ଖେଳ ବେଶ୍ ଲୋକପ୍ରିୟ ହୋଇପାରିଥିବା ବେଳେ ଆଗାମୀ ଦିନରେ ଲିଜେଣ୍ଡ୍ସ ଲିଗ୍ ମଧ୍ୟ ସମାନ ଲୋକପ୍ରିୟତା ହାସଲ କରିବ ବୋଲି ରାହେଜା ପ୍ରକାଶ କରିଥିଲେ। ସଦ୍ୟ ଅବସରପ୍ରାପ୍ତ କିମ୍ବଦନ୍ତୀ କ୍ରିକେଟରମାନଙ୍କୁ ଏହି ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଲିଗ୍‌ରେ ଦେଖିବାକୁ ମିଳିବ। ଚଳିତ ସଂସ୍କରଣରେ ୧୧୦ ଖେଳାଳି ନିଜକୁ ପଞ୍ଜୀକୃତ କରିଛନ୍ତି ବୋଲି ସେ କହିଥିଲେ।

ଏହି ଲିଗ୍‌ରେ ସମସ୍ତ ୧୬ ମ୍ୟାଚ୍‌ରେ ଆଇସିସି ସ୍ୱୀକୃତିପ୍ରାପ୍ତ ମହିଳା ଅମ୍ପାୟର ଓ ରେଫରିମାନେ ମ୍ୟାଚ ପରିଚାଳନା କରିବାର ସୁଯୋଗ ପାଇବେ। ବୀରେନ୍ଦ୍ର ସେହ୍ୱାଗଙ୍କ ଇଣ୍ଡିଆନ ମହାରାଜା ଏବଂ ଜ୍ୟାକ୍ସ କାଲିସଙ୍କ ୱାର୍ଲ୍ଡ ଜାଏଣ୍ଟ୍ସ ମଧ୍ୟରେ ହେବାକୁ ଥିବା ମ୍ୟାଚ୍‌ର ସମସ୍ତ ଆୟ ଖୁସି ଫାଉଣ୍ଡେଶନ ମାଧ୍ୟମରେ ମହିଳା ସଶକ୍ତୀକରଣ ଦିଗରେ ବ୍ୟୟ କରାଯିବ। ଏହି ଲିଗ୍ ଜରିଆରେ ବୀରେନ୍ଦ୍ର ସେହ୍ୱାଗ, ଜାକ୍ସ କାଲିସ୍, ମହମ୍ମଦ କୈଫ୍, ୟୁସୁଫ୍ ପଠାନ, ଆର.ପି. ସିଂ, କ୍ରିସ୍ ଗେଲ୍, ଡାନିଏଲ୍ ଭିଟୋରୀ ଓ ମଣ୍ଟି ପନିସରଙ୍କ ଭଳି କ୍ରିକେଟରଙ୍କୁ ଦର୍ଶକମାନେ ଦେଖିବାର ସୁଯୋଗ ପାଇବେ। ଏହି ଲିଗ୍‌କୁ ଅଧିକ ଆକର୍ଷଣୀୟ କରିବା ପାଇଁ ସୁପର ସବ୍(ପ୍ରତି ଦଳରେ ୧୨ ଖେଳାଳି) ନିୟମ ଆରମ୍ଭ କରାଯାଇଛି। ସେହିପରି ପ୍ରତ୍ୟେକ ଖେଳାଳିଙ୍କ ବ୍ୟାଟ୍‌ରେ ଏକ ସେନ୍‌ସର ରହିବ, ଯାହାଦ୍ୱାରା ବ୍ୟାଟ୍‌ର ସ୍ପିଡ୍ ସମ୍ପର୍କରେ ସୂଚନା ମିଳିବ। ଆସନ୍ତା ୨୫ ତାରିଖରେ ଭିଲ୍‌ୱାରା କିଙ୍ଗସ ଓ ଗୋଟିଏ ଦିନ ପରେ ଅନ୍ୟ ୩ ଟିମ୍ ଭୁବନେଶ୍ୱରରେ ପହଞ୍ଚିବ। ୩୫୦ ଓ ୫୦୦ ଟଙ୍କା ମୂଲ୍ୟରେ ବୁକ୍ ମାଇଁ ଶୋ' ୱେବ୍‌ସାଇଟରେ ଟିକେଟ ଉପଲବ୍ଧ ହେବ ଓ ମ୍ୟାଚ୍ ଦିନରେ ଷ୍ଟାଡିୟମରେ ବୁକ୍ ମାଇଁ ଶୋ' ପକ୍ଷରୁ ଏକ କାଉଣ୍ଟର ଖୋଲାଯିବ। ସମୁଦାୟ ୪ କୋଟି ଟଙ୍କାର ପୁରସ୍କାର ରାଶି ରଖାଯାଇଥିବା ବେଳେ ଚାମ୍ପିୟନ ଦଳକୁ ୨.୭୫ କୋଟି, ରନର୍ସ ଅପ୍ ଦଳକୁ ୧ କୋଟି ଏବଂ ଅବଶିଷ୍ଟ ଅର୍ଥରାଶି ପ୍ଲେୟର ଅଫ୍ ଦ ମ୍ୟାଚ୍ ଓ ପ୍ଲେୟର ଅଫ୍ ଦ ସିରିଜ୍ ବିବେଚିତ ଖେଳାଳିଙ୍କୁ ପ୍ରଦାନ କରାଯିବ। ଓଡ଼ିଶା କ୍ରିକେଟ ଆସୋସିଏଶନ୍ ପକ୍ଷରୁ ମିଳିଥିବା ସମସ୍ତ ପ୍ରକାର ସହାୟତା ଲାଗି ରାହେଜା ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଲିଜେଣ୍ଡ୍ସ ଲିଗର ପରାମର୍ଶଦାତା ବାସୁଦେବ ଭଟ୍ଟ ଉପସ୍ଥିତ ରହିଥିଲେ।

**ଲିଜେଣ୍ଡ୍ସ ଲିଗ୍ କ୍ରିକେଟ**





ଖବରଦାତା ସମ୍ମିଳନୀରେ ରମଣ ରାହେଜା ଓ ବାସୁଦେବ ଭଟ୍ଟ।

# ରାଜା, ମ୍ୟାକ୍‌ଗ୍ରା ପ୍ଲେୟର ଅଫ୍ ଦି ମନ୍ଥ

**ଦୁବାଇ, ୧୨।୯ (ପି.ଟି.)**

ଅଷ୍ଟ୍ରେଲିଆର ଟାହଲିଆ ମ୍ୟାକ୍‌ଗ୍ରା ଓ ଜିମ୍ବାୱେର ସିକନ୍ଦର ରାଜା ଅଗଷ୍ଟ ମାସ ପାଇଁ ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଛନ୍ତି। ଭାରତର ଜେମିମା ରୋଡ୍ରିଗୁଏଜ୍ ଏହି ପୁରସ୍କାର ଦୌଡ଼ରେ ପଛରେ ପଡ଼ିଯାଇଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜୟୀ ଅଷ୍ଟ୍ରେଲିଆ ଦଳର ଦୁଇ ଖେଳାଳି ବେଥ୍ ମୁନି ଓ ଟାହଲିଆ ମ୍ୟାକ୍‌ଗ୍ରାଙ୍କ ସହ ରୋଡ୍ରିଗୁଏଜ୍‌ଙ୍କ ନାମ ମହିଳା ବିଭାଗ ପୁରସ୍କାର ପାଇଁ ସୁପାରିସ ହୋଇଥିଲା। ତେବେ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ତାଙ୍କ ଦେଶକୁ ସ୍ୱର୍ଣ୍ଣ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ମ୍ୟାକ୍‌ଗ୍ରା ଏହି ପୁରସ୍କାର ଜିତିପାରିଛନ୍ତି। ଏହାପୂର୍ବରୁ ଅଷ୍ଟ୍ରେଲିଆର ଏଲିସା ହିଲି ଏପ୍ରିଲ୍‌ରେ ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ପାଇଥିଲେ। ଅଗଷ୍ଟ ମାସରେ ମ୍ୟାକ୍‌ଗ୍ରା ୫୭ ଆଭରେଜ୍‌ରେ ୧୧୪ ରନ୍ ସଂଗ୍ରହ କରିଛନ୍ତି। ୧୩.୪୦ ହାରରେ ସେ ୫ ଉଇକେଟ ମଧ୍ୟ ଅକ୍ତିଆର କରିଛନ୍ତି। ଅଷ୍ଟ୍ରେଲିଆ ଦଳରେ ଅନେକ ଷ୍ଟାର ଖେଳାଳି ଅଛନ୍ତି। ହେଲେ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ମ୍ୟାକ୍‌ଗ୍ରା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ମ୍ୟାଚ୍‌ରେ ସେ ୭୮ ରନ୍ କରି ଅପରାଜିତ ରହିଥିବା ବେଳେ ୩ ଉଇକେଟ ଅକ୍ତିଆର କରିଥିଲେ। ଏହି ମାସରେ ମ୍ୟାକ୍‌ଗ୍ରା ଆହୁରି ମଧ୍ୟ ଆଇସିସି ଟି୨୦ ପ୍ଲେୟର ର୍‍ୟାଙ୍କିଙ୍ଗ୍ ଅଲ୍‌ରାଉଣ୍ଡର ତାଲିକାରେ କ୍ୟାରିୟର ଶ୍ରେଷ୍ଠ ୧୨ତମ ସ୍ଥାନ ଅଧିକାର କରିଥିଲେ। ଅନ୍ୟପକ୍ଷରେ ଜିମ୍ବାୱେର ପ୍ରଥମ ପୁରୁଷ ଖେଳାଳି ଭାବେ ରାଜା ଏକ ଅନ୍ତର୍ଜାତୀୟ ପୁରସ୍କାର ଜିତିବାର ଗୌରବ ଅର୍ଜନ କରିଛନ୍ତି। ପୁରୁଷ କ୍ରିକେଟରେ ଆକ୍ସନରେ ପରିପୂର୍ଣ୍ଣ ଏହି ମାସରେ ୩୬ ବର୍ଷୀୟ ରାଜା ନ୍ୟୁଜିଲାଣ୍ଡ ଅଲ୍‌ରାଉଣ୍ଡର ମିଚେଲ ସାଣ୍ଟନର ଓ ଇଂଲଣ୍ଡର ବେନ୍ ଷ୍ଟୋକ୍ସଙ୍କୁ ପଛରେ ପକାଇ ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ଲାଭ କରିଥିଲେ।

**ଆଇସିସି ପୁରସ୍କାର**





ଜିମ୍ବାୱେର ସିକନ୍ଦର ରାଜା ଓ ଅଷ୍ଟ୍ରେଲିଆର ଟାହଲିଆ ମ୍ୟାକ୍‌ଗ୍ରା।

## ସିନିୟର ହକି ଚାମ୍ପିୟନଶିପ୍ ଆରମ୍ଭ

**ଭୁବନେଶ୍ୱର, ୧୨।୯ (କ୍ରୀଡ଼ା ପ୍ରତିନିଧି)**

ହକି ଆସୋସିଏଶନ ଅଫ୍ ଓଡ଼ିଶା (ଏଚ୍‌ଏଓ) ଆନୁକୂଲ୍ୟରେ ପ୍ରଥମ ସିନିୟର ପୁରୁଷ ହକି ଚାମ୍ପିୟନଶିପ୍ ସୋମବାର କଳିଙ୍ଗ ଷ୍ଟାଡିୟମ ଓ କିଟ୍ ହକି ଷ୍ଟାଡିୟମରେ ଆରମ୍ଭ ହୋଇଛି। ୧୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ୬ ଦିନିଆ ପ୍ରତିଯୋଗିତାରେ ୩୦ଟି ଦଳ (୫୪୦ ଖେଳାଳି) ଅଂଶଗ୍ରହଣ କରିଛନ୍ତି। ଓଡ଼ିଶା ହକି ପ୍ରମୋଶନ କାଉନ୍‌ସିଲ ଅଧ୍ୟକ୍ଷ ଦିଲୀପ ତିର୍କୀ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା, କିଟ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଓ କୋଲକାତାସ୍ଥିତ ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସର ଆଞ୍ଚଳିକ ମୁଖ୍ୟ ଆର. ଭିନିତ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିବସ ଖେଳରେ ଗଞ୍ଜାମ ୮-୦ ଗୋଲରେ ବାଲେଶ୍ୱର, ଜଗତ୍‌ସିଂହପୁର ୨-୦ରେ ଅନୁଗୋଳ, ଗଜପତି ୨-୧ ଗୋଲରେ କିଟ୍/କିସ୍, ସୁନ୍ଦରଗଡ଼ ୬-୦ ଗୋଲରେ କେନ୍ଦ୍ରାପଡ଼ାକୁ ହରାଇଛି। ସେହିପରି ବରଗଡ଼ ୫-୦ରେ ବଲାଙ୍ଗୀର, ସୁବର୍ଣ୍ଣପୁର ୫-୦ରେ ଭଦ୍ରକ ଏବଂ ସମ୍ବଲପୁର ୬-୨ ଗୋଲରେ ଓଡ଼ିଶା ସେକ୍ରେଟେରିଏଟକୁ ପରାସ୍ତ କରିଛି।

CLASSIFIED DISPLAY
MORE SPACE • SAME PRICE
TARIFF GST 5%

| | | | | | | | |
|---|---|---|---|---|---|---|---|
| For Single Day | | For 7 Days | | For 15 Days | | For 30 days | |
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GALAXY TOWER
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Market Complex, B wing, Bangalore, Karnataka-400021
8901110759

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ

୰ସୁଦର୍ଶନ ବାରିକ
ପୁରୁଷୋତ୍ତମପୁର, ଖଇରା, ବାଲେଶ୍ୱର
ଆବିର୍ଭାବ-୧୪।୦୧।୧୯୩୧
ତିରୋଧାନ- ୦୩।୦୯।୨୦୨୨
ଆପଣଙ୍କ ଅନାବିଳ ସ୍ନେହ, ତ୍ୟାଗ ଓ ଭଲ ପାଇବା ଆମେ କେବେ ଭୁଲି ପାରିବୁ ନାହିଁ। ପ୍ରତି ମୁହୂର୍ତ୍ତରେ ଆପଣଙ୍କୁ ଆମ୍ଭେମାନେ ମନେ ପକାଉଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ।
ଇତି-ଶୋକସନ୍ତପ୍ତ ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୧୫୦୭

ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ଅକ୍ଷୟ କୁମାର ମହାକୁଡ
ଆବିର୍ଭାବ: ତା ୧୫।୦୫।୧୯୬୪
ତିରୋଧାନ: ତା ୧୩।୦୯।୨୦୧୫
ତୁମେ ଥିଲ ଜଣେ ବିଶିଷ୍ଟ କର୍ମଚାରୀ ନେତା, ଡି.ଏ.ଭି. ଆନ୍ଦୋଳନର କର୍ଣ୍ଣଧାର, ଦକ୍ଷ ତଥା ଉଚ୍ଚାଦର୍ଶବାଦୀ ସଚିବାଳୟ ଅଧିକାରୀ, ପରୋପକାରୀ ଓ ସମାଜସେବୀ। ଠିକ୍ ଆଜିର ଦିନରେ ଆମକୁ ଛାଡ଼ି ଚାଲିଗଲ। ତଥାପି ଆମ ପାଖେପାଖେ ଥିଲା ଭଳି ଲାଗୁଛ।
ଈଶ୍ୱରଙ୍କ କୋଳରେ ଶାନ୍ତିରେ ଥାଇ ଆମ୍ଭମାନଙ୍କୁ ଆଶୀର୍ବାଦ କରୁଥାଅ ।
ଶୋକସନ୍ତପ୍ତ: ହତଭାଗ୍ୟ ପିତା, ମାତା, ଭ୍ରାତା, ଭଗ୍ନୀ, ପତ୍ନୀ, କନ୍ୟାଗଣ, ପୁତ୍ର, ପରିବାର ଓ ବନ୍ଧୁପରିଜନ ।
ଧ-୧୫୦୦

ଦ୍ୱିତୀୟ ବାର୍ଷିକ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଉମେଶ ସେଠୀ (ଟୁଲୁ)
ଡେଲାଙ୍ଗ, ପୁରୀ
ଆବିର୍ଭାବ: ୨୯।୦୫।୧୯୮୨
ତିରୋଧାନ: ୦୮।୦୯।୨୦୨୦
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ପତ୍ନୀ: କୃଷ୍ଣପ୍ରିୟା ସେଠୀ, ପୁତ୍ର: ମୁକେଶ କୁମାର ସେଠୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୬୬୬୮

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି

୰ମାଧବାନନ୍ଦ ସ୍ୱାଇଁ
ସତ୍ୟବିହାର, ମଞ୍ଚେଶ୍ୱର, ଭୁବନେଶ୍ୱର
ଆବିର୍ଭାବ: ୨୯।୧୦।୧୯୬୬
ତିରୋଧାନ: ୨୪।୦୯।୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁଅ- ଅକ୍ଷୟ, ଚିନ୍ମୟ, ନାତି- ମହାବୀର, ବନ୍ଧୁ ଓ ପରିବାରବର୍ଗ ।
ଧ-୭୧୨୧୬

ଶ୍ରଦ୍ଧାଞ୍ଜଳି
ପ୍ରଥମ ଶ୍ରାଦ୍ଧବାର୍ଷିକୀ

୰ କିନ୍ତାଲି ସରୋଜିନୀ ପୃଷ୍ଟି
ନିରଞ୍ଜନ ନଗର, ଆସିକା
ପ୍ରଥମ ଶ୍ରାଦ୍ଧବାର୍ଷିକୀ : ୧୩.୯.୨୦୨୨
ଆଜି ଆପଣଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଲାଗି ଜଗତନାଥ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ ।
- ଶୋକସନ୍ତପ୍ତ -
ପୁଅ- କେ. ସନ୍ତୋଷ ପୃଷ୍ଟି
ବଦ୍ରି, ରଂଜିତ, କୃଷ୍ଣ, ଗୋପାଳ
ବୋହୂ- ଲକ୍ଷ୍ମୀ, ରତ୍ନମାଳା, ପ୍ରୀତିକୁମାରୀ, ଦେବସ୍ମିତା, ପିଙ୍କି
ଝିଅ- ସବିତା, ସସ୍ମିତା
ଜ୍ୱାଇଁ - ମୂରଲୀ, ନାରାୟଣ
ଏବଂ ନାତି ଓ ନାତୁଣୀ
ଧ-୧୪୯୮

ଏକତିରିଶତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ ସୁଧାଂଶୁ ମୋହନ ରାଉତରାୟ
କବି ତଥା ପ୍ରଶାସକ
ପ୍ଲଟ୍ ନଂ-୧୫୭, ସହିଦନଗର, ଭୁବନେଶ୍ୱର
ଆବିର୍ଭାବ : ୧୪.୧୨.୧୯୩୨
ତିରୋଧାନ : ୨୯.୦୯.୧୯୯୧
'ପକ୍ଷହୀନ କପୋତ' ଟି ତୁମକୁ ଦେଲା ଅମୃତ ପରଶି
'ଫଗ ସକାଳ' ଘୋଷି ଜାଣ ବର୍ଷିଥିବ ଯଶରାଶି
'ତୁମ ପାଇଁ କବିତା' ର ଗାତି କେତେ ଫଗ ବୁଣିଯେ ଦେଇଛି
ଲେଖିଗଲ ଶେଷ କଥା "ଶେଷ ବସନ୍ତ"ରେ ଶେଷ ସ୍ମୃତି
ଭଗବାନ ଆପଣଙ୍କ ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ। ଏହାହିଁ ଆମର ପ୍ରାର୍ଥନା।
ଆପଣଙ୍କର ବନ୍ଧୁ ଓ ପରିବାରବର୍ଗ
ଧ-୭୧୬୫୩

ଫ୍ୟାଶନ

# କୁର୍ତ୍ତି ସହ ସ୍କର୍ଟ





ଫ୍ୟାଶନ ଟ୍ରେଣ୍ଡରେ ଅଲଗା ଦେଖାଯିବା ପାଇଁ ସ୍କର୍ଟ ସହ କୁର୍ତ୍ତି ମ୍ୟାଚ କରି ପିନ୍ଧିପାରିବେ। ଏହା ପିନ୍ଧିବା ପାଇଁ ଆରାମଦାୟକ ହେବା ସହିତ ଏଥେନିକ୍ ଲୁକ୍ ଦେବ...

➤ସର୍ଟ କୁର୍ତ୍ତି ପିନ୍ଧିବାକୁ ପସନ୍ଦ କରୁଥିଲେ ମ୍ୟାଚ କରି ସ୍କର୍ଟ ପିନ୍ଧିପାରିବେ। ଏହା ସହିତ ଦୁପଟା ବି ପକାଇପାରିବେ। ଏଭଳି ପୋଷାକ ବହୁତ ସୁନ୍ଦର ଲାଗିବ। ଏହା ସହିତ ମ୍ୟାଚିଂ କରି ଇୟରରିଂ ପିନ୍ଧିଲେ ଭଲ ଲାଗିବ।

➤ବିବାହ ଉତ୍ସବ କିମ୍ବା ସ୍ୱତନ୍ତ୍ର ଦିନଗୁଡ଼ିକରେ ଲଙ୍ଗ୍ ଅନାରକଲି ସହିତ ସ୍କର୍ଟ ପିନ୍ଧିପାରିବେ। ଏହି ପୋଷାକ ସହ ହେଭି ଦୁପଟା ସୁନ୍ଦର ଲାଗିବ। ବିଭିନ୍ନ ପ୍ରକାର ଅଳଙ୍କାର ପିନ୍ଧିଲେ ବି ଏହି ପୋଷାକ ସହ ଭଲ ଲାଗିବ।

➤ସିମ୍ପଲ ଓ ଷ୍ଟ୍ରେଟ୍ କୁର୍ତ୍ତି ସହିତ ମ୍ୟାଚ୍ କରି ବିଭିନ୍ନ ରଙ୍ଗର ସ୍କର୍ଟ ପିନ୍ଧି ଆପଣ ଅଫିସ୍, ମାର୍କେଟ କିମ୍ବା ଯେକୌଣସି ସ୍ଥାନକୁ ଯାଇପାରିବେ। ଏହି ପୋଷାକ ଉଭୟ ଫର୍ମାଲ ଏବଂ କାଜୁଆଲ୍ ଲୁକ୍ ଦେବ। ଦୁପଟା ପକାଇ ଆପଣ ଚାହିଁଲେ ନିଜକୁ ଏକ ଟ୍ରାଡିଶନାଲ୍ ଲୁକ୍ ବି ଦେଇପାରିବେ।

➤ବିଭିନ୍ନ ଡିଜାଇନର କୁର୍ତ୍ତିକୁ ମଧ୍ୟ ମ୍ୟାଚ୍ କରି ସ୍କର୍ଟ ସହ ପିନ୍ଧିହେବ। ଯେକୌଣସି ପ୍ରକାର କୁର୍ତ୍ତି ସହ ସ୍କର୍ଟ ପିନ୍ଧି ଇୟରରିଂ ଓ ଅନ୍ୟ ଗହଣା ଲଗାଇ ଭିନ୍ନ ଭିନ୍ନ ଲୁକ୍ ଦେଇହେବ।

ଖାଦ୍ୟରୁଚି

## ଏଗ୍ ଲଲିପପ୍



**ଆବଶ୍ୟକ ସାମଗ୍ରୀ:** ଅଣ୍ଡା– ୭ଟି, ମଇଦା– ୧କପ୍, କର୍ନଫ୍ଲୋର– ୨ ଚାମଚ, ଲଙ୍କାଗୁଣ୍ଡ–୧ ଚାମଚ, ହଳଦୀଗୁଣ୍ଡ– ୧ ଚାମଚ, ଗୋଲମରିଚ ଗୁଣ୍ଡ– ୧ ଚାମଚ, ଅଦା ରସୁଣ ପେଷ୍ଟ– ୧ ଚାମଚ, ଅଦା (କଟା)– ୧ ବଡ଼ ଚାମଚ, ରସୁଣ (କଟା)– ୧ ବଡ଼ ଚାମଚ, ପିଆଜ– ୧ଟି ବଡ଼, କ୍ୟାପ୍ସିକମ୍– ୧ଟି କଟା, ଚିଲି ସସ୍– ୨ ଚାମଚ, ସୋୟା ସସ୍– ୧ ଚାମଚ, କଞ୍ଚାଲଙ୍କା– ଅଳ୍ପ, ଧନିଆପତ୍ର– ଅଳ୍ପ। ଆବଶ୍ୟକ ଅନୁସାରେ ତେଲ ଓ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଅଣ୍ଡାକୁ ସିଝାଇ ଦିଅନ୍ତୁ। ଏକ ବଡ଼ ପାତ୍ରରେ ମଇଦା, କର୍ନଫ୍ଲୋର, ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ ଓ ସ୍ୱାଦ ଅନୁସାରେ ଲୁଣ ମିଶାଇ ଗୋଳାନ୍ତୁ। ଏହି ପେଷ୍ଟରେ ଅଦା ରସୁଣ ପେଷ୍ଟ ମିଶାନ୍ତୁ। ଆବଶ୍ୟକ ଅନୁସାରେ ପାଣି ମିଶାଇ ଏକ ଘୋଳ ପ୍ରସ୍ତୁତ କରନ୍ତୁ। ଏହି ଘୋଳରେ ସିଝା ଅଣ୍ଡାଗୁଡ଼ିକୁ କିଛି ସମୟ ପକାଇ ରଖନ୍ତୁ। କଡ଼େଇରେ ତେଲ ଗରମ କରି ଅଣ୍ଡାଗୁଡ଼ିକୁ ଛାଣି ଦିଅନ୍ତୁ। ଏହାପରେ ଅନ୍ୟ ଏକ କଡ଼େଇରେ ଅଳ୍ପ ତେଲ ଗରମକରି ସେଥିରେ ପିଆଜକୁ କାଟି ପକାନ୍ତୁ। ଏହାପରେ କଟା ଅଦା, କଟା ରସୁଣ ଓ କ୍ୟାପ୍ସିକମ୍‌କୁ ଏଥିରେ ପକାଇ ଅଳ୍ପ ଭାଜନ୍ତୁ। ଏବେ ଏଥିରେ ଛଣାହୋଇଥିବା ଅଣ୍ଡା ଓ ସସ୍ ପକାନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଏଗ୍ ଲଲିପପ୍।

ସୌନ୍ଦର୍ଯ୍ୟ

# କୋମଳ ରହିବ ହାତ

କେବଳ ମୁହଁ ନୁହେଁ, ହାତ ଓ ପାଦର ସୁନ୍ଦରତା ବି ବଢ଼ାଇବାକୁ ହେବ। ତେଣୁ ଏଥିପାଇଁ କିଛି ଘରୋଇ ଉପାୟରେ କିପରି ବିଭିନ୍ନ ପ୍ରକାର ସୌନ୍ଦର୍ଯ୍ୟ ଉପଚାର କରିବେ ଜାଣି ରଖନ୍ତୁ...



➔ହାତ ପାଦକୁ ଅଧିକ ମୁଲାୟମ କରିବା ପାଇଁ ମହୁ ଓ ଗାଜରରେ ତିଆରି ଏକ ପ୍ୟାକ୍ ଲଗାନ୍ତୁ। ଏଥିପାଇଁ ଗାଜରକୁ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏବେ ଏହି ପେଷ୍ଟରେ ସମାନ ମାତ୍ରାରେ ମହୁ ମିଶାଇ ହାତ ଓ ପାଦରେ ଲଗାନ୍ତୁ। ପ୍ରାୟ ୧୦ ମିନିଟ୍ ପର୍ଯ୍ୟନ୍ତ ଏହି ପେଷ୍ଟକୁ ଲଗାଇ ଛାଡ଼ି ଦିଅନ୍ତୁ। ଏହା ପରେ ସ୍କ୍ରବ୍ କରି ଉଷୁମ ପାଣିରେ ଧୋଇ ଦିଅନ୍ତୁ।

➔୨ ଚାମଚ ଦହି ସହିତ ୨ ଚାମଚ ମହୁ ଓ ୧ ଚାମଚ ଅଲିଭ୍ ଅଏଲ ମିଶାଇ ହାତରେ ଲଗାନ୍ତୁ। ୨୦ ମିନିଟ୍ ପର୍ଯ୍ୟନ୍ତ ଏହି ମିଶ୍ରଣକୁ ଲଗାଇ ମାଲିସ୍ କରନ୍ତୁ। କିଛିଦିନ ପରେ ହାତର ତ୍ୱଚା ବହୁତ ସୁନ୍ଦର ଦେଖାଯିବ।

➔ହାତରେ ଆଳୁ ମାସ୍କ ଲଗାଇଲେ ତ୍ୱଚା ବହୁତ ସୁନ୍ଦର ଦେଖାଯିବ। ଏଥିପାଇଁ ଆଳୁକୁ ବାଟି ସେଥିରେ ଅଲିଭ୍ ଅଏଲ ମିଶାଇ ପ୍ରତିଦିନ ୧୫ ମିନିଟ୍ ପର୍ଯ୍ୟନ୍ତ ଲଗାନ୍ତୁ। କିଛିଦିନ ପରେ ହାତର ତ୍ୱଚା ଅଧିକ କୋମଳ ହୋଇଯିବ।

➔ହାତ ପାଦରେ ନଡ଼ିଆତେଲ ମଧ୍ୟ ଲଗାଇପାରିବେ। ନଡ଼ିଆତେଲ ସହ ବଟରକୁ ଭଲଭାବେ ମିଶାଇ ସେଥିରେ କିଛି କଞ୍ଚାକ୍ଷୀର ମିଶାନ୍ତୁ। ଏହି ମିଶ୍ରଣକୁ ଅତି କମ୍‌ରେ ୫ ମିନିଟ୍ ପର୍ଯ୍ୟନ୍ତ ମସାଜ କରନ୍ତୁ। ମସାଜ କରିବା ପରେ ୧୦ ମିନିଟ୍ ଛାଡ଼ି ଦିଅନ୍ତୁ। ତା'ପରେ ହାତ ଧୋଇଦିଅନ୍ତୁ।





# ସୁବିଧାବାଦୀ ସହକର୍ମୀ

ସଫଳ କ୍ୟାରିୟର ପାଇଁ ଅନେକ ପରିଶ୍ରମ ତ କରିବାକୁ ପଡିଥାଏ, କିନ୍ତୁ ବେଳେବେଳେ ପରିଶ୍ରମର ଶ୍ରେୟ ନିଜକୁ ନ ମିଳି ମିଳିଥାଏ ଆଉ କାହାକୁ। ଅଫିସରେ ସହକର୍ମୀମାନଙ୍କ ଚାଲାକି ପାଇଁ ଅନେକ ସମୟରେ ବସ୍‌ଙ୍କଠାରୁ ଗାଳି ଶୁଣିବାକୁ ବି ପଡ଼େ। କର୍ମକ୍ଷେତ୍ରରେ ଏଭଳି ପରିସ୍ଥିତି ରହୁଥିଲେ ଚତୁରତାର ସହ ସାମ୍ନା କରିବା ବୁଦ୍ଧିମତ୍ତାର କାମ...



**ପ**ରିଶ୍ରମ କରିବେ ଆପଣ, କିନ୍ତୁ ଶ୍ରେୟ ମିଳିବ ଅନ୍ୟ ଜଣଙ୍କୁ। ସହକର୍ମୀଙ୍କ ଚାଲାକି ପାଇଁ ଅନେକ ଥର ଅଫିସରେ ଏମିତି ପରିସ୍ଥିତି ସୃଷ୍ଟି ହୋଇଥାଏ। କର୍ମକ୍ଷେତ୍ରରେ ଏଭଳି ଅବସ୍ଥାରେ କ'ଣ କଲେ ନିଜ କାମର କ୍ରେଡିଟ୍ ନିଜକୁ ମିଳିବ ସେସବୁ ଜାଣିବା ନିହାତି ଦରକାର।

**ବସ୍‌ଙ୍କୁ ଜଣାନ୍ତୁ:** ପ୍ରଥମ କଥା ହେଉଛି ଆପଣ କ'ଣ ସବୁ କାମ କରୁଛନ୍ତି ସେକଥା ଅଫିସରେ ମୁଖ୍ୟତଃ ବସ୍‌ଙ୍କୁ ଜଣାଇବା ଦରକାର। କର୍ପୋରେଟ୍ ଜଗତରେ ଚୁପ୍‌ଚାପ୍ ବସି କେବଳ କାମ କରିବା ଯଥେଷ୍ଟ ନୁହେଁ। ନିଜ ପ୍ରୋଜେକ୍ଟ କିମ୍ବା ପ୍ଲାନ୍ ବିଷୟରେ ଅଫିସ୍ ମିଟିଂରେ ଜଣାନ୍ତୁ। ଅଫିସରେ ଯଦି ବସ୍ ଆପଣଙ୍କ କାମ ବିଷୟରେ ଅବଗତ ରହିବେ ତେବେ ଅନ୍ୟ କେହି ସହକର୍ମୀ ସେହି କାମ ପାଇଁ କ୍ରେଡିଟ୍ ନେବାକୁ ଚେଷ୍ଟା କରିବେ ନାହିଁ।

**ରାଗନ୍ତୁ ନାହିଁ:** ବହୁ ପରିଶ୍ରମ କରିବା ପରେ ଯେତେବେଳେ ଅଫିସରେ ଅନ୍ୟ ଜଣେ ସହକର୍ମୀ ସେହି କାମର କ୍ରେଡିଟ୍ ନିଅନ୍ତି ସେତେବେଳେ ମନ ଖରାପ ଲାଗେ। କିନ୍ତୁ ଏ ସମୟରେ ସହକର୍ମୀଙ୍କ ଉପରେ ଆଦୌ ରାଗନ୍ତୁ ନାହିଁ। ସମସ୍ତଙ୍କ ଆଗରେ ରାଗିବା ଦ୍ୱାରା ନିଜର ଭାବମୂର୍ତ୍ତି ନଷ୍ଟହେବ। ତେଣୁ ଏଭଳି ସମୟରେ ଶାନ୍ତ ମନରେ ହିଁ ଆପଣଙ୍କୁ ନିଷ୍ପତ୍ତି ନେବାକୁ ହେବ।

**ସିନିୟରଙ୍କ ସହାୟତା ନିଅନ୍ତୁ:** ନିଜ କାମର ଶ୍ରେୟ ଯଦି ଅଫିସରେ ଅନ୍ୟ କେହି ଜଣେ ନେବାପାଇଁ ବାରମ୍ବାର ଚେଷ୍ଟା କରୁଛନ୍ତି ତେବେ ଏଭଳି କ୍ଷେତ୍ରରେ ଆପଣ ସିନିୟରଙ୍କ ସାହାଯ୍ୟ ନିଅନ୍ତୁ। ଅଫିସରେ ଯେଉଁ ସିନିୟରଙ୍କ ଉପରେ ଆପଣଙ୍କର ବିଶ୍ୱାସ ଓ ଭରସା ରହିଛି ତାଙ୍କ ସହାୟତା ନେଇ ଆପଣ କରୁଥିବା କାମ ସମ୍ପର୍କରେ ଜଣାନ୍ତୁ। ପ୍ରତିଦିନ ଆପଣ କରୁଥିବା କାମ ସମ୍ପର୍କରେ ତାଙ୍କୁ ଅବଗତ କରାନ୍ତୁ। ତେଣୁ ଆବଶ୍ୟକ ସମୟରେ ସେହି ସିନିୟର ସହକର୍ମୀ ଆପଣଙ୍କ ପକ୍ଷ ନେଇପାରନ୍ତି।

**କାମକୁ ଗୋପନୀୟ ରଖନ୍ତୁ:** ଅଫିସରେ କୌଣସି ନୂଆ କାମ କରୁଥିଲେ ସେନେଇ ଅନ୍ୟ କାହା ଆଗରେ ପ୍ରକାଶ କରନ୍ତୁ ନାହିଁ କିମ୍ବା କାହାକୁ ଦେଖାନ୍ତୁ ନାହିଁ। ଏମିତିକି ସମସ୍ତଙ୍କୁ ଏକ ପ୍ରକାର ପ୍ରୋଜେକ୍ଟ କାମ ଦିଆଯାଇଥିଲେ ବି ଆପଣ କରୁଥିବା କାମକୁ ଗୋପନୀୟ ରଖନ୍ତୁ। କାମ ଶେଷ ହେବା ପରେ ହିଁ ନିଜେ ହସ୍ତାନ୍ତର କରନ୍ତୁ।

**ସତର୍କ ରୁହନ୍ତୁ:** ଅଫିସରେ ଯଦି କେହି ସହକର୍ମୀ ଆପଣଙ୍କ କାମର ଶ୍ରେୟ ନେଉଥାନ୍ତି ତେବେ ତାଙ୍କ ପ୍ରତି ସତର୍କ ରୁହନ୍ତୁ। ଆପଣଙ୍କର କୌଣସି କାମ ବିଷୟରେ ତାଙ୍କୁ କିଛି ବି କୁହନ୍ତୁ ନାହିଁ। ନିଜ ପ୍ରୋଜେକ୍ଟ ବିଷୟରେ କୌଣସି ପ୍ରକାର ସୂଚନା ଦିଅନ୍ତୁ ନାହିଁ। ଏମିତିକି ସେନେଇ ତାଙ୍କ ସହ କୌଣସି ପରାମର୍ଶ କିମ୍ବା କଥାବାର୍ତ୍ତା କରନ୍ତୁ ନାହିଁ।





### କ'ଣ କରନ୍ତି ଏମାନେ



**ତୁରନ୍ତ ମେସେଜ୍ ଦିଏ:** ଅଫିସରେ ମୁଁ ମୋ କାମ କରିବାବେଳେ କାହା ସହ କଥାବାର୍ତ୍ତା ବି ହୁଏନି କିମ୍ବା କାହାଠାରୁ ପରାମର୍ଶ ନିଏନି। କେବଳ ବସ୍ ଦେଇଥିବା କାମକୁ ଠିକ୍ ସମୟରେ ପୂରା କରିବା ପାଇଁ ଚେଷ୍ଟା କରିଥାଏ। ଆଉ କାମ ସରିବା ମାତ୍ରେ ତାଙ୍କୁ ତୁରନ୍ତ ମେସେଜ୍ କରି ଦେଇଥାଏ। ତେଣୁ ମୁଁ କେବେ ଅସୁବିଧାର ସମ୍ମୁଖୀନ ହୋଇନି।

*–କରିସ୍ମା ବିଶ୍ୱାଳ, କର୍ମଜୀବୀ, ନୟାପଲ୍ଲୀ ବ୍ରିଟ୍ କଲୋନୀ, ଭୁବନେଶ୍ୱର*



**ଅଲଗା ପାସ୍‌ୱାର୍ଡ ଦିଏ:** ଅଫିସରେ ମୋର ଗୋଟେ ଅଲଗା ଚାମ୍ବର ରହିଛି। ସେଠି ମୁଁ ମୋର ସବୁ କାମ ଆରାମରେ କରେ ଆଉ କମ୍ପ୍ୟୁଟରରେ ମୋର ଅଲଗା ଲଗ୍ ଇନ୍ ପାସ୍‌ୱାର୍ଡ ଦେଇ ରଖିଥାଏ। ମୁଁ କ'ଣ ସବୁ କାମ କରିଛି ସେ ନେଇ କେହି ବି ଜାଣିପାରନ୍ତି ନାହିଁ। ତେଣୁ ମୋ ପରିଶ୍ରମ କେବେ ବୃଥା ଯାଏନି।

*–ପ୍ରେମଜିତ୍ କୁମାରୀ ମହାପାତ୍ର, କର୍ମଜୀବୀ, ବକ୍ସିବଜାର, କଟକ*



**ମୋର ସେମିତି ଅସୁବିଧା ହୁଏନି:** ଆମ ଅଫିସରେ ମୁଁ ଯେଉଁମାନଙ୍କ ପାଖରେ ବସି କାମକରେ ସେମାନେ ମୋର ସହକର୍ମୀ ସତ, କିନ୍ତୁ ସେମାନଙ୍କର ଅଲଗା ଦାୟିତ୍ୱ। ତେଣୁ ମୋ କାମ ସହିତ ସେମାନଙ୍କର କିଛି ସମ୍ପର୍କ ନ ଥାଏ। ସେଥିପାଇଁ ମୁଁ ଆରାମରେ ମୋ କାମ କରେ ଓ ସେମାନଙ୍କ ସହ ମିଶେ। ତା' ଛଡ଼ା ମୋର ସବୁ ପ୍ରୋଜେକ୍ଟକୁ ମୁଁ କମ୍ପ୍ୟୁଟରରେ ଲୋକାଲ ଡ୍ରାଇଭରେ ଅଲଗା ପାସ୍‌ୱାର୍ଡ ଦେଇ ରଖେ।

*–ସୋନାଲି ଲେଙ୍କା, କର୍ମଜୀବୀ, ଗୋପାଳପୁର, କଟକ*





# ବୁମ୍‌ରା, ହର୍ଷଲଙ୍କ ପ୍ରତ୍ୟାବର୍ତ୍ତନ

## ଟି୨୦ ବିଶ୍ୱକପ ପାଇଁ ଭାରତୀୟ ଦଳ ଘୋଷିତ

ନୂଆଦିଲ୍ଲୀ, ୧୨।୯(ପି.ଟି.)

ଅକ୍ଟୋବର ୧୬ରୁ ଅଷ୍ଟ୍ରେଲିଆରେ ଆରମ୍ଭ ହେବାକୁ ଯାଉଥିବା ଟି୨୦ କ୍ରିକେଟ ବିଶ୍ୱକପ ପାଇଁ ସୋମବାର ଭାରତୀୟ ଦଳ ଘୋଷିତ ହୋଇଛି। ଫିଟ୍ ହୋଇଥିବାରୁ ମୁଖ୍ୟ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ଏବଂ ଡେଥ୍ ଓଭର ସ୍ପେଶାଲିଷ୍ଟ ହର୍ଷଲ ପଟେଲ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଭେଟେରାନ ପେସର ମହମ୍ମଦ ଶାମି ଷ୍ଟାଣ୍ଡବାଇ ତାଲିକାରେ ସ୍ଥାନ ପାଇଛନ୍ତି। ଅକ୍ଟୋବର ୨୩ରେ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ମ୍ୟାଚ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ।

ପିଠିରେ ଆଘାତଜନିତ ସମସ୍ୟା ଯୋଗୁ ବୁମ୍‌ରା ଏବଂ ସାଇଡ୍ ଷ୍ଟ୍ରେନ୍ ପାଇଁ ହର୍ଷଲ କିଛିଦିନ ହେବ ଭାରତୀୟ ଦଳରୁ ଦୂରରେ ରହିଥିଲେ। ସେମାନେ ଜାତୀୟ କ୍ରିକେଟ ଏକାଡେମୀରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଡାକ୍ତରୀ ଦଳର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚିକିତ୍ସିତ ହେବାପରେ ଏବେ ସମ୍ପୂର୍ଣ୍ଣ ଫିଟ୍ ଅଛନ୍ତି। ଦୁଇ ଯୁବ ବୋଲର ଆଭେଶ୍ ଖାଁ (ପେସର) ଓ ରବି ବିଷ୍ଣୋଇ (ଲେଗ୍ ସ୍ପିନର) ବିଶ୍ୱକପ ଦଳରେ ସ୍ଥାନ ପାଇ ନାହାନ୍ତି। ସିନିୟର ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ଉପରେ ଟିମ୍ ମ୍ୟାନେଜ୍‌ମେଣ୍ଟ ଅଧିକ ଆସ୍ଥା ସ୍ଥାପନ କରିଛନ୍ତି। ହର୍ଷଲ ଉପଲବ୍ଧ ଥିବାରୁ ଆଭେଶ୍‌ଙ୍କ ପାଇଁ ସୁଯୋଗ ସ୍ୱାଭାବିକ ଭାବେ ମଉଳି ଯାଇଥିଲା। କାରଣ ନିକଟ ଅତୀତରେ ଡେଥ୍ ଓଭରରେ ହର୍ଷଲଙ୍କ ବହୁତ ଭଲ ଇକୋନୋମି ହାର ରହିଛି। ଏସିଆ କପ୍‌ର ସୁପର ଫୋର ପର୍ଯ୍ୟାୟରେ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ବିଷ୍ଣୋଇ ଭଲ ପ୍ରଦର୍ଶନ କରିଥିଲେ। ତେବେ ରିଷ୍ଟ ସ୍ପିନର ୟୁଜ୍‌ବେନ୍ଦ୍ର ଚହଲ ଅଧିକ ପ୍ରଭାବୀ ରହିବେ ଏବଂ ବୋଲିଂରେ ବିବିଧତା ଦୃଷ୍ଟିରୁ ଅଷ୍ଟ୍ରେଲିଆର ବଡ଼ ଗ୍ରାଉଣ୍ଡ ପାଇଁ ଦୁଇ ଲେଗ୍ ସ୍ପିନରଙ୍କୁ ନେବା ଅପେକ୍ଷା ଅଶ୍ୱିନଙ୍କ ଉପସ୍ଥିତିରୁ ଅଧିକ ଫାଇଦା ମିଳିବ ବୋଲି ଚୟନକର୍ତ୍ତା ଅନୁଭବ କରିଥିଲେ। ଆଗାମୀ ପ୍ରତିଯୋଗିତା ପାଇଁ ଗ୍ରୁପ୍-୨ରେ ଭାରତ ସହିତ ପାକିସ୍ତାନ, ବାଂଲାଦେଶ, ଦକ୍ଷିଣ ଆଫ୍ରିକା ଏବଂ ଯୋଗ୍ୟତାସମ୍ପନ୍ନ ୨ଟି ଦଳ ରହିବେ। ପ୍ରତିପକ୍ଷ ଦଳଗୁଡ଼ିକର ଟପ୍-୫ରେ ଏକାଧିକ ବାମହାତୀ ବ୍ୟାଟର ରହିଛନ୍ତି। ତେଣୁ ଅଶ୍ୱିନଙ୍କ ଉପସ୍ଥିତିରୁ ଭାରତକୁ ଆଡ୍‌ଭାଣ୍ଟେଜ ମିଳିପାରିବ। ଷ୍ଟାଣ୍ଡବାଇ ତାଲିକାରେ ରହିଥିବା ଅନ୍ୟ ୩ ଖେଳାଳି ହେଲେ ଶ୍ରେୟସ ଆୟାର, ରବି ବିଷ୍ଣୋଇ ଓ ଦୀପକ ଚହର।

ଗତ ଟି୨୦ ବିଶ୍ୱକପ ଖେଳିଥିବା ଭାରତର ବ୍ୟାଟିଂ ୟୁନିଟ୍‌ରେ ଦୀପକ ହୁଡାଙ୍କୁ ଛାଡ଼ିଦେଲେ ଆଉ କୌଣସି ପରିବର୍ତ୍ତନ ହୋଇନାହିଁ। ହୁଡା କେବେହେଲେ ପ୍ରଥମ ପସନ୍ଦର ୬ ଖେଳାଳିଙ୍କ ମଧ୍ୟରେ ରହୁନାହାନ୍ତି। ଦଳରେ ଆଉ କୌଣସି ନୂଆ ମୁହଁ ଦେଖିବାକୁ ମିଳିନାହିଁ। ବ୍ୟାଟିଂ ଅର୍ଡରର ଟପ୍-୩ରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ବୋଲି ନିକଟରେ ଏକ ସାକ୍ଷାତ୍କାର ଅବସରରେ ଅଧିନାୟକ ରୋହିତ ଶର୍ମା ସ୍ପଷ୍ଟ କରିଥିଲେ। ତେବେ ଦୀନେଶ କାର୍ତ୍ତିକ ନା ରିଷଭ ପନ୍ତଙ୍କୁ ସୁଯୋଗ ମିଳିବ ତାହା ଏବେ ମଧ୍ୟ ଅସମାହିତ ରହିଛି।

**ଭାରତୀୟ ଦଳ:** ରୋହିତ୍ ଶର୍ମା (ଅଧିନାୟକ), ଲୋକେଶ ରାହୁଲ (ଉପ-ଅଧିନାୟକ), ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ଦୀପକ ହୁଡା, ରିଷଭ ପନ୍ତ, ଦୀନେଶ କାର୍ତ୍ତିକ, ହାର୍ଦ୍ଦିକ ପାଣ୍ଡ୍ୟା, ରବିଚନ୍ଦ୍ରନ ଅଶ୍ୱିନ, ୟୁଜ୍‌ବେନ୍ଦ୍ର ଚହଲ, ଅକ୍ଷର ପଟେଲ, ଯଶପ୍ରୀତ୍ ବୁମ୍‌ରା, ଭୁବନେଶ୍ୱର କୁମାର, ହର୍ଷଲ ପଟେଲ, ଅର୍ଶଦୀପ ସିଂ। ଷ୍ଟାଣ୍ଡବାଇ: ମହମ୍ମଦ ଶାମି, ଶ୍ରେୟସ ଆୟାର, ରବି ବିଷ୍ଣୋଇ, ଦୀପକ ଚହର।



ଯଶପ୍ରୀତ୍ ବୁମ୍‌ରା



ହର୍ଷଲ ପଟେଲ

# ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ପାଇଁ ଭାରତୀୟ ଦଳ

ନୂଆଦିଲ୍ଲୀ, ୧୨।୯(ପି.ଟି.)

ଟି୨୦ କ୍ରିକେଟ ବିଶ୍ୱକପ ସମେତ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ଘରୋଇ ସିରିଜ ପାଇଁ ସୋମବାର ଭାରତୀୟ ଦଳ ଘୋଷଣା କରାଯାଇଛି। ବିଶ୍ୱକପ ଦଳରେ ସ୍ଥାନ ପାଇଥିବା ଅଧିକାଂଶ ଖେଳାଳି ଏହି ଦୁଇ ସିରିଜ ପାଇଁ ଦଳରେ ଉପଲବ୍ଧ ରହିବେ। ରୋହିତ୍ ଶର୍ମା ଓ ଲୋକେଶ ରାହୁଲ ଯଥାକ୍ରମେ ଅଧିନାୟକ ଓ ଉପ-ଅଧିନାୟକ ଦାୟିତ୍ୱ ତୁଲାଇବେ। ବିଶ୍ୱକପ ପାଇଁ ଷ୍ଟାଣ୍ଡବାଇ ତାଲିକାରେ ରହିଥିବା ମହମ୍ମଦ ଶାମି ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ଲାଗି କିନ୍ତୁ ମୁଖ୍ୟ ଦଳରେ ସାମିଲ ହୋଇଛନ୍ତି। ଇଂଲଣ୍ଡ ବିପକ୍ଷ ସିରିଜ ପରଠାରୁ ସେ ଆଉ ଖେଳିନାହାନ୍ତି। ତେଣୁ ଏହି ଦୁଇ ସିରିଜ ଅବସରରେ ତାଙ୍କ ରିଦିମ୍ ଏବଂ ସେ ଡେଥ୍ ଓଭରରେ କେତେ ପ୍ରଭାବୀ ରହୁଛନ୍ତି ତାହାକୁ କୋଚ୍ ରାହୁଲ ଦ୍ରାବିଡ୍ ଓ ଅଧିନାୟକ ରୋହିତ ଶର୍ମା ପରଖିବାର ସୁଯୋଗ ପାଇବେ।

**ଅଷ୍ଟ୍ରେଲିଆ ବିପକ୍ଷ ଟି୨୦:** ରୋହିତ୍ ଶର୍ମା (ଅଧିନାୟକ), ଲୋକେଶ ରାହୁଲ (ଉପ-ଅଧିନାୟକ), ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ଦୀପକ ହୁଡା, ରିଷଭ ପନ୍ତ, ଦୀନେଶ କାର୍ତ୍ତିକ, ହାର୍ଦ୍ଦିକ ପାଣ୍ଡ୍ୟା, ରବିଚନ୍ଦ୍ରନ ଅଶ୍ୱିନ, ୟୁଜ୍‌ବେନ୍ଦ୍ର ଚହଲ, ଅକ୍ଷର ପଟେଲ, ଭୁବନେଶ୍ୱର କୁମାର, ମହମ୍ମଦ ଶାମି, ହର୍ଷଲ ପଟେଲ, ଦୀପକ ଚହର, ଯଶ୍‌ପ୍ରୀତ ବୁମ୍‌ରା।

**ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦:** ରୋହିତ୍ ଶର୍ମା (ଅଧିନାୟକ), ଲୋକେଶ ରାହୁଲ (ଉପ-ଅଧିନାୟକ), ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ଦୀପକ ହୁଡା, ରିଷଭ ପନ୍ତ, ଦୀନେଶ କାର୍ତ୍ତିକ, ରବିଚନ୍ଦ୍ରନ ଅଶ୍ୱିନ, ୟୁଜ୍‌ବେନ୍ଦ୍ର ଚହଲ, ଅକ୍ଷର ପଟେଲ, ଅର୍ଶଦୀପ ସିଂ, ମହମ୍ମଦ ଶାମି, ହର୍ଷଲ ପଟେଲ, ଦୀପକ ଚହର, ଯଶ୍‌ପ୍ରୀତ ବୁମ୍‌ରା।



ମହମ୍ମଦ ଶାମି

### ଭାରତର ଘରୋଇ ଟି୨୦ କାର୍ଯ୍ୟସୂଚୀ

**ବନାମ ଅଷ୍ଟ୍ରେଲିଆ**
ପ୍ରଥମ ଟି୨୦: ସେପ୍ଟେମ୍ବର ୨୦, ମୋହାଲି
ଦ୍ୱିତୀୟ ଟି୨୦: ସେପ୍ଟେମ୍ବର ୨୩, ନାଗପୁର
ତୃତୀୟ ଟି୨୦: ସେପ୍ଟେମ୍ବର ୨୫, ହାଇଦ୍ରାବାଦ
**ବନାମ ଦକ୍ଷିଣ ଆଫ୍ରିକା**
ପ୍ରଥମ ଟି୨୦: ସେପ୍ଟେମ୍ବର ୨୮, ଥିରୁଭାନନ୍ତପୁରମ
ଦ୍ୱିତୀୟ ଟି୨୦: ଅକ୍ଟୋବର ୨, ଗୁଆହାଟୀ
ତୃତୀୟ ଟି୨୦: ଅକ୍ଟୋବର ୪, ଇନ୍ଦୋର

**ରାଜ୍ୟ ବନ୍ଧୁକ ଚାଳନା ପ୍ରତିଯୋଗିତା**

# ଭୁବନେଶ୍ୱର ଚାମ୍ପିୟନ

ଭୁବନେଶ୍ୱର, ୧୨।୯ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ୧୧ତମ ରାଜ୍ୟ ବନ୍ଧୁକ ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୧ଟି ଜିଲାରୁ ୩୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଭୁବନେଶ୍ୱର ଦଳ ୨୭ ସ୍ୱର୍ଣ୍ଣ ସହ ଚାମ୍ପିୟନ ହୋଇଥିବା ବେଳେ ଅନୁଗୋଳ ୬ ସ୍ୱର୍ଣ୍ଣ ସହ ପ୍ରଥମ ରନର୍ସଅପ୍ ଏବଂ କୋରାପୁଟ ୨ ସ୍ୱର୍ଣ୍ଣ ସହ ଦ୍ୱିତୀୟ ରନର୍ସଅପ୍ ହୋଇଛି। ଉଦ୍‌ଯାପନୀ ଉତ୍ସବରେ କଳିକେଶ ନାରାୟଣ ସିଂଦେଓ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପଦକ ପ୍ରଦାନ କରିଥିଲେ। ଏଥିରେ ଅତିଥି ଭାବେ ଇଂ. ଚିତ୍ତରଞ୍ଜନ ସ୍ୱାଇଁ, ରୋମିଓକାନ୍ତ ନନ୍ଦ ଓ ଦେବାଶିଷ ଭଟ୍ଟାଚାର୍ଯ୍ୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାକୁ ଡ. ଗୌରୀ ମହାନ୍ତି, ବଳଭଦ୍ର ଦାସ, ଆଶିଷ ନାୟକ, ସନ୍ଦୀପ ଦାସ, ରାଜନାରାୟଣ ଖୁଣ୍ଟିଆ, କେ.ଜି.କେ ପ୍ରତିହାରୀ, ଅନୁପମା ସ୍ୱାଇଁ, ସୁସ୍ମିନ୍ ପାଲ୍‌ଟାସିଂ, ମଧୁପ୍ରିୟା ବାଇ, ସପନ କୁମାର ସ୍ୱାଇଁ, ଗୁରୁପଦ ମହାନ୍ତି, କୃଷ୍ଣଚନ୍ଦ୍ର ନାଏକ, କୃଷ୍ଣଚନ୍ଦ୍ର ମହାରଣା, ଭଗବାନ ରେଡ୍ଡୀ ପ୍ରମୁଖ ପରିଚାଳନା କରିଥିଲେ।













4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ଡାକ୍ତରଙ୍କୁ ୨ ବର୍ଷ ୩ ମାସ ଜେଲଦଣ୍ଡ

ଭୁବନେଶ୍ୱର,୧୨।୯ (ବ୍ୟୁରୋ)

## ବେଆଇନ ଅଲଟ୍ରାସାଉଣ୍ଡ ସେଣ୍ଟର, କନ୍ୟାଭ୍ରୂଣ ହତ୍ୟା ମାମଲା




ଭୁବନେଶ୍ୱର ୟୁନିଟ-୩ ମାର୍କେଟ ବିଲ୍ଡିଂସ୍ଥିତ ଇଷ୍ଟର୍ନ ଟାୱାରରେ ଥିବା ଏକ ଅଲଟ୍ରାସାଉଣ୍ଡ ସେଣ୍ଟର ବିରୋଧରେ ହୋଇଥିବା ବେଆଇନ କନ୍ୟା ଭ୍ରୂଣ ହତ୍ୟା ମାମଲାରେ ସୋମବାର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱର ଜେଏମ୍ଏଫ୍‌ସି ସୁନୀଳା ମିଶ୍ର ପିସି ଏଣ୍ଡ ପିଏନ୍‌ଡିଟି ଆକ୍ଟର ଦଫା ୨୩ ଓ ୨୫ରେ ଉକ୍ତ ସେଣ୍ଟର୍‌ର ମାଲିକ ତଥା ଡାକ୍ତର ରାଜକିଶୋର ସାହୁଙ୍କୁ ଅଭିଯୁକ୍ତ ଦର୍ଶାଇ ୨ ବର୍ଷ ୩ ମାସ ଜେଲଦଣ୍ଡ ଶୁଣାଇଛନ୍ତି। ଏଥିସହ ତାଙ୍କୁ ୯ହଜାର ୫୦୦ ଟଙ୍କା ଅର୍ଥଦଣ୍ଡରେ ମଧ୍ୟ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ ଅଧିକ ୪ ମାସ ୨୦ ଦିନ ଜେଲଦଣ୍ଡ ଭୋଗିବାକୁ କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ପିସି ଏଣ୍ଡ ପିଏନ୍‌ଡିଟି ଆକ୍ଟକୁ ନ ମାନି ଡା. ରାଜକିଶୋର ସାହୁ ତାଙ୍କ ଅଲଟ୍ରାସାଉଣ୍ଡ ସେଣ୍ଟର୍‌ରେ ବେଆଇନ କନ୍ୟା ଭ୍ରୂଣ ହତ୍ୟା ସମ୍ବନ୍ଧୀୟ କାର୍ଯ୍ୟ କରି ଆସୁଥିଲେ। ଏନେଇ ୯ ତାଲାସ୍ଥିତ ପରିବାର କଲ୍ୟାଣ ବିଭାଗ ତତ୍ତ୍ୱାବଧାନରେ ଚାଲୁଥିବା ପିସି ଏଣ୍ଡ ପିଏନ୍‌ଡିଟି ସେଲ୍‌କୁ ଟୋଲ୍-ଫ୍ରି ନମ୍ବରରେ ବାରମ୍ବାର ଅଭିଯୋଗ ଆସିଥିଲା। ତେଣୁ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ପରିବାର କଲ୍ୟାଣ ବିଭାଗର ରାଜ୍ୟ ଓ ଜିଲାର ଏକ ୧୧ ଜଣିଆ ମିଳିତ ଟିମ୍ ୨୦୧୨ ଅଗଷ୍ଟ ୩୦ରେ ଉକ୍ତ ଅଲଟ୍ରାସାଉଣ୍ଡ ସେଣ୍ଟରରେ ଚଢ଼ାଉ କରିଥିଲା। ଏହି ସମୟରେ ସେଠାରେ କନ୍ୟା ଭ୍ରୂଣ ନିରୂପଣ ଓ ହତ୍ୟା ଭଳି ବିଭିନ୍ନ ବେଆଇନ କାର୍ଯ୍ୟ ପଦାକୁ ଆସିଥିଲା। ପୁଣି ରାଜକିଶୋର ଜାଲ ସାର୍ଟିଫିକେଟ୍ ଦ୍ୱାରା ଉକ୍ତ ସେଣ୍ଟର ଖୋଲିଥିବାବେଳେ ୨୦୧୨ ଫେବୃୟାରୀ ୧୨ରେ ଉକ୍ତ ଲାଇସେନ୍ସର ଅବଧି ମଧ୍ୟ ସରିଯାଇଥିଲା। ସେଠାକୁ ଆସୁଥିବା ଗର୍ଭବତୀ ମହିଳାଙ୍କ ସମ୍ବନ୍ଧରେ ପ୍ରତିମାସରେ ସିଡିଏମ୍‌ଓଙ୍କ ନିକଟକୁ ପଠାଯାଉଥିବା ତାଲିକାରେ ତାଳମେଳ ରହୁ ନ ଥିଲା। ବହୁଦିନ ଧରି ଉକ୍ତ ସେଣ୍ଟରରେ ବେଆଇନ୍ ଭାବେ କନ୍ୟା ଭ୍ରୂଣ ହତ୍ୟା କରାଯାଉଥିବା ଯାଞ୍ଚ ଟିମ୍ ଜାଣିବାକୁ ପାଇଥିଲା। ଏହି ସମୟରେ ଉକ୍ତ ସେଣ୍ଟରରେ ଥିବା ୨ଟି ଅଲଟ୍ରାସାଉଣ୍ଡ ମେଶିନ ସମେତ ଅନ୍ୟାନ୍ୟ ସାମଗ୍ରୀକୁ ଟିମ୍ ଜବତ କରିଥିଲା। ଏଥିସହ ଡାକ୍ତର ରାଜକିଶୋରଙ୍କ ବିରୋଧରେ ଖୋର୍ଦ୍ଧା ସିଡିଏମ୍‌ଓ ନୀଳମାଧବ ମିଶ୍ର କୋର୍ଟରେ ମାମଲା (ନଂ. ୪୬୬/୨୦୧୨) ଦାଏର କରିଥିଲେ। ତେବେ ଏହି ମାମଲାରେ ବିଚାରପତି ୮ଜଣ ସାକ୍ଷୀ ଏବଂ ବିଭିନ୍ନ ଦସ୍ତାବିଜ୍ ଆଧାରକୁ ଭିତ୍ତି କରି ରାଜକିଶୋରଙ୍କୁ ଦଣ୍ଡାଦେଶ ଦେଇଛନ୍ତି। ସହକାରୀ ସରକାରୀ ଓକିଲ ବିଶ୍ୱ ରଞ୍ଜନ ରାଉତ ଏହି ମାମଲା ପରିଚାଳନା କରୁଥିଲେ। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱର ଜୟଦେବ ବିହାରସ୍ଥିତ ଫେମିଲାଇଫ୍ ଫର୍ଟିଲିଟି ଫାଉଣ୍ଡେଶନ ପ୍ରାଇଭେଟ୍ ଲିଃ କ୍ଲିନିକ ବିରୋଧରେ ୨୦୧୯ରେ ହୋଇଥିବା ବେଆଇନ କନ୍ୟା ଭ୍ରୂଣ ହତ୍ୟା ମାମଲାରେ ଗତ ଅଗଷ୍ଟ ୨୫ରେ ରାୟ ପ୍ରକାଶ ପାଇଥିଲା। ଏହାର ମାଲିକାଣୀ ତଥା ଡାକ୍ତର ନବନୀତା ପାଢ଼ୀଙ୍କୁ ଅଢ଼େଇ ବର୍ଷ ଜେଲଦଣ୍ଡ ସହ ୯ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଥିଲା।

# ଚଢ଼ିଗଲା ମୋ ବସ୍, ମହିଳା ମୃତ

ଭୁବନେଶ୍ୱର, ୧୨।୯ (ବ୍ୟୁରୋ)

- ଡେଲ୍‌ଟା ଛକରେ ଉତ୍ତେଜନା
- ଡ୍ରାଇଭରଙ୍କୁ ପିଟି ପୋଲିସ ଜିମା ଦେଲେ ଲୋକେ

ରାଜଧାନୀରେ ମୋ ବସ୍ ଡ୍ରାଇଭରଙ୍କ ବେପରୁଆ ଗାଡ଼ିଚାଳନା ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଛି। ସୋମବାର ଖଣ୍ଡଗିରି ଥାନା ଅନ୍ତର୍ଗତ ଡେଲ୍‌ଟା ଛକରେ ମୋ ବସ୍‌ଟି ଏକ ସ୍କୁଟିକୁ ଧକ୍କା ଦେବା ପରେ ଚଢ଼ିଯିବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ଜଣକ ହେଲେ ଭରତପୁର ଥାନା କୋଳଥିଆର କେଦାର ଦାନିଙ୍କ ସ୍ତ୍ରୀ ଜୟଶ୍ରୀ ଦାନି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପଟେ ଦୁର୍ଘଟଣାକୁ ନେଇ ଡେଲ୍‌ଟା ଛକରେ ଚାପା ଉତ୍ତେଜନା ଦେଖାଯାଇଥିଲା। ସ୍ଥାନୀୟ ଲୋକେ ବସ୍ ଡ୍ରାଇଭରଙ୍କୁ ମାଡ଼ ମାରିଥିଲେ। ପୋଲିସ ଦୁର୍ଘଟଣା ଘଟାଇଥିବା ମୋ ବସ୍‌କୁ ଜବତ କରିବା ସହ ଡ୍ରାଇଭରଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଜୟଶ୍ରୀ କୌଣସି ଏକ ବ୍ୟାଙ୍କରେ ଚାକିରି କରୁଥିଲେ ବୋଲି ଜଣାପଡିଛି। ସେ ସକାଳେ ତାଙ୍କ ସ୍କୁଟିରେ କର୍ମକ୍ଷେତ୍ରକୁ ଯାଉଥିବାବେଳେ ଡେଲଟା ଛକ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ମୋ ବସ୍ ତାଙ୍କୁ ଧକ୍କା ଦେବାରୁ ସେ ତଳେ ପଡିଯିବା ସହ ଗାଡ଼ି ତଳେ ରହିଯାଇଥିଲେ। ବସ୍‌ର ପଛ ଚକା ଜୟଶ୍ରୀଙ୍କ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।

# ସଂକ୍ଷେପରେ

## ସାଇକେଲରେ କେଦାରନାଥ ଯାତ୍ରା



କଟକ ଅଫିସ,୧୨।୯: ସାଇକେଲରେ ଉତ୍ତରାଖଣ୍ଡର ପ୍ରସିଦ୍ଧ କେଦାରନାଥ ଯାତ୍ରା ଆରମ୍ଭ କରିଛନ୍ତି କଟକର ଜଣେ ଯୁବକ। ସୋମାବର ଖାନନଗର ଅଞ୍ଚଳର ଦୀପକ ପ୍ରଧାନ ବାଲିଯାତ୍ରା ପଡ଼ିଆରୁ ସାଇକେଲ ଧରି କେଦାରନାଥ ଯାତ୍ରା ଆରମ୍ଭ କରିଛନ୍ତି। ଏକ ମାସ ମଧ୍ୟରେ ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବେ ବୋଲି ଦୀପକ କହିଛନ୍ତି।

## ଭାରତୀୟ ସାମ୍ବାଦିକ ସଂଘର ନୂତନ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା

ପୁରୁଣା ଭୁବନେଶ୍ୱର,୧୨।୯(ଡି.ଏନ୍.ଏ.): ବରିଷ୍ଠ ସାମ୍ବାଦିକ ତଥା ସମ୍ପକାର ସୁଜ୍ଞାନ ଚୌଧୁରୀ ଭାରତୀୟ ସାମ୍ବାଦିକ ସଂଘର ନୂତନ ସମ୍ପାଦକ ଭାବେ ନିଯୁକ୍ତ ହୋଇଛନ୍ତି। ସଂଘ ସଭାପତି ସାମ୍ବାଦିକ ତଥା ଟ୍ରେଡ୍ ୟୁନିୟନ୍ ନେତା କେ.ବି.ପଣ୍ଡିତ, ଜାତୀୟ କାର୍ଯ୍ୟକାରିଣୀର ପରାମର୍ଶଦାତା ଆଚାର୍ଯ୍ୟ ଗୌରୀଶଙ୍କର, ସେକ୍ରେଟାରି ଜେନେରାଲ ମୃଗେଶ ବି. ଶିବପୂଜି ଓ ଅନ୍ୟ ସଦସ୍ୟଙ୍କ ସହମତିକ୍ରମେ ଚୌଧୁରୀଙ୍କୁ ଭାରତୀୟ ସାମ୍ବାଦିକ ସଂଘର ସମ୍ପାଦକଭାବେ ନିଯୁକ୍ତି ମିଳିଛି। ଏନେଇ ଓଡ଼ିଶା କର୍ମଜିବୀ ସାମ୍ବାଦିକ ସଂଘ ପକ୍ଷରୁ ଚୌଧୁରୀଙ୍କୁ ଟଙ୍କପାଣି ରୋଡ୍‌ସ୍ଥିତ କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ସାମ୍ବାଦିକ ପ୍ରମୋଦ ପରିଡ଼ା, ତ୍ରିଲୋଚନ ମିଶ୍ର, ଶରତ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ବଟି ମାଗି ଯୁବକ ଗିରଫ

ଭୁବନେଶ୍ୱର ୧୨।୯ (ବ୍ୟୁରୋ) : ଅଟୋ ଚାଳକଙ୍କଠାରୁ ଦାଦାବଟି ମାଗିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ଜଣେ ପେସାଦାର ଅପରାଧୀଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ୟୁନିଟ-୬ ଭୀମପୁର ଅଞ୍ଚଳର ସୁକାନ୍ତ ନାୟକ। ତାଙ୍କଠାରୁ ୩୧୦୦ ଟଙ୍କା ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ସୁକାନ୍ତଙ୍କ ନାମରେ ପୂର୍ବରୁ କ୍ୟାପିଟାଲ ଥାନାରେ ୧୬, ଏୟାରଫିଲ୍ଡ ଥାନାରେ ୫ ଓ ଏୟାରପୋର୍ଟ ଥାନାରେ ୩ଟି ମାମଲା ରହିଥିବା ପୋଲିସ କହିଛି। ସୂଚନାନୁସାରେ, ପ୍ରଫୁଲ୍ଲ କୁମାର ସାହୁ ନାମକ ଅଟୋ ଚାଳକ ଏୟାରପୋର୍ଟକୁ ପାସେଞ୍ଜର ଆଣିବାକୁ ଯାଇଥିବାବେଳେ ଅଭିଯୁକ୍ତ ସୁକାନ୍ତ ତାଙ୍କ ଗାଡି ଅଟକାଇବା ସହ ପୂର୍ବ ମାସର ବକେୟା ଥିବା ୩୧୦୦ ଟଙ୍କା ବଟି ମାଗିଥିଲେ। ବଟି ଦେବାକୁ ମନା କରିବାରୁ ଅଭିଯୁକ୍ତ ସୁକାନ୍ତ ପ୍ରଫୁଲ୍ଲଙ୍କ ଅଟୋକୁ ବାଡ଼େଇ ଭାଙ୍ଗି ଦେଇଥିଲେ। ଫଳରେ ଭୟରେ ପ୍ରଫୁଲ୍ଲ ତାଙ୍କୁ ୩୧୦୦ ଟଙ୍କା ଦେବା ସହ ଏୟାରପୋର୍ଟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିଥିଲା।

## ଯୁବକଙ୍କ ମୃତଦେହ ଜବତ

ଜଟଣୀ,୧୨।୯(ଡି.ଏନ୍.ଏ.): ଜଟଣୀ ଥାନା ଅଧୀନ ଗୋପବନ୍ଧୁ ନଗର ଅଞ୍ଚଳରୁ ସୋମବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ସନ୍ତୋଷ ପାତ୍ର (୨୨)। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ଭଉଣୀ ଲିପିନା ପାତ୍ରଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୩୦/୨୨)ରୁଜୁକରି ତଦନ୍ତ ଚଳାଇଛି।

# ମନ୍ତ୍ରୀଙ୍କ ବାସଭବନ ଆଗରେ ଅଭିଭାବକ ମହାସଂଘର ଅନଶନ




ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ବାସଭବନ ସମ୍ମୁଖରେ ଆମରଣ ଅନଶନ।

ଭୁବନେଶ୍ୱର, ୧୨।୯(ବ୍ୟୁରୋ)

- ପ୍ରତିଶ୍ରୁତି ପରେ ସ୍ଥଗିତ
- ୨୦ରେ ବିଭାଗୀୟ ବୈଠକ

ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ସୋମବାର ୭ଦଫା ଦାବି ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଭୁବନେଶ୍ୱର ୟୁନିଟ୍-୧ସ୍ଥିତ ବାସଭବନ ସମ୍ମୁଖରେ ଆମରଣ ଅନଶନ କରାଯାଇଥିଲା। ପରେ ମନ୍ତ୍ରୀଙ୍କ ସହ ମହାସଂଘର ସହଅଧ୍ୟକ୍ଷ ଭୂମୋହନ ପଟ୍ଟନାୟକ, କୋଷାଧ୍ୟକ୍ଷ ସତ୍ୟଜିତ ଦାସ ପ୍ରମୁଖ ଆଲୋଚନା କରିଥିଲେ। କିନ୍ତୁ ବିଭାଗୀୟ ସଚିବଙ୍କ ସମେତ ଅନ୍ୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଉପସ୍ଥିତିରେ ଆଲୋଚନା ହେବ ବୋଲି ମହାସଂଘ ନିଷ୍ପତ୍ତି ନେଇଥିବାରୁ ମନ୍ତ୍ରୀଙ୍କ ସହ ଆଲୋଚନା ଆଗେଇ ପାରି ନ ଥିଲା। ଆସନ୍ତା ୨୦ ତାରିଖରେ ଲୋକସେବା ଭବନରେ ମନ୍ତ୍ରୀ, ସଚିବ ଓ ନିର୍ଦ୍ଦେଶକଙ୍କୁ ନେଇ ବୈଠକ କରାଯିବ ବୋଲି ଗଣଶିକ୍ଷା ମନ୍ତ୍ରୀ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟଙ୍କୁ ଚିଠି କରିଥିଲେ। ମନ୍ତ୍ରୀଙ୍କ ଏହି ପ୍ରତିଶ୍ରୁତି ପରେ ମହାସଂଘ ତା'ର ଆମରଣ ଅନଶନକୁ ସ୍ଥଗିତ କରିଥିବା ମହାସଂଘ ପକ୍ଷରୁ ସୂଚନା ଦିଆଯାଇଛି।

ସ୍କୁଲରେ ଉପଲବ୍ଧ ସୁବିଧା ଅନୁସାରେ ଫି' ନିର୍ଦ୍ଧାରଣ, କରୋନା ପାଇଁ ସ୍କୁଲ ଫି' ଛାଡ଼ ନିର୍ଦ୍ଦେଶର କାର୍ଯ୍ୟକାରିତା ନେଇ ରିପୋର୍ଟ ଦାଖଲ, ସ୍କୁଲ ବ୍ୟାଗ୍ ଓଜନ ୧.୫ କେଜିରୁ ୫ କେଜି ପର୍ଯ୍ୟନ୍ତ ରଖାଯିବା ସହ ସବୁ ସ୍କୁଲରେ ଏନ୍‌ସିଇଆର୍‌ଟି ବହି ବ୍ୟବହାର, ଶିକ୍ଷା ଅଧିକାର ଆଇନ ଅନୁସାରେ ୨୫% ମାଗଣା ସିଟ୍‌ରେ ପୁଣିଥରେ ନାମଲେଖା, ବିନା ସ୍ୱୀକୃତିରେ ଚାଲୁଥିବା ସ୍କୁଲକୁ ବନ୍ଦ କରାଯିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ, ଘରୋଇ ସ୍କୁଲର ସ୍ୱତନ୍ତ୍ର ଅଡିଟ୍ ଓ ସୁପ୍ରିମକୋର୍ଟଙ୍କ ପରାମର୍ଶ ଅନୁଯାୟୀ କ୍ଲାସ୍ ପ୍ରମୋଶନ ଆଧାରରେ ନିଜ ସ୍କୁଲର ପିଲାଙ୍କୁ ଏକାଦଶ ଶ୍ରେଣୀରେ ନାମଲେଖାଯାଉ ବୋଲି ଅଭିଭାବକ ମହାସଂଘ ଦାବି କରିଆସୁଛି। ଆନ୍ଦୋଳନ, ଧାରଣା, ଅନଶନ ହେବା ସହିତ ସରକାରଙ୍କ ସହ ଆଲୋଚନା ହୋଇଛି। ହେଲେ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ଚାଲିଥିଲେ ମଧ୍ୟ ଏଯାଏ କୌଣସି ସଫଳ ପଦକ୍ଷେପ ନେଇନାହାନ୍ତି। ପ୍ରତିବାଦ ସ୍ୱରୂପ ଏଭଳି ଅନଶନ କରିବାକୁ ମହାସଂଘ ନିଷ୍ପତ୍ତି ନେଇଥିଲା ବୋଲି ଅଧ୍ୟକ୍ଷ ଭଟ୍ଟ କହିଛନ୍ତି।

# ୫ ପ୍ରତିଭା ପାଇବେ ଧନେଶ୍ୱର ରଥ ସ୍ମୃତି ସମ୍ମାନ

କଟକ ଅଫିସ,୧୨।୯

ବିଭିନ୍ନ କ୍ଷେତ୍ରରେ ରାଜ୍ୟ ତଥା ଦେଶର ଗୌରବ ବୃଦ୍ଧି କରିଥିବା ୫ଜଣ ପ୍ରତିଭାଧରଙ୍କୁ ଧନେଶ୍ୱର ରଥ ସ୍ମୃତି ସମ୍ମାନ-୨୦୨୨ ପ୍ରଦାନ ଲାଗି ମନୋନୀତ କରାଯାଇଛି। ଏମାନେ ହେଲେ ବିଶିଷ୍ଟ ଶାସ୍ତ୍ରୀୟ ସଙ୍ଗୀତ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଡ. ଶ୍ୟାମାମଣି ଦେବୀ, ବରିଷ୍ଠ ଦଇତାପତି ସେବକ ତଥା ଶ୍ରୀଜିଉଙ୍କ ମୁଖ୍ୟ ବାଡଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର, ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଡ. କମଳାକାନ୍ତ ମିଶ୍ର, କେନ୍ଦ୍ରୀୟ ରେଡକ୍ରସ ରକ୍ତ ଭଣ୍ଡାରର ନିର୍ଦ୍ଦେଶକ ଡା. ଚନ୍ଦ୍ରିକା ପ୍ରସାଦ ଦାସ ଏବଂ ଭାରତୀୟ କ୍ରିକେଟ ତାରକା ଶୁଭ୍ରାଂଶୁ ସେନାପତି। ଧନେଶ୍ୱର ରଥ ଫାଉଣ୍ଡେଶନ ପକ୍ଷରୁ ଆସନ୍ତା ୧୯ତାରିଖ ପୂର୍ବାହ୍ନ ୧୧.୩୦ରେ ଟାଙ୍ଗୀସ୍ଥିତ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନର ଜୟଶ୍ରୀ ଅଡିଟୋରିୟମ୍‌ରେ କର୍ମଯୋଗୀ ସ୍ୱର୍ଗତ ଧନେଶ୍ୱର ରଥଙ୍କ ୨୮ତମ ପୁଣ୍ୟତିଥି ଅବସରରେ ହେବାକୁ ଥିବା 'ପୂଜ୍ୟ ପୂଜା ସମାରୋହ'ରେ ଏହି ସମ୍ମାନ ପ୍ରଦାନ କରାଯିବ। ସନାତନ ଧର୍ମ, ଦର୍ଶନର ବିଶିଷ୍ଟ ପ୍ରବକ୍ତା ଡ. ଶ୍ରୁତି ସାଗର ସରସ୍ୱତୀ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ଫାଉଣ୍ଡେଶନ୍‌ର କାର୍ଯ୍ୟକାରୀ ଅଧ୍ୟକ୍ଷ ବଳରାମ କର ସୂଚନା ଦେଇଛନ୍ତି।

# ଉନ୍ନୟନ କାର୍ଯ୍ୟ ପାଇଁ ଚିଠି ଲେଖିଲେ ବିଧାୟକ

ବାଲିପାଟଣା,୧୨।୯(ଡି.ଏନ୍.ଏ.):

ଜୟଦେବ ନିର୍ବାଚନମଣ୍ଡଳୀରେ ବିକାଶମୂଳକ କାର୍ଯ୍ୟ କରାଯିବା ନେଇ ଜନସାଧାରଣଙ୍କ ପକ୍ଷରୁ ସ୍ଥାନୀୟ ବିଧାୟକ ଡ. ଅରବିନ୍ଦ ଢାଲିଙ୍କୁ ଅବଗତ କରାଯାଇଥିଲା। ତେବେ କିଛି ସୁଫଳ ନ ମିଳିବାରୁ ବିଭିନ୍ନ ଅଞ୍ଚଳର ବୁଦ୍ଧିଜୀବୀ ବିଧାୟକଙ୍କ ନିକଟରେ ପୁଣି ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ତୁରନ୍ତ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗକୁ ଚିଠି ଲେଖିଥିବା ବିଧାୟକ ଢାଲି କହିଛନ୍ତି। ବାଲିପାଟଣା ବ୍ଲକ ଅଧୀନ ବିଶ୍ୱନାଥପୁର ଭାୟା କିଆଜୋରି ସଠିଲ ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଅନ୍ତର୍ଭୁକ୍ତ, ରାଜସ ପଞ୍ଚାୟତ ଅଧୀନ କୃଷ୍ଣପୁର ବ୍ରିଜକୁ ଉଞ୍ଚା କରାଯିବା, ଧନୁଆ ଜିରୋ ପଏଣ୍ଟରେ ପୋଲ, ବାଲିପାଟଣା ହାଟ ଠାରୁ ଛକ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ବର୍ଷାଜଳ ନିଷ୍କାସନ ପାଇଁ ପ୍ରସ୍ତାବିତ ଡ୍ରେନ ପାଇଁ ଅର୍ଥ ମଞ୍ଜୁର, ବାଲିପାଟଣା ଛକରେ ଅଧାପନ୍ତରିଆ ହୋଇରହିଥିବା ଶିଶୁ ଅନନ୍ତ ତୋରଣ କାର୍ଯ୍ୟ ଶେଷ କରିବା, ଗାରେଡ଼ିପାଞ୍ଚଣସ୍ଥିତ ବୁଦ୍ଧନାଥ ମନ୍ଦିରର ଚାପ ପୋଖରୀରେ ସୌନ୍ଦର୍ଯ୍ୟକରଣ ପାଇଁ ମଞ୍ଜୁର କାର୍ଯ୍ୟ ଶେଷ କରିବା ପାଇଁ ଚିଠିରେ ଉଲ୍ଲେଖ କରିଛନ୍ତି। ଏହି ଚିଠିର ନକଲ ବିଭାଗୀୟ ସଚିବ, ବିଭାଗୀୟ ମନ୍ତ୍ରୀଙ୍କୁ ମଧ୍ୟ ଦିଆଯାଇଥିବା ବିଧାୟକ ଢାଲି କହିଛନ୍ତି।

# ଶ୍ରୀଲିଙ୍ଗରାଜଙ୍କ ରାଜସ୍ୱ ଆଦାୟ ଅଧିକାର ଫେରାଇ ଅଣାଯାଉ



ଦାବିପତ୍ର ଦେବାକୁ ଆସିଥିବା ଏକାମ୍ର ଜନ ଜାଗରଣ ମଞ୍ଚର କର୍ମକର୍ତ୍ତାମାନେ।

ପୁରୁଣା ଭୁବନେଶ୍ୱର,୧୨।୯(ଡି.ଏନ୍.ଏ.)

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ବାରମାସରେ ତେର ପର୍ବ। ଏଥିପାଇଁ ଛତିଶା ନିଯୋଗଙ୍କ ଖଞ୍ଜାପଡ଼ା ରହିଛି। ଏହାସତ୍ତ୍ୱେ ଠାକୁରଙ୍କ ଭୂସମ୍ପତ୍ତିର ପ୍ରାପ୍ୟ ଅର୍ଥ ନ ଦିଆଯାଇ ବହୁ ମୂଲ୍ୟବାନ ଭୂସମ୍ପତ୍ତିରେ ରାସ୍ତା, ମାର୍କେଟ କମ୍ପ୍ଲେକ୍ସ, ବସ୍‌ଷ୍ଟାଣ୍ଡ ଆଦି ନିର୍ମାଣ ହୋଇଛି। ସେହଭଳି ଏକର ଏକର ଜମି ଉପରେ ସରକାରଙ୍କ ପକ୍ଷରୁ ଜମି ଅଧିଗ୍ରହଣ କରାଯିବା ପରେ ମଧ୍ୟ ଲିଙ୍ଗରାଜଙ୍କ ତହବିଲକୁ ଆଖିଦୃଶିଆ ପ୍ରାପ୍ୟ କିମ୍ବା ରାଜସ୍ୱ ଦିଆଯାଇନାହିଁ। ଦାଣ୍ଡ ମହାସୁଲ, ପାର୍କିଂରୁ ମଧ୍ୟ ଶ୍ରୀଜୀଉଙ୍କ ରାଜସ୍ୱ ଆସିବା କିଛିଦିନ ହେବ ବନ୍ଦ ରହିଛି। ଲିଙ୍ଗରାଜଙ୍କ ରାଜସ୍ୱ ହାନୀକୁ ରୋକିବା ପାଇଁ ମନ୍ଦିର ପ୍ରଶାସନ ପଦକ୍ଷେପ ନେବା ଆବଶ୍ୟକ।

ଏନେଇ ସୋମବାର ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଏକ ଦାବିପତ୍ର ମନ୍ଦିର ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ତଥା ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ଦେବବ୍ରତ ସାହୁଙ୍କୁ ପ୍ରଦାନ କରାଯାଇଛି। ତୁରନ୍ତ ଏଥିପ୍ରତି ମନ୍ଦିର ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମଞ୍ଚ ପକ୍ଷରୁ ଦାବି ହୋଇଛି। ଦାବିପତ୍ର ପ୍ରଦାନ ବେଳେ ମଞ୍ଚ ଅଧ୍ୟକ୍ଷ ଭୀଷ୍ମନାରାୟଣ ନାୟକ, ସରୋଜ ମିଶ୍ର, ରାଜେଶ ମିଶ୍ର, ବିଜୟ ଭଟ୍ଟାଚାର୍ଯ୍ୟ, ଦେବାଶିଷ ବିଶ୍ୱାଳ, ବିପିନ ବିଶ୍ୱାଳ, ମାନସ ପତି, ସୌମ୍ୟରଞ୍ଜନ ପଣ୍ଡା, ନିରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳାଙ୍କୁ ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର ୧୨।୯ (ବ୍ୟୁରୋ)

ଜଣେ ମହିଳାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଶ୍ରୀଲିଙ୍ଗରାଜ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଞ୍ଚଳର ସୌମ୍ୟରଞ୍ଜନ ପ୍ରଧାନ ଓରଫ ସୋମୁ। ତାଙ୍କଠାରୁ ଆକ୍ରମଣରେ ବ୍ୟବହୃତ କୋଦାଳକୁ ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁସାରେ, ରମେଶ ଚନ୍ଦ୍ରଙ୍କ ସ୍ତ୍ରୀ ଘରେ ଶୋଇଥିବା ସମୟରେ ଅଭିଯୁକ୍ତ ନିଶାଶକ୍ତ ଅବସ୍ଥାରେ ତାଙ୍କ ଘରେ ଭିତରେ ପଶି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏହାକୁ ମହିଳା ଜଣକ ବିରୋଧ କରିବାରୁ ଅଭିଯୁକ୍ତ ଏକ କୋଦାଳ ସାହାଯ୍ୟରେ ତାଙ୍କୁ ଆକ୍ରମଣ କରିଥିଲେ। ମହିଳାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏନେଇ ରମେଶ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତ ସୋମୁଙ୍କୁ ପିପିଲିରୁ ଗିରଫ କରିଛି।

# ରେଳଧାରଣାରୁ ଅଗ୍ନିଶମ କର୍ମଚାରୀଙ୍କ ମୃତଦେହ ଜବତ

ନିରାକାରପୁର,୧୨।୯(ଡି.ଏନ୍.ଏ.)

ଖୋର୍ଦ୍ଧାରୋଡ୍ ରେଳ ଡିଭିଜନ ଅଧୀନ ଗୋଳବାଇ ଷ୍ଟେଶନ ନିକଟ ରେଳଧାରଣାରୁ ସୋମବାର ନିରାକାରପୁର ରେଲୱେ ଫାଣ୍ଡି ପୋଲିସ ଜଣେ ଅଗ୍ନିଶମ କର୍ମଚାରୀଙ୍କ ମୃତଦେହ ଜବତ କରିଛି। ସେ ହେଲେ ଜଙ୍କିଆ ଥାନା ଅନ୍ତର୍ଗତ ଗୋଳବାଇ ଗାଦିସାହିର ଦିବାକର ସାମଲ(୫୨)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା (ନଂ.୪୨/୨୨)ରୁଜୁକରି ତଦନ୍ତ ଚଳାଇଛି। ଦିବାକର ଖଲିକୋଟରେ ଚାକିରି କରିଥିବା ବେଳେ ଖୋର୍ଦ୍ଧା ଦମକଳ କଲୋନୀରେ ସ୍ତ୍ରୀ ଓ ପିଲାଙ୍କ ସହ ରହୁଥିଲେ।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ନାଟକ ଉତ୍ସବ 'ରଙ୍ଗ ସଙ୍ଗମ'ରେ ପରିବେଷିତ ନାଟକ 'କାଚ ଘର'ର ଏକ ଦୃଶ୍ୟ।

# ଏମ୍ସରେ ସ୍ଥାପନ ହେବ ଅତ୍ୟାଧୁନିକ ଲିନାକ୍ ମେଶିନ

ଭୁବନେଶ୍ୱର, ୧୨।୯(ବୁରୋ)

## କର୍କଟ ରୋଗୀଙ୍କୁ ମିଳିବ ଉନ୍ନତ, ଦ୍ରୁତ ଚିକିତ୍ସା




ଲିନାକ୍ ମେଶିନ ସ୍ଥାପନ ପାଇଁ ପୂଜାର୍ଚ୍ଚନା କରାଯାଉଛି।

ଏମ୍ସ ଭୁବନେଶ୍ୱରରେ କର୍କଟ ରୋଗୀଙ୍କୁ ଉନ୍ନତ ତଥା ଦ୍ରୁତ ଚିକିତ୍ସା ସୁବିଧା ମିଳିବ। ଏଥିପାଇଁ ଅତ୍ୟାଧୁନିକ ଲିନାକ୍ ମେଶିନ ସ୍ଥାପନ ହେବ। ପୂର୍ବରୁ ଏଠାରେ ଏକ ଲିନାକ୍ ମେଶିନ ରହିଥିଲେ ମଧ୍ୟ ଏହି ନୂଆ ମେଶିନରେ ଅତ୍ୟାଧୁନିକ ରେଡିଓଥେରାପି ଯେପରିକି ଏସ୍‌ବିଆର୍‌ଟି, ଏସ୍‌ଆର୍‌ଏସ୍, ଏସ୍‌ଆର୍‌ଟି, ଆଇଏମ୍‌ଆର୍‌ଟି, ଆଇଜିଆର୍‌ଟି ଭଳି ଚିକିତ୍ସା କରାଯାଇପାରିବ। ଏହି ମେଶିନ ଦ୍ୱାରା ଟ୍ୟୁମରରେ ଅଧିକ ରେଡିଏଶନ ଡୋଜ୍ ଦେବା ଏବଂ ସାଧାରଣ ଟିସୁରେ ଅଳ୍ପ ଡୋଜ୍‌ର ରେଡିଏଶନ ଦେଇ ଚିକିତ୍ସା କରାଯାଇପାରିବ। ଫଳରେ କୌଣସି ସମ୍ବେଦନଶୀଳ ସ୍ଥାନ ଯେପରିକି ମସ୍ତିଷ୍କ, ଖପୁରି, ଆଖି, ମେରୁଦଣ୍ଡ, କିଡ୍‌ନୀ, ଲିଭର ପାଖରେ ଟ୍ୟୁମର ହୋଇଥିଲେ ତାହା ନଷ୍ଟ ହେବ ନାହିଁ। ଆଖି ପାଖରେ ଟ୍ୟୁମର ହୋଇଥିଲେ କେବଳ ଟ୍ୟୁମର ସ୍ଥାନକୁ ଅଧିକ ଡୋଜ୍ ରେଡିଏଶନ ଦେଇ ନଷ୍ଟ କରାଯିବ ଏବଂ ସାଧାରଣ ଟିସୁକୁ କମ୍ ଡୋଜ୍ ଦେଇ ବଞ୍ଚାଇହେବ।

ଏଭଳି ଅତ୍ୟାଧୁନିକ ଚିକିତ୍ସା ସୁବିଧା ଥିବା ଲିନାକ ମେଶିନ ଓଡ଼ିଶାରେ ପ୍ରଥମଥର ପାଇଁ ଏମ୍ସର ରେଡିଏଶନ ଅଙ୍କୋଲୋଜି ବିଭାଗରେ ସ୍ଥାପନ କରାଯିବ। ଏଥିପାଇଁ ସୋମବାର ପୂଜାର୍ଚ୍ଚନା ସହ ମେଶିନ ସ୍ଥାପନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଆଶୁତୋଷ ବିଶ୍ୱାସ, ରେଡିଏଶନ ଅଙ୍କୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଡା. ଦିଲୀପ କୁମାର ପରିଡ଼ାଙ୍କ ସମେତ ଅନ୍ୟ ଫାକଲ୍‌ଟିମାନେ ଉପସ୍ଥିତ ଥିଲେ। ୨୦୨୩ ଜାନୁୟାରୀ ସୁଦ୍ଧା ମେଶିନ ସ୍ଥାପନ କାର୍ଯ୍ୟ ସରିବ। ମୁମ୍ବାଇ ଆଟୋମିକ ଏନର୍ଜି ରେଗୁଲେଟୋରି ବୋର୍ଡର ଅନୁମୋଦନ ପରେ ଚିକିତ୍ସା ସେବା ଆରମ୍ଭ କରାଯିବ ବୋଲି ଏମ୍ସ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ୨୦୨୧ରେ ଏହି ବିଭାଗ ୨୫ ହଜାରରୁ ଊର୍ଦ୍ଧ୍ୱ କର୍କଟ ରୋଗୀଙ୍କୁ କେମୋ, ରେଡିଏଶନ, ପେନ୍ ଏବଂ ପାଲିଏଟିଭ୍ ଥେରାପି ଭଳି ଚିକିତ୍ସା ସେବା ଯୋଗାଇ ଦେଇଛି। ଏବେ ଦିନକୁ ହାରାହାରି ୮୫ଜଣ କର୍କଟ ରୋଗୀ ଚିକିତ୍ସିତ ହେଉଛନ୍ତି। ଅତ୍ୟାଧୁନିକ ଲିନାକ୍ ମେଶିନ ଲାଗିବା ପରେ ଲୋକଙ୍କୁ ଆଇ ଚିକିତ୍ସା ଓ ପରୀକ୍ଷାନିରୀକ୍ଷା ପାଇଁ ଆଉ ଅଧିକ ଦିନ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ଏଥିସହ ଉନ୍ନତ ତଥା ସଫଳ ଚିକିତ୍ସା ପ୍ରଦାନରେ ଏହା ବେଶ୍ ସହାୟକ ହେବ।